R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୬
ତିଥି: ଦଶମୀ
୨୧ ସେପ୍ଟେମ୍ବର ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 346
21 September 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଦୁଇ ବିହାରୀ କଏଦୀ ଚମ୍ପଟ ଘଟଣା

# ଚୌଦ୍ୱାର ଜେଲ୍ ଅଧୀକ୍ଷକ ଗିରଫ



କଟକ,୨୦।୯ (ସବ୍ୟୁ) : ଚୌଦ୍ୱାର ସର୍କଲ ଜେଲର ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ପୋଲିସ ଗିରଫ କରିଛି। ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ମାମଲାରେ ତାଙ୍କୁ ଗିରଫ କରାଯାଇଛି। ତେବେ ଜେଲରୁ ଦୁଇ ବିଚାରାଧୀନ କଏଦୀ ଫେରାର ହେବା ପରେ ସରକାରୀ ରେକର୍ଡରେ କଥିତ ଜାଲିଆତି ଓ ଦସ୍ତାବିଜ୍ ହେରଫେର ନେଇ ସୁଜିତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ତାଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ଓଡ଼ିଶା ହାଇକୋର୍ଟ ଖାରଜ କରିଥିଲେ । ପରେ ସୁପ୍ରିମକୋର୍ଟ ମଧ୍ୟ ଆଗୁଆ ଜାମିନ ଖାରଜ କରିଥିଲେ । ଘଟଣାର ଆରମ୍ଭ ୨୦୨୫ ଅକ୍ଟୋବର ୨ ତାରିଖ ରାତିରୁ ହୋଇଥିଲା । ଦୁର୍ଗାପୂଜା ଚାଲିଥିବା ସମୟରେ ଚୌଦ୍ୱାର ହାଇସିକ୍ୟୁରିଟି ଜେଲରୁ ଦୁଇ ବିଚାରାଧୀନ କଏଦୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଫେରାର ହୋଇଯାଇଥିଲେ । ଅଭିଯୋଗ ଅନୁସାରେ, ସେମାନେ ସେଲର ଲୁହା ରଡ୍ କାଟିବା ପରେ ଜେଲର ଦୁଇଟି କାନ୍ଥ ଡେଇଁ ଫେରାର ହୋଇଥିଲେ । ପରେ ସେମାନଙ୍କୁ ଧରିବା ପାଇଁ ଟିମ୍ ଗଠନ ହୋଇ ତଲାସ କରାଯାଇଥିଲା । ଏହି ଘଟଣା ପରେ ଜେଲ୍ର ସୁରକ୍ଷା ବ୍ୟବସ୍ଥା ଓ ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା । ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବା ସହ ତାଙ୍କର ବଦଳି ହୋଇଥିଲା । ପରେ ସେ ସୁଜିତ କୁମାର ରାଉଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ।ସନ୍ତୋଷିନୀଙ୍କ ଅଭିଯୋଗ ଥିଲା, ଜେଲ୍ରୁ କଏଦୀ ଫେରାର ହେବା ପରେ ତାଙ୍କ ଦସ୍ତଖତକୁ ମିନିଟ୍ ବୁକ୍ରେ କଥିତ ଭାବେ ଜାଲ୍ କରାଯାଇଥିଲା । ଏହାସହ ଅକ୍ଟୋବର ୧, ୨ ଓ ୩ ତାରିଖର ଗେଟ୍ ଇନ୍-ଆଉଟ୍ ରେଜିଷ୍ଟରରେ ମଧ୍ୟ ହେରଫେର କରାଯାଇଥିବା ସେ ଅଭିଯୋଗ କରିଥିଲେ । ତାଙ୍କ ଦାବି ଥିଲା, ରେକର୍ଡରେ ଏଭଳି ହେରଫେର କରି ଦାୟିତ୍ୱ ଅନ୍ୟ ଜଣଙ୍କ ଉପରେ ଠେଲିବାକୁ ଚେଷ୍ଟା କରାଯାଇଥିଲା । ଏହି ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ମାମଲା ଆଉ ଜଟିଳ ହୋଇଥିଲା । ତଦନ୍ତକାରୀ ଅଧିକାରୀ ଚୌଦ୍ୱାର ଜେଲ୍ର ସୁପରିନ୍ଟେଣ୍ଡେଣ୍ଟଙ୍କ ମିନିଟ୍ ବୁକ୍ ଦାଖଲ ପାଇଁ ଏକାଧିକ ଥର ନୋଟିସ୍ ଓ ରିମାଇଣ୍ଡର ଦେଇଥିବା କୋର୍ଟ ରେକର୍ଡରୁ ଜଣାପଡ଼ିଛି । ତଦନ୍ତ ପାଇଁ ଏହି ମିନିଟ୍ ବୁକ୍କୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ବୋଲି ଦର୍ଶାଯାଇଥିଲା ।ମାମଲାରେ ଗିରଫ ଏଡ଼ାଇବା ପାଇଁ ସୁଜିତ କୁମାର ରାଉଳ ଆଗୁଆ ଜାମିନ ଆବେଦନ କରିଥିଲେ । ମାର୍ଚ୍ଚ ୨୩ରେ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଦେଇଥିଲେ । ମେ' ମାସରେ ତଦନ୍ତରେ ସହଯୋଗ ଏବଂ ଆବଶ୍ୟକ ଦସ୍ତାବିଜ୍ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପରେ ଅଗଷ୍ଟ ୨୯ରେ ଜଷ୍ଟିସ୍ ଭି. ନରସିଂହଙ୍କ ଖଣ୍ଡପୀଠ ଆଗୁଆ ଜାମିନ ଆବେଦନ ଖାରଜ କରି ଅନ୍ତରୀଣ ସୁରକ୍ଷା ହଟାଇଥିଲେ । କୋର୍ଟ ରେକର୍ଡରେ ମିନିଟ୍ ବୁକ୍ ଉପଲବ୍ଧ ନଥିବା ଏବଂ ତାହାକୁ ନେଇ ଭିନ୍ନ ଭିନ୍ନ ମତ ଦିଆଯାଇଥିବା ବିଷୟ ମଧ୍ୟ ଉଲ୍ଲେଖ ରହିଛି ।

ତେବେ ହାଇକୋର୍ଟ ସ୍ୱଷ୍ଟ କରିଛନ୍ତି ଯେ, ଆଗୁଆ ଜାମିନ ଖାରଜ କରିବା ସମୟରେ ଏହି ଟିପ୍ପଣୀଗୁଡ଼ିକୁ ଅଭିଯୁକ୍ତଙ୍କ ଦୋଷ ପ୍ରମାଣ ଭାବେ ଧରାଯିବ ନାହିଁ, ମାମଲାରେ ତାଙ୍କ ଭୂମିକା ତଦନ୍ତ ପରେ ନିର୍ଦ୍ଧାରିତ ହେବ। ଏହି ପୃଷ୍ଠଭୂମିରେ ଏବେ ସୁଜିତ କୁମାର ରାଉଳଙ୍କ ଗିରଫ ମାମଲାର ତଦନ୍ତକୁ ଆଉ ଏକ ପର୍ଯ୍ୟାୟକୁ ନେଇଛି ।

### ଏସିଆନ୍ ଗେମ୍ସର ପ୍ରଥମ ଦିନ

# ଭାରତକୁ ୨ ରୌପ୍ୟ



ନାଗୋୟା,୨୦।୯: ଏସିଆନ୍ ଗେମ୍ସ ୨୦୨୬ର ପ୍ରଥମ ଦିନରେ ଭାରତ ଦୁଇଟି ରୌପ୍ୟ ପଦକ ସହ ନିଜ ପଦକ ଖାତା ଖୋଲିଛି। ଦୁଇଟିଯାକ ପଦକ ମହିଳା ୧୦ ମିଟର ଏୟାର ରାଇଫଲରେ ଆସିଥିବା ବେଳେ ଏଲାଭେନିଲ୍ ଭାଲାରିଭାନ୍ ଉଭୟ ପଦକରେ ସାମିଲ ରହିଛନ୍ତି। ଏହା ସହ ମିକ୍ସଡ୍ ମାର୍ସିଆଲ୍ ଆର୍ଟ୍ସରେ ସୁଚିକା ତାରିୟାଲଙ୍କ ପଦକ ମଧ୍ୟ ନିଶ୍ଚିତ ହୋଇଛି। ମହିଳା ୧୦ ମିଟର ଏୟାର ରାଇଫଲ୍ ଟିମ୍ ଇଭେଣ୍ଟରେ ଏଲାଭେନିଲ୍ ଭାଲାରିଭାନ୍, ସୋନମ୍ ଉତ୍ତମ ମାସ୍କର ଓ ଭିଦର୍ଷା ବିନୋଦ ରୌପ୍ୟ ପଦକ ଜିତିଛନ୍ତି। ଭାରତୀୟ ଦଳ ୧୮୯୮.୦ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଚୀନ୍ ସ୍ୱର୍ଣ୍ଣ ଏବଂ ଆୟୋଜକ ଜାପାନ କାଂସ୍ୟ ପଦକ ଜିତିଛି। କିଛି ଘଣ୍ଟା ପରେ ଏଲାଭେନିଲ୍ ବ୍ୟକ୍ତିଗତ ଇଭେଣ୍ଟରେ ମଧ୍ୟ ରୌପ୍ୟ ଜିତିଥିଲେ। ଫାଇନାଲରେ ସେ ୨୫୨.୪ ପଏଣ୍ଟ ସ୍କୋର କରିଥିଲେ। ଜାପାନର ହିନାତା ଟାଇଚି ୨୫୩.୦ ପଏଣ୍ଟ ସହ ସ୍ୱର୍ଣ୍ଣ ଜିତି ଏସିଆନ୍ ଗେମ୍ସ ରେକର୍ଡ କରିଥିଲେ। ଏଲାଭେନିଲ୍ ମାତ୍ର ୦.୬ ପଏଣ୍ଟରେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଅନ୍ୟପକ୍ଷରେ, ମହିଳା ଟ୍ରାଡିସନାଲ୍ ୬୦ କେଜି ଏମ୍ଏମ୍ଏ କ୍ୱାର୍ଟରଫାଇନାଲରେ ମଙ୍ଗୋଲିଆର ଆଲ୍ଟାନଚିମେଗ୍ ବାଇଗାଲମାଙ୍କୁ ପରାସ୍ତ କରି ସୁଚିକା ତାରିୟାଲ୍ ସେମିଫାଇନାଲରେ ପହଞ୍ଚିଛନ୍ତି। ଫଳରେ ଭାରତ ପାଇଁ ଆଉ ଏକ ପଦକ ନିଶ୍ଚିତ ହୋଇଛି। ପ୍ରଥମ ଦିନରେ ଭାରତୀୟ ଦଳ ହକି ଓ କ୍ରିକେଟରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ମହିଳା ହକି ଦଳ ଉଜବେକିସ୍ତାନକୁ ୧୯-୦ରେ ପରାସ୍ତ କରିଥିବା ବେଳେ ମହିଳା କ୍ରିକେଟ୍ ଦଳ ବାଂଲାଦେଶକୁ ୧୧୪ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି।

## ଭାରତ ନିର୍ମାଣ କରିବ ହାଇସ୍ପିଡ ଟ୍ରେନ୍

ନୂଆଦିଲ୍ଲୀ,୨୦।୯: ଆଗାମୀ ଦିନରେ ଭାରତ କେବଳ ବୁଲେଟ୍ ଟ୍ରେନ୍ ଚଳାଉଥିବା ଦେଶ ହେବ ନାହିଁ, ବରଂ ହାଇସ୍ପିଡ ଟ୍ରେନ୍ ନିର୍ମାଣ ପ୍ରଯୁକ୍ତିରେ ଆତ୍ମନିର୍ଭର ହେବାକୁ ଯାଉଛି। ରେଳ ମନ୍ତ୍ରାଳୟର କ୍ୟାବିନେଟ୍ ପ୍ରସ୍ତାବ ସଂକ୍ରାନ୍ତ ସୂଚନା ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ଘଣ୍ଟାପ୍ରତି ୩୫୦ କିମିରେ ଦୌଡ଼ି ପାରୁଥିବା ଟ୍ରେନ୍ (ବି୩୫)ର ବିକାଶ ଉପରେ କାର୍ଯ୍ୟ କରୁଛି। ଏହା ଜାପାନ ପକ୍ଷରୁ ପ୍ରସ୍ତୁତ ଆଗାମୀ ପିଢ଼ି ଇ୧୦ ସିରିଜ୍ ଟ୍ରେନ ସହ ସମକକ୍ଷ ହେବ ।ଏକ ରିପୋର୍ଟ ଅନୁଯାୟୀ, ରେଳ ମନ୍ତ୍ରାଳୟ ପକ୍ଷରୁ କ୍ୟାବିନେଟକୁ କୁହାଯାଇଛି ଯେ (୯ ପୃଷ୍ଠାରେ)

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୯,(ସବ୍ୟୁ): ଓଡ଼ିଶା ଗସ୍ତରେ ଆସିଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଆଲୋଚନା ମଧ୍ୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ମତ ରଖିଛନ୍ତି। ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ଯେ, ଆମ ଭିତରେ ହୋଇଥିବା ଆଲୋଚନା ବେଶ ଫଳପ୍ରଦ। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସହଯୋଗକୁ ମଜଭୁତ କରାଯିବ ଏବଂ ଲୋକଙ୍କ କଲ୍ୟାଣ ଓ ବିକାଶ ଲାଗି ଆମର ପ୍ରତିବଦ୍ଧତା ରହିଛି।



### ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ

# ୩ ଜିଲ୍ଲାରୁ ଶ୍ରୀକ୍ଷେତ୍ର ବାହାରିଲେ ୯୧୦ ବରିଷ୍ଠ ନାଗରିକ

ଭୁବନେଶ୍ୱର,୨୦।୯ (ସବ୍ୟୁ): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଏସଆରଟିସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅନ୍ତର୍ଗତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା, ମହିଳା ଓ ଶିଶୁ ବିକାଶ,ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୯୧୦ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ପୁରୀ ଧାମ ଯାତ୍ରାର ଶୁଭାରମ୍ଭ କରିଛନ୍ତି।




ଉଦଘାଟନୀ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତି ଓଡ଼ିଆଙ୍କ ମନରେ ଥିବା ଆଧ୍ୟାତ୍ମିକ ଆକାଂକ୍ଷାକୁ ପୂରଣ କରିବା ହେଉଛି ଲୋକଙ୍କ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ (୯ ପୃଷ୍ଠାରେ)

# ଭିଭିଆଇପିଙ୍କୁ ଏସ୍ଆଇଆର ନୋଟିସ୍



ନୂଆଦିଲ୍ଲୀ,୨୦।୯: ଦେଶର ରାଜଧାନୀ ଦିଲ୍ଲୀରେ ଚାଲିଥିବା ନିର୍ବାଚନ କମିଶନଙ୍କ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଏସ୍ଆଇଆରକୁ ନେଇ ଆସିଛି ବଡ଼ ଖବର। କେନ୍ଦ୍ରମନ୍ତ୍ରୀ ଏସ୍ ଜୟଶଙ୍କର ଓ ପତ୍ନୀ କୟୋକୋ ଏସ୍ ଜୟଶଙ୍କରଙ୍କୁ ନିର୍ବାଚନ କମିଶନ ପଠାଇଛନ୍ତି ଏସ୍ଆଇଆର ନୋଟିସ। ଅର୍ଥାତ ଏମାନେ ଦିଲ୍ଲୀର ଭୋଟର ଭାବେ ସର୍ଭେ ବେଳେ ଚିହ୍ନଟ ହୋଇ ନାହାନ୍ତି। ଏମାନଙ୍କ ବ୍ୟତୀତ ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ ଓ ତାଙ୍କ ପରିବାର, ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଓ ତାଙ୍କ ପତ୍ନୀ, ସିପିଏମ ସାଂସଦ ଜନ ବ୍ରିଟାସଙ୍କ ପତ୍ନୀ ଓ ପୁଅଙ୍କୁ ମଧ୍ୟ ଏସ୍ଆଇଆର ନୋଟିସ ପଠାଯାଇଛି। ଦିଲ୍ଲୀରେ ଚାଲିଥିବା ନିର୍ବାଚନ କମିଶନଙ୍କ ଏସ୍ଆଇଆର ପ୍ରକ୍ରିୟା ବେଳେ ଏହି ଭିଭିଆଇପିମାନଙ୍କୁ ନୋଟିସ ପଠାଯାଇଥିବା ଜଣାପଡ଼ିଛି ।ଜୟଶଙ୍କର ଓ ତାଙ୍କ ପତ୍ନୀଙ୍କୁ 'ଅନମ୍ୟାପଡ ୱିଥ ଲାଷ୍ଟ ଏସ୍ଆଇଆର' ରଖାଯାଇଛି। ଏହାର ଅର୍ଥ ୨୦୦୨ରେ ହୋଇଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ପ୍ରସ୍ତୁତ ଚୂଡ଼ାନ୍ତ (୯ ପୃଷ୍ଠାରେ)

## ଇମ୍ରାନ୍ ଖାନଙ୍କ ଭଉଣୀ ଗିରଫ



ଲାହୋର,୨୦।୯: ପାକିସ୍ତାନର ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ (ପାକିସ୍ତାନ ତେହରିକ୍-ଇ-ଇନସାଫ୍) ସଂସ୍ଥାପକ ଇମ୍ରାନ୍ ଖାନଙ୍କ ଭଉଣୀ ଆଲିମା ଖାନଙ୍କୁ ପୁଲିସ ଆଜି ଗିରଫ କରିଛି। ଲାହୋରସ୍ଥିତ ତାଙ୍କ ବାସଭବନରୁ ଚଢ଼ଉ କରି ପୁଲିସ ତାଙ୍କୁ ହାଜତକୁ ନେଇଥିବା ନେଇ ପିଟିଆଇ ପ୍ରବକ୍ତା ସୂଚନା ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୨୭ ତାରିଖରେ ଇମ୍ରାନଙ୍କ ମୁକ୍ତି ଦାବିରେ ପିଟିଆଇ ପକ୍ଷରୁ ସାରା ଦେଶରେ ବ୍ୟାପକ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଥିବା ବେଳେ, ଏହା ପୂର୍ବରୁ ପୁଲିସ ପକ୍ଷରୁ ଏହି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଲିମାଙ୍କ ବ୍ୟତୀତ ପିଟିଆଇର ଅନେକ (୯ ପୃଷ୍ଠାରେ)

# ଇସ୍ରାଏଲର କକ୍ରୋଚ୍ ଡ୍ରୋନ୍ ଆତଙ୍କ

ତେଲ ଅଭିଭ,୨୦।୯: ଭବିଷ୍ୟତର ଯୁଦ୍ଧଗୁଡ଼ିକ ସେହିମାନେ ଜିତିବେ ଯେଉଁମାନେ ପ୍ରଯୁକ୍ତିବିଦ୍ୟାର ସର୍ବାଧିକ ଉପଯୋଗ କରିବେ। ସେତେବେଳେ ହୁଏତ ଲଢୁଆ ବିମାନ କିମ୍ବା ଭାରୀ ଅସ୍ତ୍ରଶସ୍ତ୍ରର ଉପଯୋଗ ଯୁଦ୍ଧର ଗତିପଥ ପରିବର୍ତ୍ତନ କରିବ ନାହିଁ। ଛୋଟ ଛୋଟ ଅସ୍ତ୍ରଶସ୍ତ୍ର ଶତ୍ରୁ ଶିବିରରେ ଧ୍ୱଂସ ଘଟାଇବ। ନୂତନ ଯୁଦ୍ଧ କୀଟପତଙ୍ଗ ଭଳି ଛୋଟ ମେସିନ୍ ସହିତ ଆରମ୍ଭ ହୋଇପାରେ। ଜୈବ-ଅନୁପ୍ରାଣିତ ରୋବୋଟିକ୍ସ, ମାଇକ୍ରୋ-ଡ୍ରୋନ୍, ସ୍ୱୟଂଚାଳିତ ପ୍ରଣାଳୀ ଏବଂ କୃତ୍ରିମ ବୁଦ୍ଧିମତ୍ତା ପ୍ରତି ଇସ୍ରାଏଲର ବଢୁଥିବା ଆଗ୍ରହ ଏଭଳି ଏକ ଯୁଦ୍ଧକ୍ଷେତ୍ର ପ୍ରତି ଇସାରା କରୁଛି। ଯେଉଁଠାରେ ଗୁପ୍ତଚରୀ ତଥ୍ୟ ସଂଗ୍ରହ କେବଳ ବିମାନର ବ୍ୟବହାର ଉପରେ ସୀମିତ ରହିବ ନାହିଁ। ଭବିଷ୍ୟତର ସାମରିକ କାର୍ଯ୍ୟରେ ଛୋଟ ମେସିନ୍ ଅନ୍ତର୍ଭୁକ୍ତ ହୋଇପାରେ ଯାହା କଠିନ ସ୍ଥାନ ଦେଇ ଉଡ଼ିପାରିବ, ଧ୍ୱଂସାବଶେଷ ମଧ୍ୟ ଦେଇ ବୁଲିପାରିବ, ସୁଡ଼ଙ୍ଗରେ ପ୍ରବେଶ କରିପାରିବ। ଯେଉଁଠାରେ ସାଧାରଣ ମେସିନ୍ ପହଞ୍ଚିପାରିବ ନାହିଁ ସେପରି ସ୍ଥାନରେ କାର୍ଯ୍ୟ କରିପାରିବ।

'କକ୍ରୋଚ୍ ଡ୍ରୋନ୍'ର ଧାରଣା କାଳ୍ପନିକ ମନେହୁଏ, (୯ ପୃଷ୍ଠାରେ)

# ଷ୍ଟୋନ କ୍ରସରରେ ଶ୍ରମିକ ମୃତ

### ☞ ହତ୍ୟା ଅଭିଯୋଗ ଆଣିଲେ ପରିବାର

ଢେଙ୍କାନାଳ,୨୦।୯,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ହିନ୍ଦୋଳରୋଡ ଜୟମହାବୀର ଷ୍ଟୋନ କ୍ରସରରେ ଜଣେ ଶ୍ରମିକଙ୍କ ମୃତ୍ୟୁ ନେଇ ତିବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶ୍ରମିକ ମୃତ୍ୟୁ ପରେ ନିକଟରେ ଥିବା ଢେଙ୍କାନାଳ ହସ୍ପିଟାଲକୁ ନନେଇ ଅନୁଗୁଳ ଚିକିତ୍ସାଳୟରେ ଭର୍ତ୍ତି କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାକୁ ନେଇ ପରିବାର ଲୋକ ହତ୍ୟା ଅଭିଯୋଗ ଆଣି ଥାନାରେ ଅଭିଯୋଗ କରିଛନ୍ତି। ହିନ୍ଦୋଳରୋଡ ମୋଟଙ୍ଗା ଥାନା ଅଧିନରେ ଥିବା ଜୟମହାବୀର ଷ୍ଟୋନ କ୍ରସରରେ ସଦରଥାନା ଅନ୍ତର୍ଗତ ମୂଳିସିଂହ ଗ୍ରାମର ଯଦୁମଣି ପଟ୍ଟନାୟକ ଜଣେ ଶ୍ରମିକ ଭାବରେ ଦିର୍ଘ ୧୨ ଧରି କାର୍ଯ୍ୟ କରିଆସୁଥିଲେ। ଆଜି ସକାଳ ସାଢେ ଆଠଟା ସମୟରେ ଯଦୁମଣିଙ୍କ ଆକ୍ସିଡେଣ୍ଟ ହୋଇଥିବାର ଏକ ଖବର ମୋବାଇଲ ନମ୍ବର ୭୦୦୮୭୪୬୮୮୩ରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକ ଏବଂ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ କ୍ରସରରେ କୌଣସି ଶ୍ରମିକ କିମ୍ବା ମାଲିକ କେହି ନଥିଲେ ଏବଂ ଯଦୁମଣିଙ୍କର କୌଣସି ସୂଚନା ନଥିଲା।ଏହାକୁ ନେଇ ତାଙ୍କ ଭାଇ ସାଧୁଚରଣ ପଟ୍ଟନାୟକ ମୋଟଙ୍ଗା ଥାନାରେ ଅଭିଯୋଗ କରିବା ସହିତ ତାଙ୍କ ସାନ (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଆଉ ଏକ ଚିଠି

# ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ପାଇଁ ଗୃହରେ ସର୍ବସମ୍ମତ ପ୍ରସ୍ତାବ ଆସୁ

ଭୁବନେଶ୍ୱର,୨୦।୯,(ସବ୍ୟୁ): ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ନିୟନ୍ତ୍ରଣ ଆଇନ (ଏମଏମଡିଆର) ସଂଶୋଧନ ବିଲ ପ୍ରସଙ୍ଗରେ ପୁଣିଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ବିନା ଆଲୋଚନାରେ ଗୃହୀତ ହୋଇଥିବା ଏହି ଆଇନର ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ସବୁ ରାଜନୈତିକ ଦଳ ଏକାଠି କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତ।

ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବିଜେଡି ସବୁ ବେଳେ ଓଡ଼ିଶାର ଅଧିକାର ଓ ଯୁବ ସମାଜ ଭବିଷ୍ୟତ ସହ ରହିଆସିଛି। ଏମଏମଡିଆର ଆଇନ ବିନା ଆଲୋଚନାରେ ସଂସଦରେ ପାରିତ ହୋଇଛି। ଏହାର ସମ୍ପୂର୍ଣ୍ଣ



ପ୍ରତ୍ୟାହାର ପାଇଁ ସବୁ ରାଜନୈତିକ ଦଳ ଏକାଠି କାର୍ଯ୍ୟ କରିବା ଉଚିତ। ବିଜେଡି ଏହାକୁ ପୂର୍ଣ୍ଣ ସମର୍ଥନ କରିବ ଓ ଏଭଳି ସମହିତ ଉଦ୍ୟମକୁ ଐତିହାସିକ ମୁହୂର୍ତ୍ତ ଭାବେ ଓଡ଼ିଶାବାସୀ ମନେ ରଖିବେ। ଖଣିଜ ସମ୍ପଦ ଓ ଖଣି ଅଞ୍ଚଳ ଉପରେ ଟିକସ ଲାଗୁ କରିବା ରାଜ୍ୟର ସାମ୍ବିଧାନିକ ଅଧିକାରକୁ ବିରୋଧ କରି ଖଣି କମ୍ପାନୀମାନେ ଅଦାଲତକୁ ଯାଇଥିଲେ। ଓଡ଼ିଶାର ଏହି ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ବିଜେଡି ସରକାର ବହୁ ବର୍ଷ ଧରି ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଲଢ଼େଇ କରିଥିଲା। ପରେ ରାଜ୍ୟ ବିଜେପି ସରକାର ଖଣି କମ୍ପାନୀ ବିରୋଧରେ ମଧ୍ୟ ସୁପ୍ରିମକୋର୍ଟରେ ଲଢ଼େଇ ଜାରି ରଖିଥିଲେ। ଆଡଭୋକେଟ (୯ ପୃଷ୍ଠାରେ)

# ବିଶ୍ୱ ଆଲଜାଇମର ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ସମଗ୍ର ବିଶ୍ୱରେ 'ବିଶ୍ୱ ଆଲଜାଇମର ଦିବସ' ଭାବେ ପାଳନ କରାଯାଇଥାଏ । ମସ୍ତିଷ୍କଜନିତ ସମସ୍ୟା ଆଲଜାଇମର ସମ୍ପର୍କରେ ଜନସାଧାରଣଙ୍କୁ ଜାଗ୍ରତ କରିବା ତଥା ଏହା ସହ ଜଡ଼ିତ ସାମାଜିକ କୁସଂସ୍କାର ଓ ଭ୍ରାନ୍ତ ଧାରଣାକୁ ଦୂର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୧୯୮୪ ମସିହାରେ ପ୍ରତିଷ୍ଠିତ 'ଆଲଜାଇମର୍ସ ଡିଜିଜ୍ ଇଣ୍ଟରନ୍ୟାସନାଲ'ର ୧୦ମ ବାର୍ଷିକୋତ୍ସବ ଅବସରରେ, ୧୯୯୪ ସେପ୍ଟେମ୍ବର ୨୧ରେ ଏଡିନବର୍ଗଠାରେ ପ୍ରଥମ କରି ଏହି ଦିବସର ଶୁଭାରମ୍ଭ କରାଯାଇଥିଲା । ଜର୍ମାନ ମାନସିକ ରୋଗ ବିଶେଷଜ୍ଞ ଆଲୋଇସ ଆଲଜାଇମର ୧୯୦୧ ମସିହାରେ ପ୍ରଥମେ ଏହି ରୋଗ ଚିହ୍ନଟ କରିଥିବାରୁ, ତାଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି । ବୟସ ବୃଦ୍ଧି ସହ ମସ୍ତିଷ୍କର କୋଷଗୁଡ଼ିକ କ୍ରମଶଃ ନଷ୍ଟ ହେବା ଫଳରେ ରୋଗୀ ନିଜର ସ୍ମରଣଶକ୍ତି, ଚିନ୍ତାଶକ୍ତି, ଏବଂ ଦୈନନ୍ଦିନ କାର୍ଯ୍ୟ କରିବାର କ୍ଷମତା ହରାଇବସେ । ବର୍ତ୍ତମାନ ସାରା ବିଶ୍ୱରେ କୋଟି କୋଟି ଲୋକ ଏହି ବ୍ୟାଧି ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଏହାର କୌଣସି ସମ୍ପୂର୍ଣ୍ଣ ଆରୋଗ୍ୟକାରୀ ଚିକିତ୍ସା ନାହିଁ । ମାତ୍ର ପ୍ରାରମ୍ଭିକ ଅବସ୍ଥାରେ ରୋଗ ଚିହ୍ନଟ କରି ଉପଯୁକ୍ତ ସେବା, ଔଷଧ ଓ ମାନସିକ ସାହାଯ୍ୟ ଯୋଗାଇଦେଲେ ରୋଗୀର ଜୀବନଧାରଣ ମାନକୁ ସୁଧାରିହେବ । ଏହି କାରଣରୁ ଏହିଦିନ ଅନେକ କାର୍ଯ୍ୟକ୍ରମ କରିଆରେ ଲୋକଙ୍କୁ ଏ ରୋଗ ସମ୍ପର୍କରେ ସଚେତନ କରାଯାଇଥାଏ ।



# ଶବ୍ଦ ପ୍ରଦୂଷଣର ପ୍ରଭାବ



ଗଣପତି ବିସର୍ଜନ ଓ ଉତ୍ସବ ଶୋଭାଯାତ୍ରାରେ ଢୋଲ, ଡିଜେ, ସାଉଣ୍ଡ ବକ୍ସ ଭଳି ସାମଗ୍ରୀର ବ୍ୟବହାର ଖୁବ ଅଧିକ ହୋଇଥାଏ । ତେବେ ଦୀର୍ଘସମୟ ଧରି ଏହିପରି ଅତ୍ୟାଧିକ ଶବ୍ଦ ପ୍ରଦୂଷଣ ମଧ୍ୟରେ ରହିବା ଦ୍ୱାରା କାନ ଉପରେ ଗୁରୁତର ଚାପ ସୃଷ୍ଟି ହୋଇଥାଏ । ଏହାଦ୍ୱାରା ମାନସିକ ଓ ଶାରୀରିକ ଚାପ ସୃଷ୍ଟି ହେଉଥିବା ନେଇ ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଶବ୍ଦର ତୀବ୍ରତା ସହ ଶବ୍ଦ ଉତ୍ସଠାରୁ ଦୂରତା ଏବଂ ସେଠାରେ ବିତାଉଥିବା ସମୟ ଶ୍ରବଣ ଶକ୍ତି ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ତେବେ ବେଳେବେଳେ ଉକ୍ତସ୍ଥାନରୁ ଆସିବା ପରେ କାନରେ ଶାଇଁ ଶାଇଁ ଶବ୍ଦ ହେବା, କାନ ବନ୍ଦ ହୋଇଯିବା କିମ୍ବା କମ୍ ଶୁଭିବା ଭଳି ପ୍ରାରମ୍ଭିକ ଲକ୍ଷଣ ଦେଖାଦେଇଥାଏ । ଯାହାକୁ ଆଦୌ ଅଣଦେଖା କରିବା ଉଚିତ୍ ନୁହେଁ । କାନର ଭିତର ଭାଗରେ ଥିବା ସୂକ୍ଷ୍ମ ସମ୍ବେଦନଶୀଳ କୋଷଗୁଡ଼ିକ ଅତ୍ୟାଧିକ ଶବ୍ଦ ସଂସ୍ପର୍ଶରେ ଆସି ଥରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲେ ତାହା ପୁନର୍ବାର ସୃଷ୍ଟି ହୋଇପାରନ୍ତି ନାହିଁ । ଫଳରେ ସ୍ଥାୟୀ ବଧିରତା ଏବଂ 'ଟିନିଟସ୍' ଭଳି ଅସାଧ ସମସ୍ୟା ଉପୁଜିବାର ଡର ରହିଥାଏ । ଯଦି ଏଭଳି କୌଣସି ଲକ୍ଷଣ ଦେଖିବାକୁ ମିଳେ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ନୂତନ ପ୍ରଜାତିର ବିଲେଇ ଠାବ

ବୋଲିଭିଆର ଘଞ୍ଚ ଜଙ୍ଗଲରେ ଲୁଚି ରହିଥିବା ଏକ କ୍ଷୁଦ୍ରକାୟ ବନ୍ୟ ବିଲେଇ ବର୍ତ୍ତମାନ ଖୁବ ଚର୍ଚ୍ଚାକୁ ଆସିଛି । ଏହି ପ୍ରଜାତି ସାରା ବିଶ୍ୱର ମାର୍ଜାର ବଂଶାନୁକ୍ରମିକ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିଥିବାନେଇ ଜଣା ପଡିଛି । ବୈଜ୍ଞାନିକମାନେ ଏହାକୁ 'ଲିଓପାର୍ଡସ ତିଲକାୟୋ' ନାମକ ଏକ ନୂତନ ପ୍ରଜାତି ଭାବେ ଆନୁଷ୍ଠାନିକ ଚିହ୍ନଟ କରିଛନ୍ତି । ଯାହା ଗତ ୧୦୦ରୁ ଉର୍ଦ୍ଧ୍ୱ ବର୍ଷ ମଧ୍ୟରେ ବିଶ୍ୱରେ ପ୍ରଥମ ଥର ପାଇଁ ନୂତନ ଭାବେ ନାମିତ ଓ ବର୍ଣ୍ଣିତ ଜୀବନ୍ତ ବିଲେଇ ପ୍ରଜାତି ପାଲଟିଛି । ସ୍ଥାନୀୟ ଅଞ୍ଚଳରେ 'ତିଲକାୟୋ' ନାମରେ ପରିଚିତ, ବୋଲିଭିଆର ଆଦ୍ର ୟୁଙ୍ଗାସ ପାର୍ବତ୍ୟ ଜଙ୍ଗଲରେ ବାସ କରୁଥିବା ଏହି ବିଲେଇର ଲମ୍ବ ମାତ୍ର ୪୬ ସେଣ୍ଟିମିଟର ଏବଂ ଓଜନ ପ୍ରାୟ ୧.୪ କିଲୋଗ୍ରାମ । ଏହା ସାଧାରଣ ଘରୋଇ ବିଲେଇଠାରୁ ମଧ୍ୟ ସାନ, ଏବଂ ଏହା ମୁଖ୍ୟତଃ ରାତିରେ ସକ୍ରିୟ ରହି କ୍ଷୁଦ୍ର ମୂଷା ଜାତୀୟ ଜୀବଙ୍କୁ ଖାଇଥାଏ । ନିକଟରେ ଦକ୍ଷିଣ ଆମେରିକାର ୩୮ଟି ବିଲେଇର ଡିଏନ୍ଏ ବିଶ୍ଳେଷଣ କରିବା ପରେ ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, ପୂର୍ବରୁ ଗୋଟିଏ ଗୋଷ୍ଠୀ ଭାବେ ବିବେଚିତ ହେଉଥିବା 'ଟାଇଗର କ୍ୟାଟ୍' ପ୍ରକୃତରେ ୫ଟି ଭିନ୍ନ ଆନୁବଂଶିକ ପ୍ରଜାତିରେ ବିଭକ୍ତ । ଯାହାମଧ୍ୟରୁ ତିଲକାୟୋ ବଂଶାନୁକ୍ରମ ପ୍ରାୟ ୧୪ ଲକ୍ଷ ବର୍ଷ ପୂର୍ବେ ଅନ୍ୟମାନଙ୍କଠାରୁ ପୃଥକ ହୋଇଥିଲା । 'କରଣ୍ଟ ବାୟୋଲୋଜି' ପତ୍ରିକାରେ ପ୍ରକାଶିତ ଏହି ସଂପୂର୍ଣ୍ଣ ଅଧ୍ୟୟନରେ ପେରୁର ୟୁଙ୍ଗାସଠାରେ ଅନ୍ୟ ଏକ ନୂତନ ଉପ-ପ୍ରଜାତି 'ଲିଓପାର୍ଡସ ଟିଗ୍ରିନସ ଅନ୍ତିସୁୟୋ' ମଧ୍ୟ ଚିହ୍ନଟ କରାଯାଇଛି । ତେବେ ଜଙ୍ଗଲ କ୍ଷୟ, କୃଷି ସମ୍ପ୍ରସାରଣ ଓ ଖନନ କାର୍ଯ୍ୟ ଯୋଗୁଁ ଏହି ନୂତନ ପ୍ରଜାତିର ଆବାସସ୍ଥଳୀ ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ । ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ ଦ୍ୱାରା ଏହାର ପୃଥକ ମୂଲ୍ୟାୟନ କରାଗଲେ ଏହା ଅତିଶୀଘ୍ର 'ବିଲୁପ୍ତପ୍ରାୟ' ଶ୍ରେଣୀରେ ସାମିଲ ହେବାର ଆଶଙ୍କା ପ୍ରକାଶ ପାଇଛି ।



# ସୋସିଆଲ କୋଟ୍ସ



ମୁଁ ଯେତେବେଳେ ଖୁବ କମ ବୟସର ଥିଲି ସେତେବେଳେ ସ୍କୁଲରୁ ଆସିବାବେଳେ ମୋ ସହିତ ହାରାସ୍‌ମେଣ୍ଟ ହୋଇଥିଲା । ହେଲେ ମୁଁ ସେତେବେଳେ ବହୁତ ଛୋଟ ଥିଲି, ତେଣୁ କିଛି କରିପାରି ନଥିଲି ।

ସେଫାଲି ଶାହ, ଅଭିନେତ୍ରୀ



ମୁଁ ଏବେ ମଧ୍ୟ ଭଲପାଇବା ଉପରେ ବିଶ୍ୱାସ ରଖିଛି । ତାଙ୍କ ପରେ ମଧ୍ୟ ମୋତେ ପ୍ରେମ ହୋଇଛି । ମିଡିଆ ଟ୍ରାଏଲ୍ କେବେ ବି କାହା ଉପରେ ଲାଗିଥିବା ଅଭିଯୋଗକୁ ପ୍ରମାଣ କରି ପାରିବ ନାହିଁ ।

ସୁରଜ ପଞ୍ଚୋଲି, ଅଭିନେତା



ପିଲାଦିନେ ଫିଲ୍ମ ଦେଖିବାବେଳେ ମୁଁ ଏକ ଛୋଟ ସହରରେ ରହୁଥିବା ଛୋଟପିଲା ଥିଲି । ହେଲେ ମୁଁ ସେତେବେଳେ ବି ଚାହୁଁଥିଲି କିଭଳି ବମ୍ବେ ଯିବି ।

ଅର୍ଚ୍ଚନା ପୁରଣ ସିଂ, ଅଭିନେତ୍ରୀ



# ଲଳିତ ମୋଦୀଙ୍କ ବାୟୋପିକରେ ରଣବୀର

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରତିଷ୍ଠାତା ଲଳିତ ମୋଦୀଙ୍କ ଜୀବନୀକୁ ନେଇ ଏକ ବାୟୋପିକ୍ ନିର୍ମାଣ ହେବାକୁ ଯାଉଥିବାନେଇ ଚର୍ଚ୍ଚା ହେଉଛି । ରିପୋର୍ଟ ଅନୁଯାୟୀ ପ୍ରସିଦ୍ଧ ପ୍ରଯୋଜକ ସାଜିଦ୍ ନାଡିଆଡୱାଲା ତାଙ୍କ ସଂସ୍ଥା 'ନାଡିଆଡୱାଲା ଗ୍ରାଣ୍ଡସନ୍ ଏଣ୍ଟରଟେନମେଣ୍ଟ' ବ୍ୟାନରରେ ଏହାର ପ୍ରଯୋଜନା କରିବେ । ପୂର୍ବତନ ଟେଲିଭିଜନ୍ ଏକ୍ଜିକ୍ୟୁଟିଭ୍ ତଥା ପ୍ରଯୋଜିକା ସ୍ନେହା ରଜାନୀଙ୍କ ଦ୍ୱାରା ରଚିତ ଏହି ଚଳଚ୍ଚିତ୍ରର ସ୍କ୍ରିପ୍ଟରେ ଲଳିତ ମୋଦୀଙ୍କ ପ୍ରାରମ୍ଭିକ ଜୀବନ, ଆଇପିଏଲ୍‌ର ଶୁଭାରମ୍ଭ, ସଫଳତା ଏବଂ ପରବର୍ତ୍ତୀ ସମୟର ବିବାଦଗୁଡ଼ିକ ସହ ତାଙ୍କ ବ୍ୟକ୍ତିଗତ ଜୀବନ ଓ କ୍ୟାରିୟରର ବିଭିନ୍ନ ଅଣଦେଖା ଦିଗକୁ ସ୍ଥାନ ଦିଆଯାଉଛି । ବର୍ତ୍ତମାନ ସ୍କ୍ରିପ୍ଟଟି ଆହୁରି ଡେଭଲପ କରାଯିବବୋଲି ଜଣାପଡିଛି । ସେହିଭଳି ଗତ ୧୬ ବର୍ଷ ଧରି ଲଣ୍ଡନରେ ରହୁଥିବା ଲଳିତ ମୋଦୀଙ୍କର ସ୍ନେହା ରଜାନୀଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କର ଅନେକ ପର୍ଯ୍ୟାୟରେ ସାକ୍ଷାତକାର ନେଇଥିବା ଜଣାପଡିଛି । ଏତଦ୍‌ବ୍ୟତୀତ, କିଛି ବର୍ଷ ପୂର୍ବେ ଅଭିନେତା ରଣବୀର ସିଂ ତାଙ୍କୁ ସାକ୍ଷାତ କରିବା ପାଇଁ ଲଣ୍ଡନ ଗସ୍ତ କରିବା ସହ ଏହି ବାୟୋପିକ୍‌ରେ ତାଙ୍କ ଭୂମିକାରେ ଅଭିନୟ କରିବାକୁ ଇଚ୍ଛା ପ୍ରକାଶ କରିଥିବା ଲଳିତ ମୋଦୀ ନିଜେ ସ୍ପଷ୍ଟ କରିଛନ୍ତି । ଯଦିଓ ବର୍ତ୍ତମାନ ସୁଦ୍ଧା ସିନେମାର କଳାକାର କିମ୍ବା ନିର୍ଦ୍ଦେଶକଙ୍କ ନାମ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ ତଥାପି ରଣବୀରଙ୍କ ନାମକୁ ନେଇ ଚର୍ଚ୍ଚା ଜାରି ରହିଛି ।

# ପଣସମଞ୍ଜି ପାଳଙ୍ଗ ସାମ୍ବର

**ସାମଗ୍ରୀ** - ହରଡ ଡାଲି ଅଧା କପ, ଗୋଟିଏ କପ ପାଳଙ୍ଗ ସିଝା, ଏକ କପ ପଣସ ମଞ୍ଜି, ଏକ କପ୍ ସଜନାଛୁଇଁ, ଅଧା କପ ଛୋଟ ପିଆଜ, ଅଳ୍ପ ନଡିଆ କୋରା, ୨ଚାମଚ ସାମ୍ବର ପାଉଡର, ଏକ ଚାମଚ ସୋରିଷ, ୨ଟା ଶୁଖିଲା ଲଙ୍କା, ଏକ ଚାମଚ ମେଥି, ଭୃସଙ୍ଗପତ୍ର ଅଳ୍ପ, ଏକ ଚାମଚ ନଡିଆ ତେଲ, ଦୁଇ ଚାମଚ ତେନ୍ତୁଳି ରସ, ଏକ କପ ଟମାଟୋ କଟା, ଏକ କପ ଭେଣ୍ଡି, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ**- ଗୋଟିଏ ପ୍ରେସରକୁକୁରରେ ଡାଲି, ପଣସ ମଞ୍ଜି ଓ ପାଣି ଦେଇ ୨ଟି ସିଟି ଦେଇ ସିଝାଇ ନିଅନ୍ତୁ । ଗୋଟିଏ ପ୍ୟାନ ବସାଇ ସେଥିରେ ନଡିଆ କୋରାରେ ସାମ୍ବର ପାଉଡର ପକାଇ ଭାଜନ୍ତୁ । ପାଣି ମିଶାଇ ଏହି ଭଜାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଟମାଟ ଓ ଭେଣ୍ଡିକୁ ଅଲଗା ଭାଜି କାଢନ୍ତୁ । ସେହିଭଳି ପ୍ରେସରକୁକର୍‌ରେ ସଜନାଛୁଇଁ, ପାଳଙ୍ଗ ସିଝା ଓ ଛୋଟପିଆଜ ମିଶାଇ କିଛି ସମୟ ରାନ୍ଧନ୍ତୁ । ପ୍ରେସରକୁକର୍‌ରେ ଥିବା ମିଶ୍ରଣ ଫୁଟିବା ଆରମ୍ଭ କଲେ ସେଥିରେ ନଡିଆ ବଟାକୁ ମିଶାନ୍ତୁ । କିଛି ସମୟ ଫୁଟିବା ପରେ ଏଥିରେ ଭଜା ଭେଣ୍ଡି ଓ ଟମାଟୋ ପକାନ୍ତୁ । କିଛି ସମୟ ପରେ ତେନ୍ତୁଳି ରସ ପକାଇ ଫୁଟାନ୍ତୁ । ସେହିପରି ଆଉ ଏକ ପ୍ୟାନ୍‌ରେ ନଡିଆ ତେଲରେ ସୋରିଷ, ଭୃସଙ୍ଗପତ୍ର ଓ ଛୋଟ ପିଆଜ ପକାଇ ଭାଜନ୍ତୁ । ଏହି ଫୁଟଣକୁ ପୂର୍ବରୁ ପ୍ରସ୍ତୁତ ସାମ୍ବରରେ ପକାଇ ପ୍ରସ୍ତୁତ କରନ୍ତୁ ପଣସ ମଞ୍ଜି ପାଳଙ୍ଗ ସାମ୍ବର ।



# ଇତିହାସ

୧୭୮୪- ପେନ୍‌ସିଲ୍‌ଭେନିଆ ପ୍ୟାକେଟ୍ ଆଣ୍ଡ୍ ଜେନେରାଲ୍ ଆଡଭର୍ଟାଇଜର ନାଁରେ ଆମେରିକାର ପ୍ରଥମ ଦୈନିକ ଖବରକାଗଜ ଛପାଗଲା ।

୧୮୮୩- ଆମେରିକା ଏବଂ ବ୍ରାଜିଲ ମଧ୍ୟରେ ଟେଲିଗ୍ରାଫ୍ ସେବା ଆରମ୍ଭ ।

୧୯୨୧- ଜର୍ମାନୀର ଓପୁସ୍ଥିତ ଏକ କେମିକାଲ୍ ପ୍ଲାଣ୍ଟରେ ବିସ୍ଫୋରଣ ଘଟି ୮୦୦ ଜଣଙ୍କ ମୃତ୍ୟୁ ।

୧୯୩୪- ଜାପାନର ହୋନ୍ସୁ ଦ୍ୱୀପରେ ଆସିଥିବା ବାତ୍ୟାରେ ୪୦୦୦ ଲୋକଙ୍କ ମୃତ୍ୟୁ ।

୧୯୪୯- ଚୀନ୍‌ରେ କମ୍ୟୁନିଷ୍ଟ ନେତାଙ୍କ ଦ୍ୱାରା ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ପାର୍ଟିର ଘୋଷଣା ।

୨୦୨୦- ବିନା ଅକ୍ସିଜେନ୍‌ରେ ବିଶ୍ୱର ସର୍ବୋଚ୍ଚ ପର୍ବତ ମାଉଣ୍ଟ ଏଭରେଷ୍ଟକୁ ୧୦ ଥର ଚଢିଥିବା ନେପାଳର ପର୍ବତାରୋହୀ ଅଙ୍ଗ ରୀତା ଶେରପାଙ୍କ ପରଲୋକ ।



ମେଷ - ଅର୍ଥ ଲାଭ, ପାରିବାରିକ ଖୁସି, ବନ୍ଧୁସାହାଯ୍ୟ, ଦେବକାର୍ଯ୍ୟରେ ଆଗ୍ରହ,ଶତ୍ରୁପରାଜିତ, କାର୍ଯ୍ୟେ ଲାଭ, ବ୍ୟାବସାୟରେ ଉନ୍ନତି, ସମ୍ପତ୍ତିଲାଭ, ଶରୀର ସୁସ୍ଥ, ଶୁଭଖବର, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୯, ଆରାଧନା - ମା ଭଗବତୀ ।

ବୃଷ - ଶାରୀରିକ ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ଉଚ୍ଚ ବ୍ୟକ୍ତିଙ୍କ ସହଯୋଗ, ପାରିବାରିକ ସମସ୍ୟା, ଯାତ୍ରାରେ ସଫଳ, ହେବା କାର୍ଯ୍ୟେ ବିଳମ୍ବ, ଶତ୍ରୁପରାଜିତ, ପୁରାତନ ମାମଲାରେ ଚିନ୍ତା, ବିଦ୍ୟାରେ ସଫଳ, ଯାତ୍ରାରେ ସତର୍କ, ହେବାକାର୍ଯ୍ୟରେ ବିଳମ୍ବ, ଶତ୍ରୁ ବୃଦ୍ଧି, ପ୍ରତ୍ୟେକ କାର୍ଯ୍ୟରେ ତ୍ରୁଟି, ଦ୍ରବ୍ୟ କ୍ରୟ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଆକାଶିଆ, ସଂଖ୍ୟା - ୭, ଆରାଧନା - ମା ଲକ୍ଷ୍ମୀ ।

ମିଥୁନ - ଧନ ଲାଭ, ଶରୀର ସୁସ୍ଥ, ଦୂରଯାତ୍ରା, ସମ୍ପର୍କୀୟଙ୍କୁ ସାହାଯ୍ୟ, ବନ୍ଧୁ ସାହାଯ୍ୟ, କାର୍ଯ୍ୟସିଦ୍ଧି, ଦେବଦର୍ଶନ, କାର୍ଯ୍ୟ ହାସଲ, ପାରିବାରିକ ଖୁସି, ଶତ୍ରୁ ପରାଜିତ, ସନ୍ତାନଙ୍କ ସଫଳତା, ବିଦ୍ୟାରେ ଅସଫଳତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଲାଲ, ସଂଖ୍ୟା - ୬, ଆରାଧନା - ଶଙ୍କର ଭଗବାନ ।

କର୍କଟ - କଳହ ଯୋଗ, କର୍ମକ୍ଷେତ୍ରେ ଅଶାନ୍ତି, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁ କାର୍ଯ୍ୟରେ ବିଳମ୍ବ, ପାରିବାରିକ ସହଯୋଗ, ଶାରୀରିକ ସୁସ୍ଥ, ଦ୍ରବ୍ୟ ନଷ୍ଟ, ପୁରାତନ ବିବାଦ, ବିଦ୍ୟାରେ କଷ୍ଟ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୪, ଆରାଧନା - ପ୍ରଭୁ ହନୁମାନ ।

ସିଂହ - ନୂତନ ଆୟ, ଶୁଭଆଲୋଚନା, ପାରିବାରିକ କଷ୍ଟ, ସନ୍ତାନ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ଖବର, ଦ୍ରବ୍ୟଲାଭ, ସମ୍ପତ୍ତି ଖୁସି, ସମ୍ମାନ ପ୍ରାପ୍ତି, ବନ୍ଧୁ ଲାଭ, ଦୂରଯାତ୍ରା, ପୂର୍ବା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - କମଳା, ସଂଖ୍ୟା - ୭, ଆରାଧନା - ମା କିଚକେଶ୍ୱରୀ ।

କନ୍ୟା - ଅଯଥା ଧନବ୍ୟୟ, ମାନସିକ କଷ୍ଟ, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ବନ୍ଧୁ ସହଯୋଗ, ଯାତ୍ରାରେ ସଫଳ, ନୂତନ କର୍ମ ନିଯୁକ୍ତି, ବିବାଦ ସମାଧାନ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ନୂତନ ବନ୍ଧୁ ଲାଭ, ଦାମ୍ପତ୍ୟ ଖୁସି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଆକାଶୀ, ସଂଖ୍ୟା - ୮, ଆରାଧନା - ମହାଲକ୍ଷ୍ମୀ ।

ତୁଳା - ବ୍ୟବସାୟରେ ଉନ୍ନତି, ଦ୍ରବ୍ୟ ଲାଭ, ମାନସିକ ଖୁସି, ଯାତ୍ରାରେ କଷ୍ଟ, ବନ୍ଧୁ ସହଯୋଗ, ଦେବଦର୍ଶନ, ଅର୍ଥ କଷ୍ଟ, ଅନୁଷ୍ଠାନୁ ଲାଭ, ପାରିବାରିକ ସହଯୋଗ, ଲୋକ ସମ୍ପର୍କ ବୃଦ୍ଧି, ସନ୍ତାନ ସୁଖ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୭, ଆରାଧନା - ମା ଭଗବତୀ ।

ବିଛା - ଭ୍ରମଣ ଯୋଗ୍ୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟି, ଅଶାନ୍ତି, ଦ୍ରବ୍ୟ ଲାଭ, ଦୂରଯାତ୍ରା, ଶାରୀରିକ କଷ୍ଟ, ବିବାଦ ସମାଧାନ, ବିଶିଷ୍ଟ ବ୍ୟକ୍ତି ସହଯୋଗ, ସମ୍ପତ୍ତି ଲାଭ, ସୁସ୍ୱାଦୁ ଭୋଜନ ପ୍ରାପ୍ତି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୧୦, ଆରାଧନା - ପ୍ରଭୁ ନୃସିଂହ ।

ଧନୁ - କର୍ମକ୍ଷେତ୍ରେ ଲାଭ, ଭ୍ରମଣ ଯୋଗ, ଅଯଥା କଳହ, ପାରିବାରିକ ସୁଖ, ଦାମ୍ପତ୍ୟ ଖୁସି,, ସନ୍ତାନ ସୁଖ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା ସଫଳ, ଆୟରେ ଉନ୍ନତି, ବିବାଦ ସମାଧାନ, ଶାରୀରିକ ସୁସ୍ଥ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ହଳଦୀ, ସଂଖ୍ୟା - ୯, ଆରାଧନା - ମା ଭୁବନେଶ୍ୱରୀ ।

ମକର - କାର୍ଯ୍ୟରେ ଲାଭ, ଉଚ୍ଚଆଶା ପୂର୍ଣ୍ଣ, ଲୋକ ସମ୍ପର୍କ ବୃଦ୍ଧି, ଦେବକାର୍ଯ୍ୟରେ ଆଗ୍ରହ, ନୂତନ ବନ୍ଧୁ ଲାଭ, ଦୂରଯାତ୍ରା ସଫଳ, ହେବାକାର୍ଯ୍ୟରେ ବିଳମ୍ବ, ଅନୁଷ୍ଠାନରୁ ଲାଭ, ସମ୍ପତ୍ତି ସମସ୍ୟା, କର୍ମକ୍ଷେତ୍ରେ ଉନ୍ନତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ବାଇଗଣୀ, ସଂଖ୍ୟା - ୮, ଆରାଧନା - ମା ଗୈରୋ ।

କୁମ୍ଭ - ଶୁଭ ଖବର, ଲୋକ ସମ୍ପର୍କରେ ଉନ୍ନତି, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ପାରିବାରିକ ସହଯୋଗ, ବିବାଦ ସମାଧାନ, ଦେବଦର୍ଶନ, ସୁସ୍ୱାଦୁ ଭୋଜନ ପ୍ରାପ୍ତି, କର୍ମକ୍ଷେତ୍ରେ ସଫଳ, ଶାରୀରିକ ସୁସ୍ଥ, ବିଦ୍ୟାରେ ସଫଳ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ନୀଳ, ସଂଖ୍ୟା - ୬, ଆରାଧନା - ମା ମଙ୍ଗଳା ।

ମୀନ - ଯାତ୍ରାରେ ସତର୍କ, ବିବାଦ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁ ସାହାଯ୍ୟ, ଅର୍ଥ ସମସ୍ୟା, ଭ୍ରାତୃ ସ୍ନେହ, ଅତିଥି ଚର୍ଚ୍ଚା, ଦ୍ରବ୍ୟ ଲାଭ, ଗୃହ ସମସ୍ୟା, ବନ୍ଧୁ ସାହାଯ୍ୟ, ସନ୍ତାନ ସୁଖ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୪, ଆରାଧନା - ମା କୋଚିଲେଇ ।

ଭାଦ୍ରବ ଶୁକ୍ଳ ପକ୍ଷ ଦଶମୀ
୨୧.୯.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ପୋଲିସ ଗୁଳିରେ ନିଶା ବେପାରୀ ପ୍ରୀତମ ଆହତ

# ଦେଶୀ ପିସ୍ତଲ ଜବତ, ସହଯୋଗୀ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପୋଲିସ ନିଶା ମୁକ୍ତ ଓଡ଼ିଶା ଅଭିଯାନକୁ ଜୋରଦାର କରିଛି । ବେଆଇନ ନିଶା ସାମଗ୍ରୀ ଚୋରାଚାଲାଣ ବେଳେ ପୋଲିସ ଓ ଅପରାଧିଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ପ୍ରୀତମ ବିଶ୍ୱାଳ(୩୦) ଆହତ ହୋଇଛି । ରେଙ୍ଗାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଛି । ଏନେଇ ରେଙ୍ଗାଲିରେ ଥାନାରେ ୧୯୮/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି । ସୂଚନାଯୋଗ୍ୟ, ରେଙ୍ଗାଲି ପୋଲିସ ରାତ୍ରୀକାଳୀନ ପାଟ୍ରୋଲିଂ କରୁଥିବା ବେଳେ କଟକରୁ ୨ଟି କାର ଯୋଗେ କତରବଗା ଓ ଠେଲକୋଲୋଇ ଅଞ୍ଚଳକୁ ଜଙ୍ଗଲୀ ରାସ୍ତା ଦେଇ ବିପୁଳ ପରିମାଣର ନିଶା କଫସିରପ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଖବର ପାଇ ପୋଲିସ ଟିମ୍ ଜଙ୍ଗଲା-ପଣ୍ଡୋଲୋଇ



ରାସ୍ତାରେ ଛକି ରହିଥିଲା । ରବିବାର ସକାଳ ପ୍ରାୟ ୬ଟା୧୫ରେ ୨ଟି କାର ଗାଡି ଜଙ୍ଗଲା ପଟୁ ଆସୁଥିବା ଦେଖି ପୋଲିସ ଅଟକାଇ ଥିଲା । ପ୍ରଥମ କାର ଗାଡି ନମ୍ବର(ଓଡି୧୫ଏଚ୍-୧୪୩୨)କୁ ପୋଲିସ ଅଟକାଇ ଧମା ଥାନା ସାହାସପୁର ଅଞ୍ଚଳର ଆଶୁତୋଷ ମେଣ୍ଡଲୀ(୩୦)ଙ୍କୁ କାବୁ କରିଥିଲା । ଅନ୍ୟ ଜଣେ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲା । ଏହାପରେ ଏକ ନମ୍ବର ବିହୀନ କାର ଦ୍ରୁତ ଗତିରେ ଆସୁଥିବା ବେଳେ ସଂକୀର୍ଣ୍ଣ ରାସ୍ତାରେ ନିୟନ୍ତ୍ରଣ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲା । ଦୁର୍ଘଟଣାଗ୍ରସ୍ତ କାରରୁ ବାହାରି ନିଶା ବେପାରୀ ପ୍ରୀତମ ବିଶ୍ୱାଳ ଫେରାର ହେବାକୁ ଉଦ୍ୟମ କରିବା ସହ ପୋଲିସ ଉପରକୁ ଗୁଳି ଚଳାଇଥିଲା । ପୋଲିସ ପକ୍ଷରୁ ଚେତାବନୀ ଦିଆଯିବା ପରେ ମଧ୍ୟ ସେ ଗୁଳି ଚଳାଇବା ଜାରି ରଖିଥିଲା । ଶେଷରେ ଆତ୍ମରକ୍ଷା ପାଇଁ ପୋଲିସ ନିୟନ୍ତ୍ରିତ ଗୁଳି ଚଳାଇଥିଲା । ଅଭିଯୁକ୍ତ ୪ ରାଉଣ୍ଡ ଓ ପୋଲିସ ୩ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ଅଭିଯୁକ୍ତ ପ୍ରୀତମର ଡାହାଣ ଗୋଡ଼ର ଗୁଳି ବାଜିଥିଲା । ଫଳରେ ସେ ଆହତ ହୋଇଥିଲେ । ଗାଡି ଯାଞ୍ଚ ବେଳେ ବିନା ନମ୍ବର କାରରୁ ୨୦ କାର୍ଟନ୍ ଓ ଅନ୍ୟ କାରରୁ ୪ କାର୍ଟନ୍ କଫସିରପ ମିଳିଥିଲା । ମୋଟ ୨୪ କାର୍ଟନ୍ ନିଷିଦ୍ଧ କୋଡିନ୍ ଯୁକ୍ତ କଫ୍‌ସିରପ୍ ଜବତ ହୋଇଛି । ଏଥିସହ ଗୋଟିଏ ଦେଶୀ ୯ ଏମଏମ ପିସ୍ତଲ ଓ ୫ଟି ଖୋକା ମଧ୍ୟ ଜବତ ହୋଇଛି । ଏହି ଅଭିଯୋଗରେ ଆଶୁତୋଷଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ତେବେ ଏହି କଫସିରପର ନେଟ୍‌ୱାର୍କ ଓ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରହିଛି । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଯୁବପିଢିଙ୍କୁ ନିଶାରୁ ଦୂରେଇ ରଖିବା ପାଇଁ ଏଭଳି ଅଭିଯାନ ଜାରି ରହିବ ବୋଲି ସମ୍ବଲପୁର ପୋଲିସ ସୂଚନା ଦେଇଛି ।

## ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାକୁ ପ୍ରସ୍ତୁତି

# ମୁଖ୍ୟ ପ୍ରଶାସକଙ୍କ ସମୀକ୍ଷା ବୈଠକ

ପୁରୀ, (ସବ୍ୟୁ): ଶ୍ରୀଗୁଣ୍ଡିଚା ମନ୍ଦିରକୁ ଖୁବଶୀଘ୍ର ଭକ୍ତଙ୍କ ପାଇଁ ଖୋଲିବା ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଜୋରଦାର କରାଯାଉଛି । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ହୋଇଛି । ବୈଠକରେ ରତ୍ନଭଣ୍ଡାରରେ ଗଚ୍ଛିତ ମୂଲ୍ୟବାନ ସାମଗ୍ରୀର ଡିଜିଟାଇଜେସନ୍, ଡିଜିଟାଲ ହୁଣ୍ଡି, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାଟେରିଚାଳିତ ଯାନ, ଶ୍ରୀମନ୍ଦିର ପତ୍ରିକାର କାର୍ତ୍ତିକ ବିଶେଷାଙ୍କ ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା । ଏଥିସହ ଶ୍ରୀଜଗନ୍ନାଥ ମନ୍ଦିର ଭୂମି ପରିଚାଳନା ଆଇନର ସଦ୍ୟ ସଂଶୋଧନ ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା । ଶ୍ରୀମନ୍ଦିର ରେଡିଓ ଓ ୟୁଟ୍ୟୁବ୍ ଷ୍ଟୁଡିଓ ସ୍ଥାପନ ସହ ଶ୍ରୀବିଗ୍ରହଙ୍କ ତିନି ରଥର ବିଭିନ୍ନ ଅଂଶର ନିଲାମ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ଆଲୋଚ୍ୟ ବିଷୟ ନେଇ ମଧ୍ୟ ମତବିନିମୟ ହୋଇଥିଲା । ବୈଠକ ପରେ ମୁଖ୍ୟ ପ୍ରଶାସକଙ୍କ ସମେତ ବରିଷ୍ଠ ଅଧିକାରୀ ଓ ପୂର୍ତ୍ତ ବିଭାଗର ଟିମ୍ ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ମନ୍ଦିର ପରିସରରେ ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ, ରୋଷଘର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ମାର୍ଗ, ଦାନବାକ୍ସ ଗଣତି ସ୍ଥାନରେ ସିସିଟିଭି ସ୍ଥାପନ ଏବଂ ସୂଚନା ଫଳକ ଲଗାଇବା ଆଦି ବିଷୟରେ ଆଲୋଚନା ହୋଇଥିଲା । ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ଖୁବଶୀଘ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ।

## ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସର ନେତୃତ୍ୱ ବିକାଶ ମିଶନ ବୈଠକ

ଭୁବନେଶ୍ୱର,(ସବ୍ୟୁ): ରବିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଓ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ପକ୍ଷରୁ "ନେତୃତ୍ୱ ବିକାଶ ମିଶନ ଅନ୍ତର୍ଗତ ଏକ ଆଲୋଚନା



ଚକ୍ର ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ର ବିଭାଗର ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଅଖିଳ ଭାରତୀୟ କଂଗ୍ରେସ କମିଟିର ରାଷ୍ଟ୍ରୀୟ ସଂଯୋଜକ ତଥା କର୍ଣ୍ଣାଟକାର ପୂର୍ବତନ ଏମଏଲସି ଆର. ଧର୍ମସେନା ଏହି ଆଲୋଚନା ଚକ୍ରରେ ଯୋଗଦେଇ ଆଗାମୀ ଦିନରେ ଓ କଂଗ୍ରେସର ସରକାର ନିଶ୍ଚିତ ଭାବେ ଗଠିତ ହେବ ଓ ସମସ୍ତ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ବିଧାନସଭା ଓ ଲୋକସଭା ଆସନରୁ କଂଗ୍ରେସ ଦଳ ନିଶ୍ଚିତ ଭାବେ ବିଜୟୀ ଲାଭ କରି ଆଗାମୀ ଦିନରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ବର୍ଷରେ କଂଗ୍ରେସ ସରକାର ଗଠିତ ହେବବୋଲି ଦୃଢ଼ୋକ୍ତି କରିଥିଲେ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ମୂରଲୀଧର ଜେନା, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ବିଭାଗର ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, କର୍ଣ୍ଣାଟକର ଯୁବନେତା ମଲେଶ ବୋମାନେଲୁ, ପ୍ରବକ୍ତା କର୍ଣ୍ଣାଟକ ପିସିସି, ଯଜାତି କେଶରୀ ନାୟକ, ଆଦିବାସୀ ବିଭାଗର ସାଧାରଣ ସମ୍ପାଦକ ମୋଟରାଜ ଡୁଙ୍ଗଡୁଙ୍ଗ, ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ପ୍ରତିମା ମଲ୍ଲିକ, ଜାନକୀ ମଲ୍ଲିକ, କ୍ଷୀରୋଦ ଚନ୍ଦ୍ର ପାତ୍ର, ଆଶିଷ ମଲ୍ଲିକ, ସୁରେନ୍ଦ୍ର କୁମାର ଦାସ, କାମଦେବ ବେହେରା, ଶ୍ରୀବତ୍ସ ମଲ୍ଲିକ, ରାଜେନ୍ଦ୍ର ଜେନା, ପ୍ରକାଶ ଜେନା, ପ୍ରମୋଦ ମଲ୍ଲିକ, ସଚିଦାନନ୍ଦ ନାୟକ, ନିମାଇଁ ଜେନା, ଭଦ୍ରକ ଜିଲ୍ଲା ଅଧ୍ୟକ୍ଷ ବିଦ୍ୟାଧର ଜେନା, ବାଲେଶ୍ୱର ଜିଲ୍ଲା ଅଧ୍ୟକ୍ଷ ବିଧାନ ଜେନା, କଟକ ଜିଲ୍ଲା ଅଧ୍ୟକ୍ଷ ପ୍ରତାପ ମଲ୍ଲିକ, ପୁରୀ ଜିଲ୍ଲା ଅଧ୍ୟକ୍ଷ ଗୋବିନ୍ଦ ମଲ୍ଲିକ, କେନ୍ଦ୍ରାପ ଜିଲ୍ଲା ଅଧ୍ୟକ୍ଷ କାର୍ତ୍ତିକ ମଲ୍ଲିକ, ପୁରୀ ସହର ଅଧ୍ୟକ୍ଷ କୁଶ ସେଠୀ, ବିଭାଗର ସାମାଜିକ ଗଣମାଧ୍ୟମ କର୍ମକର୍ତ୍ତା ଇମ୍ରାନ ଅଲ୍ଲି ଖାନ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

## ନିର୍ମଳ ମିଶ୍ର କିଷାନ କଂଗ୍ରେସର ରାଜ୍ୟ ସଂଯୋଜକ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁ, କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ଜଣେ ବରିଷ୍ଠ କୃଷକ ନେତା ନିର୍ମଳ କୁମାର ମିଶ୍ର ଙ୍କୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟ ସଂଯୋଜକ ଭାବରେ ତୁରନ୍ତ କାର୍ଯ୍ୟକାରୀ ହେଲା ଭଳି ନିଯୁକ୍ତ କରି ଖୁସି ବ୍ୟକ୍ତ କରୁଛନ୍ତି । ସେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କରିବେ ଏବଂ କିଷାନ କଂଗ୍ରେସର ନିଷ୍ପତ୍ତିକୁ ଏହାର ମୂଳ ଉଦ୍ଦେଶ୍ୟ ଓ ଭାବନା ଅନୁଯାୟୀ କାର୍ଯ୍ୟକାରୀ କରିବେ ବୋଲି ଆଶା ରଖିଛନ୍ତି ।

## ନିୟନ୍ତ୍ରଣକୁ ଫେରୁଛି ଝାଡ଼ାବାନ୍ତି ସ୍ଥିତି, ସୁସ୍ଥ ହେଉଛନ୍ତି ଚିକିତ୍ସାଧୀନ ରୋଗୀ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁରରେ ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣକୁ ଫେରୁଛି । ଚିକିତ୍ସାଧୀନ ଥିବା ୧୬ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି । ଉମରକୋଟ ତୋହରା ପଞ୍ଚାୟତ କେନ୍ଦୁଘାଟ ଗାଁରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୬ ଜଣ ଅସୁସ୍ଥ ହୋଇ ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଚିକିତ୍ସା ପରେ ସମସ୍ତେ ପ୍ରାୟ ସୁସ୍ଥ ହୋଇଥିବା ବେଳେ ସୋମବାର ସେମାନେ ଘରକୁ ଫେରିବା ସମ୍ଭାବନା ରହିଛି । ଏପଟେ ରୋଗର ପ୍ରକୃତ କାରଣ ଖୋଜିବାକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ୫ ଜଣିଆ ବିଶେଷଜ୍ଞ ଟିମ କେନ୍ଦୁଘାଟରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି । କେନ୍ଦୁଘାଟରେ ଝାଡ଼ାବାନ୍ତି ପରେ ତତ୍ପର ହୋଇଛି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ । ନବରଙ୍ଗପୁରରୁ ଗୋଟିଏ ଟିମ ସହ କୋରାପୁଟ ମେଡିକାଲ କଲେଜରୁ ୫ ଜଣିଆ ବିଶେଷଜ୍ଞ ଟିମ ଗାଁରେ ପହଞ୍ଚି ଯାଞ୍ଚ କରିବା ସହ ନମୁନା ସଂଗ୍ରହ କରିଛି । ସଂଗୃହୀତ ନମୁନା ପରୀକ୍ଷା ପରେ ଝାଡ଼ାବାନ୍ତିର ପ୍ରକୃତ କାରଣ ସ୍ପଷ୍ଟ ହେବ । ମେଡିକାଲ ଟିମ ୨୪ ଘଣ୍ଟା ଲୋକଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଅନ୍ୟପଟେ ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଟିମ ତିନି ସିଫଟରେ ୨୪ ଘଣ୍ଟା ଲୋକଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି । ଏବେ ଗାଁରେ ସ୍ଥିତି ସ୍ୱାଭାବିକ ହେବାକୁ ଲାଗିଥିବା ବେଳେ ନୂଆ ଝାଡ଼ାବାନ୍ତି ରୋଗୀ ଚିହ୍ନଟ ହୋଇନାହାନ୍ତି । ଗାଁରେ ରୋଗ ନ ବ୍ୟାପିବା ପାଇଁ ସଚେତନତା କାର୍ଯ୍ୟକ୍ରମ ସହ ହାତ ଧୋଇବା, ବିଶୁଦ୍ଧ ପାଣି ପିଇବା ଓ ସ୍ୱଚ୍ଛତା ରକ୍ଷା ନେଇ ଲୋକଙ୍କୁ ସଚେତନ କରାଯାଉଛି । ବିଭିନ୍ନ ସ୍ଥାନରେ ସଚେତନତାମୂଳକ ବ୍ୟାନର ଲଗାଯାଇଛି । ପାନୀୟ ଜଳ ବିଭାଗ ପକ୍ଷରୁ ଗାଁର ବିଭିନ୍ନ ଜଳ ଉତ୍ସ ବିଶୋଧନ କରାଯାଉଛି ।

## କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,(ସବ୍ୟୁ) : ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଢୁକୁମ ଗ୍ରାମର ଜଣେ ଯୁବକଙ୍କ କେରଳରେ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ହେଲେ ଢୁକୁମ ଗ୍ରାମର ରମେଶ କୁଶୁଲିଆଙ୍କ ପୁଅ ମିଳନ କୁଶୁଲିଆ (୨୫) । ମିଳନ କେରଳର ଏକ କମ୍ପାନିରେ କାର୍ଯ୍ୟ କରୁଥିଲେ । କୌଣସି କାରଣରୁ ଆଜି ସେ ବେକରେ ରଶି ଲଗାଇ ଜୀବନ ହାରିଛନ୍ତି । ମିଳନ ଆତ୍ମହତ୍ୟା କରିଥିବା ସଂକ୍ରାନ୍ତରେ ତାଙ୍କ ଅନ୍ୟ ସହଯୋଗୀମାନେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ପରିବାର ଲୋକେ କେରଳ ଯାଉଛନ୍ତି । ପରିବାର ଲୋକେ ପହଁଚିବା ପରେ ଶବବ୍ୟବଚ୍ଛେଦ କରି କେରଳ ପୁଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିବା ପରେ ଶବ ଢୁକୁମସ୍ଥିତ ବାସଭବନକୁ ଅଣାଯିବା ବୋଲି ସୁଚନା ମିଳିଛି ।

### ବେଆଇନ ଲୁହାପଥର ଚାଲାଣ ଉପରେ ଖଣି ବିଭାଗର ଚଢ଼ାଉ

## ୬୦ ମେଟ୍ରିକ ଟନ ଲୁହାପଥର ସହ ୨ ହାଇୱା ଓ ଜେସିବି ଜବତ: ୭ ଗିରଫ

ଯୋଡ଼ା, (ସବ୍ୟୁ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନ ନୟାଗଡ଼ ରେଳ ସାଇଡିଂ ନିକଟରେ ବେଆଇନ ଭାବେ



ଲୁହାପଥର ଲୋଡ କରି ପରିବହନ କରାଯାଉଥିବା ବେଳେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଟାସ୍କଫୋର୍ସ ଟିମ ଚଢ଼ାଉ କରି ପ୍ରାୟ ୬୦ ମେଟ୍ରିକ ଟନ ଲୁହାପଥର, ୨ଟି ହାଇୱା ଓ ଗୋଟିଏ ଜେସିବି ମେସିନ ଜବତ କରିଛି । ତେବେ ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରାଯାଇ ବାମେବାରୀ ଥାନା ଅଧିକାରୀ ପ୍ରଭାତ କୁମାର ସାହୁଙ୍କ ଜିମା ଦିଆଯାଇଛି । ଶନିବାର ରାତିରେ ନାୟାଗଡ଼ ଡମ୍ପୟାର୍ଡ ଅଞ୍ଚଳରୁ ନୟାଗଡ଼ ରେଳ ସାଇଡିଂ ନିକଟକୁ ବିନା ବୈଧ ଲାଇସେନ୍ସ କିମ୍ବା ଅନୁମତିରେ ଲୁହାପଥର ଲୋଡିଂ ଓ ପରିବହନ କରାଯାଉଥିବା ଖବର ପାଇ ଟାସ୍କଫୋର୍ସ ଟିମ ଅତର୍କିତ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ଖଣିଜ ବୋଝେଇ ଜେ.ଏଚ-୧୨-ଏନ-୬୮୪୨ ଓ ଜେ.ଏଚ-୦୨-ଏ.କ୍ୟୁ-୩୯୨୮ ନମ୍ବର ବିଶିଷ୍ଟ ୨ଟି ହାଇୱା ସହ ଗୋଟିଏ ନମ୍ବରବିହୀନ ଜେସିବି ମେସିନ ଜବତ କରାଯାଇଥିଲା । ଜବତ ଜେସିବିର କୌଣସି ପଞ୍ଜୀକରଣ ନମ୍ବର ନଥିବା ବେଳେ ଏହାର ଚେସିସ ନମ୍ବର ଜଣାପଡ଼ିଛି । ଘଟଣାରେ ଝାଡ଼ଖଣ୍ଡର ସରାଇକେଲା-ଖରସୁଆଁ ଓ ପଶ୍ଚିମ ସିଂହଭୂମ ଜିଲ୍ଲାର ନୂଆମୁଣ୍ଡି ଅଞ୍ଚଳ ସମେତ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଞ୍ଚଳର ରାଜ କୁମାର ମହାତୋ (୧୯), ଅବିନାଶ ଗୌଡ଼ (୨୮), କମରାନ ରଜା (୨୯), ମହମ୍ମଦ ଆରିଫ (୨୧), ବିକାଶ ଗୌଡ଼ (୨୪), ରତନ ସୋରେନ (୨୪) ଓ ମହମ୍ମଦ ଅମରାନ (୨୮)ଙ୍କୁ ଗିରଫ କରାଯାଇଛି । ଏନେଇ ବାମେବାରୀ ଥାନାରେ କେସ ନମ୍ବର ୨୨୪, ତାରିଖ ୨୦/୯/୨୦୨୬ରେ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡ ସମ୍ପର୍କରେ ଯାଞ୍ଚ ଚାଲିଥିବା ଜଣାପଡ଼ିଛି ।

## ବୈଶିଙ୍ଗା ଥାନାଞ୍ଚଳରୁ ପୁଣି ଚୋରି

ବେତନଟୀ(ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଥାନା ଅଧୀନରେ ଦୁଇଟି ଦୋକାନରୁ କିଛି ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିବା ବେଳେ ବୈଶିଙ୍ଗା ପୁଲିସ ଏହି ଘଟଣାକୁ ନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରାପ୍ତ ସୂଚନା ମୁତାବକ ଶନିବାର ବିଳମ୍ବିତ ରାତ୍ରିରେ ବୈଶିଙ୍ଗା ଥାନା ଅଧୀନର ବଡଗୁମା ଛକରେ ଥିବା ରାଇକମା ଗ୍ରାମ ନିବାସୀ ମନୋରଞ୍ଜନ ବେହେରାଙ୍କ ଇଲେକ୍ଟ୍ରୋନିକ୍ସ ରିପ୍ୟାରିଂ ଦୋକାନ ଏବଂ ପାର୍ଶ୍ୱରେ ଥିବା ଲକ୍ଷ୍ମୀଧର କାମିଲାଙ୍କ ଗହଣା ଦୋକାନକୁ କିଛି ଦୁର୍ବୃତ୍ତ ଟାର୍ଗେଟ କରି ତାଲା ଭାଙ୍ଗି ଚୋରି କରିବା ପାଇଁ ଉଦ୍ୟମ କରିଥିଲେ । ମାତ୍ର ସେମାନଙ୍କ ଦୋକାନରୁ କୌଣସି ଜିନିଷ ଚୋରି କରି ପାରି ନଥିଲେ । ରବିବାର ସକାଳ ସମୟରେ ପ୍ରାତଃ ଭ୍ରମଣ କରୁଥିବା ଲୋକେ ଦୋକାନର ତାଲା ଭଙ୍ଗା ଯାଇଥିବାର ସୂଚନା ଦୋକାନ ମାଲିକଙ୍କୁ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଦୋକାନୀ ମାଲିକ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ବୈଶିଙ୍ଗା ପୁଲିସ ତଦନ୍ତ ଜାରି ରଖିଛି ।

### ଅନଲାଇନ ବେଟିଂ ଆପ ଠକେଇ ନେଟୱାର୍କ ଠାବ

## ୭୮ ଏଟିଏମ କାର୍ଡ ସହ ବିପୁଳ ସାମଗ୍ରୀ ଜବତ : ୩ ଗିରଫ

ଛତ୍ରପୁର, (ସବ୍ୟୁ) : ଅନଲାଇନ ବେଟିଂ ଆପ ଜରିଆରେ ଅଧିକ ଟଙ୍କା ଫେରସ୍ତର ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ଜମା କରାଯାଉଥିବା ଅଭିଯୋଗରେ ଏକ ଠକେଇ ନେଟୱାର୍କର ପର୍ଦ୍ଦାଫାସ କରିଛି ଗଞ୍ଜାମ ସାଇବର ପୋଲିସ । ଘଟଣାରେ ୩ ଜଣଙ୍କୁ ଗିରଫ କରାଯିବା ସହ ୭୮ଟି ଏଟିଏମ/ଡେବିଟ କାର୍ଡ, ୮୬ଟି ସିମ କାର୍ଡ, ୧୪ଟି ସ୍ମାର୍ଟଫୋନ, ଲାପଟପ ଓ ବିଭିନ୍ନ ବ୍ୟାଙ୍କ ଦଲିଲ ସମେତ ବିପୁଳ ସାମଗ୍ରୀ ଜବତ ହୋଇଛି । ରମ୍ଭା ଥାନା ଅଧୀନ ଗଜପତିନଗର ଅଞ୍ଚଳରେ କିଛି ବାହାର ରାଜ୍ୟର ଯୁବକ ଭଡ଼ା ଘରେ ରହି ଅନଲାଇନ ବେଟିଂ ଆପ୍ର ପ୍ରଚାର ଓ ପରିଚାଳନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା ସୂଚନା ପାଇ ସାଇବର ଥାନା ପୋଲିସ ସେଠାରେ ଚଢ଼ାଉ କରି ଦୁଇଜଣଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟ ଦୁଇଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଥିଲେ । ପରବର୍ତ୍ତୀ ସମୟରେ ତଦନ୍ତ କରି ଚମାଖଣ୍ଡି ଅଞ୍ଚଳରୁ ଜଗଦୀଶ ସେଠୀ ଓରଫ ସୁରଜଙ୍କୁ ଗିରଫ କରାଯାଇଥିଲା



। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର ସତ୍ରୁଘ୍ନ କୁମାର ପାଣ୍ଡେ, ଛତିଶଗଡ଼ର ଧର୍ମଦାସ ମାଣିକପୁରୀ ଏବଂ ଜଗଦୀଶ ସେଠୀ ଓରଫ ସୁରଜ । ଚଢ଼ାଉ ବେଳେ ପୋଲିସ ୨ଟି ଲାପଟପ, ଗୋଟିଏ ଲେନୋଭୋ କ୍ରୋମବୁକ, ୭୮ଟି ଏଟିଏମ/ଡେବିଟ ଓ ଅନ୍ୟାନ୍ୟ କାର୍ଡ, ୧୬ଟି ବ୍ୟାଙ୍କ ପାସବୁକ, ୧୪ଟି ସ୍ମାର୍ଟଫୋନ, ୮୬ଟି ସିମ କାର୍ଡ ଏବଂ ଗୋଟିଏ ବାଜାଜ ପଲସର୍ ୨୨୦ ବାଇକ ସମେତ ବିଭିନ୍ନ ଦଲିଲ ଜବତ କରିଛି । ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ୍‌ରୁ ବିଭିନ୍ନ ବ୍ୟକ୍ତିଙ୍କ ପାନ କାର୍ଡ, ଆଧାର କାର୍ଡ, ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ ଓ ଅନ୍ୟାନ୍ୟ ପରିଚୟପତ୍ର ମିଳିଥିବା ପୋଲିସ କହିଛି । ଏଥିସହ ରେଡ୍ଡୀ ପ୍ଲେ ୧୧, ହସ ୭୭୭, ୧୦୦ ପେନେଲ, ଫେରପ୍ଲେ ଆଦି ଅନଲାଇନ ଗେମିଂ/ବେଟିଂ ପ୍ଲାଟଫର୍ମ ସହ ଜଡ଼ିତୟୁଜର୍ ଆଇଡି, ପାସୱାର୍ଡ ଏବଂ ଟଙ୍କା ଜମା-ଉଠାଣ ସମ୍ପର୍କିତ ରେକର୍ଡ ମଧ୍ୟ ଜବତ ହୋଇଛି । ଏହି ଘଟଣା ସମ୍ପର୍କରେ ୧୯ ସେପେଟମ୍ବର ୨୦୨୬ରେ ଆଇଆଇସି ପ୍ରିୟଙ୍କା ବେହେରାଙ୍କ ଅଭିଯୋଗକ୍ରମେ କେସ ନମ୍ବର ୨୦/୨୦୨୬ ରୁଜୁ କରାଯାଇଛି । ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଜବତ ଡିଜିଟାଲ ଉପକରଣଗୁଡ଼ିକର ଫୋରେନସିକ ଯାଞ୍ଚ କରାଯାଉଛି । ଏହି ନେଟୱର୍କରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି, ଆର୍ଥିକ କାରବାରର ପରିମାଣ ଏବଂ ଠକେଇର ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି । ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ତଦନ୍ତ ନିମନ୍ତେ ରିମାଣ୍ଡରେ ଅଣାଯିବା ସହ ଭଡ଼ା ଘର ମାଲିକଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ସୂଚନା ଦିଆଯାଇଛି ।

# ନଗଦ ଚିନ୍ତା - କମୁଛି ବ୍ୟାଙ୍କ ଏଟିଏମ୍

ଭୁବନେଶ୍ୱର,(ତଥ୍ୟ) ୟୁପିଆଇ ପେମେଣ୍ଟର ନୂଆ ନିୟମକୁ ଦେଖି ଲୋକେ ପୁଣି ନଗଦ କାରବାର ଚିନ୍ତାରେ ଥିବାବେଳେ ବ୍ୟାଙ୍କମାନଙ୍କର ଏଟିଏମ ସଂଖ୍ୟା କିନ୍ତୁ କମିବାରେ ଲାଗିଛି। ବିଶେଷକରି ୟୁପିଆଇର ବ୍ୟବହାର ଯୋଗୁଁ ବ୍ୟାଙ୍କଗୁଡିକର ଏଟିଏମ୍ ଅଲୋଡା ହେବାପରେ ସଂଖ୍ୟା ହ୍ରାସ କରିବାରେ ଲାଗିଛନ୍ତି। ବ୍ୟାଙ୍କ ଖାତାଧାରୀମାନେ ନଗଦ ଅର୍ଥ ପାଇଁ ସାଧାରଣତଃ ବ୍ୟାଙ୍କ ଶାଖା ବଦଳରେ ଏଟିଏମରୁ ହିଁ ଟଙ୍କା ଉଠାଇଥାନ୍ତି। ଗୋଟିଏ ବ୍ୟାଙ୍କର କାର୍ଡଧାରୀ ଯେକୌଣସି ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ବାହାର କରିବାର ସୁବିଧା ରହିଛି। ଏଥିପାଇଁ ସହରାଞ୍ଚଳରେ ପ୍ରାୟ ସମସ୍ତ ବ୍ୟାଙ୍କ ନିଜ ନିଜ ଗ୍ରାହକଙ୍କ ସୁବିଧା ପାଇଁ ଏକାଧିକ ଏଟିଏମ୍ ବସାଇଥିବାବେଳେ ଗାଁ ଗହଳରେ ମଧ୍ୟ ସେମାନଙ୍କର ବ୍ୟବସାୟ ବୃଦ୍ଧି ପାଇଁ ଏହି ସୁଯୋଗ ଉପଲବ୍ଧ କରିଥିଲେ। ତେବେ ୟୁପିଆଇର ବହୁଳ ବ୍ୟବହାର ଯୋଗୁଁ ଲୋକେ ଆଉ ଏଟିଏମରୁ ପୂର୍ବଭଳି ଟଙ୍କା ଉଠାଇଲେ ନାହିଁ। ଫଳରେ ବ୍ୟାଙ୍କଗୁଡିକ ଧିରେ ଧିରେ ସମାନଙ୍କର ଏଟିଏମ ସଂଖ୍ୟା କମାଇଦେଲେ। ସୂଚନା ଅନୁଯାୟୀ ଗତ ବର୍ଷ ମଧ୍ୟରେ ବିଭିନ୍ନ ବ୍ୟାଙ୍କ ୪୬୩ଟି ଏଟିଏମ୍ ବନ୍ଦ କରିଦେଇଛନ୍ତି। ଏଥିରେ ସର୍ବାଧିକ ରହିଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର। ଗତବର୍ଷ ଜୁନ୍ ସୁଦ୍ଧା ଏସବିଆଇର ରାଜ୍ୟରେ ୩୩୯୦ଟି ଏଟିଏମ୍ ଥିବାବେଳେ ଚଳିତବର୍ଷ ଜୁନ୍ ସୁଦ୍ଧା ଏଥିରୁ ୨୩୯ଟି ହ୍ରାସ ପାଇ ୩୧୫୧ରେ ପହଞ୍ଚିଛି। ସେହିଭଳି ଆକ୍ସିସ ବ୍ୟାଙ୍କ ତାହାର ଏଟିଏମ ସଂଖ୍ୟା ଏହି ସମୟ ମଧ୍ୟରେ ୧୫୦ଟି କମାଇ ଦେଇଥିବାବେଳେ ଆଇସଆଇସିଆଇ ୩୩ଟି, କାନାରାବ୍ୟାଙ୍କ ୧୪ଟି, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୧ଟି ହ୍ରାସ କରିଛି। ଏହି ତାଲିକାରେ ପଞ୍ଜାବ ନେସନାଲ ବ୍ୟାଙ୍କର ୫ଟି ଏଟିଏମ୍ ଥିବାବେଳେ ବ୍ୟାଙ୍କ ଅଫ୍ ଇଣ୍ଡିଆର ୪ଟି, ବନ୍ଧନ ବ୍ୟାଙ୍କର ୨ଟି, ଲକ୍ଷ୍ମୀ ବିଳାସ ବ୍ୟାଙ୍କ, ଆଇଡିବିଆଇ ଓ ଇଣ୍ଡସ ଇଣ୍ଡ ବ୍ୟାଙ୍କ ଗୋଟିଏ କରି ବନ୍ଦ କରିଛନ୍ତି। ବର୍ତ୍ତମାନ ୟୁପିଆଇର ନୂତନ ପେମେଣ୍ଟ ବ୍ୟବସ୍ଥାରେ ବ୍ୟବସାୟୀଙ୍କ ପାଇଁ ୨ହଜାର ଟଙ୍କାରୁ ଅଧିକ ଅର୍ଥ ୟୁପିଆଇ ଜରିଆରେ ଗ୍ରହଣ କଲେ ଟିକସ ଦେବାକୁ ପଡିବ ବୋଲି ପ୍ରଚାର ପରେ ବ୍ୟବସାୟୀମାନେ ୟୁପିଆଇ ଜରିଆରେ ଅର୍ଥ ନେବେନାହିଁ ବୋଲି କହିଲେଣି। ତେଣୁ ବଜାରରେ ନଗଦ କାରବାର ନିଶ୍ଚିତ ବଢିବ ବୋଲି ଆର୍ଥିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଏଭଳି ସ୍ଥିତିରେ ବ୍ୟାଙ୍କଗୁଡିକର ଏଟିଏମ୍ ହ୍ରାସ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ସେମାନେ ବ୍ୟାଙ୍କ ଶାଖାକୁ ଯାଇ ଅର୍ଥ ଉଠାଇବା ଏକ ପ୍ରକାରା ପାଶୋରୀ ଦେଲେଣି। ଲୋକଙ୍କ ଭିଡ ହ୍ରାସ ଯୋଗୁଁ ବ୍ୟାଙ୍କଗୁଡିକ ମଧ୍ୟ କର୍ମଚାରୀ ସଂଖ୍ୟା ହ୍ରାସ କରିଛନ୍ତି। ସେହିଭଳି ୟୁପିଆଇ ଯୋଗୁଁ ଏଟିଏମ୍ ଏକ ପ୍ରକାର ଅଚଳ ହେବାପରେ ବ୍ୟାଙ୍କଗୁଡିକ ନିଜର ଅର୍ଥ ସଞ୍ଚୟପାଇଁ ତାହାକୁ ମଧ୍ୟ ବନ୍ଦ କରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଲୋକେ ନଗଦ ଅର୍ଥ କେଉଁଠୁ ଆଣି କାରବାର କରିବେ ତାହାକୁ ନେଇ ଚିନ୍ତାରେ ପଡିଥିବାବେଳେ ୟୁପିଆଇର ନୂତନ ପେମେଣ୍ଟ ନିୟମକୁ ନେଇ ଏବେ ରାଜନୀତି ଜୋର ଧରିବା ସହିତ ସାଧାରଣ ଲୋକେ ବି ତର୍ଜମା କରିବାରେ ଲାଗିଛନ୍ତି।

## ନିଖୋଜ ୧୩ବର୍ଷୀୟା ନାବାଳିକା ଉଦ୍ଧାର

ବେତନଟୀ ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଞ୍ଚଳର ଜନୈକା ୧୩ବର୍ଷର ନାବାଳିକା ଗଣେଶପୂଜା ଦିନ ସ୍କୁଲ ଯାଇ ଆଉ ଘରକୁ ଫେରିନଥିବା ଘଟଣାରେ ଅପହରଣ ଜନିତ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ପୁଲିସ ଶେଷରେ ଶନିବାର ପୀଡ଼ିତାଙ୍କୁ ଉଦ୍ଧାରକରି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ପୂର୍ବକ ବୟାନ ରେକର୍ଡ କରାଇଛି । ସୂଚନା ମୁତାବକ ୧୩ବର୍ଷୀୟା ନାବାଳିକା ଜଣକ ଗଣେଶପୂଜା ଦିନ ସ୍କୁଲ ଯାଉଛି କହି ଘରୁ ବାହାରି ଆସିଥିବା ବେଳେ ଆଉ ଘରକୁ ଫେରିନଥିଲେ । ଏନେଇ ବେତନଟୀ ଅପହରଣ ଜନିତ ଏକ ମାମଲା ରୁଜୁ କରାଯାଇ ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତଙ୍କୁ ତଦନ୍ତଭାର ପ୍ରଦାନ କରାଯାଇଥିଲା । ସମ୍ପୃକ୍ତ ନାବାଳିକାଙ୍କୁ ବେତନଟୀ ଥାନା ଅଞ୍ଚଳରୁ ଉଦ୍ଧାରକରି ଶନିବାର ବେତନଟୀ ଜେଏମଏଫସି କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି । ନାବାଳିକାଙ୍କୁ ଓ୍ୱାନଷ୍ଟପ ସେଣ୍ଟରରେ ରଖାଯାଇଥିବା ବେଳେ ରବିବାର ସିଡବ୍ଲୁସିକୁ ହସ୍ତାନ୍ତର କରାଯିବା ନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ସୂଚନା ଦେଇଛନ୍ତି ।

# କୋରେକ୍ସ କାରବାର ଅଭିଯୋଗ : ୪ ଗିରଫ

ପୁରୀ, (ସବ୍ୟୁ) : ପୁରୀ ସହରରେ ନିଶାଦ୍ରବ୍ୟ ଭାବେ କଫ୍ ସିରପ୍ ବିକ୍ରି ଅଭିଯୋଗରେ 'ଅପରେସନ୍ ଚକ୍ର' ଅଧୀନରେ ଟାଉନ୍ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି । ହଦିସାହି ରୋଡ୍‌ର ଖୁଣ୍ଟିଆ ଜଗା ପଛପଟେ କଫ୍ ସିରପ୍ ବିକ୍ରି ହେଉଥିବା ନେଇ ସୂଚନା ପାଇ ପୁଲିସର ସ୍ୱତନ୍ତ୍ର ଟିମ୍ ଗତ ୧୯ ତାରିଖ ରାତି ପ୍ରାୟ ୮ଟା ୩୦ରେ ଚଢ଼ାଉ କରିଥିଲା । ପୁଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ବାସେଲିସାହି ଥାନା ଗିରିନାରିବନ୍ତ ଅଞ୍ଚଳର ବାବୁନି ଓରଫ ସତ୍ୟନାରାୟଣ ତ୍ରିପାଠୀ (୩୨), ବାଲିପଣ୍ଡା ଥାନା ଅଞ୍ଚଳର ବନମାଳୀ ସାହୁ (୪୫), ତାଳବଣିଆ ଥାନା କୁମୁଟିପାଟଣାର ବାବୁ ଓରଫ ସୌମ୍ୟରଞ୍ଜନ ସାହୁ (୩୫) ଏବଂ ଟାଉନ୍ ଥାନା ଅନ୍ତର୍ଗତ ଗଛକାଳୀ ଲେନ୍‌ର ଲିପୁନ୍ ମହାନ୍ତି (୩୫) । ଅଭିଯୁକ୍ତମାନଙ୍କ ନିକଟରୁ ୩୦ଟି କଫ୍ ସିରପ୍ ବୋତଲ, ନଗଦ ୪୦,୩୦୦ ଟଙ୍କା, ଗୋଟିଏ ପଲସର ମୋଟରସାଇକେଲ, ନମ୍ବର ପ୍ଲେଟ୍‌ବିହୀନ ଏକ ମେଷ୍ଟ୍ରୋ ସ୍କୁଟି ଏବଂ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଛି । ଟାଉନ ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାସ ଙ୍କ ସୂଚନା ଅନୁଯାଇ , ଗିରଫ ଅଭିଯୁକ୍ତମାନଙ୍କୁ



ପଚରାଉଚରା ବେଳେ ବାବୁନି ଓରଫ ସତ୍ୟନାରାୟଣ ତ୍ରିପାଠୀ ବିଭିନ୍ନ ଅଞ୍ଚଳକୁ କଫ୍ ସିରପ୍ ଯୋଗାଉଥିବା ସୂଚନା ମିଳିଥିଲା। ଏହା ପରେ ପୁଲିସ ଗିରିନାରିବନ୍ତ ଅଞ୍ଚଳରେ ଥିବା ବାବୁନିଙ୍କ ଭଡ଼ା ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏନେଇ ଟାଉନ୍ ଥାନା ପୁଲିସ କେସ୍ ନଂ. ୬୪୨/୧୯.୯.୨୦୨୬ରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ଏକ ମାମଲା ରୁଜୁ କରିଛି । ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅମିୟ ରଞ୍ଜନ ମହାପାତ୍ରଙ୍କ ତଦନ୍ତ ଜାରି ରହିଛି। ପୁଲିସ ପ୍ରେସ୍ ନୋଟ୍ ଅନୁସାରେ, ୪ ଅଭିଯୁକ୍ତଙ୍କୁ ୨୦ ତାରିଖରେ ପୁରୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇ ଜେଲ୍ ହାଜତକୁ ପଠାଯାଇଛି। ଏହି କାରବାର ସହ ଜଡ଼ିତ ଅନ୍ୟ ଯୋଗାଣକାରୀଙ୍କ ବିରୋଧରେ ମଧ୍ୟ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ କାର୍ଯ୍ୟକ୍ରମ

# ଗଣତାନ୍ତ୍ରିକ ଉତ୍ତରାଧିକାର, ସଂସ୍କାରର ଯାତ୍ରା ନିରନ୍ତର ଚାଲିଛି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ନିଜର ଅଭିଜ୍ଞତାକୁ କେବେ ସମ୍ପୂର୍ଣ୍ଣ ବୋଲି ଦାବି କରେନାହିଁ, ବରଂ ବୃତ୍ତିଗତ ଆଦାନ-ପ୍ରଦାନର ଭାବନା ସହ ସମୃଦ୍ଧ ପରମ୍ପରା ଓ ନୂତନ ଉଦ୍ଭାବନଗୁଡ଼ିକରୁ ଶିଖିବା ପାଇଁ ସର୍ବଦା ପ୍ରସ୍ତୁତ ରହିଛି । ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିବା ଓଡ଼ିଶାରେ ୧୯୩୭ ମସିହା ପ୍ରଥମ ବିଧାନସଭା ୬୦ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇବେଳେ ଏହା ବୃଦ୍ଧି ପାଇଁ ବର୍ତ୍ତମାନ ୧୪୭ରେ ପହଞ୍ଚିଛି । ସ୍ୱାଧୀନତା ପୂର୍ବର ସମୟରୁ ଆରମ୍ଭ କରି ଆଧୁନିକ ଡିଜିଟାଲ ବିଧାନସଭା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଉତ୍ତରାଧିକାର ଏବଂ ସାମ୍ପ୍ରତିକ ସଂସ୍କାରର ଏହି ଯାତ୍ରା ନିରନ୍ତର ଚାଲିଛି ବୋଲି ବିଧାନସଭା ସଚିବ ସତ୍ୟବ୍ରତ ରାଉତ କହିଛନ୍ତି ।

ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀରେ 'ଓଡ଼ିଶା ବିଧାନସଭାର




ଉତ୍ତମ କାର୍ଯ୍ୟଶୈଳୀ' ଉପରେ ନିଜର ସନ୍ଦର୍ଭ ଉପସ୍ଥାପନ କରି ଶ୍ରୀ ରାଉତ କହିଛନ୍ତି ଯେ ସପ୍ତଦଶ ବିଧାନସଭାର ପ୍ରଥମ ଦୁଇ ବର୍ଷ ମଧ୍ୟରେ, ଗୃହରେ ୧୦୩ ଦିନ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରାୟ ୪୭୦ ଘଣ୍ଟା ଧରି ବିଧାନସଭା କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଏହା ଭାରତର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ । ବିଭିନ୍ନ ସଂସ୍କାରମୂଳ କାର୍ଯ୍ୟ ଗ୍ରହଣ କରି ଓଡ଼ିଶା ବିଧାନସଭାରେ ଡିଜିଟାଲ୍ ରୂପାନ୍ତରଣ ହାସଲ କରାଯାଇଛି । ନବନିର୍ବାଚିତ ଏବଂ ପ୍ରଥମ ଥର ସଦସ୍ୟମାନଙ୍କ ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମ ସହ ଗଣତାନ୍ତ୍ରିକ ଅନୁଷ୍ଠାନ ବିଷୟରେ ଅବଗତ କରାଇବା ପାଇଁ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଧ୍ୟୟନ ପରିଦର୍ଶନ ଆୟୋଜନ କରାଯାଇଛି । ବିଧାନସଭାର ବିଭିନ୍ନ କମିଟିମାନଙ୍କର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବରେ ତଥ୍ୟ ଉପସ୍ଥାପନ କରି ସଚିବ କହିଛନ୍ତି ଯେ ମୋଟ ୩୫ଟି କମିଟି ମଧ୍ୟରୁ ୧୦ଟି ବିଭାଗୀୟ କମିଟି ବିଭିନ୍ନ ବିଭାଗର ପ୍ରାଥମିକତା, ବ୍ୟୟ ଅଟକଳ, ଯୋଜନା ପ୍ରଣୟନ ଓ ସମ୍ବଳର ଉପଯୁକ୍ତ ବିନିଯୋଗ ଉପରେ ଆଲୋଚନା କରି ବଜେଟ ପାଇଁ ପ୍ରସ୍ତାବ ଦେଇଥାନ୍ତି ବୋଲି ସେ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ କେପ୍‌ଟାଉନ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୬ଟି ଦେଶର ୧୮୦ ଜଣ ସଚିବ ଯୋଗଦେଇଥିବାବେଳେ ଓଡ଼ିଶା ବିଧାନସଭାର ସଚିବ ଶ୍ରୀ ରାଉତଙ୍କୁ ସନ୍ଦର୍ଭ ଉପସ୍ଥାପନ କରିବା ପାଇଁ ମନୋନୀତ କରାଯାଇଥିଲା । କାନାଡା, ବାଂଲାଦେଶ ଓ ଅଷ୍ଟ୍ରେଲିଆ ପ୍ରମୁଖ ଦେଶର ସଚିବମାନେ ଏହି ସନ୍ଦର୍ଭର ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେଦିଲ୍ଲୀ ବିଧାନସଭାର ନିର୍ଦ୍ଦେଶକ ଡ. ୟୁନିଅନ୍ କୁମାରଙ୍କ ସମେତ ଆନ୍ଧ୍ରପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ବିଧାନସଭାର ସଚିବମାନଙ୍କ ସମେତ ୨୧ଟି ବିଧାନସଭାର ସଚିବ ଯୋଗଦେଇଥିଲେ ।




ନୂଆଦିଲ୍ଲୀରେ ନୂଆଖାଇ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି କେ ମିଶ୍ର ଯୋଗଦେଇଛନ୍ତି ।

## ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନର ନୂତନ କର୍ମକର୍ତ୍ତା

# ସଞ୍ଜୀବ ସଭାପତି, ଦୁଃଖିଶ୍ୟାମ ସାଧାରଣ ସମ୍ପାଦକ

ଭୁବନେଶ୍ୱର, (ସବ୍ୟୁ) : ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନ, ଭୁବନେଶ୍ୱରର ନୂତନ କର୍ମକର୍ତ୍ତା ଚୟନ ସର୍ବସମ୍ମତି କ୍ରମେ ରବିବାର ସ୍ଥାନୀୟ ଓଡେଶା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ସଞ୍ଜୀବ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ଭାବେ ଦୁଃଖିଶ୍ୟାମ ଭଞ୍ଜ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଆଶୁତୋଷ ହୋତା, ସମ୍ପାଦକ ଭାବେ ବରିଷ୍ଠ ସାମ୍ବାଦିକ ସୀମାଞ୍ଚଳ ପଟ୍ଟନାୟକ, ଅନୀଲ ମହାପାତ୍ର, ଶ୍ରୁତକୃତି ତ୍ରିପାଠୀ, ନୀତିନ ଆନନ୍ଦ ପ୍ରମୁଖ ମନୋନୀତ ହୋଇଛନ୍ତି । ସେହିପରି ପ୍ରୋଜେକଟ ସଂଯୋଜକ ଭାବେ ରାଜକିଶୋର ଦାସ, କୋଷାଧ୍ୟକ୍ଷ ଭାବେ ଲୋକନାଥ ଜଗତଙ୍କୁ ସାଧାରଣ ପରିଷଦ ବୈଠକରେ ମନୋନୀତ କରାଯାଇଛି । କାର୍ଯ୍ୟକାରୀ କମିଟିରେ ବରିଷ୍ଠ ସଦସ୍ୟ ସଦାନନ୍ଦ ଭୋଇ, ଚନ୍ଦ୍ରଶେଖର ସାହୁ, ସନ୍ତୋଷ କୁମ୍ଭାର, ସ୍ମୃତିଶିଖା ମହାପାତ୍ର, ସୂର୍ଯ୍ୟସ୍ନାତ ବହିଦାର, ହୃଷୀକେଶ ପ୍ରଧାନ, ବ୍ରଜେଶ୍ୱରୀ ବେହେରା, ଚିରାଗ ରଥ, ସମୀର ପଟେଲ ଓ ବାମଦେବ ବଘାରଙ୍କୁ ମନୋନୀତ କରାଯାଇଛି । ସେହିପରି ପରାମର୍ଶଦାତା



କମିଟିରେ ପୂର୍ବତନ ସାଂସଦ ତଥା ଅଗ୍ରଣୀ ସଙ୍ଗଠନର ପୂର୍ବ ସଭାପତି ଡଃ ପ୍ରଭାସ କୁମାର ସିଂ, ବିଜୟ କୁମାର ଯୋଶୀ, ବିଶିଷ୍ଟ

- ସମଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ସଂକଳ୍ପ
- ଭାଇଚାରା ଦୃଢ଼ୀକରଣ ଉପରେ ଗୁରୁତ୍ୱ

କଳାକାର ମିହିର ମେହେର, ଅମୀୟ ମହାନ୍ତି ଓ ସୁରେଶ ମହାପାତ୍ରଙ୍କୁ ନିଆଯାଇଛି । ସାଧାରଣ ପରିଦେ ବୈଠକ ଓ ନିର୍ବାଚନ ପକ୍ରୀୟା ଶେଷ ହେବା ପରେ ନୂତନ କମିଟିର ସଭାପତି ଓ ସମ୍ପାଦକ ସେମାନଙ୍କ ଅଭିଭାଷଣରେ କହିଥିଲେ ଯେ, ଆମ ପୂର୍ବ କର୍ମକର୍ତ୍ତା ଯେଉଁ ସ୍ୱପ୍ନ ଦେଖିଛନ୍ତି ଯେ, ଭୁବନେଶ୍ୱରରେ ଏକ ଭବ୍ୟ ସମଲେଶ୍ୱରୀ ମନ୍ଦିର ନିର୍ମାଣ ହେବ ତାହା ଆଗାମୀ ଦିନରେ ସମସ୍ତଙ୍କର ସହଯୋଗରେ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଶତ ଚେଷ୍ଟା କରିବୁ । ଏହା ସହିତ ଭୁବନେଶ୍ୱରରେ ଅବସ୍ଥାପିତ ପଶ୍ଚିମ ଓଡ଼ିଶାର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, କଳାକାର ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କୁ ନେଇ ଭାଇଚାରାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯିବ । ପୂର୍ବରୁ ପାଳିତ ହୋଇ ଆସୁଥିବା ନୂଆଁଖାଇ ଭେଟଘାଟ ବହୁ ଆନନ୍ଦଉଲ୍ଲାସ ମଧ୍ୟରେ ପାଳନ କରି ଭାଇଚାରା ଓ ପରମ୍ପରାର ସନ୍ଦେସ ବାଣ୍ଟିବୁ ବୋଲି ସଭାପତି ସଞ୍ଜୀବ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ଦୁଃଖିଶ୍ୟାମ ଭଞ୍ଜ ସୂଚନା ଦେଇଛନ୍ତି ।

## ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମ୍ପତ୍ତିଗତ ଅଧିକାର ସୁରକ୍ଷିତ ହେବା ଆବଶ୍ୟକ

ଭୁବନେଶ୍ୱର, (ସବ୍ୟୁ): ଅନେକ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥାଇ ମଧ୍ୟ ତାହା ସେମାନେ ଭୋଗଦଖଲ କରିପାରୁ ନାହାନ୍ତି ଏବଂ ନିଜ ଅଧିକାରରୁ ବଞ୍ଚିତ ହୋଇ ସାମାଜିକ ତଥା ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ଆଇନରେ ଥିବା ବ୍ୟବସ୍ଥା ଏଥିରେ ବିଶେଷ ସହାୟକ ହେଉ ନାହିଁ ବୋଲି ଆଇନ ସେବା ସଂସ୍ଥା- କ୍ଲାପ୍ ପକ୍ଷରୁ ଆୟୋଜିତ ଏକ ଜନଶୁଣାଣିରେ ଦିବ୍ୟାଙ୍ଗ ବ୍ୟକ୍ତିମାନେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହଠାରେ କ୍ଲାପ୍ ପକ୍ଷରୁ ଆୟୋଜିତ ଏହି ଜନଶୁଣାଣିରେ ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧକ୍ଷା ଶ୍ରୀମତୀ ବ୍ରତତି ହରିଚନ୍ଦନ, ସାମାଜିକ ସୁରକ୍ଷା ଭିନ୍ନକ୍ଷମ ଶସକ୍ତିକରଣ ବିଭାଗର ଉପସଚିବ ସନ୍ୟାସ କୁମାର ବେହେରା ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ସେବା ମହାପାତ୍ର ଓ ଭାରତ ସରକାରଙ୍କ ଶ୍ରମ ନିଯୁକ୍ତି ବିଭାଗର ପ୍ରତିନିଧି ରାମ କିଶୋର ଶର୍ମା ପ୍ରମୁଖ ଯୋଗ ଦେଇ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଭିନ୍ନ ମାମଲାର ଶୁଣାଣି କରିଥିଲେ। ଶ୍ରୀମତୀ ହରିଚନ୍ଦନ ଏହି ଅବସରରେ କହିଥିଲେ ଯେ ଭିନ୍ନକ୍ଷମ ବ୍ୟକ୍ତିଙ୍କର ସମ୍ପତ୍ତିର ସୁରକ୍ଷା ନିମନ୍ତେ ବର୍ତ୍ତମାନ ରାଜସ୍ୱ ବିଭାଗ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। କ୍ଲାପ୍‌ର ସଭାପତି ଡକ୍ଟର ବିକାଶ ଦାସ କହିଛନ୍ତି ଯେ ଭିନ୍ନକ୍ଷମ ବ୍ୟକ୍ତିଙ୍କର ଅଧିକାର ଆଇନ ଅନୁଯାୟୀ ଭିନ୍ନକ୍ଷମ ବ୍ୟକ୍ତିମାନେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମାଲିକାନା ବଜାୟ ରଖିବେ। ମାତ୍ର ଏହି ଅଧିନିୟମର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପର୍ଯ୍ୟାପ୍ତ ନିୟମାବଳୀ ଗୃହିତ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମ୍ପତ୍ତିଗତ ଅଧିକାର ସୁରକ୍ଷା ନିୟମାବଳୀ ପ୍ରସ୍ତୁତ କରିବା ସହିତ ଏକ ସ୍ୱତବ ସେଲ ଗଠନ କରାଯାଇ ସମ୍ପତ୍ତିଗତ ଅଧିକାର ଯେପରି କ୍ଷୁର୍ଣ୍ଣ ନହେବ ତାହା ସୁନିଶ୍ଚିତ କରିବା ଆବଶ୍ୟକ। ବିଶିଷ୍ଟ ଚିକିତ୍ସକ ଅରବିନ୍ଦ ମହାନ୍ତି ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭିଭାବକମାନେ ସେମାନଙ୍କ ଭିନ୍ନକ୍ଷମ ଶିଶୁମାନଙ୍କର ସମ୍ପତ୍ତିଗତ ଅଧିକାରଙ୍କୁ ନେଇ ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ରହିଛନ୍ତି ବୋଲି ମତବ୍ୟକ୍ତ କରି ସରକାର ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ହେବା ଉଚିତ ବୋଲି ଦାବି କରିଛନ୍ତି। ଏହି ଜନ ଶୁଣାଣିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୧୫ଟି କେଶର ଶୁଣାଣି କରାଯାଇଥିଲା। କ୍ଲାପ୍ ପକ୍ଷରୁ ସନ୍ତୋଷ ପ୍ରଧାନ ଜନଶୁଣାଣିର ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରି କ୍ଲାପ୍ ପକ୍ଷରୁ ମାଗଣାରେ ଆଇନସେବା ପ୍ରଦାନ କରାଯାଇ ଦିବ୍ୟାଙ୍ଗମାନଙ୍କ ଅଧିକାର ସୁରକ୍ଷା କରାଯାଉଛି ବୋଲି କହିଥିଲେ। ଆଇନଜୀବୀ ଚନ୍ଦ୍ରଦେବ ପୁରୋହିତ ଆଇନଗତ ବ୍ୟବସ୍ଥାର ତର୍ଜମା କରିଥିଲେ ଓ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ, ପରିତ୍ୟକ୍ତ ସ୍ଥାନରୁ ଉଦ୍ଧାର

ବାଲେଶ୍ୱର ,(ସବ୍ୟୁ): : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କୁ ଏକ ପରିତ୍ୟକ୍ତ ସ୍ଥାନରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ଘଟଣାକୁ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି । ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଅଭିଯୋଗରେ ଉଠିଥିବା ବିଭିନ୍ନ ଦିଗକୁ ନେଇ ପୁଲିସ ଯାଞ୍ଚ କରୁଥିବା ଜଣାପଡ଼ିଛି । ପରିବାରର ଅଭିଯୋଗ ଅନୁସାରେ, ନାବାଳିକାଙ୍କ ସହ ଦୁଷ୍କର୍ମ କରାଯିବା ପରେ ତାଙ୍କୁ ଏକ ନିର୍ଜନ ବା ପରିତ୍ୟକ୍ତ ସ୍ଥାନରେ ଛାଡ଼ି ଦିଆଯାଇଥିଲା । ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳ, ନାବାଳିକାଙ୍କ ବୟାନ ଏବଂ ଅନ୍ୟାନ୍ୟ ଉପଲବ୍ଧ ତଥ୍ୟକୁ ଆଧାର କରି ତଦନ୍ତ ଆଗକୁ ବଢ଼ାଉଛି । ଘଟଣା ସହ କିଏ କିଏ ସମ୍ପୃକ୍ତ, ଘଟଣାଟି କେଉଁ ପରିସ୍ଥିତିରେ ଘଟିଥିଲା ଏବଂ ନାବାଳିକାଙ୍କୁ କିପରି ପରିତ୍ୟକ୍ତ ସ୍ଥାନରେ ଛାଡ଼ି ଦିଆଯାଇଥିଲା, ସେନେଇ ପୁଲିସ ତଦନ୍ତ କରୁଛି । ଆବଶ୍ୟକତା ଅନୁଯାୟୀ ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା ସହ ଆଇନ ଅନୁଯାୟୀ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ ।

## ଟ୍ରେଲରକୁ ପଛରୁ ପିଟିଲା ମାଲବାହୀ ଟ୍ରକ୍ : ଡ୍ରାଇଭର-ହେଲ୍ପର ମୃତ

ଖୋର୍ଦ୍ଧା, (ସବ୍ୟୁ): ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ର ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ



ତୋଟାପଡ଼ା ଛକ ନିକଟରେ ଶନିବାର ଭୋର ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ।ଆଗରେ ଯାଉଥିବା ଏକ ଟ୍ରେଲର କୁ ପଛପଟୁ ଧକ୍କା ଦେଇ ମାଲବାହୀ ଟ୍ରକ୍ ଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଟ୍ରକ୍‌ର ଡ୍ରାଇଭର ଓ ହେଲ୍ପର ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ମୃତ ଡ୍ରାଇଭର ହେଲେ ତାମିଲନାଡୁ ପରମ୍ବଲୁର ଜିଲ୍ଲା ଭେପ୍ପାନଥାଟାଇ ଅଂଚଳର ପ୍ରସାଥ (୩୪) । ସେହିପରି ହେଲ୍ପର ହେଲେ ସାଲେମ ଜିଲ୍ଲା ଥେନକୁମରାଇ ପୋଷ୍ଟ ଅଂଚଳ ର ଏ. ଧନଶୀଳନ (୨୫)। ଭୁବନେଶ୍ୱର ଦିଗରୁ ମାଲବାହୀ ଟ୍ରକ ଟି ବ୍ରହ୍ମପୁର ଦିଗକୁ ଦ୍ରୁତଗତିରେ ଯାଉଥିବାବେଳେ ତୋଟାପଡ଼ା ଛକ ନିକଟରେ ଆଗରେ ଯାଉଥିବା ଏକ ଟ୍ରେଲର କୁ ଧକ୍କା ଦେଇଥିଲା। ଏପରିକି ମାଲବାହୀ ଟ୍ରକ ର କ୍ୟାବିନ୍ ସମ୍ପୁର୍ଣ୍ଣ ଭାଙ୍ଗିରୁଜି ଚୁରମାର ହୋଇଥିବାବେଳେ ଡ୍ରାଇଭର ଓ ହେଲପର ଚାପି ହୋଇ ରହିଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ପହଁଚି ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଟ୍ରକ୍ ଟିକୁ ଜବତ କରି ତଦନ୍ତ ଆରମ୍ଭ କରିଥିବାବେଳେ ଟ୍ରେଲର ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ଭୁବନେଶ୍ୱରରେ ଦ୍ୱିତୀୟ ଏନ୍‌ଏଓ ସମ୍ମିଳନୀ ୨୦୨୬

# ଏକାଠି ହେଲେ ଦେଶର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସ୍ନାୟୁରୋଗ ବିଶେଷଜ୍ଞ ସଂଘ (ଏନ୍‌ଏଓ) ପକ୍ଷରୁ ଦ୍ୱିତୀୟ ବାର୍ଷିକ ଏନ୍‌ଏଓ ସମ୍ମିଳନୀ ୨୦୨୬ ଭୁବନେଶ୍ୱର ସ୍ଥିତ ହୋଟେଲ୍ ନୋଭୋଟେଲ୍‌ରେ ଆୟୋଜିତ ହୋଇଯାଇଛି। ସେପ୍ଟେମ୍ବର ୧୮ରୁ ୨୦ ପର୍ଯ୍ୟନ୍ତ ଚାଲିଥିବା ଏହି ତିନିଦିନିଆ ବୈଜ୍ଞାନିକ ସମ୍ମିଳନୀରେ ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ, ଯୁବ ଚିକିତ୍ସକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ସମ୍ମିଳନୀରେ ମସ୍ତିଷ୍କାଘାତ ଓ ସ୍ନାୟୁବାହୀ ରକ୍ତନଳୀ ଚିକିତ୍ସା, ମୃଗୀ, ସ୍ନାୟୁ-ପ୍ରତିରୋଧ ବିଜ୍ଞାନ, ସ୍ନାୟୁ-ପେଶୀ ରୋଗ, ଗତିଜନିତ ବ୍ୟାଧି, ମୁଣ୍ଡବିନ୍ଧା, ସ୍ମୃତିଭ୍ରଂଶ, ଗୁରୁତର ସ୍ନାୟୁରୋଗୀଙ୍କ ଚିକିତ୍ସା, ସ୍ନାୟୁ ସଂକ୍ରମଣ, ସ୍ନାୟୁ-କର୍ଣ୍ଣ ବିଜ୍ଞାନ, ସ୍ନାୟୁ-ଚକ୍ଷୁ ବିଜ୍ଞାନ ଓ ନିଦ୍ରା ଚିକିତ୍ସା ଭଳି ସ୍ନାୟୁ ବିଜ୍ଞାନର ବିଭିନ୍ନ ଆଧୁନିକ ବିଷୟ ଉପରେ




ଆଲୋଚନା କରାଯାଇଛି। ଏକାଡେମୀର ସଭାପତି ଡା. ଲକ୍ଷ୍ମୀ ନରସିନ, ନିର୍ବାଚିତ ସଭାପତି ଡା. ସୁଧୀର କୋଠାରୀ ଓ ସଚିବ ଡା. ୟୁ ମୀନାକ୍ଷୀ ସୁନ୍ଦରମ୍ ଯୋଗଦେଇ ସମ୍ମିଳନୀର ଶିକ୍ଷାମୂଳକ ଗୁରୁତ୍ୱକୁ ବୃଦ୍ଧି କରିଥିଲେ। ତିନିଦିନିଆ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ସେପ୍ଟେମ୍ବର ୧୮ରେ ଆୟୋଜିତ ସ୍ନାୟୁବାହୀ ରକ୍ତନଳୀ ଚିକିତ୍ସା କର୍ମଶାଳା। ଏଥିରେ ମସ୍ତିଷ୍କାଘାତ ଓ ଜଟିଳ ମସ୍ତିଷ୍କ ରକ୍ତନଳୀଜନିତ ରୋଗର ଆଧୁନିକ ଚିକିତ୍ସା ପଦ୍ଧତି ଏବଂ ସ୍ନାୟୁବାହୀ ରକ୍ତନଳୀ ଚିକିତ୍ସାର ବ୍ୟବହାରିକ ଦିଗ ଉପରେ ଆଲୋଚନା ହୋଇଥିଲା। ଡା. ଉଦୟ ଏସ୍. ଲିମାୟେ, ଡା. କୌଶିକ ସୁନ୍ଦର, ଡା. ସତୀଶ ଜି. ଓ ଡା. ଶିବଶଙ୍କର ଦଳାଇ ପ୍ରମୁଖ ବିଶେଷଜ୍ଞ ଯୋଗଦେଇ ନିଜ ଅଭିଜ୍ଞତା ଓ ଜ୍ଞାନ ବାଣ୍ଟିଥିଲେ। ଏହି ବୈଜ୍ଞାନିକ ସମ୍ମିଳନୀକୁ ଓଡ଼ିଶା ଚିକିତ୍ସା ପଞ୍ଜୀକରଣ ପରିଷଦ ପକ୍ଷରୁ ୧୨ଟି ଚିକିତ୍ସା ଶିକ୍ଷା ନବୀକରଣ ଋଣଘଣ୍ଟା ପ୍ରଦାନ କରାଯାଇଛି। ଆୟୋଜକ ଅଧକ୍ଷ ବିଶିଷ୍ଟ ନ୍ୟୁର ଡା. ମାୟା ଗନ୍ତାୟତ ଓ ଆୟୋଜକ ସମ୍ପାଦକ ଡା. ସୌମ୍ୟ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜକ କମିଟି ପକ୍ଷରୁ ଏହି ବୃହତ୍ ବୈଜ୍ଞାନିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଡା. ମାୟା ଗନ୍ତାୟତ କହିଛନ୍ତି ଯେ, ଏହି ସମ୍ମିଳନୀ ଓଡ଼ିଶାର ସ୍ନାୟୁରୋଗ ବିଶେଷଜ୍ଞ ସମୁଦାୟର ବୃଦ୍ଧି ପାଉଥିବା ଶିକ୍ଷାଗତ ଶକ୍ତି ଓ ସାମୂହିକ ଉଦ୍ୟମର ପ୍ରତିଫଳନ। ଅଭିଜ୍ଞ ଚିକିତ୍ସକ, ଜାତୀୟସ୍ତରୀୟ ବିଶେଷଜ୍ଞ ଓ ଯୁବ ସ୍ନାୟୁରୋଗ ଚିକିତ୍ସକଙ୍କୁ ଏକ ମଞ୍ଚରେ ଆଣି ବୈଜ୍ଞାନିକ ଜ୍ଞାନର ଆଦାନପ୍ରଦାନ ଓ ସ୍ନାୟୁରୋଗ ଚିକିତ୍ସାର ଉନ୍ନତି କରିବା ଏହି ସମ୍ମିଳନୀର ପ୍ରମୁଖ ଲକ୍ଷ୍ୟ। ଆୟୋଜକ ସମ୍ପାଦକ ଡା. ସୌମ୍ୟ ରଞ୍ଜନ ପ୍ରଧାନ ସମସ୍ତ ଅତିଥି ବିଶେଷଜ୍ଞ ଓ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶାରେ ସ୍ନାୟୁରୋଗ ଚିକିତ୍ସାର ଭବିଷ୍ୟତକୁ ଆହୁରି ସୁଦୃଢ଼ କରିବାକୁ ଏହି ମଞ୍ଚର ଲକ୍ଷ୍ୟ। ଶେଷରେ ଆୟୋଜକ କମିଟି ପକ୍ଷରୁ ଅତିଥି ବିଶେଷଜ୍ଞ, ପ୍ରତିନିଧି, ରେସିଡେଣ୍ଟ ଡାକ୍ତର, ଏନ୍‌ଏଓ ସଦସ୍ୟ ଓ ସହଯୋଗୀଙ୍କୁ ଏହି ସମ୍ମିଳନୀର ସଫଳତା ପାଇଁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ଭୁବନେଶ୍ୱରକୁ ଭାରତର ସର୍ବୋତ୍ତମ ଡିଜାଇନ ଆଣିଲା ବହ୍ନିଅମ୍

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପ୍ରଥମ ମଲ୍ଟି-ଡିଜାଇନର ଫ୍ୟାଶନ ଡେଷ୍ଟିନେସନ 'ବହ୍ନିଅମ୍'କୁ ସ୍ୱାଗତ



କରିବାକୁ ଭୁବନେଶ୍ୱର ପ୍ରସ୍ତୁତ । ଗୋଟିଏ ଛାତ ତଳେ ଭାରତର ବହୁ ଖ୍ୟାତିସମ୍ପନ୍ନ ଡିଜାଇନରମାନଙ୍କୁ ଏକତ୍ର କରୁଛି ଏହି ଷ୍ଟୋର। ଧୀରେ ଧୀରେ ଲରୀ ରିଟେଲ ପାଇଁ ଏକ ଶୃଙ୍ଖଳିତ ହବ୍‌ରେ ପରିଣତ ହୋଇଛି ଭୁବନେଶ୍ୱର । ଦୀର୍ଘ ସମୟ ଧରି ଏଠାରେ ଫ୍ୟାଶନ ସଚେତନ ଗ୍ରାହକ ଏବଂ ଦେଶର ଆଗଧାଡ଼ିର ଫ୍ୟାଶନ ଡିଜାଇନରମାନଙ୍କ ମଧ୍ୟରେ ସଂଯୋଗର ଅଭାବ ଥିଲା । ଯଦିଓ ଭୁବନେଶ୍ୱର ବିଭିନ୍ନ ବର୍ଗର ପ୍ରିମିୟମ ରିଟେଲ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି, ରାଜଧାନୀରେ ଖ୍ୟାତନାମା ଭାରତୀୟ ଡିଜାଇନରମାନଙ୍କୁ ଏକତ୍ର କରି ଏକ ଉତ୍ସର୍ଗୀକୃତ ଫ୍ୟାଶନ ଡେଷ୍ଟିନେସନର ଅଭାବ ଥିଲା। ଏହି ଶୂନ୍ୟ ସ୍ଥାନକୁ ପୂରଣ କରିବା ପାଇଁ 'ବହ୍ନିଅମ'ର ପରିକଳ୍ପନା କରାଯାଇଛି। ଅତି ଯତ୍ନଶୀଳଭାବେ ପ୍ରସ୍ତୁତ ଡିଜାଇନର ପୋର୍ଟଫୋଲିଓ ସହ ୭,୦୦୦ ବର୍ଗଫୁଟ ସ୍ଥାନରେ 'ବହ୍ନିଅମ'କୁ ଉନ୍ମୋଚନ କରାଯାଇଛି। ଦୁଇ ମହଲାବିଶିଷ୍ଟ ଏ ଷ୍ଟୋର୍ ଏକ ଉତ୍ତମ ରିଟେଲ ପରିବେଶରେ ଛିଡ଼ାହୋଇଛି। 'ବହ୍ନିଅମ'କୁ ଏକ ଅନନ୍ୟ ଅନୁଭୂତି ପ୍ରଦାନକାରୀ ଫ୍ୟାଶନ ସ୍ଥଳ ଭାବେ ଡିଜାଇନ କରାଯାଇଛି। ଆଦର୍ଶ ବିହାର, ପଟିଆ କିଟ୍ ଛକରେ ଅବସ୍ଥିତ ଷ୍ଟୋରର ପ୍ରଥମ ଏବଂ ଦ୍ୱିତୀୟ ମହଲାରେ ଡିଜାଇନରମାନଙ୍କ ଦ୍ୱାରା ଚିନ୍ତନଶୀଳ ଭାବେ ପ୍ରସ୍ତୁତ ଅତି ସୁନ୍ଦର ସମ୍ଭାର ରହିଛି। ସମସାମୟିକରୁ ଆରମ୍ଭ କରି ବିଭିନ୍ନ ଅବସର ପାଇଁ ପ୍ରସ୍ତୁତ ପୋଷାକ ଏବଂ ଫ୍ୟାଶନଯୁକ୍ତ ପୋଷାକର ବ୍ୟାପକ ସମ୍ଭାର ଏଠାରେ ଉପଲବ୍ଧ। ଏ ଅବସରରେ ବହ୍ନିଅମର ସହ-ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ବିଳାସ କ୍ଷେତ୍ରରେ ଭୁବନେଶ୍ୱର ଏବଂ ଓଡ଼ିଶା ଧୀରେ ଧୀରେ ଏକ ମଜଭୁତ ବଜାର ଭାବେ ବିକଶିତ ହେଉଛି। ଆମେ ଏହି ବଜାରରେ ସମ୍ଭାବନାକୁ ଦେଖିଛୁ ଏବଂ ଏକ ମଲ୍ଟି-ଡିଜାଇନର ଡେଷ୍ଟିନେସନ ଏ ସହରକୁ ଆଣି ଉକ୍ତ ଦୂରଦୃଷ୍ଟିକୁ ବାସ୍ତବ କରିବାର ଉଦ୍ୟମ କରିଛୁ । ଅନ୍ୟତମ ପ୍ରତିଷ୍ଠାତା ମାଣିକ ହଂସ କୁହନ୍ତି, ଏକ ସହର ଭାବେ ଭୁବନେଶ୍ୱରରେ ବିରାଟ ପରିବର୍ତ୍ତନ ଆସିଛି । ଗ୍ରାହକ ମଧ୍ୟ ବିକଶିତ ହୋଇଛନ୍ତି। ଓଡ଼ିଶା ନିକଟକୁ ଅଗ୍ରଣୀ ଭାରତୀୟ ଡିଜାଇନରମାନଙ୍କୁ ଆଣିପାରୁଥିବା ଏକ ଡେଷ୍ଟିନେସନ ଲୋଡ଼ା ଥିଲା । ଏ କ୍ଷେତ୍ରରେ ଆମେ ଏକ ସ୍ପଷ୍ଟ ବ୍ୟବଧାନ ଦେଖି ବହ୍ନିଅମକୁ ଆଣିଲୁ ।

## ଶିକାରୀ ଗିରଫ, ବନ୍ଧୁକ ସହ ସରଞ୍ଜାମ ଜବତ

ନୀଳଗିରି,(ସବ୍ୟୁ): କୁଲଡିହା ଅଭୟାରଣ୍ୟ ଭିତରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରାରେ ରେକର୍ଡ ହୋଇଥିବା ଫଟୋ ଆଧାରେ ସୋର ବନ୍ୟ ରେଞ୍ଜ ଏବଂ ଔପଦା ଥାନା କର୍ମଚାରୀଙ୍କ ସହାୟତାରେ ଶନିବାର ତାଙ୍କ ଘର ଖାନତଲାସ କରି ବାଲେଶ୍ୱର ଜିଲ୍ଲାର ଔପଦା ଥାନା ଅଧିନସ୍ଥ ବେଡେଇ (ମାଡିଚୁଆ) ଗ୍ରାମର ରବୀନ୍ଦ୍ର ହୋ (୨୩) କୁ ବନ ବିଭାଗ ଗିରଫ କରିବା ସହ ତାଙ୍କ ଘର ପରିସରରୁ ବେଆଇନ ଶିକାର ପାଇଁ ବ୍ୟବହୃତ ହେଉଥିବା ସନ୍ଦେହରେ ତାଙ୍କଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ହେଡ୍ ଟର୍ଚ୍ଚ, ଫାଶ ସାତ ବିଡା ଜବତ କରିଛନ୍ତି । ଉପରୋକ୍ତ ସାମଗ୍ରୀ ଗୁଡିକ ଚଢ଼ାଉ ଦଳର ଉପସ୍ଥିତିରେ ଅଭିଯୁକ୍ତ ବ୍ୟକ୍ତିଙ୍କ ନିକଟରୁ ଜବତ କରାଯାଇଥିଲା । ଜବତ ତାଲିକା ପ୍ରସ୍ତୁତ କରାଯାଇ ଅଭିଯୁକ୍ତଙ୍କୁ ଜବତ ସାମଗ୍ରୀ ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କୁଲଡିହା ବନ୍ୟ ରେଞ୍ଜ କାର୍ଯ୍ୟାଳୟ, ନୀଳଗିରିକୁ ଅଣାଯାଇଥିଲା । ମାମଲାର ତଥ୍ୟ ଓ ପରିସ୍ଥିତି ଏବଂ ଜବତ ସାମଗ୍ରୀ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କୁଲଡିହା ବନ୍ୟ ରେଞ୍ଜରେ ଓ.ଆର. କେସ୍ ନଂ ୧୦ କୁଲଡିହା ୨୦୨୬-୨୭ ରୁଜୁ କରାଯାଇ ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ ର ସମ୍ପୃକ୍ତ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏହି ଚଢ଼ାଉରେ କୁଲଡିହା ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ଝରଣାଘାଟି ଫରେଷ୍ଟର ଅଜୟ କୁମାର ଜେନା, କୁଲଡିହା ଫରେଷ୍ଟର ଦେବରାଜ ରାଉତ, ଫରେଷ୍ଟ ଗାର୍ଡ ଜୟଲକ୍ଷ୍ମୀ ପୁହାଣ, ସୋର ଫରେଷ୍ଟର ସରୋଜ କୁମାର ପ୍ରଧାନ, ଔପଦା ଥାନା କନଷ୍ଟେବଲ କପିଳେଶ୍ୱର ଜେନା ଓ ମନୋ ରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ ।

## ଇନ୍‌କୋଇସ୍ ପକ୍ଷରୁ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ୫.୦ ଓଡ଼ିଶା ଉପକୂଳରେ

# ସମୁଦ୍ର ସଫେଇ ଓ ସଚେତନତା ଅଭିଯାନ

ଜଟଣୀ, (ସବ୍ୟୁ) : ଦେଶବ୍ୟାପୀ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ୫.୦' ଅଭିଯାନ ଅଂଶସ୍ୱରୂପ ଓଡ଼ିଶା ଉପକୂଳରେ ଏକ ଦୁଇ ଦିନିଆ ସମୁଦ୍ରକୂଳ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜାତୀୟ ମହାସାଗର ସୂଚନା ସେବା କେନ୍ଦ୍ର (ଇନ୍‌କୋଇସ୍) ର ନେତୃତ୍ୱରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ଅଭିଯାନରେ ୧୬୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ ।ସେପ୍ଟେମ୍ବର ୧୯ ତାରିଖରେ ଗୋକରକୁଦା-ପୁରୁଣାବନ୍ଧ ଅଲିଭ୍ ରିଡ୍‌ଲେ କାଚିମ ପ୍ରଜନନ ସମୁଦ୍ରକୂଳରେ ଏକ ବ୍ୟାପକ ସଫେଇ ଅଭିଯାନ କରାଯାଇଥିଲା। ଏଥିରେ ୭୫ରୁ ଉର୍ଦ୍ଧ୍ୱ ପରିବେଶପ୍ରେମୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସମୁଦ୍ରକୂଳରୁ ବିପୁଳ ପରିମାଣର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଓ ପରିତ୍ୟକ୍ତ ମାଛଧରା ଜାଲ ହଟାଇଥିଲେ। ସମୁଦ୍ରକୂଳରେ ପଡ଼ିରହିଥିବା ଏହି ପ୍ଲାଷ୍ଟିକ୍ ଓ ଜାଲ ଅଲିଭ୍ ରିଡ୍‌ଲେ କାଚିମ ଏବଂ ସେମାନଙ୍କ ନବଜାତ ଛୁଆଙ୍କ ପାଇଁ ଗୁରୁତର ବିପଦ ସୃଷ୍ଟି କରିଥାଏ। ଏହି ସଫେଇ ଦ୍ୱାରା କାଚିମମାନଙ୍କ ସୁରକ୍ଷିତ ଚଳପ୍ରଚଳ ଓ ଅଣ୍ଡାଦାନ ପ୍ରକ୍ରିୟା ସହଜ ହୋଇପାରିବ ।ଏହା ପୂର୍ବରୁ ସେପ୍ଟେମ୍ବର ୧୮ ତାରିଖରେ ହରିପୁର କ୍ରିକ୍‌ଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୯୦ରୁ ଉର୍ଦ୍ଧ୍ୱ ଜଣ ଅଂଶଗ୍ରହଣ କରି ସାମୁଦ୍ରିକ ଆବର୍ଜନା ସଫା କରିଥିଲେ। ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗଠାରେ ସମୁଦ୍ର ସଂରକ୍ଷଣ, ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ଥାୟୀ ବର୍ଜ୍ୟବସ୍ତୁ



ପରିଚାଳନା ସମ୍ପର୍କରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା ।ଏହି ଅବସରରେ ଇନ୍‌କୋଇସ୍‌ର ବିଜ୍ଞାନୀ ଡ. ସଞ୍ଜୀବ ବଳିଆରସିଂହ କହିଥିଲେ ଯେ, ସମୁଦ୍ର ପରିବେଶ ସୁରକ୍ଷା ଓ ପ୍ରଦୂଷଣ ହ୍ରାସ ପାଇଁ ସ୍ଥାନୀୟ ଲୋକଙ୍କ ସହଭାଗିତା ଏବଂ ବୈଜ୍ଞାନିକ ସଚେତନତା ନିତାନ୍ତ ଆବଶ୍ୟକ। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କମଳ କୁମାର ବାରିକ କହିଥିଲେ ଯେ, ଯୁବପିଢ଼ି ଓ ସ୍ଥାନୀୟ ସମୁଦାୟକୁ ଏହିଭଳି କାର୍ଯ୍ୟକ୍ରମରେ ଯୋଡ଼ିବା ଦ୍ୱାରା ଉପକୂଳ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ବୃଦ୍ଧି ପାଇବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ତମୋଘ୍ନ ଆଚାର୍ଯ୍ୟ ସୁସ୍ଥ ସମୁଦ୍ର ପରିବେଶ ସହ ମାନବ କଲ୍ୟାଣର ନିବିଡ଼ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ ।ଓଡ଼ିଶାର ମୂଲ୍ୟବାନ ସାମୁଦ୍ରିକ ସମ୍ପଦ ଓ ଜୈବବିବିଧତାକୁ ସୁରକ୍ଷିତ ରଖିବା ପାଇଁ ଶପଥ ଗ୍ରହଣ ସହ ଏହି ଦୁଇ ଦିନିଆ ଅଭିଯାନ ଉଦ୍‌ଯାପିତ ହୋଇଥିଲା ।

# ୨୨ରୁ ୯ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବ



ବାରିପଦା, (ସବ୍ୟୁ) : ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା ଆମେ, ବାରିପଦା ଆନୁକୂଲ୍ୟରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ୯ ଦିନିଆ ନାଟ୍ୟ ମହୋତ୍ସବ ଚଳିତ ମାସ ୨୨ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ।

ଉଦଘାଟନୀ ସନ୍ଧ୍ୟାରେ ୭୫ ବାସ୍ତବ ଗ୍ରୁପ, ବାରିପଦାର ନାଟକ ପରେ କହିବି, ୨୩ ତାରିଖ ୧ମ ନାଟକ ନାରୀ ଅଦିତୀୟା, ଭୁବନେଶ୍ୱରର ନିଃସହାୟ ଓ ୨ୟ ନାଟକ ତାପରେ ଆମେ, ବାରିପଦାର ସୁରେନ୍ଦ୍ର ସାଏଙ୍କ ନିଶ, ୨୪ ତାରିଖ ଭଞ୍ଜଭୂମି ସାଂସ୍କୃତିକ ପରିଷଦ, ବାରିପଦାର କାଞ୍ଚି ଅଭିଯାନ ଓ ଆମେ କ୍ରାନ୍ତି, ଉଦଳାର ରାଜା, ୨୫ ତାରିଖ ଅଭିରାମ ଅଭିନୟ ଅନୁଷ୍ଠାନ, ବାରିପଦାର ପ୍ରଭୁଙ୍କ ଅପେକ୍ଷାରେ ଓ ସାଧନା ମେମୋରିଆଲ ଟ୍ରଷ୍ଟ, କଟକର ଅଭିନେତ୍ରୀ, ୨୬ ତାରିଖ ସ୍ୱେଶ ଏକାଡେମୀ, ଭୁବନେଶ୍ୱରର ଚେୟାର୍ସ ଓ ଦମଦମ ଏମ୍ପୋ କୋଲକାତାର ଏକ୍ସପ୍ଲୋରେସନ, ୨୭ ତାରିଖ କ ଖ ଗ, ସମ୍ବଲପୁରର ଅନନ୍ୟ, ଓ ସର୍ଭୁଜ, ମିଦନାପୁରର ଓରେ ବିହଙ୍ଗୋ, ୨୮ ତାରିଖ ନିପା ରଙ୍ଗ ମଣ୍ଡଳୀ, ଲକ୍ଷ୍ନୌର ସିକସ୍ତା, ୨୯ ରେ ନାଟ୍ୟମ, ଅନୁଗୁଳର ନାଟକ ଚିତ୍ରଲିପି ଓ ମିରର ଥିଏଟର ଗ୍ରୁପ, ବେଲପାହାଡର ଉଲଫି ଏବଂ ଉଦଯାପନୀ ସନ୍ଧ୍ୟାରେ ଅଜିତ, ଭୁବନେଶ୍ୱରର ନାଟକ ସମକାଳ ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

ଆୟୋଜନ କମିଟିର ସଭାପତି ଡା. କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶେଷ ପ୍ରସ୍ତୁତି ବୈଠକରେ ଉପ ସଭାପତି ଡ. ବିଜୟ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ଓ ଆବାହକ ଚିନ୍ମୟ ଦାସ ପଟ୍ଟନାୟକ ଓ ସମସ୍ତ ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ମହୋତ୍ସବର ସଫଳତା ଉପରେ ନିଜନିଜର ସୁଚିନ୍ତିତ ମତ ଦେଇଥିଲେ ।

ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ କଳାକାର, ନିର୍ଦ୍ଦେଶକ, ନାଟ୍ୟକାରଙ୍କୁ ମୟୂରଭଞ୍ଜ ମହା ସମ୍ମାନ, ସ୍ମୃତି ସମ୍ମାନ, ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ ଔ ଏବର୍ଷ ମଧ୍ୟ ଏକ ଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ପଟ୍ଟନାୟକ ଜଣାଇଛନ୍ତି ।

# ପ୍ରଗତି ପଥରେ ଭାରତ: ନରେନ୍ଦ୍ର ମୋଦୀଙ୍କ ସେବା ଓ ସଂକଳ୍ପର ଯାତ୍ରା

ଭାରତର ଗଣତାନ୍ତ୍ରିକ ଯାତ୍ରାରେ କେତେକ ବ୍ୟକ୍ତିତ୍ୱ ନିଜର ଦୀର୍ଘ ସାର୍ବଜନୀନ ଜୀବନ, ନିଷ୍ଠା, ପରିଶ୍ରମ ଓ ରାଷ୍ଟ୍ରସେବା ମାଧ୍ୟମରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥାନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହିପରି ଜଣେ ରାଷ୍ଟ୍ରନେତା । ୧୭ ସେପ୍ଟେମ୍ବର ୨୦୨୬ରେ ସେ ୭୬ ବର୍ଷରେ ପଦାର୍ପଣ କରିଛନ୍ତି । ତାଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତିକୁ ମଧ୍ୟ ଏହି ସମୟରେ ଚିହ୍ନିତ କରାଯାଉଛି । ଜୁନ୍ ୧୦, ୨୦୨୬ରେ ସେ ଲଗାତାର ୪,୩୯୯ ଦିନ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱରେ ରହି ଜବାହରଲାଲ ନେହେରୁଙ୍କ ୪,୩୯୮ ଦିନର ରେକର୍ଡ ଅତିକ୍ରମ କରିଥିବା କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ପ୍ରସ୍ତାବରେ ଉଲ୍ଲେଖ ହୋଇଛି ।

ମୋଦୀଜୀଙ୍କ ଜୀବନର ମୂଳମନ୍ତ୍ର ହେଉଛି- ପ୍ରଥମେ ରାଷ୍ଟ୍ର । ତାଙ୍କ ସାର୍ବଜନୀନ ଜୀବନର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଦେଶସେବା ତାଙ୍କ କାର୍ଯ୍ୟଧାରାର ମୁଖ୍ୟ ଆଧାର ହୋଇ ରହିଛି । ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ପରେ ୨୦୧୪ରେ ସେ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସରକାରୀ ଜୀବନୀରେ ତାଙ୍କ ପ୍ରଶାସନିକ ଅଭିଜ୍ଞତା, ଉନ୍ନୟନମୁଖୀ ଦୃଷ୍ଟିକୋଣ ଓ ଗରିବ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱର କଥା ଉଲ୍ଲେଖ ରହିଛି ।

ଗତ ଦ୍ୱାଦଶ ବର୍ଷରେ ଦେଶର ଶାସନ ବ୍ୟବସ୍ଥା, ଡିଜିଟାଲ ପ୍ରଯୁକ୍ତି, ଭିତ୍ତିଭୂମି, ଆର୍ଥିକ ଅନ୍ତର୍ଭୁକ୍ତି ଓ ଜନକଲ୍ୟାଣକୁ ନେଇ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାରୀ ତଥ୍ୟ ଅନୁସାରେ ମେଟ୍ରୋ ରେଳ, ବନ୍ଦେ ଭାରତ, ନମୋ ଭାରତ ଓ ଅମୃତ ଭାରତ ଭଳି ରେଳ ସେବା ସହିତ ରାସ୍ତା, ଜାତୀୟ ରାଜପଥ ଓ ବିମାନବନ୍ଦର ଭିତ୍ତିଭୂମିର ବିସ୍ତାର ଉପରେ ଗୁରୁତ୍ୱ ଦିଆଯାଇଛି ।

ଆର୍ଥିକ କ୍ଷେତ୍ରରେ ମଧ୍ୟ ଡିଜିଟାଲ ପରିବର୍ତ୍ତନ ଏକ ବଡ଼ ଅଧ୍ୟାୟ । ଡିଜିଟାଲ ପେମେଣ୍ଟ, ଅନଲାଇନ୍ ସରକାରୀ ସେବା ଓ ପ୍ରଯୁକ୍ତିଭିତ୍ତିକ ପ୍ରଶାସନ ମାଧ୍ୟମରେ ସାଧାରଣ ଲୋକଙ୍କୁ ସେବା ପହଞ୍ଚାଇବାର ପ୍ରୟାସ ହୋଇଛି । ଏହା ସହିତ ଟିକସ ପ୍ରଶାସନକୁ ଅଧିକ ପ୍ରଯୁକ୍ତିନିର୍ଭର କରିବା, ଅନଲାଇନ୍ ଫାଇଲିଂ ଓ ଫେସ୍‌ଲେସ୍ ପ୍ରକ୍ରିୟା ଭଳି ପଦକ୍ଷେପ ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି ।

ଶିଳ୍ପ ଓ ଉତ୍ପାଦନ କ୍ଷେତ୍ରରେ "ମେକ୍ ଇନ୍ ଇଣ୍ଡିଆ', ସେମିକଣ୍ଡକ୍ଟର, ଡ୍ରୋନ୍ ଶିଳ୍ପ ଓ ଅନ୍ୟାନ୍ୟ ନୂଆ ପ୍ରଯୁକ୍ତି କ୍ଷେତ୍ରକୁ ନେଇ ସରକାର ଅନେକ ଉଦ୍ୟମ କରିଛନ୍ତି । ୨୦୨୬ର ଏକ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ସେମିକଣ୍ଡକ୍ଟର ଉତ୍ପାଦନ, ଶିଳ୍ପ ପାର୍କ, ଡ୍ରୋନ୍ ଶିଳ୍ପ ଓ ପ୍ରତିରକ୍ଷା ଉତ୍ପାଦନକୁ ଆତ୍ମନିର୍ଭର ଭାରତର ବ୍ୟାପକ ଲକ୍ଷ୍ୟ ସହ ଯୋଡ଼ିଥିଲେ ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ସ୍ୱାସ୍ଥ୍ୟ ସେବାର ପହଞ୍ଚ ବଢ଼ାଇବାକୁ ନେଇ ବିଭିନ୍ନ ଯୋଜନା ଓ ପଦକ୍ଷେପ ନିଆଯାଇଛ । ଶିକ୍ଷା କ୍ଷେତ୍ରରେ



**ମନମୋହନ ସାମଲ**
ସଭାପତି,
ଭାରତୀୟ ଜନତା ପାର୍ଟି, ଓଡ଼ିଶା

ନୂଆ ଶିକ୍ଷାନୀତି, ପ୍ରଯୁକ୍ତିଭିତ୍ତିକ ଶିକ୍ଷା ଓ ଦକ୍ଷତା ବିକାଶକୁ ଗୁରୁତ୍ୱ ମିଳିଛି । ଯୁବପିଢ଼ି ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା, ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଓ ଦେଶର ଉତ୍ପାଦନ କ୍ଷମତା ବଢ଼ାଇବା ମଧ୍ୟ ଏହି ବିକାଶ ଆଲୋଚନାର ଅଂଶ ।

ମୋଦୀଜୀଙ୍କ ଦୃଷ୍ଟିରେ ବିକଶିତ ଭାରତ କେବଳ ଅର୍ଥନୈତିକ ଅଭିବୃଦ୍ଧିର ନାମ ନୁହେଁ । ଗରିବଙ୍କ ଜୀବନରେ ସୁବିଧା, ମଧ୍ୟବିତ୍ତଙ୍କ ଜୀବନରେ ସହଜତା, ଯୁବକଙ୍କ ପାଇଁ ସୁଯୋଗ ଓ ମହିଳାଙ୍କ ପାଇଁ ଅଧିକ ଭାଗିଦାରି-ଏସବୁକୁ ନେଇ ତାଙ୍କ "ବିକଶିତ ଭାରତ'ର ଧାରଣା ଗଢ଼ିଉଠିଛି । ତାଙ୍କ ୨୦୨୬ର ଅଭିଭାଷଣରେ ମଧ୍ୟ ଗରିବ ଓ ମଧ୍ୟବିତ୍ତଙ୍କ ସଶକ୍ତୀକରଣ, ଆବାସନ, ପରିବହନ ଓ ସାର୍ବଜନୀନ ଭିତ୍ତିଭୂମି ବିକାଶକୁ ଉଲ୍ଲେଖ କରାଯାଇଛି ।

ବିଶ୍ୱ ମଞ୍ଚରେ ମଧ୍ୟ ଭାରତର ଭୂମିକା ବୃଦ୍ଧି ପାଇଛି । ଜି ୨୦, ବ୍ରିକ୍ସ, କ୍ୱାଡ ପରି ବହୁପକ୍ଷୀୟ ମଞ୍ଚରେ ଭାରତର ସକ୍ରିୟ ଭାଗିଦାରି ଓ ବିଭିନ୍ନ ଦେଶ ସହ ରଣନୈତିକ ସମ୍ପର୍କକୁ ନେଇ ଗତ ଦଶକରେ ଅନେକ ଆଲୋଚନା ହୋଇଛି । ଏହି ସବୁ ପଦକ୍ଷେପ ଭାରତକୁ ବିଶ୍ୱ ରାଜନୀତି ଓ ଅର୍ଥନୀତିରେ ଅଧିକ ସକ୍ରିୟ ଭୂମିକା ନେବାର ସୁଯୋଗ ଦେଇଛି ।

ମୋଦୀଜୀଙ୍କ ଜନ୍ମଦିନ ଅବସରରେ ଓଡ଼ିଶା ବିଜେପି ପକ୍ଷରୁ ମଧ୍ୟ ମାସବ୍ୟାପୀ "ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି । ଦଳର ରାଜ୍ୟ ସଭାପତି ଭାବେ ମୋର ଆହ୍ୱାନ ହେଉଛି- ଏହି ଅବସର କେବଳ ଉତ୍ସବରେ ସୀମିତ ନ ରହି, ସେବା ଓ ସାମାଜିକ ଦାୟିତ୍ୱରେ ପରିଣତ ହେଉ । ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ରକ୍ତଦାନ, ସଚେତନତା କାର୍ଯ୍ୟକ୍ରମ, ଶିକ୍ଷାନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକ୍ରମ, "ସେବା ସେତୁ' ଓ "ନମୋ ସେବା ଗାଥା' ଭଳି କାର୍ଯ୍ୟକ୍ରମ ରହିଛି ।

ମୋଦୀଜୀଙ୍କ ଜନ୍ମଦିନର ମୂଳ ବାର୍ତ୍ତା ତେଣୁ ସେବା, ସଂକଳ୍ପ ଓ ରାଷ୍ଟ୍ରନିର୍ମାଣ ସହ ଯୋଡ଼ିତ । ରାଜନୀତିରେ ମତପାର୍ଥକ୍ୟ ଥାଇପାରେ, ନୀତିକୁ ନେଇ ଭିନ୍ନ ମତ ଥାଇପାରେ । କିନ୍ତୁ ଗଣତନ୍ତ୍ରର ମୂଳ ଶକ୍ତି ହେଉଛି ଲୋକଙ୍କ ଅଂଶଗ୍ରହଣ । ଦେଶର ଉନ୍ନତି ଯାତ୍ରାରେ ପ୍ରତ୍ୟେକ ନାଗରିକଙ୍କ ଯୋଗଦାନ ଆବଶ୍ୟକ ।

ଆଜି ଭାରତର ଯୁବ ସମାଜ ଆତ୍ମବିଶ୍ୱାସୀ । ଭାରତୀୟ ଉଦ୍ୟୋଗୀ ବିଶ୍ୱ ବଜାରରେ ନିଜର ସ୍ଥାନ ଗଢ଼ୁଛନ୍ତି । ଭାରତୀୟ ବୈଜ୍ଞାନିକ, ଛାତ୍ରଛାତ୍ରୀ, କୃଷକ, ଶ୍ରମିକ ଓ ଉଦ୍ୟମୀମାନେ ନିଜ ନିଜ କ୍ଷେତ୍ରରେ ଦେଶର ସାମର୍ଥ୍ୟକୁ ପ୍ରକାଶ କରୁଛନ୍ତି । ଏହି ସାମୂହିକ ପ୍ରୟାସ ହିଁ ଭାରତର ଆଗାମୀ ଯାତ୍ରାର ଆଧାର ।

ପ୍ରଧାନମନ୍ତ୍ରୀଙ୍କ ଜୀବନ ଓ କାର୍ଯ୍ୟକୁ ନେଇ ମୋର ଭାବନା ସ୍ପଷ୍ଟ-ଦୀର୍ଘ ସାର୍ବଜନୀନ ଜୀବନର ଅନୁଭବକୁ ଦେଶର ଉନ୍ନତି ସହ ଯୋଡ଼ିବାର ତାଙ୍କ ସଂକଳ୍ପ ଅନେକ କାର୍ଯ୍ୟକ୍ରମ ଓ ନୀତିରେ ପ୍ରତିଫଳିତ ହୋଇଛି । ଏହି ଯାତ୍ରାରେ ସଫଳତା ସହ ଚ୍ୟାଲେଞ୍ଜ ମଧ୍ୟ ରହିଛି । ଭାରତକୁ ଆହୁରି ଆଗକୁ ନେବା ପାଇଁ ରୋଜଗାର, ମାନବ ବିକାଶ, ଶିଳ୍ପ, କୃଷି ଓ ସାମାଜିକ ସମତା ଭଳି କ୍ଷେତ୍ରରେ ନିରନ୍ତର ପ୍ରୟାସ ଆବଶ୍ୟକ ।

ଆମର ଲକ୍ଷ୍ୟ ହେଉ-ଏକ ସଶକ୍ତ, ସମୃଦ୍ଧ, ଆତ୍ମନିର୍ଭର ଓ ବିକଶିତ ଭାରତ । ଏହି ଲକ୍ଷ୍ୟ ପୂରଣ ପାଇଁ ସରକାର ସହ ସମାଜର ପ୍ରତ୍ୟେକ ବର୍ଗର ଯୋଗଦାନ ଆବଶ୍ୟକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଆମେ ତାଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିବା ସହ ରାଷ୍ଟ୍ରସେବାର ସଂକଳ୍ପକୁ ଆହୁରି ଦୃଢ଼ କରିବା ।

**ସେବା ହିଁ ସଂକଳ୍ପ,**
**ସଂକଳ୍ପ ହିଁ ରାଷ୍ଟ୍ର ନିର୍ମାଣର ପଥ ।**

## ଆମ୍ବଝରା ଜଙ୍ଗଲରୁ ଗୟଳର ଗଳିତ ମୃତଦେହ ଠାବ

ଭଂଜନଗର ,(ସବ୍ୟୁ): ଉତ୍ତର ଘୁମୁସର ବନଖଣ୍ଡର ତାରାସିଙ୍ଗି ବନାଞ୍ଚଳ ଅନ୍ତର୍ଗତ ଆମ୍ବଝରା ଜଙ୍ଗଲରୁ, ଗୋଟିଏ ଗୟଳ ଗଳିତ ମୃତଦେହ ଠାବ ହୋଇଛି । କିଛିଦିନ ପୂର୍ବରୁ ଗୟଳଟି ମରି ପଡିଥିବାର ଅନୁମାନ କରାଯାଉଛି । ତେବେ ମୃତ୍ୟୁକାରଣ ଅସ୍ପଷ୍ଟ ରହିଛି । ଏନେଇ ସ୍ଥାନୀୟ ବନବିଭାଗ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି । ମୃତଦେହ ଠାବ ହେବାପରେ, ଏହି ବନାଞ୍ଚଳରେ ଗୟଳଙ୍କ ବଂଶ ବୃଦ୍ଧି ରହିଥିବା, ସ୍ପଷ୍ଟ ହୋଇଛି । ସୂଚନା ପ୍ରକାରେ, ସଂପୃକ୍ତ ବନ୍ୟଜନ୍ତୁ ଟି ମରି ପଡିଥିବାରୁ ଦୁର୍ଗନ୍ଧ ହୋଇଥିଲା । କିଛି ଲୋକ ଏ ସଂକ୍ରାନ୍ତରେ ଜାଣିବା ପରେ, ବନବିଭାଗ ପାଖରେ ଖବର ପହଞ୍ଚିଥିଲା । ସ୍ଥାନୀୟ କର୍ମଚାରୀମାନେ, ମୃତ ଦେହକୁ ଠାବ କରିଥିଲେ । ଆସନ୍ତା କାଲି ସୋମବାରର ମୃତ ଗୟଳର ବ୍ୟବଚ୍ଛେଦ ହେବ ବୋଲି, ସୂଚନା ମିଳିଛି । ତେବେ ଜଙ୍ଗଲ ଭିତରେ ବନ୍ୟଜନ୍ତୁଙ୍କ ଗଳିତ ମୃତଦେହ ଠାବ ହେବା ପରେ ସାଧାରଣରେ ଚର୍ଚ୍ଚା ହେଉଛି ଯେ, ମୃତଦେହ ପଚି-ଷଢିବା ପରେ ଅବଶ୍ୟ କର୍ମଚାରୀ ମାନେ ଜାଣୁଛନ୍ତି । ତେବେ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ, ସ୍ଥାନୀୟ କର୍ମଚାରୀ ମାନେ କେତେ ତତ୍ପର, ତାହା ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଗଞ୍ଜେଇ ସହ କାର, ସ୍କୁଟି ଜବତ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜେଇ ମାଫିଆ ମାନେ ବିଭିନ୍ନ ତାରିକାରେ ଗଞ୍ଜେଇ ଚାଲାଣ କରୁଛନ୍ତି । ଏନେଇ ଖବର ମିଳିବା ପରେ ଅବକାରୀ ଗୋଇନ୍ଦା ଡ଼ିଏସପି ଶ୍ରୁତିକାନ୍ତ ରାଉତଙ୍କ ନିର୍ଦ୍ଦେଶରେ ଦୁଇଟି ଟିମ ପୃଥକ ସ୍ଥାନରେ ଚଢଉ କରି ୪ ଜଣଙ୍କୁ ବାନ୍ଧିଛି । ୫୬ କେଜି ଗଞ୍ଜେଇ, ଗୋଟିଏ କାର, ସ୍କୁଟି ଓ ତିନୋଟି ମୋବାଇଲ ଜବତ କରିଛି । କନ୍ଧମାଳରୁ ଗଞ୍ଜେଇ ଅଣାଯାଇ କାର ଯୋଗେ ୫୦ କେଜି ଗଞ୍ଜେଇ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ବେଳେ ଏକ ସ୍କୁଟିରେ ୬କେଜି ବ୍ରହ୍ମପୁର ଚାଲାଣ ହେଉଥିବା ଅବକାରୀ ଟିମ ଜେରା ବେଳେ ଜାଣିବାକୁ ପାଇଛି । ଅବକାରୀ ଟିମ ଶନିବାର ଭୋର ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଛକରେ ଏକ କାର ନଂ(ଓ -୦୨ କେ ୫୭୨୨ )କୁ ଅଟକାଇ ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡିଥିଲା ।

କ୍ରସର ବେଲ୍ଟ ଭିତରେ ୫୦କେଜି ଗଞ୍ଜେଇ ଭର୍ତ୍ତି କରାଯାଇ ତାହାକୁ ଗୋଡାଇ ରୋଲର କରି କାର ଡିକିରେ ରଖିଥିବା ଟିମ ଯାଞ୍ଚ ବେଳେ ଦେଖିବାକୁ ପାଇଥିଲା । ତିନିଜଣ ଚାଲାଣକାରୀଙ୍କୁ କାବୁ କରାଯାଇଥିଲା । ସେମାନେ ହେଲେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଦୁଗୁଡି ଗ୍ରାମର କାଳିଆ କହଁର (୨୫), ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ଦୀପକ ମଣ୍ଡଳ(୨୨)ଓ କୌଶିକ କରମାକର (୨୦) । ମାମଲା ନଂ ୩୮୫/୨୬-୨୭ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସେହିପରି ଅନ୍ୟ ଏକ ଟିମ ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରୁ ଏକ ସ୍କୁଟି (ନଂ ଓ ୫୦୩୯)ଗାଡି ଅଟକାଇ ଯାଞ୍ଚ ବେଳେ ସେଥିରୁ ୬ କେଜି ଗଞ୍ଜେଇ ଜବତ ହୋଇଛି । ଘଟଣା ସ୍ଥଳରୁ ଜଣେ ଯୁବକ ଫେରାର ହୋଇଯାଇଥିବା ବେଳେ ପୋଲିସ କନ୍ଧମାଳ ବାଲିଗୁଡା ଥାନା ଅଞ୍ଚଳର ଅଜିତ ମଲିକ(୨୫)ଙ୍କୁ କାବୁ କରିଥିଲା । ମାମଲା ନଂ ୩୮୬/୨୬-୨୭ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଆଗକୁ ମଧ୍ୟ ଅବକାରୀ ଗୋଇନ୍ଦା ପକ୍ଷରୁ ଯାଞ୍ଚ କଡାକଡି ଭାବେ ଜାରି ରହିବ ବକି ଡ଼ିଏସପି ରାଉତ ସୂଚନା ଦେଇଛନ୍ତି । ରବିବାର ଦିନ ହୋଇଥିବା ଏହି ଚଢଉରେ ଏସଆଇ ଗିରିଜା ନନ୍ଦନ ଜେନା, ଏ ଏସଆଇ ଅମରଜିତ ସାହୁ, କନେଷ୍ଟେବଲ ପ୍ରବୀର ସାମଲ, ସନ୍ତୋଷ ନାୟକ, କୁମୁଦ ପ୍ରଧାନ,ପରେଶ ବେହେରା ପ୍ରମୁଖ ସାମିଲ ଥିଲେ ।

## ଦିବଙ୍ଗତ ଶିକ୍ଷୟିତ୍ରୀଙ୍କ ପାରିବାରକୁ ସହାୟତା

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ଜାନବିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟରତ ଥିବାବେଳେ ଆସମୟରେ ପରଲୋକ ଘଟିଥିବା ଶିକ୍ଷୟିତ୍ରୀ ସ୍ୱର୍ଗତ ନନ୍ଦିନୀ ତ୍ରିପାଠୀଙ୍କ ଧରାକୋଟ ସ୍ଥିତ ପୈତୃକ ବାସ ଭାବନରେ ତାଙ୍କର ଦୁଇ ସନ୍ତାନ ତେଜସ୍ୱୀ ଓ ରୋଷନିଙ୍କୁ ତାଙ୍କ ଆଇ ମାଆ ଓ ପରିବାର ଲୋକଙ୍କ ଉପସ୍ଥିତରେ ଧରାକୋଟ ବ୍ଲକ ଲେଭେଲଭି (ଏକ୍ସ କ୍ୟାଡ଼ର ) ଶିକ୍ଷକ ସଂଘ ତରଫରୁ ସଭାପତି ଅରୁଣ କୁମାର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, ଉପସଭାପତି ରାଜୀବ ଲୋଚନ ପ୍ରଧାନ, ସନ୍ତୋଷ କୁମାର ପାଣିଗ୍ରାହୀ, ଅମୀୟ କୁମାର ହୋତା ଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତିରେ ସଂଘ ପକ୍ଷରୁ ୨୫ହଜାର ଟଙ୍କା ସହାୟତା ରାଶି ଶୋକ ସନ୍ତପ ପରିବାର କୁ ପ୍ରଦାନ କରିବା ସହ ଗଭୀର ଶୋକ ପ୍ରକାଶ କରି ଅମର ଆତ୍ମାର ସଦଗତି କାମନା କରିଥିଲେ । ଏହାସହ ମୃତ୍ୟୁ କାଳୀନ ସହାୟତା ରାଶି ପ୍ରଦାନ ଓ ଅନ୍ୟାନ୍ୟ ଅର୍ଥ ଯେପରି ପାରିବାର ବର୍ଗଙ୍କୁ ମିଳିବ ସେଥିପାଇଁ ସଂଘ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଇନ୍ଦ ପର୍ବ ଲାଗି ଜଙ୍ଗଲରୁ ଆସିଲା କାଠ

ବାରିପଦା, (ସବ୍ୟୁ): ଇନ୍ଦ ପର୍ବ ପାଳନ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦେବୋତ୍ତର ବିଭାଗ ପକ୍ଷରୁ ଜଙ୍ଗଲରୁ ଆବଶ୍ୟକୀୟ କାଠ ସଂଗ୍ରହ କରାଯାଇ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ଶ୍ରୀଶ୍ରୀ ହରିବଳଦେବଜୀଉ ମନ୍ଦିର ନିକଟକୁ ଆଣି ପହଞ୍ଚାଯାଇଛି । ଦେବୋତ୍ତର ଚାଟିଆ ଶ୍ରୀ ମୁଚିରାମଙ୍କ ନେତୃତ୍ୱରେ ଜଙ୍ଗଲରୁ କାଠ ଆଣିବା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ସମୟରେ ବନ ବିଭାଗର କର୍ମଚାରୀମାନଙ୍କ ଉପସ୍ଥିତି ସହ ରଥ ମହାରଣା ଆଲୋକନାଥ ମହାରଣା, କ୍ଷିତିଶ ମହାରଣା, ରବୀନ୍ଦ୍ର ମହାରଣା, ହରିଶ ମହାରଣା, ହରିମୋହନ ମହାରଣା ଓ ଶମ୍ଭୁନାଥ ରଣାଙ୍କ ସମେତ ସ୍ଥାନୀୟ ବାସିନ୍ଦାମାନେ ସହଯୋଗ କରିଥିଲେ ।ଆଗାମୀ ଇନ୍ଦ ପର୍ବର ପାରମ୍ପରିକ ଆୟୋଜନ ପାଇଁ ଆବଶ୍ୟକ କାଠ ମନ୍ଦିର ନିକଟରେ ପହଞ୍ଚିବା ପରେ ପରବର୍ତ୍ତୀ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ । ପ୍ରଶାସନ, ଦେବୋତ୍ତର ବିଭାଗ, ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସମନ୍ୱୟରେ କାଠ ଆଣିବା କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଛି ।

# ରକ୍ତ କର୍କଟ ରୋଗୀଙ୍କୁ ଜରୁରୀକାଳୀନ ପ୍ଲେଟଲେଟ ଦାନ କଲେ ଡ଼ଃ ନିରୋଜ କୁମାର ପୋଥାଳ

ବାରିପଦା, (ସବ୍ୟୁ) : ମାନବିକତା ଓ ସେବା ମନୋଭାବର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛନ୍ତି ମୟୂରଭଞ୍ଜର ନିୟମିତ ରକ୍ତଦାତା ଡ଼ଃ ନିରୋଜ କୁମାର ପୋଥାଳ । ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଜଟିଳ ରକ୍ତକର୍କଟ ରୋଗରେ ଚିକିତ୍ସାଧୀନ ୨୩ ବର୍ଷୀୟ ଯୁବକ ହିତେଶ କୁମାର ନାଥଙ୍କ ପାଇଁ ଜରୁରୀକାଳୀନ ଭାବେ ଏବି ପଜିଟିଭ ପ୍ଲେଟଲେଟର ଆବଶ୍ୟକତା ଥିବା ଖବର ପାଇ ଡ଼ଃ ନିରୋଜ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ ।

ହିତେଶ ଦୀର୍ଘଦିନ ଧରି ରକ୍ତକର୍କଟ ରୋଗରେ ପୀଡ଼ିତ ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଚିକିତ୍ସା ସମୟରେ ବାରମ୍ବାର ରକ୍ତ ଓ ପ୍ଲେଟଲେଟର ଆବଶ୍ୟକତା ପଡୁଛି । ପରିବାରର ଏକମାତ୍ର ପୁଅ ହିତେଶ କରୋନା ସମୟ ରେ ମାଆଙ୍କୁ ହରାଇଥିବାରୁ ତାଙ୍କ ପିତା ରତିକାନ୍ତ ନାଥ ହିଁ ତାଙ୍କର ଏକମାତ୍ର ଆଶା ଓ ଭରସା । ପୁଅର ଚିକିତ୍ସା ପାଇଁ ରତିକାନ୍ତ ବହୁ କଷ୍ଟ ସହି ନିୟମିତ ଭାବେ ବିଭିନ୍ନ ସମାଜସେବୀ ଓ ରକ୍ତଦାତାଙ୍କ ସହଯୋଗରେ ରକ୍ତ ଏବଂ ପ୍ଲେଟଲେଟ ଯୋଗାଡ଼ କରିଆସୁଛନ୍ତି ।

ଡାକ୍ତରଙ୍କ ପରାମର୍ଶକ୍ରମେ ହିତେଶଙ୍କ ପାଇଁ ତୁରନ୍ତ ଅଇ୦e ପ୍ଲେଟଲେଟର ଆବଶ୍ୟକତା ହେବାରୁ ତାଙ୍କ ପିତା ରତିକାନ୍ତ ନାଥ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ଼ଃ ନରେଶ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିଥିଲେ । ଡ଼ଃ ନରେଶ ଚନ୍ଦ୍ର ସାହୁ ତୁରନ୍ତ ବାରିପଦାର ନିୟମିତ ରକ୍ତଦାତା ଡ଼ଃ ନିରୋଜ କୁମାର ପୋଥାଳଙ୍କୁ ଏହି ଆବଶ୍ୟକତା ବିଷୟରେ ଜଣାଇଥିଲେ । ଖବର ପାଇବା ମାତ୍ରେ ଡ଼ଃ ନିରୋଜ ବିଳମ୍ବ ନକରି ବାରିପଦାରୁ ରାତ୍ରି ବସ ଯୋଗେ ଭୁବନେଶ୍ୱର ଯାତ୍ରା କରିଥିଲେ । ପରଦିନ ସକାଳେ ଏମ୍ସ ହସ୍ପିଟାଲରେ ପହଞ୍ଚି ସେ ନିଜର ପ୍ଲେଟଲେଟ ଦାନ କରି ଚିକିତ୍ସାଧୀନ ହିତେଶଙ୍କ ଜୀବନ ରକ୍ଷା ପାଇଁ ସହଯୋଗ କରିଥିଲେ । ଡ଼ ଦେବାଶିଷ ମିଶ୍ରଙ୍କ ତ%୦ବଧାନରେ ପ୍ଲେଟଲେଟ ସଂଗ୍ରହ କରାଯାଇଥିଲା ।

ଉଲ୍ଲେଖଯୋଗ୍ୟ, ଡ଼ଃ ନିରୋଜ କୁମାର ପୋଥାଳ ପୂର୍ବରୁ ମଧ୍ୟ ବହୁବାର ବାରିପଦାରୁ ଭୁବନେଶ୍ୱର ଓ କଟକ ଯାଇ ଡେଙ୍ଗୁ, ବନମେରୋ ଓ କ୍ୟାନ୍ସର ରୋଗୀଙ୍କ ପାଇଁ ନିଜର ପ୍ଲେଟଲେଟ ଦାନ କରିଆସୁଛନ୍ତି । ଏପର୍ଯ୍ୟନ୍ତ ସେ ସର୍ବମୋଟ ୧୪୦ ଥର ରକ୍ତଦାନ କରିଥିବା ସହ ବିଭିନ୍ନ ସ୍ଥାନରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି । ଜଣେ ଅଜଣା ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଦୂରଦୂରାନ୍ତରୁ ଯାଇ ଜରୁରୀକାଳୀନ ପ୍ଲେଟଲେଟ ଦାନ କରିବାର ଏହି ମାନବିକ ପ୍ରୟାସ ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ରକ୍ତଦାନ ଓ ପ୍ଲେଟଲେଟ ଦାନ ପାଇଁ ପ୍ରେରଣା ଯୋଗାଇବ ।

## ଧାଙ୍ଗୁଡ଼ିମୁତାରେ ପଣ୍ଡିତ ଲାକୋ ବଦରାଙ୍କ ଜୟନ୍ତୀ

# ହୋ ଭାଷାର ସ୍ୱୀକୃତି ସହ ୬ ଦଫା ଦାବିରେ ବିଶାଳ ଶୋଭାଯାତ୍ରା




ବାରିପଦା, (ସବ୍ୟୁ): କୁସୁମୀ ବ୍ଲକ ଅନ୍ତର୍ଗତ ଧାଙ୍ଗୁଡ଼ିମୁତାଠାରେ ହୋ ଭାଷାର ଓ୍ୱାରାଂ ଚିତି ଲିପିର ପ୍ରବର୍ତ୍ତକ ପଣ୍ଡିତ ଲାକୋ ବଦରାଙ୍କ ୧୦୭ତମ ଜୟନ୍ତୀ ଶ୍ରଦ୍ଧା, ଉତ୍ସାହ ଓ ପାରମ୍ପରିକ ରୀତିନୀତି ସହ ପାଳିତ ହୋଇଯାଇଛି । ଏହି ଅବସରରେ କୁସୁମୀ ବ୍ଲକର ବିଭିନ୍ନ ହୋ ଗ୍ରାମରୁ ହଜାର ହଜାର ମହିଳା, ପୁରୁଷ, ଯୁବକ ଓ ଯୁବତୀ ଏକତ୍ରିତ ହୋଇ ପଣ୍ଡିତ ଲାକୋ ବଦରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ହୋ ସମାଜର ଭାଷା, ସଂସ୍କୃତି ଓ ପାରମ୍ପରିକ ଅଧିକାରର ସୁରକ୍ଷା ପାଇଁ ନିଜର ଦାବି ଉପସ୍ଥାପନ କରିଥିଲେ ।

ପାରମ୍ପରିକ ରୀତିନୀତି ଅନୁଯାୟୀ ଦିଉରୀମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଜୟନ୍ତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ହୋ ସମାଜର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଭାଷାଗତ ଦାବିକୁ ନେଇ ଧାଙ୍ଗୁଡ଼ିମୁତାଠାରୁ କୁସୁମୀ ବ୍ଲକ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ଅଭିମୁଖେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାରେ ହୋ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା, ଏହାର ସୁରକ୍ଷା ଓ ପ୍ରସାର ସହିତ ହୋ ସମାଜର ପାରମ୍ପରିକ ଧାର୍ମିକ ଓ ସାଂସ୍କୃତିକ ସ୍ଥଳୀଗୁଡ଼ିକର ସୁରକ୍ଷା ଦାବି ଉଠିଥିଲା । ଏହି ଅବସରରେ ଆଦିବାସୀ ହୋ ସମାଜ, କୁସୁମୀର କାର୍ଯ୍ୟକର୍ତ୍ତା ଓ ଦିଉରୀମାନେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହ କେନ୍ଦ୍ରୀୟ ଗୃହମନ୍ତ୍ରୀ ତଥା ରାଜଭାଷା ସମ୍ପର୍କିତ କମିଟିର ଅଧ୍ୟକ୍ଷ ଅମିତ ଶାହଙ୍କ ଉଦ୍ଦେଶ୍ୟରେ ମଧ୍ୟ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା । ହୋ ସମାଜ ପକ୍ଷରୁ ଉଠାଯାଇଥିବା ଦାବିଗୁଡ଼ିକ କେବଳ ଭାଷାଗତ ସ୍ୱୀକୃତିରେ ସୀମିତ ନଥିଲା ।

ହୋ ଗ୍ରାମଗୁଡ଼ିକରେ ଥିବା ଜାହିରା ପୀଠର ଉନ୍ନତିକରଣ ଓ ଯେଉଁ ଗ୍ରାମରେ ଏଭଳି ପୀଠ ନାହିଁ ସେଠାରେ ଜାହିରା ପୀଠ ସ୍ଥାପନ, ହୋ ସମାଜର ପାରମ୍ପରିକ ଧାର୍ମିକ ବ୍ୟବସ୍ଥାରେ ଦିଉରୀମାନଙ୍କ ଭୂମିକାକୁ ସ୍ୱୀକୃତି ଦେଇ ସରକାରୀ ଭତ୍ତା ପ୍ରଦାନ ଏବଂ ସରକାରୀ ଦସ୍ତାବିଜରେ ହୋ ଓ କୋଲ୍‌ହ ଜନଜାତି ସମ୍ପର୍କିତ ନାମକରଣକୁ ଏକୀକୃତ କରିବା ଭଳି ଦାବି ମଧ୍ୟ ରହିଥିଲା । ଏହା ସହିତ ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ କେନ୍ଦ୍ରକୁ ସୁପାରିଶ କରିବା ଏବଂ ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ ପାଇଁ ମଧ୍ୟ ଦାବି କରାଯାଇଥିଲା ।

କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ପଣ୍ଡିତ ଲାକୋ ବଦରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିସହ ଦୁଇଦିନିଆ ଫୁଟବଲ ଫାଇନାଲ ଖେଳର ଶୁଭାରମ୍ଭ କରିବା ସହ "ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରିଥିଲେ । କୁସୁମୀ ବ୍ଲକର ୫୦ରୁ ଉର୍ଦ୍ଧ୍ୱର୍ ହୋ ଗ୍ରାମରୁ ଆସିଥିବା ଦିଉରୀମାନଙ୍କୁ ମନ୍ତ୍ରୀ ଉତ୍ତରୀୟ ଓ ପବିତ୍ର ଶାଳ ଗଛର ଚାରା ପ୍ରଦାନ କରି ସମ୍ମାନିତ କରିଥିଲେ ।

ଏହି ଅବସରରେ ଆଦିବାସୀ ହୋ ସମାଜ ରାକା ଆକାଳାର ନେତୃତ୍ୱରେ ଦିଉରୀମାନେ ମନ୍ତ୍ରୀଙ୍କ ନିକଟରେ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ନିଜର ଦାବି ଉପସ୍ଥାପନ କରିଥିଲେ । ମନ୍ତ୍ରୀ ନିଜ ଉଦବୋଧନରେ ହୋ ସମାଜର ଭାଷା, ଧାର୍ମିକ ପରମ୍ପରା, ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତିର ସୁରକ୍ଷା ସହିତ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ କ୍ଷେତ୍ରରେ ପଣ୍ଡିତ ଲାକୋ ବଦରା ଜୟନ୍ତୀକୁ ଛୁଟି ଘୋଷଣା କରିବା ପାଇଁ ସରକାର ବିଚାର କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ କାର୍ଯ୍ୟକ୍ରମରେ କୁସୁମୀ ବ୍ଲକ ୧୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ପୁତୁଲ ହାଇବ୍ରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ଅଜିତ ତିରିଆ, ମନୋରଞ୍ଜନ ତିରିଆ, ଶ୍ୱେତା ଚାତାର ଏବଂ ରାଇରଙ୍ଗପୁର ଡିଏଫଓ ମଞ୍ଚାସୀନ ଥିଲେ । ଆୟୋଜକ କର୍ତ୍ତା ମୁଖ୍ୟ ସାଗର ସିଙ୍କୁ, ସଞ୍ଜୟ ତିରିଆ, ହିନ୍ଦୁରାଇ ହେମ୍ବ୍ରମ, ଆଜାଦ ଚାତାର, ଟୁରା ହେମ୍ବ୍ରମ, ତୁରାମ ଦେଓଗାମ, ଗୋମେୟା ଅମ୍ପ, ଶୋକ ତିରିଆ, ଜୟ ବିକାଶ ପିଙ୍ଗୁଆ, ଶାସ୍ତ୍ରୀ ଗୋଡ଼ସୋରା ଓ ସୁନୀଲ ଚାତାରଙ୍କ ସମେତ ଧାଙ୍ଗୁଡ଼ିମୁତା ଗ୍ରାମ ପଞ୍ଚାୟତ ଏବଂ କୁସୁମୀ ବ୍ଲକର ହୋ ସମାଜର ବୁଦ୍ଧିଜୀବୀ ଓ ସକ୍ରିୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ୨୧ରୁ ୨୩ ମତ୍ସ୍ୟଜୀବୀଙ୍କ ସମୁଦ୍ର ପ୍ରବେଶରେ କଟକଣା

# ଗଞ୍ଜାମ ଉପକୂଳରେ ସାମୁଦ୍ରିକ ମତ୍ସ୍ୟ ବିଭାଗର ସଚେତନତା

ଛତ୍ରପୁର, (ସବ୍ୟୁ) : ଥାଇଲାଣ୍ଡ ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପର ରୂପ ନେଇଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୧ ତାରିଖ ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ଏବଂ ୨୨ ତାରିଖ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପାତର ରୂପ ନେଇପାରେ ।

୨୩ ତାରିଖ ସକାଳ ସୁଦ୍ଧା ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି ।ଏହାର ପ୍ରଭାବରେ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସହ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ରହିଛି । ଗଞ୍ଜାମ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯାଇ ମାଛ ଧରିବାକୁ ବାରଣ କରାଯାଇଛି ।

ଏନେଇ ଗଞ୍ଜାମ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ସଚେତନତା ଅଭିଯାନ ଚାଲିଛି । ସାଗର ମିତ୍ରମାନଙ୍କ ଜରିଆରେ ସାମୁଦ୍ରିକ ଗାଁଗୁଡ଼ିକରେ ଡାକବାଜି ଯନ୍ତ୍ର ମାଧ୍ୟମରେ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଉଛି । ସମୁଦ୍ର ଭିତରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରି ଆସିବା ସହ ଡଙ୍ଗା ଓ ଜାଲକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଜ୍ୟୋତିଷବିଦ୍ ଭୀମ ମିଶ୍ରଙ୍କ ପତ୍ନୀ ବିୟୋଗ



ଗୋଳନ୍ଥରା, (ସବ୍ୟୁ) : ଗୋଳନ୍ଥରା ବ୍ରାହ୍ମଣସାହି ନିବାସୀ ଜଣାଶୁଣା ଜ୍ୟୋତିଷବିଦ ସ୍ୱର୍ଗତ ଭୀମ ମିଶ୍ରଙ୍କ ପତ୍ନୀ କାଞ୍ଚନ ମିଶ୍ର (୯୫)ଙ୍କର ରବିବାର ଭୋର ୬ଟାରେ ନିଜ ବାସଭବନରେ ପରଲୋକ ଘଟିଛି । ସେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟଙ୍କ ମାତା । ସ୍ୱର୍ଗତ କାଞ୍ଚନ ଜଣେ ଧର୍ମପରାୟଣ, ସାତ୍ତ୍ୱିକ ଓ ସହୃଦୟା ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ପରିବାର, ଆତ୍ମୀୟସ୍ୱଜନ ଓ ପରିଚିତ ମହଲରେ ଶୋକ ପ୍ରକାଶ ପାଇଛି । ବିୟୋଗ ଖବର ପାଇ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବୁରଧର ରେଡ୍ଡୀ, ରାମ ପାତ୍ର, ଗୋପୀନାଥ ମହାରଣା, ରାଜୀବ ମିଶ୍ର, ଦିଲୀପ ସାହୁ, ଟୁନା ଜେନା, ରାଜେଶ ସାହୁ, ପିଣ୍ଟୁ ଜେନାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ଜ୍ୟେଷ୍ଠ ପୁତ୍ର ସୁରେନ୍ଦ୍ର ମିଶ୍ର ମୁଖାଗ୍ନି ପ୍ରଦାନ କରିଥିଲେ ।

# ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ‘ନିଶାମୁକ୍ତ ଭାରତ ଓ ରାଷ୍ଟ୍ରୀୟ ସଂକଳ୍ପ ସମାରୋହ’



ଅନୁଗୋଳ,(ସବ୍ୟୁ) :ଆଜି ପୂର୍ବାହ୍ନରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ‘ମୋ ଯୁବ ଭାରତ’ ଏବଂ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ‘ବିକଶିତ ଭାରତ ନିମନ୍ତେ ନିଶାମୁକ୍ତ ଭାରତ ଓ ରାଷ୍ଟ୍ରୀୟ ସଂକଳ୍ପ ସମାରୋହ’ ସହ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତ ଗଠନରେ ନିଶାମୁକ୍ତ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ କଲେଜରେ କିପରି ଯୁବପୀଢିଙ୍କୁ ସଚେତନ କରାଯିବ ସେ ବିଷୟରେ ମଧ କହିଥିଲେ। ଏହି ଅବସରରେ କ୍ଟଗଗ ଓ କ୍ଟଙ୍କଇ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନଶାମୁକ୍ତି ସଚେତନତା ନାଟକ ଓ ‘ସଂକଳ୍ପ ଚକ୍ର’ର ସାଙ୍କେତିକ ପ୍ରଦର୍ଶନୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ବବଲୁ ମୁଣ୍ଡା, ଜିଲ୍ଲା ଯୁବ ଅଧିକାରୀ ପୂଜା ଯାଦବ, ସମାଜସେବୀ ସୁବ୍ରତ ପ୍ରଧାନ,ଶ୍ରୀ ଭୀଷ୍ମ ସାହୁ ଓ ଶ୍ରୀ ହେମଦ୍ୟୁତି ବେହେରା ପ୍ରମୁଖ ଯୋଗ ଦେଇଥିଲେ।ମହାବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଅଧିକାରୀ ପବିତ୍ର କୁମାର ବେହେରା ଓ ଗ୍ରନ୍ଥଗାରିକ ଶ୍ରୀ ବିଶ୍ୱଜିତ ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। କ୍ଟଗଗ ଅଧିକାରୀ ଡ. ଗୌରୀ ଶଙ୍କର ଯୁଗ ପ୍ରକାଶ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ‘ମୋ ଯୁବ ଭାରତ’ର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ବିଦ୍ୟାଳୟରୁ ବିଦ୍ୟୁତ ବିଚ୍ଛିନ୍ନ କଲା ବିଦ୍ୟୁତ ବିଭାଗ

ଠାକୁରଗଡ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଞ୍ଚଳ ରେ ଥିବା ବାମୁର ହାଇସ୍କୁଲ ସମେତ ୫ ଟି ପ୍ରାଥମିକ ବିଦ୍ୟାଳୟ ର ବିଦ୍ୟୁତକୁ ଶୁକ୍ରବାର ଠାରୁବିଦ୍ୟୁତ ବିଭାଗ ବିଚ୍ଛିନ୍ନ କରି ଦେଇଛି । ଯାହା ଫଳରେ ଛାତ୍ରୀ ଛାତ୍ର ମାନେ ହଇରାଣ ହେଉଛନ୍ତି । ବଇଣ୍ଡା ସର୍କଲ ଥିବା ୫ ଟି ପ୍ରାଥମିକ ବିଦ୍ୟାଳୟ ସହ ବାମୁର ହାଇସ୍କୁଲ ର ବିଦ୍ୟୁତ ବିଲ ବାକି ରହିଛି । ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ବିଲ ଗୁଡିକ ବର୍ଷ କୁ ୩ ଟି ପର୍ଯ୍ୟାୟ ରେ ପଇଠ କରାଯାଉଥିବା ବେଳେ ଜୁଲାଇ ୨୦୨୬ ମାସ ରେ ବିଲ ଗୁଡିକ ପଇଠ କରାଯାଇଛି । ଉକ୍ତ ବିଦ୍ୟାଳୟ ଗୁଡିକ ରେ ସ୍ମାର୍ଟ ମିଟର ଲଗାଯାଇଥିବା ଯୋଗୁଁ ଉପଖଣ୍ଡ ବିଦ୍ୟୁତକାର୍ଯ୍ୟାଳୟ ରୁ ସିଧା କାଟି ଦିଆଯାଉଛି । ବିନା ନୋଟିସ ରେ ବିଦ୍ୟୁତ ବିଭାଗ ଉକ୍ତ ବିଦ୍ୟାଳୟ ଗୁଡିକ ରବିଦ୍ୟୁତ ବିଚ୍ଛିନ୍ନ କରିଦେଇଛି । ଯାହା ଫଳରେ ବିଦ୍ୟାଳୟ ଗୁଡିକ ରେ ପାନୀୟ ଜଳ ର ଅଭାବ ଦେଖା ଦେଇଥିବା ବେଳେ ଗରମରେ ବିନା ଫ୍ୟାନରେ ଛାତ୍ରୀଛାତ୍ର ମାନେ ଅସ୍ତବ୍ୟସ୍ତ ହୋଇ ପାଠ ପଢୁଥିବା ଅଭିଯୋଗ ହୋଇଛି । ବିନା ନୋଟିସରେ ବିଦ୍ୟୁତ ବିଚ୍ଛିନ୍ନ କରିଦିଆଯାଇଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟୁତ ବିଭାଗ କୁ ଅବଗତ କରାଇଥିଲେ ମଧ କୌଣସି ସମସ୍ୟା ସମାଧାନ କରାଯାଇନଥିବା ଅଭିଯୋଗ ହୋଇଛି । ଏ ନେଇ କିଶୋରନଗର ବିଡିଓ ଅରୁଣ କୁମାର ସେଠୀ କୁହନ୍ତି ବର୍ଷ କୁ ୩ ଟି ପର୍ଯ୍ୟାୟ ରେ ସମସ୍ତ ବିଦ୍ୟାଳୟ ର ବିଲ ପଇଠ କରାଜାଏ । ଜୁଲାଇ ମାସ ରେ ସମସ୍ତ ବିଦ୍ୟାଳୟର ବିଦ୍ୟୁତ ବିଲ ପଇଠ କରାଯାଇଛି । ହେଲେ ବିଦ୍ୟୁତବିଭାଗ ବିଲ ସମ୍ପର୍କରେ କୌଣସି ଅବଗତ ନ କରାଇ ବିନା ନୋଟିସରେ ବିଦ୍ୟୁତ ବିଚ୍ଛିନ୍ନ କରିଦେଇଛି । ଯାହା ଫଳରେ ସମସ୍ୟା ଦେଖା ଦେଇଛି । ଏ ନେଇ ଆମେ ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯାଇଛି । ଏ ନେଇ ବଇଣ୍ଡା ବିଦ୍ୟୁତ ବିଭାଗ ର ଏସଡିଓ ଶୁଭକାନ୍ତ ପ୍ରଧାନ କୁହନ୍ତି ବିଦ୍ୟାଳୟ ଗୁଡିକ ର ବିଦ୍ୟୁତ ବିଲ ଥିବା ଯୋଗୁଁ କାଟି ଦିଆଯାଇଛି।

## ପରଜଙ୍ଗରେ ଖୁଦୁରୁକୁଣୀ ଓଷା

ପରଜଙ୍ଗ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଗାଁ ଗହଳି ମାନଙ୍କରେ ଭାଦ୍ରବ ସମାରେ ପାରମ୍ପରିକ ରୀତିନୀତିରେ ମାସର ଶେଷ ରବିବାର ଦିନ ଖୁଦୁରୁକୁଣୀ ଓଷା ବେସ ଧୁମ୍ ଧାମରେ ସହ ପାଳିତ ହୋଇଅଛି। ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ସାହିରେ ଏହି ପୂଜାର ଅୟୋଜନ କରାଯାଇଥିବା ବେଳେ ସାହି ସାହି ମଧ୍ୟରେ ପ୍ରତିଯୋଗିତା ମୂଳକ ଭିତ୍ତିରେ ପୂଜା ମଣ୍ଡପ ସାଜସଜ୍ଜା ,ଝିଲିମିଲି ବିଦ୍ୟୁତ୍ ଆଲୋକ , ମାଇକ ଓ ଆର୍କଷଣିୟ ତୋରଣ କରାଯାଇଛି । ଖୁଦୁରୁକୁଣି ବା ସର୍ବମଙ୍ଗଳା ଓଷା ପାଇ ଗ୍ରାମର ଆବାଳ ବୃଦ୍ଧ ବନି-- ଲାଗିପଡିଛିନ୍ତି ।ପରଜଙ୍ଗରେ ଖୁଦୁରୁକୁଣୀ ଓଷାର ଏକ ଭିନ୍ନ ପ୍ରଥା ଦେଖିବାକୁ ମିଳେ । ଅପରାହ୍ନରେ ତଅପୋଇ ବିବାହ ଉତ୍ସବ ଆୟୋଜନ କରାଯାଏ । ବାଜା ରୋଷଣି ସହ ଗ୍ରାମ ଭିତରୁ ଅନ୍ୟ ସାହିକୁ ବରଯାତ୍ରୀ ମାନେ ତଅପୋଇ ବିବାହ ଉତ୍ସବରେ ବରଯାତ୍ରୀ ହିସାବରେ ଯାଇଥାନ୍ତି । ଭୋଜିଭାତର ଆୟୋଜନ ସହ ବରଯାତ୍ରୀ ମାନେ ଆପ୍ୟାୟିତ ହେବା ପରେ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥାଏ । ପ୍ରତ୍ୟେକ ସାହିର ଝିଅ ବୋହୁମାନେ ମା ସର୍ବମଙ୍ଗଳା ଙ୍କ ପୂଜା ଅର୍ଚ୍ଚନା କରିଥାନ୍ତି । ଚଳିତ ବର୍ଷ ଗଡଭିତର ସାହି, ସୁବାହୁ ସିଂହ ସାହି, ପାଟଣା ସାହି, ବଡ଼ଦାଣ୍ଡ ସାହି, ବଜାର ଛକ ସାହି, ସାଦନପଦା ସାହି, ବୃନ୍ଦାବନ ପୁର ସାହି, ସନ୍ଥ ନଗର ସାହି, ହରିଜନ ସାହି, ଓ ଡମ ସାହି ଇତ୍ୟାଦିରେ ଖୁଦୁରୁକୁଣୀ ଓଷା ବେଶ ଆନନ୍ଦ ସହ ପାଳନ ହେଉଅଛି । ଏହି ସବୁ ପୂଜା ଦେଖିବାକୁ ଗଣେଷ ପୂଜା ଘଡ଼ିରେ ମା ସର୍ବମଙ୍ଗଳାଙ୍କ ପୂଜା ଦେଖିବା ପାଇଁ ସନ୍ଧ୍ୟା ସମୟରେ ଭୀଷଣ ଜନଗହଳି ଦେଖିବାକୁ ମିଳୁଛି । ଲୋକମାନେ ହେଇଥିବା ଶ୍ରୀ ଗଣେଷଙ୍କ ପୂଜା ଓ ମା ସର୍ବମଙ୍ଗଳାଙ୍କ ପୂଜା ଏକା ସଙ୍ଗେ ଦେଖି ଆନନ୍ଦ ଉପଭୋଗ କରୁଛନ୍ତି ।

## ୮.୬୬୦ ଗ୍ରାମ୍ ବ୍ରାଉନସୁଗର ଜବତ, ୩ ଗିରଫ




ତାଳଚେର,(ସବ୍ୟୁ) : ବିଶେଷ ସୂତ୍ରରୁ ଖବରପାଇ ତାଳଚେର ପୋଲିସ ବାଘୁଆବୋଲ ଛକ ନିକଟରେ ଆତର୍କିତ ଚଢ଼ାଉ କରିଥିଲା । ଏହି ଚଢ଼ାଉ ସମୟରେ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ସରକାରୀ ସାକ୍ଷୀମାନଙ୍କ ଉପସ୍ଥିତିରେ ତଲାସି କରାଯାଇ ସେମାନଙ୍କ ନିକଟରୁ ୮.୬୬୦ ଗ୍ରାମର ବ୍ରାଉନସୁଗର, ୨ଟି ମୋବାଇଲ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରଛି । ୩ଜଣ ଅଭିଯୁକ୍ତ ବାଘୁଆବୋଲ ଗ୍ରାମ କେନ୍ଦୁବଣିଆ ସାହିର ସନ୍ତୋଷ ଜାଲ ଓରଫ ସନ୍ଟୁ (୩୬), ଶରତ ଜାଲ(୩୦), ଦିପ୍ତିରଞ୍ଜନ ବେହେରା ଓରଫ ଟେରୁ (୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଜୋନାଲ କ୍ରୀଡ଼ାରେ ପ୍ରତିଯୋଗିତା

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ହିମିତିରା ହାଇସ୍କୁଲ ପରିସରରେ ଶନିବାର ଦିନ ଜୋନାଲ ସ୍ତରୀୟ ଖୋ ଖୋ ଓ କବାଡି ପ୍ରତିଯୋଗିତା ଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୨୭୫ ଜଣ ଖେଳାଳି ଅଂଶଗ୍ରହଣ କରି କବାଡ଼ି, ଖୋ-ଖୋ ଆଦି ବିଭିନ୍ନ କ୍ରୀଡ଼ାରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରୁ ୯୭ ଜଣ ଖେଳାଳି ବ୍ଲକ୍ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।ଉଦ୍ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବରେ ସି ଆରସିସି ପ୍ରଫୁଲ୍ଲ କୁମାର ସିଂହ, ଅନ୍ୟତମ ଅତିଥି ଭାବରେ ସରୋଜ କୁମାର ସାହୁ ଯୋଗ ଦେଇ ଉତ୍ତମ କ୍ରୀଡ଼ା ମନୋଭାବ, ଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେଲ ପ୍ରତିଯୋଗିତାର ଗୁଡିକ କୁ ନବୀନ କୁମାର ବିଶ୍ୱାଳ, ଧନୁଞ୍ଜୟ ପ୍ରଧାନ, ନୀଳମଣି ସାହୁ, ଅମୀୟ ପ୍ରଧାନ, ସୁନିଲ ପ୍ରଧାନ, ରୋହନି ସାହୁ, ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ କୁ କିଶୋର ଚନ୍ଦ୍ର ବିଶ୍ୱାଳ ପରିଚଝଳନା କରିଥିଲେ।

## ପୂଜା ଦେଖିଯିବା ମହଙ୍ଗା ପଡିଲା ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବଅଁରପାଳ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଠାରୁ ମାତ୍ର ୨ କିଲୋମିଟର ଦୂର ଗିରାଙ୍ଗ ଗ୍ରାମ ବାଲିସାହିରେ ଏକ ଘରୁ ସୁନା, ରୂପା ଅଳଙ୍କାର ସହ ନଗଦ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଘର ମାଲିକ ବିଜୟ ବେହେରା ନାଲକୋ ନଗର ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ବିଜୟ ବେହେରାଙ୍କ ପରିବାର ବିଶ୍ୱକର୍ମା ପୂଜା ଦେଖିବା ପାଇଁ ନାଲକୋ କଲୋନୀକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ତିନିଜଣ ଦୁର୍ବୃତ୍ତ ଘରେ ପଶି ଚୋରି କରିଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୯ଟା ସମୟରେ ଘଟଣାଟି ଘଟିଥିବା ଜଣାପଡ଼ିଛି।ଘର ସମ୍ମୁଖରେ ବିଶ୍ୱକର୍ମା ପୂଜାକୁ ନେଇ ଗହଳି ଲାଗିଥିବା ସତ୍ତ୍ୱେ ଦୁର୍ବୃତ୍ତମାନେ ଏଭଳି ଚୋରି କରିଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।ଅଭିଯୋଗ ପରେ ନାଲକୋ ଆଦର୍ଶ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ହୋଇଥିବା ସୁନା, ରୂପା ଅଳଙ୍କାର ଓ ନଗଦ ଟଙ୍କାର ପରିମାଣ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।ଅନ୍ୟପକ୍ଷରେ ନାଲକୋ ଥାନା ଅଞ୍ଚଳରେ ଚୋରି, ରାହାଜାନି ଓ ଡକାୟତି ଭଳି ଅପରାଧ ବୃଦ୍ଧି ପାଉଛି । ସେହିପରି ସ୍ୱତନ୍ତ୍ର ପୋଲିସ ଟିମ ଅନୁଗୋଳରୁ ଆସି ବ୍ରାଉନସୁଗର, ଦେଶୀ ବିଦେଶୀ ମଦ,ଗଞ୍ଜେଇ ଜବତ କରୁଥିବା ବେଳେ ସ୍ଥାନୀୟ ପୋଲିସ ନିରବଦ୍ରଷ୍ଟା ସାଜିଛି । ଏହାଠୁ ବଳି ଲଜ୍ଜା ଆଉକଣ ଅଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବେଆଇନ ନିଶା କାରବାର ଯୋଗୁଁ ଅପରାଧ ବଢୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ସପ୍ତମ ଦିନରେ ଗଣେଶ ପୂଜା ଶ୍ରଦ୍ଧାଳୁମାନେ ଅନେକ ସମସ୍ୟାରେ ଛନ୍ଦି ହେଉଛନ୍ତି

ତାଳଚେର,(ସବ୍ୟୁ) : ତାଳଚେର ଐତିହ୍ୟ, ଅଂଚଳବାସୀଙ୍କ ପ୍ରଚେଷ୍ଟାରେ ବଜାୟ ରହି ଆଜି ବାବା ଗଜାନନଙ୍କ ପୂଜା ପାଳିତ ହେଉଛି । ତାଳଚେର ଉପଖଣ୍ଡ ସମେତ ଏହାର ଆଖପାଖ ଜିଲ୍ଲା ଓ ବାହାର ଅଂଚଳରୁ ପୂଜାକୁ ଉପଭୋଗ କରିବାକୁ ସନ୍ଧ୍ୟା ସମୟରେ ପୂଜା ମାହୋଲ ପୁରା ସରଗରମ। ଶୁଖିଲା ପାଗ ବ୍ୟବସାୟୀଙ୍କୁ ଦେଇଛି ବେପାରର ପସରା । ବେପାରୀମାନେ ବେଶ ଭଲ ଦି’ ପଇସା ରୋଜଗାର କରି ପାରୁଛନ୍ତି । ଛୋଟ ମୋଟ ବ୍ୟସାୟୀଙ୍କ ଠାରୁ ଆରମ୍ଭ କରି ମହାଜନମାନେ ମଧ ଆନନ୍ଦିତ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ଏବଂ ବ୍ୟବସାୟୀମାନେ ହସି ହସି ଲୋକଙ୍କ ଚାହିଦା ମୂତାବକ କୌଣସି କୁଣ୍ଠାବୋଧ ନକରି ବିଭିନ୍ନ ପ୍ରକାର ସାମଗ୍ରୀ ଦେଖାଉଛନ୍ତି । ସମସ୍ତ ଗଣେଶ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପୂଜା କମିଟିଙ୍କ ଦ୍ୱାରା ପୌରାଣିକ ଧାରାବାହିକ, ଅପରେଶନ ସିନ୍ଦୁର ଏମିତି କି ବିଭିନ୍ନ ସାଜସଜ୍ଜା କରି ଦର୍ଶକଙ୍କ ମନକୁ ଆଦୃତ କରିପାରୁଛନ୍ତି । ହାଣ୍ଡିଧୂଆଁ ପର୍ଯ୍ୟନ୍ତ ଦୀର୍ଘ ୪କିମି ରାସ୍ତାରେ ଲାଇଟ ତୋରଣ ସହିତ ଅନେକ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି କଳାହୀରା ସହର । ବିଭିନ୍ନ ସ୍ଥାନରେ ପୂଜା କମିଟି ପକ୍ଷରୁ ଗୀତନାଚର କାର୍ଯ୍ୟକ୍ରମ ଚାଲିବା ସହ ପ୍ରସାଦ ବଂଟନ କରାଯାଉଥିବା ଦେଖାଯାଉଛି । ପ୍ରଶାସନ ପକ୍ଷରୁ ଜନଗହଳିକୁ ନିୟନ୍ତ୍ରଣ କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଭାରୀଯାନ ଚଳାଚଳକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ତେବେ କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ଅସ୍ଥାୟୀ ପରିଶ୍ରାଗାର ନଥିବାରୁ ଭକ୍ତଙ୍କ ମନରେ ନାହିଁ ନଥିବା ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ଆଶୁ ଚିକିତ୍ସା ପାଇଁ ମଧ ସେହିପରି କୌଣସି ସୁବ୍ୟବସ୍ଥା କରାଯାଇ ନାହିଁ । ଦର୍ଶନାର୍ଥୀଙ୍କ ପାଇଁ ଥଣ୍ଡା ପାନୀୟଜଳ ବ୍ୟବସ୍ଥା କୌଣସି ପୂଜା ମଣ୍ଡପ ନିକଟରେ ରହିନଥିବାରୁ ପାଣି ଟୋପେ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି । ଏପରିକି ଦୂରଦୂରାନ୍ତରୁ ବାଇକରେ ଆସୁଥିବା ଶ୍ରଦ୍ଧାଳୁମାନଙ୍କର ୩ଜଣ ବସିଥିବା ଗା ଫଟୋ ଉଠାଯାଇ ଚାଲାଣ କଟା ଯାଉଥିବା ଅଭିଯୋଗ ହେଉଛି, ଯଦି ଏପରି ହୁଏ ତେବେ ଆଗାମୀ ପୂଜା ଦିନୁରେ ପୂଜା ଦେଖିବାକୁ ଆସିବେ ନାହିଁ ବୋଲି ଆଲୋଚନ ଯୋରଧରିଛି । ତେଣୁ ତୁରନ୍ତ ପୋଲିସ ପୂଜା ସମୟ ତକ ଯାନ ଚେକିଙ୍ଗ ଓ ଚାଲାଣ କାଟିବାରୁ ନିବୃତ ରହିବାକୁ ଶ୍ରଦ୍ଧାଳୁଙ୍କ ମହଲରେ ଦାବି ହେଉଛି ।

# ଅନୁଗୋଳ ବ୍ଲକ୍ କଂଗ୍ରେସ କମିଟିର ସମ୍ବର୍ଦ୍ଧନା ଉତ୍ସବ



ଅନୁଗୋଳ ,(ସବ୍ୟୁ) : ଆଜି ମଧ୍ୟାହ୍ନରେ ଅନୁଗୋଳ ବ୍ଲକ କଂଗ୍ରେସ କମିଟିର ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ କଂଗ୍ରେସ ଭବନଠାରେ ବ୍ଲକ ସଭାପତି ରାକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦିକା ରୂପାଦୀପ୍ତା ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ଚାଉଳିଆ, ସମ୍ପାଦକ ସୁଦୀପ ମିଶ୍ର, ରାଜ୍ୟ ଏସସି ସେଲର ସାଧାରଣ ସମ୍ପାଦକ ଟିକନ ବେହେରା, ଜିଲ୍ଲା ଆଇଏନଟିୟୁସି ସଭାପତି ଦିଗାମ୍ବର ଗଡନାୟକ, ଜିଲ୍ଲା ମିଡ଼ିଆ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ନାଏକ, ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର, ଜିଲ୍ଲା ସମ୍ପାଦକ ଅଲେଖ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ କଂଗ୍ରେସ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ କରିବା ପାଇଁ ପଞ୍ଚାୟତ ସ୍ତରରେ ସଂଗଠନକୁ କ୍ରିୟାଶୀଳ କରି ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ କଂଗ୍ରେସ କମିଟିର ନବନିଯୁକ୍ତ କର୍ମକର୍ତ୍ତାମାନଙ୍କୁ ଅତିଥିମାନଙ୍କ ଜରିଆରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ କର୍ମକର୍ତ୍ତା ନିଜ ନିଜର ବକ୍ତବ୍ୟରେ ଦଳକୁ ପଞ୍ଚାୟତ ସ୍ତରରେ ମଜଭୁତ କରିବା ପାଇଁ ସମସ୍ତ କଂଗ୍ରେସ ନେତା ଓ କର୍ମୀଙ୍କର ଉଦ୍ୟମ ଆବଶ୍ୟକ ଓ ସେଥିପାଇଁ ସମସ୍ତେ ସଂକଳ୍ପ ନେଇ କାର୍ଯ୍ୟ କରିବାକୁ ବାହାରିଛନ୍ତି ବୋଲି ପ୍ରକାଶ କରିଥିଲେ। ଆଗାମୀ ସେପ୍ଟେମ୍ବର ୨୬ ତାରିଖ ଦିନ ହେବାକୁ ଥିବା ସମାବେଶକୁ ସଫଳ କରିବା ପାଇଁ ବୈଠକରେ ଜିଲ୍ଲା ସଭାପତି ସମସ୍ତ କର୍ମକର୍ତ୍ତାମାନଙ୍କୁ ନିବେଦନ କରିଥିଲେ। ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବକୁ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରୁଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବ୍ଲକ କଂଗ୍ରେସ ଉପସଭାପତି ସୁଭାଗ୍ୟ ବିଶ୍ୱାଳ, ଦିନେଶ କୁମାର ତ୍ରିପାଠୀ, ବିକାଶ ସାହୁ, ମୁରଲୀଧର ସାହୁ, ସରୋଜ ସାହୁ, ଛକୁଡି ଦେହୁରୀ, ହେମନ୍ତ ମହାଳିକ,ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ହୋଇଥିଲେ।

## ସାଳନ୍ଦୀ ନଦୀରେ ବୁଡ଼ି ମହିଳା ମୃତ

ଆଗରପଡ଼ା,(ସବ୍ୟୁ): ରବିବାର ସାଳନ୍ଦୀ ନଦୀରେ ବୁଡ଼ିଯାଇ ମହିଳାଙ୍କ ମୃତ୍ୟୁ ଘଟିଥିବାର ଜଣାପଡ଼ିଛି। ମହାନ୍ତିପଡ଼ା ଗ୍ରାମର ବାବାଜୀ ଚରଣ ସାହୁଙ୍କ ସ୍ତ୍ରୀ କୌଶଲ୍ୟା ସାହୁ(୭୦) ସବୁଦିନ ପରି ଆଜି ମଧ ସାଳନ୍ଦୀ ନଦୀକୁ ଗାଧୋଇବାକୁ ଯାଇଥିଲେ । ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ବୁଡ଼ି ଯାଇଥିବାର ଆଶଙ୍କା କରି କୌଶଲ୍ୟାଙ୍କୁ ଖୋଜାଖୋଜି କରିଥିଲେ । ପରେ ଦମକଳ ବାହିନୀ ଖୋଜାଖୋଜି ଆରମ୍ଭ କରିଥିଲା । ଏହି ଗ୍ରାମର ଅମର ଶତପଥି ଓ ସତ୍ୟପ୍ରକାଶ ପଢ଼ିଆରୀ କୌଶଲ୍ୟା ବାଉଁଶ ବୁଦାରେ ଲାଗିଥିବାର ଦେଖି ଦମକଳ ବାହିନୀକୁ କହିବା ପରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ଅଣା ଯାଇଥିଲା । ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା ।

## ହାଇୱା ଧକ୍କାରେ ଯୁବତୀ ମୃତ, ଜଣେ ଗୁରୁତର

ବଅଁରପାଳ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଠାରୁ ମାତ୍ର ୫ ୦୦ ମିଟର ଦୂରତାରେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଯାଇଛି । ନାଲକୋକୁ ବିଶ୍ୱକର୍ମା ପୂଜା ଦେଖିବାକୁ ଯାଉଥିବା ବେଳେ ହାଇୱା ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ଏଥିସହ ଜଣେ ବାଇକ ଚାଳକ ମଧ ଆହତ ହୋଇଥିବା ଜଣାପଡ଼ିଛି। ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ପଞ୍ଚାୟତ ନିକଟ ୫୫ ନମ୍ବର ଜାତୀୟ ରାଜପଥର ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି।ମୃତ ଯୁବତୀ ହେଲେ କେନ୍ଦୁଝର ଜିଲ୍ଲା ଦୁରୁଆଗୁଡ଼ା ଅଞ୍ଚଳର ସୁମିତ୍ରା ମହାନ୍ତ। ଗୁରୁତର ଆହତ ଯୁବତୀ ହେଲେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଅଞ୍ଚଳର ଇରା ଦୁଆରି। ଆହତ ବାଇକ ଚାଳକଙ୍କ ପରିଚୟ ମିଳିପାରି ନାହିଁ। ସୁମିତ୍ରା ଓ ଇରା ଦୀର୍ଘଦିନ ଧରି ସାମଲ କେୟାର ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାର୍ଯ୍ୟରତ ଥିଲେ।ସୂଚନା ଅନୁଯାୟୀ, ନାଲକୋ ନଗରରେ ଆୟୋଜିତ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଦେଖିବା ପାଇଁ ଦୁଇ ଯୁବତୀ ଡ୍ୟୁଟି ସାରି ଶନିବାର ସନ୍ଧ୍ୟାରେ ବାହାରିଥିଲେ। ଏହି ସମୟରେ ପେଟ୍ରୋଲ ପମ୍ପ ନିକଟରେ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ହାଇୱା ଦୁଇ ଯୁବତୀଙ୍କୁ ଧକ୍କା ଦେବା ସହ ଜଣେ ବାଇକ ଚାଳକଙ୍କୁ ମଧ ଧକ୍କା ଦେଇଥିଲା।ଦୁର୍ଘଟଣା ପରେ ଆମ୍ବୁଲାନ୍ସ ଯୋଗେ ଜଣେ ଯୁବତୀଙ୍କୁ ବଅଁରପାଳ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୁମିତ୍ରା ମହାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଗୁରୁତର ଯୁବତୀ ଇରା ଦୁଆରିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବଅଁରପାଳ ଥାନା ପୋଲିସ ପହଞ୍ଚି ହାଇୱା ଚାଳକଙ୍କୁ କାବୁ କରିବା ସହ ଗାଡ଼ିଟିକୁ ଜବତ କରି ତଦନ୍ତ କରୁଛନ୍ତି। ବଅଁରପାଳ ଛକଠାରୁ ବାଇପାସ ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ମରାମତି ହେଉନଥିବାରୁ ପ୍ରତି ଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ଜନସାଧାରଣ ।

## ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ୪୦ ତମ ସଂସ୍କରଣ

# ଦୁଇଶହ ବର୍ଷ ଐତିହ୍ୟର ମୂକସାକ୍ଷୀ ଗୁମ୍ଫା ଜଗନ୍ନାଥ



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ଚତୁର୍ଦ୍ଦିଗରେ ଏମିତି ଅନେକ ଜ୍ଞାତ ଅଜ୍ଞାତ ପର୍ଯ୍ୟଟନ ଓ ଐତିହ୍ୟ ସମ୍ପନ୍ନ ସ୍ଥାନ ରହିଛି, ଯେଉଁ ଗୁଡ଼ିକ ଯୁଗଯୁଗ ଧରି ଆମ ସାଂସ୍କୃତିକ ତଥା ସାମାଜିକ ଜୀବନବୋଧକୁ ଋଦ୍ଧିମନ୍ତ କରି ଆସିଛନ୍ତି। ସେଇ ଐତିହ୍ୟ ସ୍ଥଳୀ ଗୁଡ଼ିକ ମଧ୍ୟରୁ ଅନେକ ବହୁଳ ପ୍ରଚାରିତ ଓ ଅନେକ ପ୍ରଚାର ପ୍ରସାରର ଅନ୍ତରାଳରେ ରହିଛନ୍ତି । ସେମିତି ଏକ ଅଳ୍ପଜ୍ଞାତ ଐତିହ୍ୟ ସ୍ଥଳୀ ହେଉଛି ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ବ୍ଲକ୍ ଅନ୍ତର୍ଗତ ବାଇଁଶିଆ ଗ୍ରାମର ଡୁବୁରି ଜଗନ୍ନାଥ ମନ୍ଦିର। ଏକଦା ଏହି ଡୁବୁରି ଛୋଟ ପାହାଡର ଏକ ଗୁମ୍ଫାରେ ଜଗନ୍ନାଥ ପୂଜା ପାଉଥିଲେ ବୋଲି ଲୋକେ ଏହାକୁ ଗୁମ୍ଫା ଜଗନ୍ନାଥ ଭାବରେ ମଧ ସମ୍ବୋଧନ କରି ଥାନ୍ତି।ଏଠାରେ ହରି ଏବଂ ହର ଏକତ୍ର ପୂଜିତ ହେଉଥିବାରୁ ଏହି ସ୍ଥାନ ହରିହର ମଠ ଭାବରେ ମଧ ପରିଚିତ।

ବ୍ରାହ୍ମଣୀ ନଦୀ ଅବବାହିକାରେ ଅବସ୍ଥିତ, ସବୁଜିମାରେ ପରିପୂର୍ଣ୍ଣ ଏକ ଛୋଟ ପଥର ପାହାଡ ଉପରେ ଅବସ୍ଥିତ ଏହି ଗୁମ୍ଫା ଜଗନ୍ନାଥଙ୍କ ପୀଠ ଠାରେ ଆଜି ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୪୦ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରବଳ ବର୍ଷା ସତ୍ତ୍ୱେଐତିହ୍ୟ ପଦଯାତ୍ରୀମାନେ ସେଠାରେ ପହଞ୍ଚିବା ପରେ ମନ୍ଦିର ପରିଚାଳନା କମିଟି ତରଫରୁ ପଦଯାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଜଗତ କଲ୍ୟାଣ ପାଇଁ ପଦଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଏଠାରେ ଅବସ୍ଥିତ ଶିବ ମନ୍ଦିର ମଣ୍ଡପରେ ଏକ ଆନୁଷ୍ଠାନିକ ଆଲୋଚନାଚକ୍ରରେ ଏହି ମନ୍ଦିର ପ୍ରତିଷ୍ଠାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ତଥ୍ୟ ଉପରେ ଆଲୋଚନା କରାଯାଇଥିଲା। ଆଜିକୁ ଦୁଇଶହ ବର୍ଷ ପୂର୍ବରୁ ଜଣେ ସାଧୁ ଏହି ଡୁବୁରିରେ ଥିବା ଏକ ଗୁମ୍ଫାରେ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରୁ ଥିଲେ । ସାଧୁଙ୍କ ଅନ୍ତେ ପରବର୍ତ୍ତୀ କାଳରେ ଏଠାରେ ସ୍ଥାନୀୟ ଭକ୍ତବୃନ୍ଦଙ୍କ ଉଦ୍ୟମରେ ଠାକୁର ମାନଙ୍କର ନବକଳେବର କରାଯାଇ ମନ୍ଦିର ନିର୍ମାଣ କରାଯାଇଛି । ଏହି ପାହାଡରେ ରହିଛି ଅନେକ ଗୁମ୍ଫା। ପ୍ରତି ଗୁମ୍ଫାରେ ବିଭିନ୍ନ ଦେବଦେବୀଙ୍କ ପ୍ରତିମା ସ୍ଥାପନ କରାଯାଇଛି ଓ ଏଠାରେ ଏକ ଶିବ ମନ୍ଦିର ମଧ ନିର୍ମାଣ କରାଯାଇଛି। ମା ବିମଳା ଓ ମହାଲକ୍ଷ୍ମୀଙ୍କ ମନ୍ଦିର ,ହନୁମାନ,ଗଣେଶଙ୍କୁ ସ୍ଥାପନ କରାଯାଇଛି। ଆଦି ଶଙ୍କରାଚାର୍ଯ୍ୟ ଓ ଶ୍ରୀଚୈତନ୍ୟ ଙ୍କ ପ୍ରତିମା ଏହି ପୀଠର ଶୋଭା ବର୍ଦ୍ଧନ କରୁଛନ୍ତି। କୌଣସି ବି ସରକାରୀ ଅନୁଦାନ ବିନା ପରିଚାଳନା କମିଟି ଭକ୍ତ ମାନଙ୍କ ଦାନରେ ଏହି ପୀଠର ଉନ୍ନତିକରଣ କାର୍ଯ୍ୟକୁ ଯେପରି ତ୍ୱରାନ୍ୱିତ କରୁଛନ୍ତି ତାହା ବାସ୍ତବିକ ପ୍ରଶଂସା ଯୋଗ୍ୟ। ରଥଯାତ୍ରା ଠାରୁ ଆରମ୍ଭ କରି ବାରମାସରେ ତେର ଯାତ୍ରା ଏଠାରେ ଅନୁଷ୍ଠିତ ହୋଇ ଆସୁଛି । ମାତ୍ର ପୀଠକୁ ଏକ ସ୍ଥାୟୀ ପକ୍କା ସଡ଼କ ନଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉପସ୍ଥିତ କମିଟିର ସଦସ୍ୟ ମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହି ପୀଠର ଉନ୍ନତି କରଣ ପାଇଁ ଜିଲ୍ଲା ପ୍ରଶାସନ ସାମାନ୍ୟ ଦୃଷ୍ଟି ଦେଲେ ଏହା ଜିଲ୍ଲାର ଏକ ପ୍ରମୁଖ ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହୋଇ ପାରନ୍ତା ବୋଲି ପଦଯାତ୍ରୀ ମାନେ ଅନୁଭବ କରିଥିଲେ । ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ରମେଶ ଚନ୍ଦ୍ର ପତି,ବଦ୍ରୀନାଥ ଜେନା,ବିଶ୍ୱରଞ୍ଜନ ଦେହୁରୀ, ହୃଦାନନ୍ଦ ବେହେରା,ଜନ୍ମେଜୟ ରାଉତ, ଅକ୍ଷୟ କୁମାର ଦାସ,ପଦ୍ମନାଭ ଲେଙ୍କା,ସ୍ମିତାଲି ବେହେରା,ଜ୍ଞାନ ରଂଜନ ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା,ଜୀତେନ୍ଦ୍ର କୁମାର ପାଣି,ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା,ନରହରି ମହାନ୍ତ, ସୁଚିସ୍ମିତା ରାଉତ,ଓମ୍ ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ ପରିଚାଳନା କମିଟିର ସଂପାଦକ ହିମେନ୍ଦୁ ଲୋଚନ ପତି, ସଭାପତି ବ୍ରଜମୋହନ ପତି,ଅନ୍ନଦା ଶଙ୍କର ପତି,ରମେଶ ଚନ୍ଦ୍ର ରାଉଳ,ଅଶ୍ୱିନୀ କୁମାର ପତି ଓ ବହୁ ବରିଷ୍ଠ ଉପଦେଷ୍ଟା ଓ ସଦସ୍ୟ ମାନେ ଆଜିର ଐତିହ୍ୟ ପଦଯାତ୍ରାକୁ ପରିଚାଳନା କରିଥିଲେ ।

## ମାଧପୁର ହାଟପଦା ଠାରେ କୃଷକ ମହାସମାବେଶ



ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ପଞ୍ଚାୟତ ମାଧପୁର ହାଟପଦା ରେ ଓଡିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ତରଫରୁ ଏକ କୃଷକ ମହା ସମାବେଶ ଅନୁଷ୍ଠିତ ହୋଇଥିଲା । କୃଷକ ମହାସଂଘ ଆଠମଲ୍ଲିକ ଶାଖା ସଭାପତି ଦେବେନ୍ଦ୍ର ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଚାଷୀ ସମାବେଶରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, କୃଷକ ନେତା ପିତାମ୍ବର ବିଶ୍ୱାଳ, ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି, ଚିତ୍ତରଞ୍ଜନ ମେହେର, ନାରୀ ନେତ୍ରୀ ଇଂ ପ୍ରିୟଦର୍ଶିନୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାକୁଡ଼, କୃଷକ ନେତା ସଚ୍ଚିଦାନନ୍ଦ ପ୍ରଧାନ, ଦେବରାଜ ନାୟକ ପ୍ରମୁଖ ଯୋଗଦେଇ ଚାଷୀ ମାନଙ୍କ ଠାରୁ ଜଳକର ଆଦାୟ କରିବା ସହିତ ରବି ଓ ଖରିଫ ଋତୁ ରେ ମଣ୍ଡି ର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୃଷକ ମହାସଂଘ ସଂଯୋଜକ ଅଞ୍ଜନ ପ୍ରଧାନ ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ବହୁ ଚାଷୀ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ ଓଏମ୍‌କ୍ୟୁ ଡିଭିଜନକୁ ମାଇନ ଇନୋଭେସନ ଆୱାର୍ଡ ସମ୍ମାନ




କେନ୍ଦୁଝର/ଯୋଡ଼ା (ଜିପ୍ର/ସବ୍ୟୁ) : ଟାଟା ଷ୍ଟିଲ ଓଏମକ୍ୟୁ (ଓର୍, ମାଇନ୍ସ ଏବଂ କ୍ୱାରିଜ) ଡିଭିଜନକୁ ଖଣି କ୍ଷେତ୍ରରେ ଉଲ୍ଲେଖନୀୟ ଡିଜିଟାଲ ପ୍ରଯୁକ୍ତିର ଉପଯୋଗିତା ପାଇଁ ମାଇନ ଇନୋଭେସନ ଆୱାର୍ଡରେ ସମ୍ମାନିତ କରାଯାଇଛି। 'ଇଣ୍ଡିଆନ ମାଇନିଂ ଏବଂ ଇଞ୍ଜିନିୟରିଂ ଜର୍ଣ୍ଣାଲ' (ଆଇଏମଇଜେ) ଦ୍ୱାରା ଶନିବାର ଦିନ ଯୋଡ଼ାସ୍ଥିତ ଟାଟା ଷ୍ଟିଲର ଭ୍ୟାଲି କ୍ଲବ୍‌ଠାରେ ଆୟୋଜିତ ୫ମ 'ଇଣ୍ଟରନ୍ୟାସନାଲ କନ୍‌ଫରେନ୍ସ ଅନ ସେଫ ଆଣ୍ଡ ସଷ୍ଟେନେବୁଲ ମାଇନିଂ ଟେକ୍ନୋଲୋଜିଜ ଏବଂ ମାଇନିଂ ଏକ୍ସପୋ ୨୦୨୬' ଆୟୋଜନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।ଏହି ସମ୍ମାନ ଖଣି ପରିଚାଳନାରେ କାର୍ଯ୍ୟଦକ୍ଷତା, ସୁରକ୍ଷା, ନିପୁଣତା ଏବଂ ଦୀର୍ଘସ୍ଥାୟୀ କରିବା ପାଇଁ ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ବିନିଯୋଗ ନେଇ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବିଭିନ୍ନ ଉଦ୍ଭାବନମୂଳକ ଡିଜିଟାଲ ପ୍ରକଳ୍ପ ଜରିଆରେ ଟାଟା ଷ୍ଟିଲ, ଓଏମକ୍ୟୁ ଡିଭିଜନ ଖଣି କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ସହ ନିଜର ସମସ୍ତ ଖନନ ପ୍ରକ୍ରିୟାରେ ଉଲ୍ଲେଖମୂଳକ ପରିବର୍ତ୍ତନ ଆଣିପାରିଛି।ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନ୍ସ ଜେନେରାଲ ମ୍ୟାନେଜର୍ ଦେବାଶିଷ ଜେନା ଏବଂ ଟାଟା ଷ୍ଟିଲ ଯୋଡ଼ାର ଚିଫ ଜି.ଭି. ସତ୍ୟନାରାୟଣ କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଦୁଇ ଦିନିଆ ସମ୍ମିଳନୀ ଓ ମାଇନିଂ ଏକ୍ସପୋରେ ଶିଳ୍ପପତି, ଖଣି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷାବିତ୍‌ମାନେ ଏକତ୍ରିତ ହୋଇ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ଖନନ ପଦ୍ଧତିର ବିକାଶ ଏବଂ ଆଗାମୀ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ।କାର୍ଯ୍ୟକ୍ରମରେ ଖଣି କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହ ବିଭିନ୍ନ ଡିଜିଟାଲ ପଦକ୍ଷେପଗୁଡ଼ିକୁ ଆପଣେଇବା, ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ଖନନ ପ୍ରକ୍ରିୟାରେ ନବସୃଜନାତ୍ମକ ବିକାଶକୁ ବଜାୟ ରଖିବା ଦିଗରେ ପ୍ରୋତ୍ସାହିତ କରାଯାଇଥିଲା।

# ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର : ହତ୍ୟା ଅଭିଯୋଗ

ନୀଳଗିରି,(ସବ୍ୟୁ):ବନ୍ଦଘରୁ ଜଣୈକ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଶାଶୁଘର ଲୋକେ ଯୌତୁକପାଇଁ ତାଙ୍କ ଝିଅକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିବାନେଇ ମହିଳାଙ୍କ ବାପା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବାରୁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଜାରଡା ଗ୍ରାମର ପ୍ରଭଞ୍ଜନ ପ୍ରଧାନଙ୍କ କନ୍ୟା ଶୁଭଲକ୍ଷ୍ମୀଙ୍କୁ ୨୦୨୪ ମସିହାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଓଲଡ଼ଙ୍ଗ ଗ୍ରାମର ଶମ୍ଭୁନାଥ ସାମଲଙ୍କ ପୁଅ ପଙ୍କଜ ସାମଲଙ୍କୁ ବୈଦିକରୀତିରେ ବିବାହ ଦେଇଥିଲେ। ବିବାହ ସମୟରେ ବରପକ୍ଷର ଦାବୀ ମୁତାବକ ସମସ୍ତ ଯାନିଯୌତୁକ ଦେଇ ଝିଅକୁ ବିଦାକରିଥିଲେ। କିଛିଦିନ ଭଲରେ ଘରସଂସାର କରିବାପରେ ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇଙ୍କ ସମେତ ସ୍ୱାମୀ ପଙ୍କଜ ଅଧିକ ଯୌତୁକ ଦାବିକରି ବାରମ୍ବାର ନିର୍ଯାତନା ଦେଉଥିବା ଏବଂ ଏଥିପାଇଁ ବାରମ୍ବାର ଉଭୟ ପରିବାର ବସି ସମାଧାନ କରିଥିଲେ। ରବିବାର ସକାଳ ପ୍ରାୟ ୭ଟା ସମୟରେ ଶୁଭଲକ୍ଷ୍ମୀ ନିଜର ମାଆ ସହିତ ଫୋନରେ କଥାହୋଇଥିବା ବେଳେ ପୂର୍ବାହ୍ନ ପ୍ରାୟ ୯ଟାରେ ଉକ୍ତ ମହିଳାଙ୍କ ଝୁଲନ୍ତା ମୃତଦେହ ଏକ ବନ୍ଦଘରୁ ଉଦ୍ଧାର କରାଯାଇ ନୀଳଗିରି ହସ୍ପିଟାଲ ଅଣାଯାଇଥିଲା। ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରିରଖିଥିବା ବେଳେ ସ୍ୱାମୀ ପଙ୍କଜଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ମୃତ ଶୁଭଲକ୍ଷ୍ମୀଙ୍କ ବାପା ନୀଳଗିରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବାସହିତ ତାଙ୍କ ଝିଅକୁ ଶାଶୁଘର ଲୋକ ୫ଲକ୍ଷଟଙ୍କା ପାଇଁ ମାରିଦେଇ ଦଉଡ଼ିରେ ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିବାସହ ଝିଅକୁ ନିର୍ଯାତନାର ଫୋନ ରେକର୍ଡ଼ିଂ ତାଙ୍କନିକଟରେ ଥିବା ଅଭିଯୋଗ କରିଛନ୍ତି।ମହିଳାଙ୍କ ଶବବ୍ୟବଚ୍ଛେଦ କରାଯିବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ରହିଛି।ଏନେଇ ନୀଳଗିରି ଥାନାରେ କେଶ୍ ନମ୍ବର ୪୨୫/୨୬ରେ ମାମଲା ରୁଜୁକରି ତଦନ୍ତ ଜାରିରଖିଛି। ତଦନ୍ତକାରୀ ଅଧିକାରୀ ଦେବବ୍ରତ ସ୍ୱାଇଁ ତଦନ୍ତ ଜାରିରଖିଥିବା ବେଳେ ସିସି ଟିଭି ଫୁଟେଜର ହାର୍ଡ ଡିସ୍କ ଏବଂ ମୋବାଇଲ୍ ଜବତ କରିଛି।



# ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ ଉନ୍ମୋଚିତ

କେନ୍ଦୁଝର, (ଜିପ୍ର): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ୨୦୨୬ରେ ନୂତନ କ୍ଷମତାଗୁଡିକ ସହିତ ଏହାର ପାର୍ଟନର ଷ୍ଟାକକୁ ଅପଗ୍ରେଡକରି ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ ଭାବେ ଅବସ୍ଥାପିତ କରିଛି ।ଏହି ଷ୍ଟାକ୍ ବିକ୍ରି, ନିଯୁକ୍ତି ଓ ଗ୍ରାହକ ସେବା କ୍ଷେତ୍ରରେ କମ୍ପାନୀର ପରାମର୍ଶଦାତା ଏବଂ ବିତରଣ ନେଟ୍‌ୱର୍କକୁ ସମର୍ଥନ କରିବା ପାଇଁ ଏଆଇ-ସକ୍ଷମ ଟୁଲ୍, ଗଭୀର ପାର୍ଟନର-ସିଷ୍ଟମ ସମନ୍ୱୟ ଓ ଡିଜିଟାଲ କ୍ଷମତାଗୁଡିକୁ ଏକତ୍ରିତ କରିଛି । ପରାମର୍ଶଦାତା ଓ ବିତରଣ ସହଯୋଗୀଙ୍କୁ ପ୍ରାସଙ୍ଗିକ ସମାଧାନଗୁଡ଼ିକୁ ଚିହ୍ନଟ କରିବା, କ୍ୱଟେଶନ ପ୍ରସ୍ତୁତ କରିବା, ଗ୍ରାହକଙ୍କୁ ନିୟୋଜିତ କରିବା ଏବଂ ସେମାନଙ୍କୁ ଡିଜିଟାଲ ମାଧ୍ୟମରେ ସେବା ପ୍ରଦାନ କରିବା ପାଇଁ ସକ୍ଷମ କରି ଗ୍ରାହକଙ୍କ ଯାତ୍ରାକୁ ସରଳ କରିବା ଲାଗି ଏହି ଅପଗ୍ରେଡକୁ ଡିଜାଇନ କରାଯାଇଛି । ଏହାର ଇକୋଟ୍ ଆପ୍ ଗ୍ରାହକଙ୍କ ଶ୍ରେଣୀ ଓ ଜୀବନ ପର୍ଯ୍ୟାୟ ଉପରେ ଆଧାର କରି ଉପଯୁକ୍ତ ଉତ୍ପାଦ ସୁପାରିଶ କରିବା ପାଇଁ ଏକ ଏଆଇ-ଆଧାରିତ ପ୍ରଡକ୍ଟ ରେକମେଣ୍ଡରର ବ୍ୟବହାର କରିଥାଏ, ଏଥିସହିତ ପରାମର୍ଶଦାତାଙ୍କୁ ପର୍ସନାଲାଇଜ୍ଡ କୋଟେଶନ ପ୍ରସ୍ତୁତ କରିବା ଓ ସେୟାର କରିବା ପାଇଁ ସକ୍ଷମ କରିଥାଏ । ଏହାର ଏଆଇ-ସକ୍ଷମ ଚାଟ୍‌ବୋଟ ଲିଭା ଏକ ପାରମ୍ପରିକ ଇଂଟରଫେସ ପ୍ରଦାନ କରିଥାଏ । ଆଇସିଆଇସିଆଇ ଲାଇଫ ପାର୍ଟନର ଷ୍ଟାକ୍ ୨.୦ ସମ୍ପର୍କରେ ମତ ରଖି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିଶ ବ୍ୟାଙ୍କର କହିଛନ୍ତି, ଆମର ପରାମର୍ଶଦାତା ଓ ବିତରଣ ସହଯୋଗୀମାନେ ଗ୍ରାହକଙ୍କୁ ଜୀବନ ବୀମା ଉତ୍ପାଦଗୁଡ଼ିକୁ ଭଲ ଭାବରେ ବୁଝିବା ଓ ହାସଲ କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

# ମୟୂର ସାହିତ୍ୟ ସଂସଦର ଆଲୋଚନାଚକ୍ର

ବେତନଟୀ ,(ସବ୍ୟୁ): ଭଞ୍ଜଭୂମିର ଅଗ୍ରଣୀ ସାରସତ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଭଞ୍ଜ ମାଟିର ସାରସତ ସାଧକ ଶୀର୍ଷକ ଏକ ଆଲୋଚନା ଚକ୍ର ସଭା ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଆୟୋଜିତ ହୋଇଯାଇଛି । ପ୍ରାରମ୍ଭରେ ସଂସଦର ସଂପାଦକ ନାଟ୍ୟକାର ନୀରଦ ସୁନ୍ଦର ଜେନା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହିତ ଭଞ୍ଜ ମାଟିର କଳା,ସାହିତ୍ୟ ଓ ସାହିତ୍ୟିକ ମାନଙ୍କ ସଂପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥି ନିମନ୍ତେ ଆୟୋଜିତ ସଭାରେ ସଂସଦର ସଭାପତି କବି ଭାସ୍କର ଦିବେଦୀ ଅଧକ୍ଷତା କରି ଭଞ୍ଜ ମାଟିର ଗୌରବ କବି ଚିନ୍ତାମଣି ବେହେରାଙ୍କ କୃତି ଓ କବି ସଂପର୍କରେ ଆଲୋଚନା କରିଥିଲେ । ଅଧାପିକା ଡ. ମନ୍ଦାକିନୀ ସାହୁ ଗାଳ୍ପିକ ବସନ୍ତ କୁମାର ଶତପଥୀଙ୍କ ଗଳ୍ପ ସମ୍ଭାର ଉପରେ ବକ୍ତବ୍ୟ ରଖିଥିଲେ। କୟିତ୍ରୀ ସବିତା ମହାନ୍ତି ନାଟ୍ୟକାର ଆନନ୍ଦଶଙ୍କର ଦାସଙ୍କ ନାଟ୍ୟ ପ୍ରତିଭା ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଗାଳ୍ପିକ ପର୍ଶୁରାମ ସାହୁ ଭଞ୍ଜମାଟିର ସାରସତ ସାଧିକା ଦୁର୍ଗାବତୀ ତ୍ରିପାଠୀଙ୍କ କୃତି ଓ କୃତି ଉପରେ ବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । କବି ଗୌତମ ଚନ୍ଦ୍ର ବେହେରା ଗାଳ୍ପିକ ବସନ୍ତ କୁମାର ଶତପଥୀଙ୍କ ଜୀବନ ଓ ଦର୍ଶନ ଉପରେ ବିବରଣୀ ଉପସ୍ଥାପନ କରିଥିଲେ । ଲେଖକ ସଚ୍ଚିଦାନନ୍ଦ ମହାନ୍ତି ଭଂଜମାଟିର ମହକ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ସାରସତ ଜୀବନର ଚିତ୍ର ଉପସ୍ଥାପନ କରିଥିଲେ । ଏହି ଆଲୋଚନା ସଭାରେ କବି ପ୍ରିୟନାଥ ପାଣି, ସହଦେବ ଗିରି, ସୁଶାନ୍ତ କୁମାର କର, ହରିଶ୍ଚନ୍ଦ୍ର ଦାସ, କମଳଲୋଚନ କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂସଦର ସହ ସଂପାଦିକା ସୌଦାମିନୀ ପଣ୍ଡା ଗାଳ୍ପିକ ଜଗଦୀଶ ମହାନ୍ତିଙ୍କ ସାହିତ୍ୟିକ ଜୀବନ ଉପରେ ଆଲୋଚନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହସୀ ମହିଳା ମୁନି ସିଂଙ୍କୁ ଜିଲ୍ଲା ବିଜେଡ଼ି ମହିଳା ଦଳର ସମ୍ବର୍ଦ୍ଧନା



ବାଲେଶ୍ୱର,(ସବ୍ୟୁ): ନୀଳଗିରି ତିନିକୋଶିଆ ଜଙ୍ଗଲ ରାସ୍ତାରେ ଡକାୟତଙ୍କ ବନ୍ଧୁକ ଆଗରେ ନଡରି, ନିଜ ଜୀବନକୁ ବାଜି ଲଗାଇ ଛତା ସାହାଯ୍ୟରେ ବନ୍ଧୁକ ଭାଙ୍ଗି ଅସାଧାରଣ ସାହସିକତାର ପରିଚୟ ଦେଇଥିଲେ ନୀଳଗିରି ଗରଡ଼ିହୀ ପଞ୍ଚାୟତର ଶ୍ରୀମତୀ ମୁନି ସିଂ। ତାଙ୍କର ଏହି ଅତୁଳନୀୟ ବୀରତାକୁ ସମ୍ମାନ ଜଣାଇ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭାପତି ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ମହିଳା କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ମୀନା ମହାନ୍ତି ଏବଂ ବରିଷ୍ଠ ନେତୃବୃନ୍ଦଙ୍କ ତରଫରୁ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୁନି ସିଂଙ୍କର ଏହି ନିର୍ଭୀକ ସାହସ, ଧୈର୍ଯ୍ୟ ଓ ଦୃଢ଼ତା ଆଜି ସମଗ୍ର ମହିଳା ସମାଜ ପାଇଁ ଏକ ବଡ଼ ପ୍ରେରଣା ପାଲଟିଛି। ଉପସ୍ଥିତ ନେତୃବୃନ୍ଦ ତାଙ୍କର ଏହି ପ୍ରଶଂସନୀୟ ସାହସିକତାକୁ ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ସ୍ମୃତିଚାରଣ ସଭା

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ସ୍ୱର୍ଗତ ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏହି ସ୍ମୃତିଚାରଣ ସଭାରେ ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ପ୍ରଶାନ୍ତ ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ଦାମୋଦର ନାୟକ, ଅନ୍ତର୍ଯ୍ୟାମୀ ବାବୁ, ସାମ୍ବାଦିକ ଉଜ୍ଜ୍ୱଳ ଚନ୍ଦ୍ର କର ଧ୍ୱନି ପ୍ରତିଧ୍ୱନି ଦୈନିକ ଖବରକାଗଜର ସମ୍ପାଦକ ସୃଷ୍ଟି ଧର ପରିଡା, କମିଟିର ସମ୍ପାଦକ ଗଗନ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ହୋଇ ଲକ୍ଷ୍ମୀଧର ବେହେରାଙ୍କ ସହିତ ବିତେଇଥିବା ଦିନର ବହୁ ଅକୁହା କଥାମାନ ପ୍ରକାଶ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶ୍ରୀ ସୁଭେନ୍ଦୁ ଦାସ,କବି ତଥା ସାମ୍ବାଦିକ ସର୍ବେଶ୍ୱର ଦାସ ଓ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।ଏହି ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ବେହେରାଙ୍କ ପୁତ୍ର ସସ୍ମିତ ବେହେରା ପୁତ୍ର ବଧୂ ଓ ଝିଅ ମାନିନୀ ଉପସ୍ଥିତ ରହି ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ନିଜ ତରଫରୁ ଧନ୍ୟବାଦ ଦେବା ସହିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।ଏହି ସଭାରେ କମଳାକାନ୍ତ ନାୟକ, ସୁରେନ୍ଦ୍ର ଜେନା, ପ୍ରଦୀପ କୁମାର ବେରା, ସସ୍ମିତ ବେହେରା ,ପୂର୍ଣ୍ଣଚନ୍ଦ୍ର ବେହେରା, ମହେଶ୍ୱର ମହାନ୍ତି, ହିରତିକ ନାୟକ, ମୀତାଞ୍ଜଳି ପାଣିଗ୍ରାହୀ , ଶରତ ସାମଲ, ଶରତ ବାରିକ୍, ହେମନ୍ତ କୁମାର ମହାନ୍ତି, ସୀତାରାମ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସର୍ବଶେଷରେ ସାମ୍ବାଦିକ ସସ୍ମିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୱେଲନେସ ଅନ ହୁଇଲସର ରକ୍ତ ଦାନ ଶିବିର

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ସମେତ ଉତ୍ତର ଓଡିଶା ରେ ରକ୍ତ ର ଘୋର ଅଭାବ ରହୁଥିବା ବେଳେ ୱେଲନେସ ଅନ ହୁଇଲସ ସଂଗଠନ ର ପ୍ରତିଷ୍ଠାତା ସଲିମ ରାଜା ଙ୍କ ନେତୃତ୍ୱରେ ରବିବାର ପୂର୍ବାହ୍ନ ରେ ସ୍ଥାନୀୟ ଜିଲ୍ଲା ରକ୍ତ ଭଣ୍ଡାର ରେ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି। ଆଗାମୀ ଦିନରେ ଏହି ସଂଗଠନ ଜିଲ୍ଲା ର ସମସ୍ତ ରକ୍ତ ଦାତା ମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ତିଆରି କରି ସେମାନଙ୍କ ନାମ ଠିକଣା ଓ ଫୋନ ନମ୍ବର ରଖି ଡାଟା ପ୍ରସ୍ତୁତ କରିବ। ଜରୁରୀ ପରିସ୍ଥିତିରେ ସେମାନଙ୍କୁ ରକ୍ତଦାନ ପାଇଁ ଡକାଯିବ ବୋଲି ଶ୍ରୀ ସଲିମ ସୂଚନା ଦେଇଛନ୍ତି।ଆୟୋଜିତ ରକ୍ତ ଦାନ ଶିବିରରେ ସମାଜସେବୀ ସତ୍ୟେନ୍ଦ୍ର ଦାସ, ଶେଖ ଆରକାନ, ଓମ ପ୍ରକାଶ ସାହୁ,ବି ଏମ ଦାସ , ଶେଖ ଅବଦୁଲ ରହିମ,ଏସ କେ ଅଝରରୁଦିନ, ଶେଖ ହାଇଦର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଗଠନ ପକ୍ଷରୁ ୪୭ୟୁନିଟ ରକ୍ତ ସଂଗୃହିତ ହୋଇଛି। ଜିଲ୍ଲା ରକ୍ତ ଭଣ୍ଡାରର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।

# ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଅର୍ଜ୍ଜୁନ ସେଠୀଙ୍କ ଜୟନ୍ତୀ

ଆଗରପଡ଼ା,(ସବ୍ୟୁ): ପ୍ରାକ୍ତନ କେନ୍ଦ୍ର ଜଳସଂପଦ ମନ୍ତ୍ରୀ ସର୍ଗତ ଅର୍ଜ୍ଜୁନ ଚରଣ ସେଠୀଙ୍କ ର ୮୬ତମ ଜନ୍ମ ଜୟନ୍ତୀଉତ୍ସବ ଆଗରପଡ଼ା ହେମପଦ୍ମ ଗାଲାକ୍ସି ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସେଠୀ ଭଦ୍ରକ ଲୋକସଭା ଆସନରୁ ୮ଥର ସାଂସଦ ଓ ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ପରି ରାଜନେତା ମିଳିବା ବିରଳ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ। ତାଙ୍କ ସୁପୁତ୍ର ତଥା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଡାକ୍ତର ରବିନ୍ଦ୍ର ନାୟକ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା,ବଦ୍ରିନାରାୟଣ ଧଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନକୁଳ ସେଠୀ,ଦୁର୍ଗା ଦାସ, ଭରତ ରାଉତ, ପଙ୍କଜିନୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।ଶିକ୍ଷାବିତ ଡ. ସୁଧାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ମନୋରଂଜନ ଘଡ଼େଇ,କମିଟି ସଭାପତି ରବିନ୍ଦ୍ର ପଣ୍ଡା, ସଂପାଦକ ହେମନ୍ତ ସିଂହ, ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ଏହି ଅବସରରେ ଶ୍ରୀ ସେଠୀଙ୍କ ଫଟୋ ପ୍ରଦର୍ଶନୀ, ପ୍ରତିଭାଧାରୀ ମାନଙ୍କୁ ସମ୍ବର୍ଦ୍ଧନା,ରୋଗୀଙ୍କୁ ଫଳ ବଣ୍ଟନ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା ।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଦୋବଲ,(ସବ୍ୟୁ): ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ପାହାଡ ପୁର ଗ୍ରାମର କେଶବ ଚନ୍ଦ୍ର ମିଶ୍ରଙ୍କ ପୁଅ ବିରଞ୍ଚି ମିଶ୍ର (୨୭) ଗତ ଶନିବାର ଠାରୁ ଗାଈ ଖୋଜିବାକୁ ଯାଇ ଘରକୁ ଫେରିଥିଲେ ଆଜି ରବିବାର ସକାଳେ ଗାଁ ପାଖ ଆମ୍ବ ପାଣି ନାଳରେ ତାଙ୍କର ମୃତ ଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରେ ଧାମନଗର ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ।ପୋଲିସ ଏକ ଅପମୃତ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ପାହାଡପୁର ଗ୍ରାମର ବିରଞ୍ଚି ମିଶ୍ର ଗତ ଶନିବାର ଗାଈ ଖୋଜିବାକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ । ବିରଞ୍ଚି ନଫେରିବା ନେଇ ପରିବାର ଲୋକେ ବନ୍ଧୁ ବାନ୍ଧବ,ସାଇପଡ଼ିଶା ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ ।ରବିବାର ସକାଳ ଗାଁ ପାଖ ଆମ ନାଳରେ ବିରଞ୍ଚିଙ୍କ ମୃତ ଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଲୋକେ ଜମା ହୋଇଯାଇଥିଲେ । ଖବର ପାଇ ଧାମନଗର ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ପଠାଇଥିଲା । ମୃତ ବିରଞ୍ଚି ଜଣେ ମେଳାପୀ ବ୍ୟକ୍ତି ଥିଲେ।ଗାଁ ଛକରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଏହି ଦୁଃଖଦ ଖବରକୁ ନେଇ ଗ୍ରାମ ତଥା ଆଖପାଖ ଅଞ୍ଚଳର ଉକ୍ତ ନାଳ ନିକଟରେ ରୁଣ୍ଡ ହେବା ସହ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ୨୪ରେ ବଡ ସରକାର ବାବାଙ୍କ ବାର୍ଷିକ ଫାତେହା

ଭଦ୍ରକ,(ସବ୍ୟୁ):ଭଦ୍ରକ ପୌରାଂଚଳର ବାଇପାସ ରୋଡ ସ୍ଥିତ ସରକାର ନଗର ଖାନକାହା ପରିସରରେ ସୁଫି ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ଼ ସରକାର ବାବା (ର.ଅ)ଙ୍କ ୧୨ତମ ବାର୍ଷିକ 'ଫାତେହା' ଉତ୍ସବ ପାଳନ ପାଇଁ 'ଗୁଲସନେ ଗୌସପାକ ଟ୍ରଷ୍ଟ' ପକ୍ଷରୁ ଶୁକ୍ରବାର ଦିନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଟ୍ରଷ୍ଟର ସଭାପତି ହାଜି ହାଫିଜ ଶେଖ ମହମ୍ମଦ ଇଶହାକଙ୍କ ସଭାପତିତ୍ୱ ଓ ସମ୍ପାଦକ ଶେଖ ଅତା ମୋହିଦ୍ଦିନଙ୍କ ସଂଯୋଜନାରେ ଚଳିତ ସେପ୍ଟେମ୍ବର ମାସ ୨୪ ତାରିଖରେ ଏହି ଫାତେହା ଉତ୍ସବ ପାଳନ ହେବାକୁ ଟ୍ରଷ୍ଟ ପକ୍ଷରୁ ଉକ୍ତ ବୈଠକରେ ନିଷ୍ପତ୍ତି କରାଗଲା। ୨୩ତାରିଖ ବୁଧବାର ଅପରାହ୍ନ ୪ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଗୁଲସନେ ଗୌସପାକ ଟ୍ରଷ୍ଟ ଖାନକାହା ଠାରେ ବାର୍ଷିକ 'ଫାତେହା' ଉତ୍ସବ ପାଇଁ ଫଳ ସାମଗ୍ରୀ ପହଂଚାଇବେ। ରାତ୍ରି ୧୧ଟାରୁ ଫଳ ସାମଗ୍ରୀ କଟା ଆରମ୍ଭ ହେବ। ଅର୍ଦ୍ଧରାତ୍ରିରୁ ବାବାଙ୍କ ଗୋସଲଖାନୀ (ସ୍ନାନ) ଆରମ୍ଭ ହେବ। ୨୪ ତାରିଖ ଗୁରୁବାର ସକାଳ ନମାଜ ପାଠ ପରେ କୁରାନ ପାଠ,ମିଲାଦ ସରିଫ ଓ ଫାତେହାର ଆୟୋଜନ କରାଯିବ। ଫାତେହା ସରିଲା ପରେ ବାବାଙ୍କ ଭକ୍ତମାନଙ୍କୁ ଶିରିଣୀ (ଭୋଗ ବଣ୍ଟନ)କରାଯିବ। ସକାଳରୁ ବାବାଙ୍କ ସମାଧିଠାରେ ବାବାଙ୍କ ଭକ୍ତମାନେ ଚାଦର ଚଢାଇ ଦର୍ଶନ କରିପାରିବେ। ଏହି ଫାତେହା ଉତ୍ସବରେ ଆମ ରାଜ୍ୟ ତଥା ରାଜ୍ୟ ବାହାରୁ ବାବାଙ୍କ ଭକ୍ତମାନେ ଯୋଗଦାନ କରିବେ। ଶାନ୍ତିଶୃଙ୍ଖଳା ସହିତ ଫାତେହା ଉତ୍ସବ ପାଳନ କରିବାକୁ ଗୁଲସନେ ଗୌସ୍ୟାକ ଟ୍ରଷ୍ଟ ପକ୍ଷରୁ ବାବାଙ୍କ ଭକ୍ତ ମାନଙ୍କୁ ନିବେଦନ କରିଛନ୍ତି।

# ପତିପତ୍ନୀଙ୍କ ଉପରେ ଆକ୍ରମଣ ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ) ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରହଣିଆ ପଞ୍ଚାୟତ ଆକୁଳିକଣା ଗ୍ରାମର ବିଦ୍ୟାଧର ସେଠୀ ଓ ପତ୍ନୀ ସାବିତ୍ରୀ ସେଠୀଙ୍କ ଉପରେ ଆସାମାଜିକ ବ୍ୟକ୍ତିମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସାବତ୍ରୀଙ୍କ ଅଭିଯୋଗ ଅନୁଯାୟୀ ପତିପତ୍ନୀ ଶୁକ୍ରବାର ରାତ୍ର ୧୦ଟା ବେଳେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ରାସ୍ତାରେ ସୁରୁବଣ ଆଡୁ ଆକୁଳିକଣା ଗ୍ରାମର କେତେକ ଲୋକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ସେମାନଙ୍କ ସମ୍ମୁଖକୁ ଆସିଯିବାରୁ ବିଦ୍ୟାଧର ଗାଳିଗୁଲଜ ନକରିବାକୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଶୁଭ୍ରାଂଶୁ ସାମଲ, ଓମପ୍ରକାଶ ସ୍ୱାଇଁ, ରାଜାରାମ ସ୍ୱାଇଁ, ରାଜେଶ ଧଳ, ରାକେଶ ଧଳ, ଶୁଭାଶିଷ ଧଳ, ଭବାନୀ ଶଙ୍କର ସାମଲ, କେଦାର ସାମଲ, ପ୍ରତାପ ସାମଲ, ଜେଯାତିପ୍ରକାଶ ସ୍ୱାଇଁ ଏବଂ ଅନ୍ୟମାନେ ବିଦ୍ୟାଧରଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ସେମାନେ ପତ୍ନୀ ସାବିତ୍ରୀଙ୍କୁ ମଧ ଆକ୍ରମଣ କରିଥିଲେ ବୋଲି ଗତ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୪୫୯/୨୬ନଂ ମାମଲା ରଜୁ ହୋଇଛି।

## ବନ୍ୟା ଛାଡିବା ପରେ ବୈତରଣୀକୁ ନଦୀବନ୍ଧ ଧସିବା ଘଟଣା

# କ୍ଷେତ୍ରୀୟ ପରିଦର୍ଶନ କଲେ ଜଳସମ୍ପଦ ବିଭାଗ ଅଧିକାରୀ

ଆରଡି,(ସବ୍ୟୁ): ବୈତରଣୀ ନଦୀର ବନ୍ୟା ଛାଡିବା ପରେ ଗତ ଶନିବାର ଆରଡି ନିକଟସ୍ଥ ଓଳଗ ଅମୃତମଣୀ ନିକଟରେ ୨ଶହ ଫୁଟର ସୁରକ୍ଷା ନଦୀବନ୍ଧ ସହ ଷାଠିବାଙ୍କୁଡା ନିକଟରେ ୫ଶହ ଫୁଟର ନଦୀବନ୍ଧ ଧସି। ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରବିବାର ଯାଜପୁର ଅଧିନ ଧାମନଗର ଜଳସମ୍ପଦ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଂଚି ଅନୁଧ୍ୟାନ କରିଥିଲେ। ବନ୍ଧର ସ୍ଥାୟୀ ମରାମତି ପାଇଁ ସ୍ଥାନୀୟ ନଦୀକୂଳିଆ ଲୋକ ଓ ଚାଷୀମାନେ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ୨୦୨୫/୨୬ରେ ପ୍ରାୟ ୫କୋଟି ଟଙ୍କାରେ ବୈତରଣୀ ନଦୀର ଦୋହରାପାଟଣା ଠାରୁ ଷାଠିବାଙ୍କୁଡା ଯାଏଁ ଦୀର୍ଘ ଦେଢ଼ କିମି ନଦୀବନ୍ଧର ସୁଦୃଢ଼ିକରଣ କରାଯାଇଥିଲେ ମଧ୍ୟ ତାହା ଅତି ନିମ୍ନମାନର ହୋଇଥିବା ବେଳେ ବନ୍ଧରେ କିଛି ନାଲି ମହରମ ପକାଇ ଠିକାଦାର ଓ ତତ୍କାଳୀନ ବିଭାଗୀୟ ଅଧିକାରୀ ଟଙ୍କା ଚଳୁ କରିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏପରିକି ବନ୍ୟା ସମୟରେ ଜଳସମ୍ପଦ ବିଭାଗର ଏସଡିଓ ଓ କନିଷ୍ଠଯନ୍ତ୍ରୀ କ୍ଷେତ୍ରୀୟ ପରିଦର୍ଶନ ନକରିବା ସହ ଭୁଲ ତଥ୍ୟ ସରକାରଙ୍କୁ ଦେଉଥିବାରୁ ଗତ ୨ମାସ ମଧ୍ୟରେ ବୈତରଣୀ ନଦୀରେ ଆସିଥିବା ୫ଥର ବନ୍ୟାରେ ଜାତୀୟ ରାଜପଥ ଧୋଇଯିବା ସହ ଏକ ଘାଇ ସୃଷ୍ଟି ହେବାରୁ ୪ଟି ପଞ୍ଚାୟତର ବ୍ୟାପକ କ୍ଷତି ଘଟାଇଥିଲା। ଏପରିକି ହଜାରହଜାର ଚାଷୀଙ୍କର କ୍ଷେତରୁ ସମ୍ପୂର୍ଣ୍ଣ ଭାବେ ଧୋଇନେଇଛି ବର୍ଷକର ଅମଳ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ନଦୀବନ୍ଧର ସୃଦୃଢ଼ିକରଣ କରାନଯାଏ ତାହାଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନଦୀକୂଳିଆ ଲୋକଙ୍କ ସହ ଚାଷୀମାନେ କହିଛନ୍ତି। ଏପଟେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ ଧସିଥିବା ନଦୀବନ୍ଧର ସ୍ଥାୟୀ ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଖୁବଶିଘ୍ର କାମ ଆରମ୍ଭ ହେବ।

# ଚାନ୍ଦିପୁର ଠାରେ ଆନ୍ତର୍ଜାତୀୟ ସମୁଦ୍ର ଉପକୂଳ ସଫେଇ ଦିବସ- ପାଳିତ




ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରସ୍ଥିତ ସମୁଦ୍ର ଉପକୂଳରେ ଶନିବାର ପୂର୍ବାହ୍ନ ୮ଟାରେ ଆନ୍ତର୍ଜାତୀୟ ସମୁଦ୍ର ଉପକୂଳ ସଫେଇ ଦିବସ-୨୦୨୬ ଉତ୍ସାହ ଓ ସଚେତନତାର ସହ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ସମୁଦାୟ ଏବଂ ବିଭିନ୍ନ ଅଂଶୀଦାରମାନେ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ରେଡ୍ କ୍ରାବ୍ ଅଞ୍ଚଳରେ ଉପକୂଳ ସଫେଇ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗର ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ପ୍ରତୀକ ଇନ୍ଦଲକର, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ, ମନମୋହନ ମୁର୍ମୁ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଅଧ୍ୟକ୍ଷ ସ୍ନାତକୋତ୍ତର ପରିଷଦ, ଫକୀର ମୋହନ ବଶ୍ୱବିଦ୍ୟାଳୟ ପ୍ରଫେସର ସନ୍ତୋଷ କୁମାର ଅଗରୱାଲା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଏନ୍‌ଜିଓ ପ୍ରତିନିଧି, ସ୍ଥାନୀୟ ଚଜଓ ସଦସ୍ୟ, ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗର ବନ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ,ଏନ୍‌ଜିଓ ପ୍ରତିନିଧି, ପିଆର୍‌ଆଇ ସଦସ୍ୟ, ଭିଏସ୍‌ଏସ୍ ସଦସ୍ୟ ଏବଂ ବନ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ଉପକୂଳ ଅଞ୍ଚଳରୁ ବିଭିନ୍ନ ପ୍ରକାରର ଆବର୍ଜନା ଓ ପ୍ଲାଷ୍ଟିକ୍ ସାମଗ୍ରୀ ସଫା କରିଥିଲେ। ଏଥିସହିତ ଆବର୍ଜନାକୁ ଦାୟିତ୍ୱପୂର୍ଣ୍ଣ ଭାବେ ନିଷ୍କାସନ କରିବା ଏବଂ ଉପକୂଳ ପରିବେଶକୁ ସୁରକ୍ଷିତ ରଖିବାରେ ସାମୂହିକ ଜନସହଭାଗିତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ଗଣମାଧ୍ୟମ ଓ ପ୍ରେସ୍ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ଖବର ସଂଗ୍ରହ କରିଥିଲେ। ଏହା ମାଧ୍ୟମରେ ଉପକୂଳ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ସ୍ୱଚ୍ଛ ଉପକୂଳ ସମ୍ପର୍କିତ ସଚେତନତା ବ୍ୟାପକ ଭାବେ ପ୍ରଚାରିତ ହୋଇଥିଲା। ଚାନ୍ଦିପୁର ରେଡ୍ କ୍ରାବ୍ ଠାରେ ଆନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ-୨୦୨୬ର ସଫଳ ଆୟୋଜନ ଉପକୂଳ ପରିବେଶର ସୁରକ୍ଷା ଏବଂ ଏକ ସ୍ୱଚ୍ଛ, ସୁସ୍ଥ ଓ ସ୍ଥାୟୀ ଉପକୂଳୀୟ ପରିବେଶ ଗଠନ ଦିଗରେ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ସମୁଦାୟ ଏବଂ ଛାତ୍ରଛାତ୍ରୀମାନଙ୍କର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ବେତନଟୀ ମଣ୍ଡଳରେ ବିଜେପିର ମିଶ୍ରଣ ପର୍ବ



ବେତନଟୀ, ,(ସବ୍ୟୁ): ବିଜେପିବେତନଟୀ ମଣ୍ଡଳ ପକ୍ଷରୁ ଏକ ମହାମିଶ୍ରଣ ପର୍ବ ବେତନଟୀ ବନ୍ଧନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସଂଯୋଜନାରେ ଆୟୋଜିତ ଏହି ମହାମିଶ୍ରଣ ପର୍ବରେ ଶତାଧିକ ଉଭୟ ପୁରୁଷ ଓ ମହିଳା ଭାରତୀୟ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶ ଓ ବଡସାହି ବିଧାୟକ ସନାତନ ବିଜୁଳିଙ୍କ ଲୋକ ପ୍ରିୟତା ପାଇଁ ସେମାନେ ବିଜେପିରେ ଯୋଗଦାନ କରିଥିବା ପ୍ରକାଶ କରିଛନ୍ତି। ଏହି ମହାମିଶ୍ରଣ ପର୍ବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ବେତନଟୀ ମଣ୍ଡଳ ସାଧାରଣ ସମ୍ପାଦକ କ୍ଷିତିଶ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଦଳୀୟ ନେତାମାନଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ନୂତନ କର୍ମୀ ଓ ସମର୍ଥକମାନେ ବିଜେପିରେ ସାମିଲ ହୋଇଥିଲେ। ମାନ୍ୟବର ବଡସାହି ବିଧାୟକ ସନାତନ ବିଜୁଳି ସେମାନଙ୍କୁ ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

## ସମ୍ପାଦକୀୟ

# ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା

ଓଡ଼ିଶା ନୃତ୍ୟ ପରି 'ଓଡ଼ିଶୀ ସଙ୍ଗୀତ'କୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲାଗି ବିଗତ ସରକାରଙ୍କ ଅମଳରୁ ଦାବି ହୋଇ ଆସିଥିଲା । ଏବେ ମଧ୍ୟ କେତେଦିନ ଧରି ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିମାନେ ତାହା ଦାବି କରି ଆସୁଥିଲେ । କଟକର ବିଶିଷ୍ଟ ସଙ୍ଗୀତ ଗବେଷକ ତୀର୍ଥାନନ୍ଦ ମହାନ୍ତି ବ୍ୟକ୍ତିଗତ ସ୍ତରରେ ଏଥିପାଇଁ ଉଦ୍ୟମ କରି ଆସୁଥିଲେ । ଆଇନାନୁଯାୟୀ ସେ ତାଙ୍କର ଯୁକ୍ତିକୁ ଉପସ୍ଥାପନ କରିବା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ସେ ଆଶ୍ରୟ ଲୋଡ଼ିଥିଲେ । ସେ ଓ ଅନ୍ୟମାନେ ଏଥିପାଇଁ ରିଟ ଓ ଜନସ୍ୱାର୍ଥ ମାମଲାରେ ଆଇନଜୀବୀ ଯଯାତି କେଶରୀ ଖୁଣ୍ଟିଆଙ୍କ ଜରିଆରେ ପକ୍ଷ ହେବାରୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଡିଭିଜନ ବେଞ୍ଚ ଏହି ମାମଲାଟିକୁ ବିଚାର ପାଇଁ ଗ୍ରହଣ କରିଛନ୍ତି । ମାମଲାଟିର ବିଚାର ଭବିଷ୍ୟତରେ କ'ଣ ହେବ ଏବେଠାରୁ କହି ହେବ ନାହିଁ । ମାତ୍ର ସେମାନେ ଜନସ୍ୱାର୍ଥ ମାମଲାଟିକୁ ବିଚାର ପାଇଁ ଗ୍ରହଣ କରିବା ହିଁ ବଡ଼ କଥା । ଅତୀତରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ମଧ୍ୟ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲାଗି ଉଦ୍ୟମ କରିଥିଲେ । ସେ କ୍ଷେତ୍ରରେ କବିଚନ୍ଦ୍ରଙ୍କ ଜ୍ଞାନ, ଗାରିମା ଓ ଗବେଷଣାର ଫଳ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ସହାୟକ ହୋଇ ପାରିବ ବୋଲି ଆଶା କରାଯାଉଛି । ଆଜି ଯଦି ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ ହୋଇ ପାରିଛି, ସେଥିଲାଗି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କୁ ଆମେମାନେ ଭୁଲି ପାରିବା ନାହିଁ । ସେ ଏବେ ସ୍ୱର୍ଗରେ ।

ଓଡ଼ିଶୀ ସଙ୍ଗୀତର ବୈଶିଷ୍ଟ୍ୟକୁ ଅସ୍ୱୀକାର କରାଯାଇ ନପାରେ । ରାଗ ଓ ତାଳ ଦୃଷ୍ଟିରୁ ଏହାର ବିଚାର କରାଯାଇ ପାରେ । ପ୍ରାଚୀନ କବିମାନଙ୍କ ମଧ୍ୟରେ ଦ୍ୱାଦଶ ଶତାବ୍ଦୀର କବି ଜୟଦେବ, ବଳରାମ ଦାସ, ଅତିବଡ଼ି ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଦୀନବନ୍ଧୁ ଦାସ, ବନମାଳୀ ଦାସ, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି କାବ୍ୟ କବିତା କ୍ଷେତ୍ରରେ ସ୍ୱତନ୍ତ୍ର ରାଗିଣୀର ଆଶ୍ରୟ ନେଇଥିଲେ ମଧ୍ୟ ଓଡ଼ିଶୀ ସଙ୍ଗୀତର ସ୍ୱତନ୍ତ୍ରତା କିମ୍ବା ବୈଶିଷ୍ଟ୍ୟ ସେତେବେଳେ ପ୍ରତିପାଦିତ ହୋଇ ପାରିନଥିଲା । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଲେଖିଛନ୍ତି ତାଙ୍କ ଆତ୍ମଚରିତରେ ଯେ ପୁରୀ ଜିଲ୍ଲା ସ୍କୁଲ ହଲରେ ତା ୧୬/୦୫/୧୯୫୭ ମସିହାରେ 'ଓଡ଼ିଶୀ ସଙ୍ଗୀତ' ଉପରେ ଏକ ଆଲୋଚନାଚକ୍ର ଡକାଇବା ଲାଗି ସେ ଉଦ୍ୟମ କରିଥିଲେ । ସେ ଲେଖିଛନ୍ତି– ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧରେ ଏକ ସେମିନାର ଆୟୋଜନ ଓଡ଼ିଶାରେ ପ୍ରଥମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସେମିନାରରେ ଗଞ୍ଜାମର କେତେକ ସଙ୍ଗୀତଜ୍ଞ ବକ୍ତୃତା ଦେଇଥିଲେ ଏବଂ ଲିଖିତ ପ୍ରବନ୍ଧମାନ ମଧ୍ୟ ପାଠ କରିଥିଲେ । ସେଗୁଡ଼ିକ ଅନୁଲିଖିତ ହୋଇ ରଖାଗଲା ଓଡ଼ିଶା ସର୍ଟହ୍ୟାଣ୍ଡ କରାଯାଇ । ମୁଁ ତହିଁର ଏକ ପ୍ରସ୍ତ ନକଲ ମଧ୍ୟ ସଂରକ୍ଷିତ ରଖିଥିଲି । ତାହା ଖଣ୍ଡିଏ ପୁସ୍ତକ ହେବ । ପରିଷଦ ଏଥିପ୍ରତି କୃପାଦୃଷ୍ଟି ଦେଲେ ନାହିଁ । ଅବଧି ସେଗୁଡ଼ିକ ମୋ ନିକଟରେ ରହିଛି । (କୁମ୍ଭାରଚକ, ପୃଷ୍ଠା ୩୨୩, କାଳୀଚରଣ ପଟ୍ଟନାୟକ) ।

**କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଲେଖିଛନ୍ତି ତାଙ୍କ ଆତ୍ମଚରିତରେ ଯେ ପୁରୀ ଜିଲ୍ଲା ସ୍କୁଲ ହଲରେ ତା ୧୬/୦୫/୧୯୫୭ ମସିହାରେ 'ଓଡ଼ିଶୀ ସଙ୍ଗୀତ' ଉପରେ ଏକ ଆଲୋଚନାଚକ୍ର ଡକାଇବା ଲାଗି ସେ ଉଦ୍ୟମ କରିଥିଲେ । ସେ ଲେଖିଛନ୍ତି– ଓଡ଼ିଶୀ ସଙ୍ଗୀତ ସମ୍ବନ୍ଧରେ ଏକ ସେମିନାର ଆୟୋଜନ ଓଡ଼ିଶାରେ ପ୍ରଥମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସେମିନାରରେ ଗଞ୍ଜାମର କେତେକ ସଙ୍ଗୀତଜ୍ଞ ବକ୍ତୃତା ଦେଇଥିଲେ ଏବଂ ଲିଖିତ ପ୍ରବନ୍ଧମାନ ମଧ୍ୟ ପାଠ କରିଥିଲେ । ସେଗୁଡ଼ିକ ଅନୁଲିଖିତ ହୋଇ ରଖାଗଲା ଓଡ଼ିଶା ସର୍ଟହ୍ୟାଣ୍ଡ କରାଯାଇ । ମୁଁ ତହିଁର ଏକ ପ୍ରସ୍ତ ନକଲ ମଧ୍ୟ ସଂରକ୍ଷିତ ରଖିଥିଲି । ତାହା ଖଣ୍ଡିଏ ପୁସ୍ତକ ହେବ । ପରିଷଦ ଏଥିପ୍ରତି କୃପାଦୃଷ୍ଟି ଦେଲେ ନାହିଁ । ଅବଧି ସେଗୁଡ଼ିକ ମୋ ନିକଟରେ ରହିଛି । (କୁମ୍ଭାରଚକ, ପୃଷ୍ଠା ୩୨୩, କାଳୀଚରଣ ପଟ୍ଟନାୟକ) ।**

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଦେହାନ୍ତ ହୋଇଥିଲା ୧୯୭୦ ମସିହା ଜାନୁଆରୀ ୭ ତାରିଖରେ । ସେ ଚାଲିଗଲା ପରେ ତାଙ୍କର ପୁସ୍ତକ ଓ ସମ୍ପତ୍ତି ପ୍ରଭୃତିର ରକ୍ଷଣାବେକ୍ଷଣ, 'ସମାଜ'ର ପୂର୍ବତନ କର୍ମଚାରୀ 'ବନମାଳୀ ବେହେରା' ବୋଲି ଜଣେ କରି ଆସୁଛନ୍ତି । ଏ ବିଷୟରେ ଗବେଷଣା ଓ ଅନୁସନ୍ଧାନ କଲେ ସେ ସଂକ୍ରାନ୍ତରେ ତଥ୍ୟ ମିଳି ପାରିବ ।

'ଓଡ଼ିଶୀ ସଙ୍ଗୀତ'ର ବୈଶିଷ୍ଟ୍ୟ ସମ୍ପର୍କରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଲେଖିଛନ୍ତି, 'ଆମ ଦେଶରେ ଦକ୍ଷିଣୀ ରାଗରାଗିଣୀର ସାଧାରଣରେ ବେଶୀ ଆଦର ଥିଲେ ମଧ୍ୟ କୌଣସି କୌଣସି ସ୍ଥଳରେ ଓଡ଼ିଶୀ ପ୍ରତି ଅଧିକ ସମ୍ମାନ ଦିଆଯାଏ । ତାହାର କାରଣ, ଓଡ଼ିଶୀ ରାଗମାନ ସମଧିକ ଆୟାସସାଧ୍ୟ । ଅନେକ ଗାୟକ ଅଛନ୍ତି, ଯେଉଁମାନେ ଗୀତକୁ ଓଡ଼ିଶୀ ଓ ଦକ୍ଷିଣୀ ଉଭୟ ରୀତିରେ ଗାଇ ପାରନ୍ତି । (ଓଡ଼ିଆ ସଙ୍ଗୀତ (ପ୍ରବନ୍ଧ) କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କାନ୍ତ ସାହିତ୍ୟ ମାଳା, ପ୍ରଥମ ଖଣ୍ଡ, ପୃଷ୍ଠା ୫୨୮) ।

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲାଗି ରାଜ୍ୟ ଓ କେନ୍ଦ୍ର ସରକାରଙ୍କସମେତ ଆମେମାନେ ଉଦ୍ୟମ ଜାରି ରଖିବା ଉଚିତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତ–ଆମେରିକା ସମ୍ପର୍କ : ସହଯୋଗ ଓ ସ୍ୱାର୍ଥର ନୂଆ ସମୀକରଣ



ତେଜେଶ୍ୱର ପଟ୍ଟନାୟକ

ଭାରତ–ଆମେରିକା ସମ୍ପର୍କ ଆଜି ରଣନୈତିକ ସହଯୋଗ ଓ ଆର୍ଥିକ ସ୍ୱାର୍ଥର ଏକ ଜଟିଳ ସନ୍ଧିକ୍ଷଣ ଦେଇ ଗତି କରୁଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଭାରତ–ଆମେରିକା ସମ୍ପର୍କକୁ ନେଇ ରାଜନୈତିକ ସମୀକ୍ଷକମାନେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ବିଗତ ବର୍ଷ 'ଅପରେସନ ସିନ୍ଦୂର' (Operation Sindoor) ଉପରେ ଟ୍ରମ୍ପଙ୍କ ବିବାଦୀୟ ଓ ଅପ୍ରୀତିକର ମନ୍ତବ୍ୟ, ତଥା ତାଙ୍କର କେତେକ ନିଷ୍ପତ୍ତି ଭାରତ–ଆମେରିକା ସମ୍ପର୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ତଥାପି ଦୁଇ ଦେଶ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିରେ ମୋହର ମାରିବା ପାଇଁ ଆଲୋଚନା ଜାରି ରହିଛି ଏବଂ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡୁଛି ।

ଏକଦା ଭାରତ ଓ ଆମେରିକା ମଧ୍ୟରେ ସୁସମ୍ପର୍କ ଶୀର୍ଷ ସୋପାନରେ ଥିଲା । ତେବେ ଭୂରାଜନୈତିକ ବାସ୍ତବତା ଓ ଆର୍ଥିକ ସ୍ୱାର୍ଥକୁ ଆଧାର କରି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ନିଜର ନୀତି ଓ ନିଷ୍ପତ୍ତି ନିର୍ଦ୍ଧାରଣ କରେ । ଦେଶଗୁଡ଼ିକ ମଧ୍ୟରେ ଆନ୍ତର୍ଜାତିକ ସ୍ତରରେ ଅନେକ ବିଷୟରେ ମତଭେଦ ରହିଥିଲେ ମଧ୍ୟ ନିରନ୍ତର ଆଲୋଚନା ମାଧ୍ୟମରେ ରଣନୈତିକ ସହଯୋଗ ପାଇଁ ନୂଆ ସୁଯୋଗ ସୃଷ୍ଟି କରାଯାଇପାରେ ।

ଭାରତ ସ୍ୱାଧୀନତା ହାସଲ କରିବାର ପ୍ରଥମ ଦୁଇ ଦଶକରେ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଭାରତର ରାଜନୈତିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆମେରିକା ସମ୍ମାନ ଜଣାଇ ସହଯୋଗର ହାତ ବଢ଼ାଇଥିଲା । କିନ୍ତୁ ସେ ସମୟରେ ଅନେକ ପ୍ରମୁଖ ଆନ୍ତର୍ଜାତିକ ପ୍ରସଙ୍ଗରେ ଉଭୟ ଦେଶର ମତପାର୍ଥକ୍ୟ ରହିଥିଲା । ୧୯୬୨ ମସିହାର ଭାରତ–ଚୀନ୍ ଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ଭାରତକୁ ସାମରିକ ସାହାଯ୍ୟ ଯୋଗାଇବା ସହ କୂଟନୈତିକ ସମର୍ଥନ ଦେଇଥିଲା । ୧୯୬୦ ଦଶକର ପ୍ରାରମ୍ଭରେ ଆମେରିକା ପିଏଲ୍ -୪୮୦ କାର୍ଯ୍ୟକ୍ରମ ଅଧୀନରେ ଭାରତକୁ ଖାଦ୍ୟଶସ୍ୟ ଯୋଗାଇଥିଲା । କିନ୍ତୁ ୧୯୬୫ ଓ ୧୯୭୧ ମସିହାର ଭାରତ–ପାକିସ୍ତାନ ଯୁଦ୍ଧ ସମୟରେ ଆମେରିକା ଭାରତର ବୈଦେଶିକ ନୀତିକୁ ପସନ୍ଦ କରି ନଥିଲା । ବିଶେଷକରି ୧୯୭୧ ମସିହାର ଯୁଦ୍ଧ ସମୟରେ ଭାରତ ଉପରେ ଆମେରିକା ଚାପ ପ୍ରୟୋଗ କରିବା ପାଇଁ ଚେଷ୍ଟା କରିଥିଲା । ଆମେରିକା ପାକିସ୍ତାନକୁ ମଧ୍ୟ ସାମରିକ ସାହାଯ୍ୟ ଓ ସମର୍ଥନ ଦେଇଥିଲା । ଭିଏତନାମରେ ଆମେରିକୀୟ ହସ୍ତକ୍ଷେପ ସମେତ ଅନ୍ୟ କେତେକ ପ୍ରାସଙ୍ଗିକ ବିଷୟ ଯଥା ଭାରତର ନିରପକ୍ଷ ଓ ସ୍ୱାଧୀନ ବିଦେଶ ନୀତିକୁ ଆମେରିକା ନାପସନ୍ଦ କରୁଥିଲା ।

୧୯୭୧ ମସିହାର ଭାରତ–ପାକିସ୍ତାନ ଯୁଦ୍ଧ ସମୟରେ ଉଭୟ ଦେଶର ସମ୍ପର୍କ ନିମ୍ନ ସ୍ତରରେ ପହଞ୍ଚିଥିଲା । ଶୀତଳ ଯୁଦ୍ଧର ପରିବେଶରେ ଭାରତ ସୋଭିଏତ ୟୁନିଅନ୍ ସହିତ ନିଜର ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିଥିଲା ଏବଂ ୧୯୭୧ ମସିହାରେ ଶାନ୍ତି, ମୈତ୍ରୀ ଓ ସହଯୋଗର ଚୁକ୍ତି ସ୍ୱାକ୍ଷର କରିଥିଲା ।

୧୯୭୪ ମସିହାରେ ପୋଖରାନରେ ଭାରତ ପ୍ରଥମ ସଫଳ ପରମାଣୁ ପରୀକ୍ଷଣ କରିବା ପରେ ଆମେରିକା ସହ ଭାରତର ସମ୍ପର୍କ ଆହୁରି ତିକ୍ତ ହୋଇଥିଲା । ଏହାର ପରିଣାମସ୍ୱରୂପ ଆମେରିକା ଭାରତ ସହ ପରମାଣୁ ସହଯୋଗ ଉପରେ କଟକଣା ଲଗାଇଥିଲା । ୧୯୮୦ ଦଶକରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଧୀରେ ଧୀରେ ଉନ୍ନତ ହେବା ଆରମ୍ଭ ହୋଇଥିଲା । ଆଫଗାନିସ୍ତାନରେ ସୋଭିଏତ୍ ୟୁନିଅନର ସାମରିକ ଉପସ୍ଥିତି ଭଳି ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ଆମେରିକାଠାରୁ ଭିନ୍ନ ଥିଲେ ମଧ୍ୟ, ୧୯୮୫ ମସିହାରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ଆମେରିକା ଗସ୍ତ ଉଭୟ ଦେଶ ମଧ୍ୟରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା ।

୧୯୯୧ ମସିହାରେ ଭାରତ ଆର୍ଥିକ ସଂସ୍କାର ପ୍ରଣୟନ କରିବା ଏବଂ ସୋଭିଏତ୍ ୟୁନିଅନର ବିଭାଜନ ପରିପ୍ରେକ୍ଷୀରେ ଉଭୟ ଦେଶର ସମ୍ପର୍କ ପାଇଁ ଏକ ନୂଆ ଅନୁକୂଳ ପରିବେଶ ସୃଷ୍ଟି ହେଲା । ଶୀତଳ ଯୁଦ୍ଧର ଅନ୍ତ ହେବା ପରେ ବିଶ୍ୱର ଏକ ପ୍ରମୁଖ ଶକ୍ତି ଭାବରେ ଆମେରିକାର ଆର୍ବିଭାବ ଦୁଇ ଗଣତନ୍ତ୍ର ମଧ୍ୟରେ ସମ୍ପର୍କ ପାଇଁ ନୂଆ ସୁଯୋଗ ଖୋଲି ଦେଇଥିଲା ।

**ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ତାଙ୍କର ବାଣିଜ୍ୟକେନ୍ଦ୍ରିକ ଆଭିମୁଖ୍ୟ ନୂଆ ଆହ୍ୱାନ ସୃଷ୍ଟି କରିଛି । ଟ୍ରମ୍ପ ବାରମ୍ବାର ଦାବି କରିଛନ୍ତି ଯେ ତାଙ୍କ ଉଦ୍ୟମ ଯୋଗୁଁ ଭାରତ–ପାକିସ୍ତାନ ସଂଘର୍ଷ ବନ୍ଦ ହୋଇଥିଲା ଏବଂ ଯୁଦ୍ଧବିରତି ସମ୍ଭବ ହୋଇଥିଲା । ଭାରତ ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏପରି ଦାବି ବେଳେବେଳେ କୂଟନୈତିକ ସ୍ତରରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଏବଂ ଦୁଇ ଦେଶର ସହଭାଗୀତା ଉପରେ ପ୍ରଶ୍ନ ଉଠାଇଛି ।**

ତେବେ ରୁଷ ସହିତ ଭାରତର ଦୀର୍ଘକାଳୀନ ସହଭାଗୀତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ୨୦୦୦ ମସିହାରେ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା । ୨୦୦୫ ମସିହାର ଭାରତ–ଆମେରିକା ବେସାମରିକ ପରମାଣୁ ଚୁକ୍ତି ଏକ ଉଲ୍ଲେଖନୀୟ ଘଟଣା ଥିଲା । ଭାରତ ପରମାଣୁ ଅପ୍ରସାର ଚୁକ୍ତିନାମାର ସ୍ୱାକ୍ଷରକାରୀ ଦେଶ ନଥିବା ସତ୍ତ୍ୱେ ଅନ୍ତର୍ଜାତୀୟ ବେସାମରିକ ପରମାଣୁ ସହଯୋଗରେ ଭାରତର ଅଂଶଗ୍ରହଣକୁ ସ୍ୱୀକୃତି ମିଳିଥିଲା । କାଳକ୍ରମେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗର ସେତୁବନ୍ଧ ଆହୁରି ମଜବୁତ ହୋଇଥିଲା ।

ବିଗତ ଦୁଇ ଦଶନ୍ଧିରେ ଚୀନର ଦ୍ରୁତ ଅର୍ଥନୈତିକ ଓ ସାମରିକ ଶକ୍ତି ବୃଦ୍ଧି ବିଶ୍ୱର ଭୂରାଜନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିଦେଇଛି । ଚୀନର ବୃଦ୍ଧିଶୀଳ ଭୂରାଜନୈତିକ ପ୍ରଭାବକୁ ସନ୍ତୁଳିତ କରିବା ପାଇଁ ଆମେରିକା ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଅଂଶୀଦାର ଭାବେ ଦେଖୁଛି । ଏହାର ପରିଣାମରେ ପ୍ରତିରକ୍ଷା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଆମେରିକାର ସହଯୋଗ ବୃଦ୍ଧି ପାଇଛି । ଭାରତ, ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନକୁ ନେଇ ଗଠିତ କ୍ୱାଡ୍ ଗୋଷ୍ଠୀ (QUAD) ଚାରିଟି ଗଣତାନ୍ତ୍ରିକ ଦେଶ ମଧ୍ୟରେ ସହଯୋଗ ଓ ସମନ୍ୱୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ଉଭା ହୋଇଛି । ବିଶେଷକରି ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ, ସୁରକ୍ଷିତ ଓ ସ୍ଥିର ରଖିବା ଦିଗରେ ଏହା ଏକ ପ୍ରମୁଖ ପ୍ରୟାସ ।

ତେବେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ତାଙ୍କର ବାଣିଜ୍ୟକେନ୍ଦ୍ରିକ ଆଭିମୁଖ୍ୟ ନୂଆ ଆହ୍ୱାନ ସୃଷ୍ଟି କରିଛି । ଟ୍ରମ୍ପ ବାରମ୍ବାର ଦାବି କରିଛନ୍ତି ଯେ ତାଙ୍କ ଉଦ୍ୟମ ଯୋଗୁଁ ଭାରତ–ପାକିସ୍ତାନ ସଂଘର୍ଷ ବନ୍ଦ ହୋଇଥିଲା ଏବଂ ଯୁଦ୍ଧବିରତି ସମ୍ଭବ ହୋଇଥିଲା । ଭାରତ ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏପରି ଦାବି ବେଳେବେଳେ କୂଟନୈତିକ ସ୍ତରରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଏବଂ ଦୁଇ ଦେଶର ସହଭାଗୀତା ଉପରେ ପ୍ରଶ୍ନ ଉଠାଇଛି ।

ତଥାପି ଆର୍ଥିକ ସହଯୋଗ ଦ୍ୱିପାକ୍ଷିକ ସମ୍ପର୍କର ଏକ ପ୍ରମୁଖ ସ୍ତମ୍ଭ ହୋଇ ରହିଛି । ଆମେରିକା ଭାରତର ଦ୍ୱିତୀୟ ସର୍ବବୃହତ ବାଣିଜ୍ୟିକ ଅଂଶୀଦାର । ଏକ ତଥ୍ୟ ଅନୁସାରେ, ୨୦୨୫ ମସିହାରେ ଦ୍ୱିପାକ୍ଷିକ ବାଣିଜ୍ୟର ପରିମାଣ ୧୪୯.୧ ବିଲିୟନ୍ ଡଲାର ଥିଲା । ଭାରତରୁ ଆମେରିକାକୁ ରପ୍ତାନି ୧୦୩.୮ ବିଲିୟନ୍ ଡଲାର ଥିବାବେଳେ ଆମେରିକାରୁ ଭାରତର ଆମଦାନୀ ୪୫.୪ ବିଲିୟନ୍ ଡଲାର ଥିଲା ।

ଭାରତ ଔଷଧ, ଆଇଟି ସେବା, ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ, ବୟନଶିଳ୍ପ ଓ ଅଳଙ୍କାର ଭଳି ସାମଗ୍ରୀ ରପ୍ତାନି କରୁଥିବାବେଳେ ଆମେରିକା ବିମାନ, ଶକ୍ତି ଉତ୍ପାଦ, ଯନ୍ତ୍ରପାତି, ଚିକିତ୍ସା ଉପକରଣ ଓ କୃଷି ସାମଗ୍ରୀ ଯୋଗାଣ କରିଥାଏ । ଆମେରିକୀୟ କମ୍ପାନୀଗୁଡ଼ିକ ଭାରତର ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ଅର୍ଥ, ଇ–କମର୍ସ ଓ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଯଥେଷ୍ଟ ନିବେଶ କରିଛନ୍ତି । ସେହିପରି ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ଆମେରିକାରେ ନିବେଶ କରିବା ସହ ନିଯୁକ୍ତି ସୃଷ୍ଟି କରିଛନ୍ତି । ତଥାପି ଆର୍ଥିକ ସମ୍ପର୍କରେ ଅଧିକ ଶୁଳ୍କ, ଭାରତୀୟ ବଜାରରେ ଆମେରିକୀୟ କୃଷି ସାମଗ୍ରୀର ପ୍ରବେଶ, କୃଷି, ବୌଦ୍ଧିକ ସମ୍ପତ୍ତି, ଡିଜିଟାଲ୍ ନିୟମ ଓ ତଥ୍ୟ ପରିଚାଳନା ଭଳି ପ୍ରସଙ୍ଗକୁ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ରହିଛି ।

ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନାର ପରିସମାପ୍ତିକୁ ଉଭୟ ଦେଶ ଆଶାବାଦୀ ଅଛନ୍ତି । ସମ୍ଭାବ୍ୟ ଚୁକ୍ତିର ଆଇନଗତ ଓ ବୈଷୟିକ ଦିଗ ଉପରେ ମଧ୍ୟ କାମ ଚାଲିଥିବା ଜଣାପଡ଼ିଛି । ନିକଟରେ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆମେରିକାଠାରୁ ଜାଭେଲିନ୍ ଆଣ୍ଟି–ଟ୍ୟାଙ୍କ୍ ମିସାଇଲ୍ କିଣିବା ପାଇଁ ୪୫.୭ ନିୟୁତ ଡଲାରର ଚୁକ୍ତି ସ୍ୱାକ୍ଷର କରିଛି । ଏପରି ପ୍ରତିରକ୍ଷା ସହଯୋଗ ଉଭୟ ଦେଶର ରଣନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବାରେ ସହାୟକ ହୋଇପାରେ ।

ଭାରତ ନିଜର ବାଣିଜ୍ୟିକ ପ୍ରତିବଦ୍ଧତାର ଆର୍ଥିକ ଦିଗକୁ ସତର୍କତାର ସହିତ ମୂଲ୍ୟାଙ୍କନ କରିବା ଉଚିତ । ପାଞ୍ଚ ବର୍ଷ ମଧ୍ୟରେ ୫୦୦ ବିଲିୟନ୍ ଡଲାର ମୂଲ୍ୟର ଆମେରିକୀୟ ସାମଗ୍ରୀ ଆମଦାନୀ କରିବାର ପ୍ରତିବଦ୍ଧତା ଓ ପ୍ରତିଶ୍ରୁତି ଭାରତ ପାଇଁ ଏକ ବଡ଼ ଆର୍ଥିକ ଦାୟିତ୍ୱ ହୋଇପାରେ । ଏହାର ପରିଣାମରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଅତିରିକ୍ତ ଚାପ ପଡ଼ିପାରେ ବୋଲି ଆଶଙ୍କା ରହିଛି ।

ଇରାନ ଉପରେ ଆମେରିକାର ଆର୍ଥିକ କଟକଣା ଯୋଗୁଁ ସେଠାରେ କାର୍ଯ୍ୟରତ ଭାରତୀୟ କମ୍ପାନୀ ଏବଂ ଚାବାହାର ବନ୍ଦରର ବିକାଶ ଭଳି ପ୍ରକଳ୍ପଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇପାରେ । ଏହା ଭାରତର ଶକ୍ତି ସୁରକ୍ଷା ଓ ମଧ୍ୟ ଏସିଆ ସହିତ ସଂଯୋଗ ନୀତି ପାଇଁ ମଧ୍ୟ ଏକ ଆହ୍ୱାନ ।

ସେହିପରି ଆମେରିକା ପ୍ରଶାସନର ଏଚ ୧ ବି (ଓ–୧ଇ) ଭିସା ଶୁଳ୍କର ଅତ୍ୟଧିକ ବୃଦ୍ଧି ଯୋଗୁଁ ଭାରତୀୟ ଆଇଟି କର୍ମଚାରୀ ଏବଂ ନିଯୁକ୍ତିଦାତା କମ୍ପାନୀଗୁଡ଼ିକୁ ଅଧିକ ଖର୍ଚ୍ଚ ବହନ କରିବାକୁ ପଡ଼ିପାରେ । ଏହା ଭାରତୀୟ ପେଶାଦାରମାନଙ୍କ ଆମେରିକୀୟ ଚାକିରି ବଜାରରେ ପ୍ରବେଶକୁ ମଧ୍ୟ ପ୍ରଭାବିତ କରିପାରେ ।

ଯୁକ୍ତରାଷ୍ଟ୍ର ଆମେରିକା ସାମରିକ ଓ ଅର୍ଥନୈତିକ ଉଭୟ ଦୃଷ୍ଟିକୋଣରୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଅଟେ । ଆନ୍ତର୍ଜାତୀୟ ବାଣିଜ୍ୟରେ ଏହାର ମୁଦ୍ରା 'ଡଲାର'ର ମଧ୍ୟ ପ୍ରାଧାନ୍ୟ ରହିଛି । ଭାରତ–ଆମେରିକା ସମ୍ପର୍କରେ ଉନ୍ନତି ଆଣିବା ଉଭୟ ଦେଶ ପାଇଁ ଅପରିହାର୍ଯ୍ୟ । ତେବେ, ଭାରତର ବୈଦେଶିକ ନୀତି ପାରସ୍ପରିକ ସମ୍ମାନ, ସନ୍ତୁଳିତ ବାଣିଜ୍ୟ ଓ ରଣନୈତିକ ସ୍ୱାୟତ୍ତତା ଉପରେ ଆଧାରିତ । ଆମେରିକା ମଧ୍ୟ ଭାରତକୁ ଏକ ସମାନ ଓ ସମ୍ମାନଜନକ ରଣନୈତିକ ଅଂଶୀଦାର ଭାବେ ଦେଖିବା ଉଚିତ ।

ଉଭୟ ଦେଶ ନିଜ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବା ସହିତ ପରସ୍ପରର ସ୍ୱାର୍ଥ ଓ ସମ୍ବେଦନଶୀଳତାକୁ ସମ୍ମାନ କରିବା ଆବଶ୍ୟକ । ମତଭେଦ ଥିଲେ ମଧ୍ୟ ନିରନ୍ତର ଆଲୋଚନା, ସନ୍ତୁଳିତ ବାଣିଜ୍ୟ ଓ ରଣନୈତିକ ସହଯୋଗ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥିରତା ଓ ଦୀର୍ଘସ୍ଥାୟିତ୍ୱ ଆଶା କରିବା । ଭାରତ–ଆମେରିକା ସମ୍ପର୍କର ଭବିଷ୍ୟତ କେବଳ ବାଣିଜ୍ୟ କିମ୍ବା ପ୍ରତିରକ୍ଷା ସହଯୋଗ ଉପରେ ନୁହେଁ, ବରଂ ପାରସ୍ପରିକ ସମ୍ମାନ ଓ ସନ୍ତୁଳିତ ସ୍ୱାର୍ଥ ଉପରେ ନିର୍ଭର କରିବ । ଭାରତ ନିଜର ରଣନୈତିକ ସ୍ୱାୟତ୍ତତାକୁ ଅକ୍ଷୁଣ୍ଣ ରଖି ଆମେରିକା ସହ ସହଯୋଗ ଜାରି ରଖିବା ହିଁ ଆଗାମୀ ଦିନର ଉତ୍ତମ ପନ୍ଥା ହେବ ।

**(ଲେଖକ 'ବ୍ୟାଙ୍କ ଅଫ୍ ଇଣ୍ଡିଆ'ର ପୂର୍ବତନ ଉପ–ମହାପ୍ରବନ୍ଧକ ଏବଂ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ଜଣେ ସ୍ତମ୍ଭକାର ।)**
**କେ–୫, ଏଚ୍.ଆଇ.ଜି. (HIG), କଳିଙ୍ଗ ବିହାର, ଭୁବନେଶ୍ୱର**

# ନିଷ୍ପତ୍ତି ଆପଣଙ୍କର



ନିମାଇଁ ପଟ୍ଟନାୟକ

ପୃଥିବୀର ଅପରୂପ ସୌନ୍ଦର୍ଯ୍ୟରେ ମୁଗ୍ଧ ତଥା ମଣିଷ ପ୍ରତି ଈର୍ଷାନ୍ୱିତ ସ୍ୱର୍ଗର ଦେବତାମାନେ ପୃଥବୀର କବି ଗାଇଥିବା ଗୀତର ମର୍ମାର୍ଥକୁ ବୁଝିବା ପାଇଁ ଜନ୍ମ ନିଅନ୍ତି ମାଟିର ମଣିଷ ହୋଇ ।

କହ ମୋତେ ଥରେ ଏ ବିଶାଳ ଚିତ୍ର
କେଉଁ ଶିଳ୍ପୀ ସରଜିଲା
କେଉଁ ତୁଳିରେ ସେ ଏତେ ରଙ୍ଗନେଇ
କଉଶଳେ ରଙ୍ଗେଇଲା
ଜୀବନ ମାଗିଲେ ପ୍ରଭୁ
ଜନ୍ମ ଦେବୁ ମୋତେ
ଏହି ମାଟିର କୋଳରେ,
ହସ କାନ୍ଦ ଅଭିମାନ
ଜନମ ମରଣ ସବୁ
ଯହିଁ ବନ୍ଧା ଏକ ସୁରେ ।

ଏହି ଗୀତର ମଧୁମୟ ପୃଥ୍ୱୀ ଓ ସୃଷ୍ଟିର ମୁକୁଟ ବୋଲାଉଥିବା ମାନବର ଭବିଷ୍ୟତ ଓ ବର୍ତ୍ତମାନ, ଅତୀବ ସଂକଟମୟ । ଏହାର ସ୍ଥିତି,ଗତି ଓ ପ୍ରଗତି ଅନିଶ୍ଚିତତାର କଳା ବାଦଲରେ ଆଚ୍ଛାଦିତ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସ, ପରମାଣୁ ବିଭୀଷିକା, ଅସଂଖ୍ୟ ନିରୀହ ସାଧାରଣ ଜନତାର ଅକାଳ ମୃତ୍ୟୁ, ସଚେତନ ମଣିଷର ସ୍ମୃତିପଟରୁ ଲିଭିବା ପୂର୍ବରୁ ପୁଣି ଆକାଶରେ ଚହଟିଲାଣି ବାରୁଦର ବାସ୍ନା । ଘୋଟିଲାଣି ଆହୁରି ଭୟଙ୍କର ବହୁଗୁଣେ ଶକ୍ତିଶାଳୀ ବିପତ୍ତି,ବିକୃତି ଓ ବିନଷ୍ଟିର ଗାଢ଼ କଳାମେଘ ଯାହା ଅପ୍ରତ୍ୟାଶିତ ଭାବେ ବର୍ଷିଯାଇ ସୃଷ୍ଟି କରିପାରେ ମୃତ୍ୟୁର ମହାତାଣ୍ଡବ । ଆତ୍ୟାଧୁନିକ ଜ୍ଞାନ,ବିଜ୍ଞାନ, ପ୍ରଯୁକ୍ତି––ବିଦ୍ୟାର ଉପଯୋଗ ପୂର୍ବକ ବିଶ୍ୱର ଜନ ଜୀବନକୁ ଆହୁରି ଦିବ୍ୟ,ମଧୁର, ସରସ ସୁନ୍ଦର ଓ ସାବଲୀଳ କରି ଗଢ଼ି ତୋଳିବା ପରିବର୍ତ୍ତେ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠଜୀବ ରୂପେ ପରିଗଣିତ ଆମେ ମଣିଷମାନେ ଏହି କମନୀୟ ଧରାଧାମକୁ ନରକରେ ପରିଣତ କରିଦେବାକୁ ସମସ୍ତ ସୁଯୋଗ ଓ ସମ୍ଭାବନା ମାନ ସୃଷ୍ଟି କରି ପାରିଛନ୍ତି । ଏହାର କରୁଣ ପରିଣତି ଅକଳ୍ପନୀୟ ପ୍ରାକୃତିକ ବିପର୍ଯ୍ୟୟ, ଧ୍ୱଂସ ଆଉ ମୃତ୍ୟୁର ଯୁଗଳବନ୍ଦୀ ।

ଏହାହିଁ କଣ ବେଦବର୍ଣ୍ଣିତ 'ଅମୃତର ସନ୍ତାନ'ର ଶେଷ ପରିଣତି !! ଦେଶ ଦେଶ ମଧ୍ୟରେ,ଏକ ରାଷ୍ଟ୍ରର ସାମାଜିକ ଜୀବନର ଦୃଶ୍ୟପଟ୍ଟରେ ତଥା ବ୍ୟକ୍ତି ଚେତନାରେ ଲୁଚି ରହିଥିବା ଅସାମାନ୍ୟ ଉତ୍କଟ ଘୃଣା, ଦ୍ୱେଷ, ଅସହିଷ୍ଣୁତା, ଧ୍ୱଂସମୁଖୀ ବର୍ବରତା ଓ ଅସାମଞ୍ଜସ୍ୟତାରେ ଜର୍ଜରିତ ମାନବ ସଭ୍ୟତା କେଉଁ ଦିଗକୁ ପ୍ରଧାବିତ ସତେ !! ଏବେ ରାବଣ ପରି ଅହଂକାରୀ ବିଜ୍ଞାନୀ ମଣିଷ ନିଜ ଭିତରର ସାତ୍ତ୍ୱିକ ଓ ଦିବ୍ୟ ଭାବନା ରୂପୀ ଦେବତାମାନଙ୍କୁ ବନ୍ଦୀ କରି ରଖିଛି ଭୋଗ, ବିଳାସ, ସହଜ ସୁଖ ଭୋଗର ଗଜଦନ୍ତ ପଲଙ୍କ ତଳେ ।

ଅନନ୍ତ, ଅସୀମ ସଦା ପରିବର୍ତ୍ତନଶୀଳ ଏହି ବିଶ୍ୱ–ବ୍ରହ୍ମାଣ୍ଡରେ ବିନ୍ଦୁ ପରି ଦିଶୁଥିବା ମହା ଜାଗତିକ ସବୁଜ ଦ୍ୱୀପର ପୃଥିବୀରେ କିନ୍ତୁ ଈଶ୍ୱରଙ୍କୁ ଭେଟିବାର ସୁବର୍ଣ୍ଣ ସୁଯୋଗ ସହ ଈଶ୍ୱର ହୋଇ ଉଠିବାର ଅପୂର୍ବ ସମ୍ଭାବନା ନିହିତ । ଏକ ମହତ୍ତର ଜୀବନ,ବୈଶ୍ୱିକ ଏକତା ଏବଂ ପାରସ୍ପରିକ ସହଯୋଗ ଓ ସମନ୍ୱୟର ଭିତ୍ତିଭୂମି ଉପରେ ଏକ ନୂତନ ମାନବସମାଜ ଓ ସଭ୍ୟତା ପ୍ରତିଷ୍ଠା କରିବା ବହୁ ଦୂରଦ୍ରଷ୍ଟା ଋଷିପ୍ରତିମ ଦାର୍ଶନିକମାନଙ୍କର ସ୍ୱପ୍ନ । କିନ୍ତୁ ସାମ୍ପ୍ରତିକ ଆନ୍ତର୍ଜାତୀୟ ପରିସ୍ଥିତି ଓ ପରିବେଶକୁ ଅବଲୋକନ କଲେ ହତାଶ ଓ ନିରାଶାର ବିକଳ ଭାବ ଆଛନ୍ନ କରି ଦିଏ ମନ ପ୍ରାଣ ହୃଦୟକୁ । ପ୍ରତ୍ୟେକ ଦେଶ ଓ ଜାତିର ସାମାଜିକ ଜୀବନକୁ ଗଭୀର ଭାବେ ଅନୁଶୀଳନ କଲେ ବିଚଳିତ ହୁଏ ଚିନ୍ତା ଓ ଚେତନା । କଣ ଘଟୁଛି ସତେ ଏବେ ଆମ ମଣିଷ ସମାଜରେ? ଶିହିରି ଉଠୁଛି ସଚେତନ ମଣିଷଟି ଯେବେ ଉତ୍କଟ ରୋଗରେ ପୀଡିତ ରୋଗୀଟିକୁ ନକଲି ଔଷଧ ବିକ୍ରିକରି ପିଶାଚ ପରି ହସୁଛି ଆଉ ଜଣେ ମଣିଷ । ଧର୍ମର ଦ୍ୱାହି ଦେଇ ଧର୍ଷଣ, ଦମନ, ଗୃହଦାହ ଓ ଗଣହତ୍ୟା ପରେ ଉନ୍ମତ୍ତ, ଉଲ୍ଲସିତ ସମଧର୍ମା ମଣିଷ ଗୋଷ୍ଠୀଟିର ବିକଟ ଚିତ୍କାର ଭିତରେ କେଉଁ ଆଶା ଓ ଭରସାରେ, ସିନ୍ଦୁରା ଫାଟୁଥିବା ଏକ ସୁବର୍ଣ୍ଣ ସକାଳକୁ ଅପେକ୍ଷା କରିବ ଆଲୋକ–ଉନ୍ମୁଖ କିଶୋରଟିଏ !!

ଭୋଗ,ଲୋଭ,ଅନ୍ଧ–ଅହମିକାରୁ ଉପଭୋକ୍ତାବାଦର ଅଜଗର କୁଣ୍ଡଳୀରେ ଶାୟିତ, ଏକ ନିଶ୍ଚିତ ଓ ସହଜ–ଜୀବନ–ଭୋଗ ସ୍ୱପ୍ନରେ ମସଗୁଲ ତଥାକଥିତ ଉନ୍ନତ ରାଷ୍ଟ୍ର ସମୂହ, ପରମାଣୁ ଯୁଦ୍ଧର ବିଭିଷୀକା ପରେ ଏ ସବୁଜ ପୃଥ୍ୱୀର ଶ୍ୟାମଳ ଆଭାକୁ ଖୋଜି ପାଇବେ କି ସୁଧୀଜନେ !! ଧର୍ମ ନାମରେ ଖଣ୍ଡା ଓ ବନ୍ଧୁକ ଚଳାଇବାକୁ ପ୍ରତିପକ୍ଷ ମଣିଷଟିଏ ଖୋଜି ପାଇବ ତ ପୃଥିବୀରେ ଏବର ଧର୍ମାନ୍ଧ ମଣିଷ ଗୋଷ୍ଠୀ ସମୂହ ! କେଉଁଥିପାଇଁ ତେବେ ପାଶବିକତାର ଏ ନିର୍ମମ ପ୍ରଦର୍ଶନ ? ସବୁଜ ସୃଷ୍ଟି ବିରୁଦ୍ଧରେ କ୍ରମାଗତ ରଣଦୁନ୍ଦୁଭି ?

ମନେପଡେ ମଧ୍ୟ–ପ୍ରାଚ୍ୟ ର ଏକଦା ଅତୀବ ରମଣୀୟ ଦେଶର ଦେବଶିଶୁ ପରି ଦିଶୁଥିବା କୋମଳମତି ବାଳକର ଶେଷ କେଇପଦ କଥା । ବଗିଚାରେ ସକାଳର କଅଁଳ ଖରାରେ ଫୁଲ ଉପରେ ଉଡୁଥିବା ପ୍ରଜାପତି ସହ ଖେଳୁ ଖେଳୁ ଅପ୍ରତ୍ୟାଶିତ ଗ୍ରେନେଡ଼ ମାଡ଼ରେ କଣ୍ଟାବାଡ଼ରେ ଝୁଲିପଡୁଥିବା ତାର କ୍ଷତ–ବିକ୍ଷତ ଦେହକୁ ଓହ୍ଲାଉଥିବା ତାର ମା'କୁ କହିଲା ମା! ମୁଁ ଯାଇ ଈଶ୍ୱରଙ୍କୁ କହିବି ସେ ଫେରାଇ ନିଅନ୍ତୁ ଏହି ପୃଥିବୀକୁ ଯେଉଁଠି ଶିଶୁଟିଏ ନିରାପଦରେ ଖେଳିପାରେନା । କାନ୍ତ କୋମଳ ସୂର୍ଯ୍ୟୋଦୟର ସବୁଜ ଦିଗବଳୟକୁ ଘେରିଯାଏ ପରମାଣୁ ବିସ୍ଫୋରଣ–ସୃଷ୍ଟ ଧୂଳି–ଧୂଆଁର ବିଷାକ୍ତ ଘନ ଅନ୍ଧକାର । ମା'ର ନାନାବାୟା–ଗୀତକୁ ନିଶବ୍ଦ କରିଦିଏ ବୋମାବର୍ଷି ବିମାନ ପାଇଁ ଗର୍ଜୁଥିବା ଛାତିଥରା ସାଇରନ ଶବ୍ଦ ।

ବନ୍ଧୁକ ବାୟୋନେଟ ଉପରେ ବସିଥିବା ପ୍ରଜାପତିକୁ ଧରିବାକୁ ହାତ ବଢାଉ ଥିବା ବିଚରା ସୈନିକର ହାତକୁ ଛିନଛତ୍ର କରିଦିଏ ଶତ୍ରୁସୈନ୍ୟ ଶବ୍ଦହୀନ ବନ୍ଧୁକର ଗୁଳି । କହିବି, ମୋର ଏମିତି ପୃଥିବୀଟେ ଲୋଡ଼ା ଯେଉଁଠି ସବୁ ମଣିଷ ହାତରେ ହାତକୁ ଛନ୍ଦି ଗାଉଥିବେ ଗୀତ । ଜଣକ ଲୁହକୁ ପୋଛିବାକୁ ବଢିଆସୁଥିବ ଆହୁରି ସହସ୍ର ହାତ ମା ! ଏମିତି ପୃଥିବୀଟେ ଈଶ୍ୱରଙ୍କ ଠାରୁ ମୁଁ ନିଶ୍ଚେ ଆଣିବି ।

ସେଦିନ ନିର୍ବାକ ପାଲଟି ଯାଇଥିଲେ ସେହି ଶିଶୁଟିକୁ ବଞ୍ଚାଇବାକୁ ଯାଇ ପ୍ରାଣାନ୍ତକ ଉଦ୍ୟମ କରୁଥିବା ରେଡକ୍ରସ ବାହିନୀର କ୍ରନ୍ଦନରତ ସୈନିକମାନେ । ଦୀର୍ଘଶ୍ୱାସ ଛାଡ଼ି ସୈନିକମାନଙ୍କ ଭିତରୁ କେହିଜଣେ ଭାବପ୍ରବଣ ହୋଇ କହି ଦେଇଥିଲେ ଈଶ୍ୱର ନିଶ୍ଚୟ ଶୁଣିବେ ତା କଥା । ସତରେ ଈଶ୍ୱର ଶୁଣିଲେକି ପ୍ରାର୍ଥନା ପରି ଶୁଭୁଥିବା ଶିଶୁଟିର ସେହି ଉଦାତ୍ତ ଶେଷକଥାକୁ !! ଈଶ୍ୱରଙ୍କ ଅନବଦ୍ୟ ଏହି ସୃଷ୍ଟିକୁ ଓ ସୃଷ୍ଟିର ମହାର୍ଘ ଉଦ୍ଦେଶ୍ୟକୁ ଅକାଳରେ ନଷ୍ଟ କରିଥିବା ଏହିପରି ନକରାତ୍ମକ ଚେତନାଧାରୀ ମଣିଷ ଗୋଷ୍ଠୀଙ୍କ ପାଇଁ ଈଶ୍ୱରଙ୍କ ଦିବ୍ୟ ଯୋଜନାରେ କଣ ଆଉ ଥାଇପାରେ ସୁଧୀଜନେ !!

ପୃଥିବୀକୁ ଆମପରି ନଷ୍ଟ–ମଣିଷ ଜାତି ହାତରେ ଛାଡିଦେବାକୁ ଆଉ ନିରାପଦ ମଣୁ ନାହାଁନ୍ତିକି ସେ ! ଅଜଣା ଅଶୁଣା ବ୍ୟାଧି, ମହାମାରୀ ଏବଂ ସଂପ୍ରତି ବିଶ୍ୱକୁ ଆକ୍ରାନ୍ତ କରି ରଖିଥିବା ଅନାଗତ ଆହୁରି କେତେ ଯେ କୃତ୍ରିମ ଓ ପ୍ରାକୃତିକ ବିପର୍ଯ୍ୟୟ ଓ ମୃତ୍ୟୁର ବିଭୀଷିକା ମାନ ସେହି ଶିଶୁଟି ପରି ଅସଂଖ୍ୟ ନିରୀହ ଓ ନିର୍ଯ୍ୟାତିତ ପତିତ ମଣିଷମାନଙ୍କର ଚିତ୍କାରରେ ଜର୍ଜରିତ, କ୍ରୋଧିତ ଧରିତ୍ରୀ ମାତାର ଅଭିଶାପର ଫଳ ନୁହେଁ ତ !! ଦେବଶିଶୁ ପରି ଦିଶୁଥିବା ସେହି ଶିଶୁଟିର ଆକୁଳ ଶେଷକଥା ପରି ଅନେକ ନିରୀହ କୋମଳ ଅସହାୟ ପ୍ରାଣର ବିକଳ ନିବେଦନକୁ ଈଶ୍ୱର ସତରେ କାନଡେରି ଶୁଣୁଛନ୍ତି କି? ସତରେ କଣ ଏକ ମହାପ୍ରଳୟ ଏହି ପୃଥିବୀ ଓ ମଣିଷ ମାନଙ୍କର ଅନ୍ତିମ ପରିଣତି !!

ଦ୍ରୌପଦୀ ପରି ସମର୍ପଣର ଦୁଇ ବାହୁ ଟେକିଦେଇ ଗଜରାଜ ପରି ମୃଗୁଣୀ ସ୍ତୁତି କରିବା ପରମ କାରୁଣିକ ଈଶ୍ୱରଙ୍କୁ । ସତ୍ୟ ଅବା ରସାତଳ । ଏହି ଦୁଇ ବିକଳ୍ପ ମଝିରେ ଠିଆ ଆଜିର ମଣିଷ । ପ୍ରଦତ୍ତ ବିକଳ୍ପ ଈଶ୍ୱରଙ୍କର । କିନ୍ତୁ ନିଷ୍ପତ୍ତି ଆପଣଙ୍କର ।

**ଅବସର ପ୍ରାପ୍ତ ଅଧ୍ୟକ୍ଷ,**
**ଚାନ୍ଦବାଲି ମହାବିଦ୍ୟାଳୟ,**
**ଚାନ୍ଦବାଲି ––୭୫୬୧୩୩**
**ମୋ–୯୪୩୭୨୯୭୯୦୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ ଜିଲ୍ଲାରୁ...

ପ୍ରୟାସରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ଏହି ପବିତ୍ର ସୁଯୋଗ ସୃଷ୍ଟି ହୋଇଛି। ତୀର୍ଥଯାତ୍ରୀମାନେ ପୁରୀ ସ୍ଥିତ 'ବୃନ୍ଦାବତୀ ନିବାସ'ରେ ରହିବା ସହ ସେମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା, ସ୍ୱାସ୍ଥ୍ୟ ପରୀକ୍ଷା, ମହାପ୍ରସାଦ ସେବନ ଏବଂ ସ୍ୱତନ୍ତ୍ର ଦର୍ଶନର ଭବ୍ୟ ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟଯେ ଚଳିତ ବର୍ଷ ଏହି ଯୋଜନା ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ୨୦ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ମଧ୍ୟରେ ୧୩ ଟି ଜିଲ୍ଲାରୁ ମୋଟ ୧୦,୪୩୪ ଜଣ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଦର୍ଶନର ବ୍ୟବସ୍ଥା କରାଯାଇଛି। ଆଜିର ପ୍ରଥମ ଯାତ୍ରାରେ ମୋଟ ୯୧୦ ଜଣ ତୀର୍ଥଯାତ୍ରୀ ସାମିଲ ଥିବା ବେଳେ, ସେଥିମଧ୍ୟରୁ ମାଲକାନଗିରିରୁ ୪୯୦ ଜଣ, କୋରାପୁଟରୁ ୨୧୦ ଜଣ ଏବଂ ନବରଙ୍ଗପୁରରୁ ୨୧୦ ଜଣ ତୀର୍ଥଯାତ୍ରୀ ରହିଛନ୍ତି। ପ୍ରତି ବସରେ , ୩୫ ଜଣ ତୀର୍ଥଯାତ୍ରୀମାନଙ୍କ ସହ ୩ ଜଣ ଏସ୍କର୍ଟ ଅଧିକାରୀ ଏବଂ ୧ ଜଣ ପାରାମେଡିକାଲ ଷ୍ଟାଫ୍ ଯାତ୍ରୀମାନଙ୍କର ସୁବିଧା ଓ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି।

ଏହି ଯୋଜନନା ମଧ୍ୟରେ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ୩୦,୦୦୦ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଉଛି। ଏହି ଯୋଜନା ଅଧୀନରେ ନିଜ ପଞ୍ଚାୟତରୁ ଜିଲ୍ଲା ସଦର ମହକୁମା ଓ ସେଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଯାତ୍ରା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଦୈନିକ ୪ ଥର ନିରାମିଷ ଭୋଜନ, ସ୍ୱତନ୍ତ୍ର କିଟ୍ ବ୍ୟାଗ୍ ଏବଂ ବୃନ୍ଦାବତୀ ନିବାସରେ ମହାପ୍ରସାଦ ସେବନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂହ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ରୁଦ୍ର ପ୍ରସନ୍ନ ସାହୁ ଏବଂ ଓଏସଆରଟିସି ର ମହାପ୍ରବନ୍ଧକ ଦେବବ୍ରତ ମଲ୍ଲିକ ଉପସ୍ଥିତ ଥିଲେ। ଏହାସହିତ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, କୋରାପୁଟ ବିଧାୟକ ରଘୁରାମ ମାଛ ସମେତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ପ୍ରଶାସନିକ ଅଧିକାରୀ, ଓଏସଆରଟିସି ଓ ପର୍ଯ୍ୟଟନ ବିଭାଗର କର୍ମଚାରୀ ଏବଂ ତୀର୍ଥଯାତ୍ରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

## ଷ୍ଟୋନ କ୍ରସରରେ...



ଭାଇକୁ ହତ୍ୟା କରିଥିବାର ସନ୍ଦେହ କରୁଛନ୍ତି। ଘଟଣାକୁ ନେଇ ଗ୍ରାମର ପ୍ରଦ୍ୟୁମ୍ନ ଭଞ୍ଜ କହିଛନ୍ତି ଯେ,ସକାଳେ ଯେଉଁ ଫୋନରୁ ସୂଚନା ଦିଆଯାଇଥିଲା ତାହା ସୁଇଚ ଅଫ ରହିଛି। କ୍ରସରରେ କୌଣସି ଲୋକ ନଥିବା ବେଳେ ଘର ଲୋକଙ୍କୁ ନଜଣାଇ କିପରି ଅନୁଗୁଳ ନିଆଗଲା ବୋଲି ପ୍ରଶ୍ନକରିଛନ୍ତି। ସେହିପରି ମୃତକଙ୍କ ଭାଉଜଙ୍କ ଅଭିଯୋଗ ଅନୁସାରେ ଆମକୁ ଅପେକ୍ଷା ନକରି କିଭଳି ଅନୁଗୁଳ ନେଲେ ଏବଂ କେହି ଏଠାରେ ନାହାଁନ୍ତି। ଯାହାକୁ ପଚାରିଲେକୌଣସି ସଠିକ ଉତ୍ତର ଦେବା ତ ଦୂରର କଥା ବରଂ ମିଛ କଥା କହୁଛନ୍ତି। ପରିବାରକୁ ନ୍ୟାୟ ସହିତ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ସେହିପରି ଯୁବ ନେତା ତଥା ଆଇନଜୀବୀ ଦେବେନ୍ଦ୍ର ଭଞ୍ଜଙ୍କ କହିବା ଅନୁସାରେ ଏହା ମୋଟଙ୍ଗା ପୋଲିସ ଅଧିନରେଆସୁଥିବା ବେଳେ ଢେଙ୍କାନାଳ ହସପିଟାଲ ନନେଇ ଅନୁଗୁଳ ନେବା ପଛରେ କଣ ରହସ୍ୟ ରହିଛି ତାହାର ତଦନ୍ତ ହେବା ଦରକାର ଏବଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିବା ସହିତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ତେବେ ଜଣେ ଶ୍ରମିକ ମୃତ୍ୟୁ ପରେ ଢେଙ୍କାନାଳ ଚିକିତ୍ସାଳୟକୁ ନନେବା ଏବଂ କ୍ରସରରୁ ସମସ୍ତ କର୍ମଚାରୀ ଉଭାନ ହୋଇଯିବା ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଇମ୍ରାନ୍ ଖାନଙ୍କ...

ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ଆସନ୍ତା ସେପ୍ଟେମ୍ବର ୨୭ ବିକ୍ଷୋଭକୁ ଦୃଷ୍ଟିରେ ରଖି ଇସଲାମାବାଦ୍ ସମେତ ସାରା ଦେଶରେ ପୁଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେଣ୍ଟ୍ରାଲ୍ ପୁଲିସ ଅଫିସରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। କାଉଣ୍ଟର ଟେରରିଜିମ୍ ଡିପାର୍ଟମେଣ୍ଟ (ସିଟିଡି) ଏବଂ ସ୍ୱତନ୍ତ୍ର ଶାଖାକୁ ହାଇଆଲର୍ଟରେ ରଖାଯିବା ସହ ଗେଷ୍ଟ ହାଉସ୍, ବସ୍ ଟର୍ମିନାଲ୍ ଏବଂ ରହିବା-ଖାଇବାର ବ୍ୟବସ୍ଥା କରୁଥିବା ଠିକାଦାରଙ୍କ ଉପରେ କଡ଼ା ନଜର ରଖାଯାଇଛି। ୨୦୨୩ ଅଗଷ୍ଟରୁ ଜେଲରେ ଥିବା ଇମ୍ରାନ୍ ଖାନଙ୍କ ସମର୍ଥକଙ୍କ ଗତିବିଧିକୁ ରୋକିବାକୁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।

## ଭିଭିଆଇପିଙ୍କୁ...

ଭୋଟର ତାଲିକା ସହ ସେମାନଙ୍କ ବର୍ତ୍ତମାନର ନିର୍ବାଚନୀ ରେକର୍ଡକୁ ଯୋଡ଼ାଯାଇପାରିନାହିଁ।ଜୟଶଙ୍କର ଦମ୍ପତି ନିଜକୁ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନ୍ଦର ବାଗ ଭୋଟ ଭାବେ ପଞ୍ଜିକୃତ କରିଛନ୍ତି। ହେଲେ ପୁରୁଣା ରେକର୍ଡ ସହ ଏହା ମେଳ ଖାଉନାହିଁ। ସିବିଆଇ ନିର୍ଦ୍ଦେଶକ ପ୍ରବୀଣ, ପତ୍ନୀ ବନୀତା ଓ ମା' କମଲେଶ ସୁଦ ମଧ୍ୟ 'ଅନମ୍ୟାମଡ ୱିଥ ଲାଷ୍ଟ ଏସ୍ଆଇଆର' ବର୍ଗରେ ରହିଛନ୍ତି। ସ୍ଥଳ ସେନାର ପୂର୍ବତନ ମୁଖ୍ୟ ଦ୍ୱିବେଦୀ ଓ ତାଙ୍କ ପତ୍ନୀ ସୁନୀତା ମଧ୍ୟ ସମାନ ବର୍ଗରେ ଏସଆଇଆର ନୋଟିସ ପାଇଛନ୍ତି। ସେମାନେ ମଧ୍ୟ ନିଜକୁ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀର ଭୋଟର ଭାବେ ପଞ୍ଜିକୃତ କରିଥିଲେ। ଏପଟେ ସିପିଏମ ସାଂସଦ ଜନଙ୍କ ପତ୍ନୀ ଶେବା ଓ ପୁଅ ଆନନ୍ଦଙ୍କୁ ଭିନ୍ନଭିନ୍ନ କାରଣ ପାଇଁ ଏସ୍ଆଇଆର ନୋଟିସ ମିଳିଛି। ଶେବାଙ୍କୁ ଆତ୍ମଘୋଷିତ ନାଁରେ ଭିନ୍ନତା ରହିଥିବା ବର୍ଗରେ ରଖାଯାଇଛି। ଆନନ୍ଦଙ୍କ ବାପା ମା'ଙ୍କ ନାଁରେ ଭିନ୍ନତା ଥିବା କୁହାଯାଇଛି।ଶେବାଙ୍କ ଭୋଟର ତାଲିକାରେ ତ୍ରୁଟି ଥିବାରୁ ଆନନ୍ଦ ସେହି ଅନୁସାରେ ନୋଟିସ ହୋଇଥିବା କୁହାଯାଉଛି। ଶେବା ଓ ଆନନ୍ଦ ମଧ୍ୟ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀର ଭୋଟର ରହିଛନ୍ତି। ଏମାନଙ୍କ ବ୍ୟତୀତ ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଓ ତାଙ୍କ ପରିବାର, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରଞ୍ଜନା ଦେଶାଇ ଓ ତାଙ୍କ ପରିବାର ୩ ସଦସ୍ୟ ଏବଂ ଦିଲ୍ଲୀ ସରକାରରେ କାର୍ଯ୍ୟ କରୁଥିବା ଅନେକ ଆଇଏଏସ୍ ଅଫିସରଙ୍କୁ ମଧ୍ୟ ନିର୍ବାଚନ କମିଶନ ନୋଟିସ କରିଛନ୍ତି।

## ଏମ୍ଏମ୍ଡିଆର୍...

ଜେନେରାଲ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷ ରଖି କହିଥିଲେ ଯେ, ଯଦି ଖଣି ଓ ଖଣି ଅଞ୍ଚଳ ଉପରେ ଟିକସ ବସାଇବାର ଅଧିକାର କାଢ଼ି ନିଆଯାଏ ତେବେ ଏହା ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ କୁପ୍ରଭାବ ପକାଇବ। ତତ୍କାଳୀନ ବିଜେଡି ସରକାରଙ୍କ ଉଦ୍ୟମ ଯୋଗୁଁ ଓଡ଼ିଶା ନ୍ୟାୟ ପାଇଲା ଓ ସୁପ୍ରିମକୋର୍ଟ ତାଙ୍କ ରାୟରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଠିକ ବୋଲି ଦର୍ଶାଇଲେ। କୋଟି କୋଟି ଟଙ୍କାର ବକୟା ରାଜସ୍ୱ ସହ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଭାବେ ପାଇବାର ସୁଯୋଗ ସୃଷ୍ଟି ହେଲା। ସୁପ୍ରିମକୋର୍ଟ ରାୟ ପରିପ୍ରେକ୍ଷୀରେ ଓଡ଼ିଶାକୁ ମିଳୁଥିବା ରାଜସ୍ୱକୁ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ କିପରି ଉପଯୋଗ କରାଯାଇପାରିବ ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକରେ ନିଶ୍ଚିତ ଭାବେ ଆଲୋଚନା କରିଥିବେ। କିନ୍ତୁ ଏମଏମଡିଆର ସଂଶୋଧନ ଆଇନ ଗୃହୀତ ହେଲା। ଫଳରେ ରାଜ୍ୟର ଅଧିକାର ଓ ସାମ୍ବିଧାନିକ କ୍ଷମତା କାଢ଼ି ନିଆଗଲା, ଖଣି ମାଲିକ ଯାହା ଚାହୁଁଥିଲେ ତାହା ହେଲା। ଓଡ଼ିଶାର ବିପୁଳ ଆର୍ଥିକ କ୍ଷତି ହେବାକୁଯାଉଛି। ଗୃହର ନେତା ଭାବେ ବିଧାନସଭାରେ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଇବା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ବିଜେଡି ଏହାକୁ ସମର୍ଥନ କରିବ। ଏହାଦ୍ୱାରା ଓଡ଼ିଶାର ସ୍ୱାର୍ଥ ସୁରକ୍ଷିତ ହୋଇପାରିବ ବୋଲି ଶ୍ରୀ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

## ଭାରତ...

ଭାରତ ବି୩୫ ଟ୍ରେନ ବିକାଶ ପ୍ରକ୍ରିୟା ଆରମ୍ଭ କରିଦେଇଛି। ଜାପାନ ୨୦୨୪ ଡିସେମ୍ବରରେ ଭାରତକୁ ଅବଗତ କରିଥିଲା ଯେ ତାଙ୍କ ଦେଶରେ ଧୀରେ ଧୀରେ ଇ୫ ଟ୍ରେନର ଉତ୍ପାଦନ ବନ୍ଦ କରାଯାଉଛି। ଜାପାନର ଯୋଜନା ଅନୁଯାୟୀ, ଇ୧୦ ଟ୍ରେନର ଉତ୍ପାଦନ ୨୦୩୦ରେ ଆରମ୍ଭ ହେବ। ୨୦୩୪ ମସିହା ବେଳକୁ ଏହା ଚଳାଚଳ କରିବ। ଭାରତ ଯେତେବେଳେ ଇ୧୦ ଟ୍ରେନ ହାସଲ କରିବ ସେତେବେଳକୁ ନିଜର ବି୩୫ ଟ୍ରେନ ନିର୍ମାଣ କରିସାରିଥିବ। ମୁମ୍ବାଇ-ଅହମଦାବାଦ ହାଇସ୍ପିଡ ରେଳ କରିଡରର ଆରମ୍ଭ ବି୨୮ ହାଇସ୍ପିଡ ଟ୍ରେନରୁ ଆରମ୍ଭ ହେବ। ଏହି ଟ୍ରେନର ଘଣ୍ଟାପ୍ରତି ସର୍ବାଧିକ ବେଗ ୨୮୦ କିମି ରହିବ। ତେବେ ହାଇସ୍ପିଡ ରେଳ କରିଡରରେ ଏହା ଘଣ୍ଟାପ୍ରତି ୨୪୯ କିମି ବେଗରେ ଚାଲିବ। ଭାରତରେ ବି୨୮ ଟ୍ରେନ ନିର୍ମାଣ କରିବା ଲାଗି କାର୍ଯ୍ୟାଦେଶ ବିଇଏମ୍ଏଲ୍ ପାଇ ସାରିଛି। ହାଇସ୍ପିଡ୍ ଟ୍ରେନ ସହିତ ଭାରତ ସ୍ୱଦେଶୀ ଟ୍ରେନ କଣ୍ଟ୍ରୋଲ ସିଷ୍ଟମ ମଧ୍ୟ ବିକାଶ କରିବା ଯୋଜନା ରଖିଛି। ଏହା ଚୀନର ସ୍ୱଦେଶୀ ସିଟିସିଏସ୍ ପରି କାର୍ଯ୍ୟ କରିବ।

# ଦ.ପୂ. ରେଳପଥରେ ଜଳର ଗୁଣବତ୍ତା ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ

**କୋଲକାତା:** ଦକ୍ଷିଣ ପୂର୍ବ ରେଳପଥ ଅଧୀନସ୍ଥ ଷ୍ଟେସନଗୁଡ଼ିକରେ ପାନୀୟ ଜଳର ଉପଲବ୍ଧତା, ଗୁଣବତ୍ତା ଓ ପରିଚ୍ଛନ୍ନତା ସହ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ରକ୍ଷଣାବେକ୍ଷଣ, ସଫେଇ, ପରୀକ୍ଷଣ ଓ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପଦକ୍ଷେପର ଅଂଶ ଭାବେ ସମସ୍ତ ବିଭାଗରେ ଜଳ ଉତ୍ସ, ଜଳ ବିଶୋଧନ ଓ ଫିଲ୍ଟରେସନ୍ ପ୍ଲାଣ୍ଟ, ଭୂତଳ ଓ ଓଭରହେଡ୍ ଜଳ ଟାଙ୍କି, ପିଭିସି ଟାଙ୍କି, ଜଳ ବୁଥ୍, ଟ୍ୟାପ୍ ଏବଂ ଜଳ ବଣ୍ଟନ ସ୍ଥାନର ନିୟମିତ ଯାଞ୍ଚ କରାଯାଉଛି। ମୋଟ ୨୪,୦୩୩ଟି ଜଳ ଟାଙ୍କି ମଧ୍ୟରୁ ୧୪,୨୪୮ଟି ଟାଙ୍କି, ଅର୍ଥାତ୍ ୫୯.୨୩ ପ୍ରତିଶତ ଟାଙ୍କିର ସଫେଇ କାର୍ଯ୍ୟ ସମ୍ପନ୍ନ ହୋଇଛି। ଜଳ ଯୋଗାଣ ଭିତ୍ତିଭୂମିର ତ୍ରୁଟି ଦୂର କରିବା ପାଇଁ ୧୬୭ଟି ସ୍ଥାନ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୩୯ଟି ସ୍ଥାନରେ କ୍ଷତିଗ୍ରସ୍ତ ଜଳ ଟାଙ୍କି, ପାଇପ୍ଲାଇନ୍ ଓ ଫିଲ୍ଟରକୁ ପ୍ରାଥମିକତା ଭିତ୍ତିରେ ବଦଳାଯାଉଛି। ୩୩ଟି ସ୍ଥାନରେ କାର୍ଯ୍ୟ ଚାଲୁଥିବା ବେଳେ ୮୧ଟି ସ୍ଥାନରେ ପାଇପ୍ଲାଇନ୍ ମରାମତି କିମ୍ବା ପରିବର୍ତ୍ତନ କରାଯାଇଛି। ଜଳ ଫିଲ୍ଟରେସନ୍ ବ୍ୟବସ୍ଥାକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ମୋଟ ୫୫ଟି ପ୍ରେସର/ଗ୍ରାଭିଟି ଫିଲ୍ଟର ମଧ୍ୟରୁ ୫୨ଟିର ସଫେଇ ଓ ରକ୍ଷଣାବେକ୍ଷଣ କରାଯାଇଛି। ଫିଲ୍ଟରରେ ଜମିଥିବା ମଇଳା ଓ ଅଶୁଦ୍ଧି ଦୂର କରାଯାଇଥିବା ସହ ଆବଶ୍ୟକତା ଅନୁଯାୟୀ ତ୍ରୁଟିପୂର୍ଣ୍ଣ ଉପକରଣ ବଦଳାଯାଇଛି। ଦକ୍ଷିଣ ପୂର୍ବ ରେଳପଥରେ ଉପଲବ୍ଧ ୬୩ଟି କ୍ଲୋରିନେସନ୍ ପ୍ଲାଣ୍ଟର ସମସ୍ତ ୬୩ଟିର ରକ୍ଷଣାବେକ୍ଷଣ କରାଯାଇଛି। ଜଳରେ ଆବଶ୍ୟକ ଓ ଉପଯୁକ୍ତ ପରିମାଣର କ୍ଲୋରିନ୍ ମିଶ୍ରଣ ସୁନିଶ୍ଚିତ କରିବା ପାଇଁ କ୍ଲୋରିନେସନ୍ ବ୍ୟବସ୍ଥା ଓ ସମ୍ପୃକ୍ତ ଉପକରଣଗୁଡ଼ିକର ଯାଞ୍ଚ କରାଯାଇଛି। ଜଳ କୁଲର୍ ଓ ଜଳ ବିଶୋଧନ ୟୁନିଟ୍ଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ପାଇଁ ଦକ୍ଷିଣ ପୂର୍ବ ରେଳପଥରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି କାର୍ଯ୍ୟକାରୀ ରହିଛି। ଜଳ ସଂରକ୍ଷଣ ଟାଙ୍କିଗୁଡ଼ିକର ନିର୍ଦ୍ଧାରିତ ସଫେଇ ଓ ରକ୍ଷଣାବେକ୍ଷଣ ପ୍ରତି ମାସରେ କରାଯାଉଛି। ଏଥିସହ ଜଳ କୁଲର୍, ଟ୍ୟାପ୍ ଓ ଫିଟିଂରୁ ହେଉଥିବା ଲିକେଜ୍କୁ ତୁରନ୍ତ ମରାମତି କରାଯାଇ ଜଳ ଅପଚୟ ହ୍ରାସ କରାଯାଉଛି।

# ମଦ ବେପାରକୁ ନେଇ ଗୋଷ୍ଠୀ ସଂଘର୍ଷ : ୫ ଅଟକ

ଆଠଗଡ ,(ସବ୍ୟୁ): ଚୋରା ଦେଶୀ ମଦ ବେପାର କୁ ନେଇ ଆଠଗଡ଼ ଥାନା ଅନ୍ତର୍ଗତ ହଂସ ଭୂଇଁ ଗ୍ରାମ ରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ଜଣାପଡିଛି ଘଟଣା ସ୍ଥଳରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଆଠଗଡ଼ ଥାନା ଅନ୍ତର୍ଗତ ବେଣ୍ଟପଦା ଗ୍ରାମର ଶ୍ରୀକାନ୍ତ ବେହେରା ଚଳିତ ବର୍ଷ ଦେଶୀ ମଦ ବିକ୍ରି ପାଇଁ ଲାଇସେନ୍ସ ପାଇଛନ୍ତି । କିନ୍ତୁ ତାଙ୍କର ଦୋକାନ ପାଖରେ ଚୋରା ଦେଶୀ ମଦ ବେପାର ହେଉଥିବା ଯୋଗୁଁ ବ୍ୟବସାୟ ମାନ୍ଦା ଯୋଗୁଁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା । ପରିଣାମ ସ୍ୱରୂପ ରବିବାର ଅପରାହ୍ନରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା । ଶ୍ରୀକାନ୍ତ ବେହେରା ଓ ତାଙ୍କ ସହଯୋଗୀମାନେ ହଂସ ଭୂଇଁ ଗ୍ରାମ ର ସୁବାସ ରାଉତ ଙ୍କ ପୁଅ ସୁଧାକର ରାଉତଙ୍କ ଫାର୍ମ ହାଉସରେ ପଶି ଭଙ୍ଗାରୁଜା କରିଥିବା ଜଣାପଡିଛି । ଏହି ଘଟଣାରେ ଶ୍ରୀକାନ୍ତ ବେହେରା ଆହତ ହୋଇଥିବା ବେଳେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଆଠଗଡ଼ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି । ଖବର ଲେଖା ହେବା ବେଳକୁ ଉଭୟ ପକ୍ଷ ରୁ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଥିବା ଜଣାପଡିଛି ।

# ବୋଲେରୋ ସହ ଗଞ୍ଜେଇ ଜବତ : ତିନି ଗିରଫ

ବାଙ୍କୀ (ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ପୋଲିସ ବୋଲେରୋ ସହ ପ୍ରାୟ ୮୦ କେଜି ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି । କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରୁ ବୋଲେରୋ ଗାଡ଼ିରେ ପ୍ରାୟ ୮୦ କିଲୋ ଗଞ୍ଜେଇ ଧରି କଳାପଥର ଦେଇଟି ବ୍ରିଜ ଉପରେ ଯିବା ବେଳେ ବୈଦେଶ୍ୱର ରାଜସ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ମାଡ଼ି ବସିଲା ବୈଦେଶ୍ୱର ପୋଲିସ । ବୋଲେରୋ ଗାଡ଼ିଟି ବାଟରେ ବଘେଇ ଠାରେ ଜଣେ ବ୍ୟକ୍ତିଙ୍କୁ ଧକ୍କା ମାରି ଖୁବ ଜୋର୍ ରେ ବୈଦେଶ୍ୱର ଆଡ଼କୁ ଯାଉ ଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କ ସମ୍ପର୍କୀୟ ଗାଡ଼ିକୁ ଅଟକାଇବା ପାଇଁ ଫୋନ କରିବାରୁ ବୈଦେଶ୍ୱରର କିଛି ଯୁବକ ଗାଡ଼ିକୁ ପିଛା କରି ଅଟକାଇବା ବେଳେ ବୋଲେରୋ ଅଟକି ନ ଥିଲା । ସେପଟେ ବୈଦେଶ୍ୱର ଥାନା ଅଧିକାରିଣୀ ଇପସିତା ପ୍ରିୟଦର୍ଶିନୀ ସମ୍ମୁଖରୁ ଜଗି ରହି କାବୁ କରିଥିଲେ । ପୋଲିସକୁ ଦେଖି ଗଞ୍ଜେଇ ବେପାରୀ ୪ଜଣଙ୍କ ମଧ୍ୟରୁ ଜଣେ ଦୌଡି ପଳାଇଥିବା ବେଳେ ଅବଶିଷ୍ଟ ୩ ଜଣଙ୍କୁ ପୋଲିସ ଧରି ଗିରଫ କରିଛି । ପୋଲିସ ଧଳା ରଙ୍ଗର ବୋଲେରୋ ଗାଡ଼ି ନମ୍ବର ଓଡ଼ି ୦୮ ସି ୯୪୮୮ ନମ୍ବର ଗାଡ଼ିକୁ ଜବତ କରା ଯିବା ସହିତ କନ୍ଧମାଳ ଜିଲ୍ଲା ଗଡଗବାଲି ଗାଆଁର ରଞ୍ଜନ ଦିଗାଲ (୨୮) ର୍, କାଶୀ ନାଥ ମଲ୍ଲିକ (୧୯) ର୍, ବାଲିଗୁଡ଼ା ଥାନା ଦିଗିପାଡ଼ି,ବାରଖମା ଗାଆଁ ର ଚନ୍ଦ୍ରକାନ୍ତ ବଗର୍ତ୍ତି (୧୯)ଙ୍କୁ ଗିରଫ କରା ଯାଇ ଅଦାଲତ ଚାଲାଣ କରା ଯାଇଛି । ଜବତ ଜରି ବ୍ୟାଗ ରେ ଥିବା ଗଂଜେଇ ପ୍ୟାକେଟ ୭୭ କେଜି ୧୬୬ ଗ୍ରାମ ର ଜବତ କରିଥିବାର ବାଙ୍କୀ ଏସ ଡି ପି ଓ ବାଳକୃଷ୍ଣ କହଁର ସୂଚନା ଦେଇଛନ୍ତି ।




ପୁରୀର ସାତଲହଡି ମଠଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଓଡ଼ିଆ ଜାତିର ପ୍ରାତଃସ୍ମରଣୀୟ ଭାଗବତକାର ଅତିବଡ଼ି ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଙ୍ଗିଆପଲ୍ଲୀ ଉତ୍ସବ ଶେଷ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଂକିଆ ବାଲିଗାଡ଼ିଆସ୍ଥିତ ଓମ ଶ୍ରୀ ଗ୍ରୁପ ଦ୍ୱାରା ସ୍ଥାନୀୟ ବାସନ୍ତୀ ପଡ଼ିଆଠାରେ ଆୟୋଜିତ ଜଂକିଆ ପଲ୍ଲୀ ଉତ୍ସବ-୨୦୨୬ ରବିବାର ସନ୍ଧ୍ୟାରେ ଶେଷ ହୋଇଛି । ଉଦଯାପନୀ ସନ୍ଧ୍ୟା ଏହି ସମାରୋହରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ସଭାପତିତ୍ୱ କରିଥିବା ବେଳେ ବିଶ ଭୂଷଣ ଛୋଟରାୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ମଞ୍ଚ ପରିଚାଳନା କମଲେଶ ମହାପାତ୍ର ଏବଂ ଅଶ୍ୱିନୀ ମହାନ୍ତି କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଅନେକ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ସୁରେଶ କୁମାର ରାଉତରାୟ (ପୂର୍ବତନ ବିଧାୟକ ଏବଂ



ମନ୍ତ୍ରୀ, କ୍ରୀଡ଼ା ବିଭାଗ, ଓଡ଼ିଶା) ,ଦିଲ୍ଲୀପ କୁମାର ଶ୍ରୀଚନ୍ଦନ (ପୂର୍ବତନ ବିଧାୟକ, ଖୋର୍ଦ୍ଧା) , ରାମଚନ୍ଦ୍ର ମହାପାତ୍ର (ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ) ,ସଞ୍ଜୟ କୁମାର ପଟ୍ଟନାୟକ (ସମାଜସେବୀ ତଥା ସିଇଓ, ଅନ୍ନପୂର୍ଣ୍ଣା ଫାଇନାନ୍ସ) ଓ ସୁରେନ୍ଦ୍ର ନାଥ ଜେନା (ସମାଜସେବୀ, ଜଂକିଆ) ପ୍ରମୁଖ ଯୋଗ ଦେଇ ପଲ୍ଲୀ ଉତ୍ସବ କୁ ପ୍ରଶଂସା କରିଥିଲେ । ଉତ୍ସବର ଶେଷ ସନ୍ଧ୍ୟାରେ ପୁରୁଲିଆ ଛଉ ନୃତ୍ୟ (କଲିକତା),ନୀଳଶୈଳ (ଜଟଣୀ, ଖୋର୍ଦ୍ଧା) ,ଦ୍ୱାରିକା ଡ୍ୟାନ୍ସ ଏକାଡେମୀ (ଖୋର୍ଦ୍ଧା) ,ବାବା ବାଲୁଙ୍କେଶ୍ୱର ଡ୍ୟାନ୍ସ ଏକାଡେମୀ (ରାମେଶ୍ୱର) ଓ ନୃତ୍ୟ ନମାମୀ ଡ୍ୟାନ୍ସ ଏକାଡେମୀ (ଜଂକିଆ) ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ପିଣ୍ଟୁ ପଟ୍ଟଲସିଂହ, ଇନ୍ଦ୍ରଜି ମାଟି, ସୁରେନ୍ଦ୍ର ନାଥ ଜେନା, ଅରୁଣ ଶ୍ରୀଚନ୍ଦନ, କେଦାର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, ବଣ୍ଟି ଜେନା, ରାକେଶ ଜେନା, ସୁଧାଂଶୁ ରାଉତରାୟ, ସଞ୍ଜୟ ବେହେରା, ସୁଧୀର ବଳବନ୍ତରାୟ, ଆଲୋକ ଶ୍ରୀଚନ୍ଦନ ଏବଂ ତାପସ ବଳିୟାରସିଂହ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।ଅନ୍ତିମ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକ ଓ କଳାପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ପୂର୍ଣ୍ଣ ଆନନ୍ଦ ଉପଭୋଗ କରିଥିଲେ ।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଉପେକ୍ଷା

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଉପେକ୍ଷା କରାଯାଇଛି ।ଏ ନେଇ ବାରମ୍ବାର ଦଶପଲ୍ଲା ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କୁ କୌଣସି ସୁଫଳ ମିଳୁନାହିଁ । ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଭା ଅନ୍ୱେଷଣ ପାଇଁ ପ୍ରତ୍ୟକ ବର୍ଷ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଏଥି ନିମନ୍ତେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ରାଜ୍ୟର ପ୍ରତ୍ୟକ ଶିକ୍ଷା ମଣ୍ଡଳକୁ ଯୋଗାଇ ଦିଆଯାଇଛି । ବ୍ଲକ ସ୍ତରରେ ଭଲ କ୍ରୀଡା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ମାନେ ପରେ ଜିଲ୍ଲା ସ୍ତର କୁ ,ରାଜ୍ୟସ୍ତରକୁ ଏଥିରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଜାତୀୟ ସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥାନ୍ତି ।କେବଳ କ୍ରୀଡା ନୁହେଁ ବିଭିନ୍ନ ଖେଳରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ମଧ୍ୟ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥାନ୍ତି । ଏଥି ନିମନ୍ତେ ୧୪ ବର୍ଷ ରୁ କମ୍ ଏବଂ ୧୭ ବର୍ଷରୁ କମ ବୟସ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୨ଟି ଗ୍ରୁପ କରାଯାଇାଏ । ମାତ୍ର ଏଥିରେ ୧୪ ବର୍ଷ ରୁ କମ ବୟସ ଗ୍ରୁପ ରେ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ଭାଗ ନେଇପାରିବା ପାଇଁ ନିୟମ ଥିଲେ ମଧ୍ୟ ଦଶପଲ୍ଲା ବ୍ଲକ ସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ଉପେକ୍ଷା କରାଯାଉଛି । ଚଳିତ ବର୍ଷ ବିଦ୍ୟାଳୟ କ୍ରୀଡା ପ୍ରତି ଯୋଗୀତା ପ୍ରସ୍ତୁତି ବୈଠକ ପାଇଁ ଅଗଷ୍ଟ ୨୪ ଚିଠି ନଂ ୧୬୭୦ରେ ମଣ୍ଡଳ ଶିକ୍ଷା ଅଧିକାରୀ କରିଥିବା ବେଳେ ଆଥଲେଟିକ ଓ ଯୋଗରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇ ପାରିବେ ବୋଲି ନିଷ୍ପତି ହୋଇଥିଲା ।

# ଡା.ଯଦୁନାଥ କଲେଜର ସମୁଦ୍ର ତଟ ସଫେଇ ଅଭିଯାନ

ବାଲେଶ୍ୱର,(ସବ୍ୟୁ) :ସଦର ବ୍ଲକ୍ ରସାଲପୁରସ୍ଥିତ ଡା.ଯଦୁନାଥ କଲେଜର ଜାତୀୟ ସେବା ଯୋଜନା ଓ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏଣ୍ଡ୍ ଗାଇଡ୍ସର ମିଳିତ ଉଦ୍ୟମରେ ଏକ ସମୁଦ୍ର ତଟ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ତୃପ୍ତିଲତା ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରି ଆହ୍ୱାନ ଦେବାପରେ ସ୍ୱେଚ୍ଛାସେବୀମାନେ ଅଭିଯାନରେ ଆଗେଇ ଯାଇଥିଲେ । ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ରୋଭର୍ ଲିଡର୍ ସଞ୍ଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ବାଲେଶ୍ୱର ଚାନ୍ଦିପୁର ବେଳାଭୂମିଠାରୁ ୧୨୦୦୦ ଦୂରତା ବିଶିଷ୍ଟ ତଟଦେଶରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସମୁଦ୍ର ଭାରତୀ ସୁରକ୍ଷା ମଞ୍ଚର ଜିଲ୍ଲା ସଂଯୋଜକ ବିଜୟ କୁମାର ଦାସ ଓ ପ୍ରଚାର ପ୍ରମୁଖ ରଶ୍ମି ରଞ୍ଜନ ଶତପଥୀ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ସମୁଦ୍ର ତଟ ସୁରକ୍ଷା ଓ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରାଇଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ରସାନନ୍ଦ ବାଗ୍ ସମୁଦ୍ରର ଗୌରବମୟ ଭୂମିକା ଓ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଭାଗ୍ୟଦୀପ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ସ୍ୱେଚ୍ଛାସେବୀମାନେ ସେହି ତଟଦେଶରେ ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟରେ ନିୟୋଜିତ ରହିଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ପ୍ରଦର୍ଶକ ଚିରଞ୍ଜିବୀ ବିଶ୍ୱାଳ ଓ କର୍ମଚାରୀ ମଧୁସୂଦନ ଦାସ ଏହି ସଫେଇ କାଯ୍ୟରେ ଅଂଶଗ୍ରହଣ କରିଥିଲେ ।

## ଇସ୍ରାଏଲର...

କିନ୍ତୁ କକ୍ରୋଚ୍ ପରି ରୋବୋଟ୍ ଉପରେ ସାମରିକ ଗବେଷଣା ଆରମ୍ଭ ହୋଇସାରିଛି। ଏହି ଗବେଷଣା ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରଣାଳୟ, ଆମେରିକୀୟ ବିଶ୍ୱବିଦ୍ୟାଳୟ ଏବଂ ପ୍ରତିରକ୍ଷା-ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ବୃହତ୍ତର ସାମରିକ ଗବେଷଣାର ଅଂଶ।

**AFFIDAVIT**

By virtue of an affidavit sworn before Notary Public, Nayagarh Odisha on dated 15.09.2026 I, Rebati Jena W/o - Dillip Kumar Jena Resident of At- Sanasahara P.O-c Badasahara P.S- Fategarh Dist- Nayagarh, PIN-752063 declare that I have changed my name from Rebeti Jena to Rebati Jena Henceforth, I shall be known as Rebati Jena for all purposes.

Sd/- Rebati Jena

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar, Affidavit No. 11, on dated. 13.09.2026. I, Rashmi Ranjan Choudhury, Aged (32), S/o- SK Liyakuddin, Resident At-Plot No. 416, Nuasahi, Near Akhandalamani Temple, Nayapalli, Ps- Nayapalli, Bhubaneswar, Dist- Khordha, Odisha- 751012. Declare that I have changed my name from Rasool Choudhury, S/o- Shaikh Liyakuddin to Rashmi Ranjan Choudhury, S/o- SK Liyakuddin. Henceforth, I shall be known as **Rashmi Ranjan Choudhury, S/o- SK Liyakuddin** for all purposes.

Sd/- Rashmi Ranjan Choudhury

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 18.09.2026 I, Rashmi Jena W/o - Santosh Jena Resident of At- Notar P.O- Notar P.S- Itamati Dist- Nayagarh, PIN-752079 declare that I have changed my name from Rasmita Jena to Rashmi Jena Henceforth, I shall be known as Rashmi Jena for all purposes.

Sd/- Rashmi Jena

**AFFIDAVIT**

By virtue of an affidavit sworn before Notary Public, Nayagarh Odisha on dated 19.09.2026 I, Ganesh Kumar Samantaray S/o - Debaraj Samantaray Resident of At- Managalapur P.O- Dihagaon P.S- Daspalla Dist- Nayagarh, PIN-752093 declare that I have changed my name from Ganesh Digal to Ganesh Kumar Samantaray Henceforth, I shall be known as Ganesh Kumar Samantaray for all purposes.

Sd/- Ganesh Kumar Samantaray

GOVERNMENT OF ODISHA,
"e"-PROCUREMENT NOTICE
**OFFICE OF THE NOTIFIED AREA COUNCIL, BALLIGUDA**

13001/1891/2627

**Tender Call Notice**

**NO 2385 Date 10.09.2026**

**E-mail: eonacballiguda@yahoo.in**

**Bid Identification No. EO_BLG.N_02_2026-27**

The Executive Officer, NAC, Balliguda, Dist- Kandhamal inviting percentage rate bid in **online mode** for the works as detailed in the table from eligible contractors for civil work as detailed in the table below:

1. Name of Work : As per D T C N
2. No of Work : 32
3. Tender Cost : As per D TCN
4. Class of Contractor : As per D TCN
5. Period & time of completion : As per D TCN
6. Available of Bid Document in the Website : From Dt **18.09.2026**, 11.00 AM to Dt. **28.09.2026** Up to 5.00 PM.
7. Date of opening of Bid : Dt **29.09.2026** at 11.30 AM
8. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in.** Any Addendum / Corrigendum / Cancellation of tender can also be seen in the said website.

**Sd/- Executive Officer**
**NAC, Balliguda**

OIPR : 13001/13097/1/26-27/0011

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଜେଲ ପରିସରରେ ଶ୍ରୀ ଗୁରୁ ଭାଗବତ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ଧର୍ମୀୟ କାବ୍ୟ ସାହିତ୍ୟ, ଯୁଗାନ୍ତକାରୀ,ନର ଚେତନା କୁ ଉଦବୃଦ୍ଧ ତଥା ଉତ୍ତରଣ କରୁଥିବା, ଓଡ଼ିଆ ସମେତ ୨୫ ଟି ଆଞ୍ଚଳିକ ଭାଷା ରେ ଅନୁବାଦିତ ଓ ପ୍ରକାଶିତ ହୋଇଥିବା ଶ୍ରୀ ଗୁରୁ ଭାଗବତ ଗ୍ରନ୍ଥ ଯାହାକୁ ପୂଜ୍ୟ ଗୁରୁଜୀ ଡ଼ ଚନ୍ଦ୍ରଭାନୁ ଶତପଥି ରଚନା କରିଛନ୍ତି, ତାଙ୍କ ଆଶୀର୍ବାଦ ଓ ପ୍ରେରଣା ରୁ, କାରାଗାର ମହାନିର୍ଦ୍ଦେଶକ, ଓଡ଼ିଶା ଙ୍କ ଅନୁମତି ଦ୍ୱାରା, ଓଡ଼ିଶାର ତିନି ଟି ବଡ ଜେଲ ର ପରିସର ରେ ଶ୍ରୀ ଗୁରୁ ଭାଗବତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ୧୨ ଜୁଲାଇ ରେ ଝାରପଡା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ସର୍ବେଶ୍ୱର ସାହୁ, ୧୪ ଜୁଲାଇ ରେ ଚୌଦ୍ୱାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ସୁଜିତ କୁମାର ରାଉଳ ଓ ୧୮ ଜୁଲାଇ ରେ ବିଜୁ ପଟନାୟକ ମୁକ୍ତାକାଶ ଆଶ୍ରମ ଜାମୁଝରି ର ସୁପରିଣ୍ଟେଣ୍ଡେଣ୍ଟ ମାଡାମ ସ୍ମିତା ମହାନ୍ତିଙ୍କ ଙ୍କ ସାହାଯ୍ୟ ସହଯୋଗ ପ୍ରଶଂସା ଯୋଗ୍ୟ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଗୁରୁ ଭାଗବତ ରେ ଥିବା ଗୁରୁ ତତ୍ତ୍ୱ ଓ ତାହା କିପରି ଭାବେ ଜଣେ ନିଜ କର୍ମ, ଧର୍ମ, ବିଚାର ଦ୍ୱାରା ଅନୁଭବ ଓ ଅନୁକରଣ କରି ମନୁଷ୍ୟ ଜନ୍ମ ର ସାର୍ଥକତା ପ୍ରାପ୍ତି ହେବ, ବିଶେଷ ଭାବରେ ବୁଝା ଯାଇଥିଲା । ନିଜ ଭିତରେ ଥିବା ସେହି ଦିବ୍ୟ ଇଶ୍ୱରୀୟ ସତ୍ତା କିପରି ଭାବେ ପ୍ରକଟ ହୋଇପାରିବ, ତାହାର ସହଜ ଓ ସରଳ ମାର୍ଗ ଦିଆଯାଇଥିଲା । ଶ୍ରୀ ଗୁରୁଭାଗବତ ଏକ ବିଦେହୀ ଗୁରୁ ଭାବେ କିପରି ମନୁଷ୍ୟ ର ଆତ୍ମା ଓ ମନ କୁ ସଂଚାଳିତ କରି ମୁକ୍ତି ର ମାର୍ଗ କୁ ପରିଷ୍କାର କରେ, ତାହାର ଉଦାହରଣ ଉପସ୍ଥାପିତ ହୋଇଥିଲା ।ଗୁରୁ ପୂଜା ର ମହତ୍ତ୍ୱ, ଶ୍ରେଷ୍ଠତ୍ତ୍ୱ ସହ, ନିଜ କର୍ମ ର ପ୍ରାୟଶ୍ଚିତ ଓ ପାଶ୍ଚାତାପ କିପରି କରାଯାଇ ପାରିବ ଓ ଏଥିରେ ସଦଗୁରୁଙ୍କ ଭୂମିକା କିପରି ରହିଥାଏ, ତାହା ମଧ୍ୟ ଆଲୋଚିତ ହୋଇଥିଲା । କିପରି ଭାବେ, ମନ ମଧ୍ୟରୁ ପୁରୁଣା ଅତୀତ ର ସ୍ମୃତି କୁ ପୋଛି, ମନକୁ ଦିବ୍ୟ, ଶୁଦ୍ଧ କରି ଗୁରୁ ଙ୍କ କୃପା ପାଇବାକୁ ନିଜକୁ ଯୋଗ୍ୟ କରିବାକୁ ହୁଏ, ତାହା ମଧ୍ୟ ଆଲୋଚିତ ହୋଇଥିଲା. ନିଜର ଆତ୍ମଶକ୍ତି ଦ୍ୱାରା ନିଜେ କିପରି ଶାନ୍ତି ରେ ବଂଚିପାରିବ, ତାହା ମଧ୍ୟ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ କାର୍ଯ୍ୟକ୍ରମ ରେ ଓଡିଶା ସରକାର ଙ୍କ ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ଙ୍କ ସ୍ୱାଗତ ଭାଷଣ ଓ ସଭ୍ୟା ମାନଙ୍କ ଦ୍ୱାରା ମନ୍ତ୍ର ପାଠ, ଗୁରୁପାଦୁକା ସ୍ତୋତ୍ର ସହିତ କିଛି ଭଜନ, ମହାମନ୍ତ୍ର ର କୀର୍ତ୍ତନ ସମ୍ପୂର୍ଣ ଜେଲ ପରିବେଶ କୁ ଆଧ୍ୟାତ୍ମିକତା ରେ ଭରି ଦେଇଥିଲା । ଗୁରୁ ଭାଗବତ ର ସାନିଧ ଓ ଗୁରୁପ୍ରେମରେ ସମସ୍ତେ ବୁଡି ଥିଲେ.. ଶେଷରେ ଟୁଙ୍ଗୀ ର ଉପସଭାପତି ଶ୍ରୀମତୀ ସ୍ନେହମଞ୍ଜରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।



## ହାତୀର ମୃତଦେହ ଉଦ୍ଧାର

ବାଲେଶ୍ୱର ,(ସବ୍ୟୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବରଡିହା ବନଖଣ୍ଡ କଳମା ପଞ୍ଚାୟତର ଆମ୍ବଟୁମ୍ବା ଜଙ୍ଗଲରୁ ଏକ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି । ଶନିବାର ରାତିରେ ଜଙ୍ଗଲ ମଧ୍ୟରେ ଏକ ମାଈ ହାତୀର ଶବ ପଡ଼ିରହିଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା । ଖବର ପାଇ ରାଇବଣିଆ ବନପାଳ ପ୍ରହ୍ଲାଦ ନାୟକ ଏବଂ ଫରେଷ୍ଟ ଗାର୍ଡ଼ମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜଗି ରହିବା ସହ ସମଗ୍ର ଅଞ୍ଚଳକୁ ସୁରକ୍ଷା ବଳୟ ଭିତରେ ରଖିଥିଲେ । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ବାଲେଶ୍ୱର ବନଖଣ୍ଡ ଅଧିକାରୀ ଏବଂ ଜଳେଶ୍ୱର ରେଞ୍ଜର ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ପ୍ରାଥମିକ ଆକଳନ ଅନୁଯାୟୀ, ହାତୀଟିର ମୃତ୍ୟୁ ପ୍ରାୟ ୧୦ ଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି । ହାତୀର ମୃତ୍ୟୁ କେଉଁ ପରିସ୍ଥିତିରେ ଏବଂ କି କାରଣରୁ ହେଲା, ତାହାର ସଠିକ କାରଣ ଜାଣିବା ପାଇଁ ବନ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି ।

# ଓକେସିଏଲ ର 'ଇନଫ୍ଲୁଏନ୍ସର କନେକ୍ଟ' କାର୍ଯ୍ୟକ୍ରମ

ଭୁବନେଶ୍ୱର: (ସବ୍ୟୁ): ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ) ପକ୍ଷରୁ ଆଜି ଏକ ଦିନିକିଆ 'ଇନଫ୍ଲୁଏନ୍ସର କନେକ୍ଟ' କାର୍ଯ୍ୟକ୍ରମ ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍‌ଘାଟନ କରି ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଲ ସଂସ୍ଥାର ବ୍ୟାପକ ଲକ୍ଷ୍ୟ ଏବଂ ଦକ୍ଷତା ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ପ୍ଲାଟଫର୍ମର ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଲୋକଙ୍କ ନିକଟରେ ପ୍ରଯୁକ୍ତିବିଦ୍ୟା, ଜ୍ଞାନ ଓ ସୁଯୋଗ ପହଞ୍ଚାଇବା ଏବଂ ସହରାଞ୍ଚଳର ସୀମା ପାର ହୋଇ ଡିଜିଟାଲ୍ ସଶକ୍ତୀକରଣକୁ ବାସ୍ତବତାର ରୂପ ଦେବା ପାଇଁ ଓକେସିଏଲ ନିରନ୍ତର ପ୍ରୟାସ ଜାରି ରଖିଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବେ ଏକ ନୂତନ ସମ୍ଭାବନା କ୍ଷେତ୍ର ଭାବରେ ବର୍ତ୍ତମାନ ଉଭା ହୋଇଛି। ଏହାକୁ ଭାରତୀୟ ଅର୍ଥନୀତିରେ ଯୋଡିବା ସହ ସାମାଜିକ ବିକାଶର ଏକ ମୁଖ୍ୟ ଚାଳକ ଭାବେ ବ୍ୟବହାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏଆଇ ର ବ୍ୟାବହାରିକ ଦକ୍ଷତା ବିକାଶ କରିବା ଏବଂ ଇନଫ୍ଲୁଏନ୍ସରମାନଙ୍କ ମଧ୍ୟରେ ଏକ ସହଯୋଗୀ ନେଟୱାର୍କ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏଥିରେ ୫୦ ଜଣ ଇନଫ୍ଲୁଏନ୍ସର ତଥା କଣ୍ଟେଣ୍ଟ କ୍ରିଏଟର ଯୋଗଦେଇଥିଲେ। ଅଂଶଗ୍ରହଣକାରୀଙ୍କୁ ଅତ୍ୟାଧୁନିକ ଏଆଇ ଟୁଲ୍‌ଗୁଡ଼ିକ ସହ ବ୍ୟାବହାରିକ ପରିଚୟ କରାଇବା ଏବଂ ବିଷୟବସ୍ତୁ ନିର୍ମାଣ, ଯୋଗାଯୋଗ ଓ ଡିଜିଟାଲ୍ ଉଦ୍ଭାବନ କ୍ଷେତ୍ରରେ ଏହାର ପ୍ରୟୋଗକୁ ଅନୁସନ୍ଧାନ କରିବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଓକେସିଏଲ ଏକ ୧୫-ଦିନିଆ କ୍ରିଏଟର୍ ଚ୍ୟାଲେଞ୍ଜ ଘୋଷଣା ହୋଇଥିଲା। ଯାହା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ସୃଜନଶୀଳତା ଏବଂ ଡିଜିଟାଲ୍ ଦକ୍ଷତାକୁ ଅଭ୍ୟାସରେ ପରିଣତ କରିବାର ସୁଯୋଗ ପ୍ରଦାନ କରିବା ସହ ଏହାର ମୂଳ ଲକ୍ଷ୍ୟକୁ ପ୍ରଚାର ପ୍ରାସର କରିବ। "ଓକେସିଏଲ ଇନଫ୍ଲୁଏନ୍ସର କନେକ୍ଟ କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଏଆଇ ଟୁଲ୍‌ଗୁଡ଼ିକ ଉପରେ ଅଧିବେଶନଗୁଡ଼ିକ ଆମକୁ ବ୍ୟବହାରିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା ଯାହାକୁ ଆମେ ଆମର ବିଷୟବସ୍ତୁ ସୃଷ୍ଟି ଏବଂ ଦୈନନ୍ଦିନ ଡିଜିଟାଲ୍ କାର୍ଯ୍ୟରେ ପ୍ରୟୋଗ କରିପାରିବୁ। ଏହି କାର୍ଯ୍ୟକ୍ରମ ସହ-ନିର୍ମାତାଙ୍କ ସହିତ ସଂଯୋଗ ସ୍ଥାପନ କରିବା, ଚିନ୍ତାଧାରା ଆଦାନପ୍ରଦାନ କରିବା ଏବଂ ଏହାକୁ ସୃଜନଶୀଳ ଭାବରେ କିପରି ବ୍ୟବହାର କରାଯାଇପାରିବ ତାହା ବୁଝିବାର ସୁଯୋଗ ମଧ୍ୟ ପ୍ରଦାନ କରିଥିଲା ବୋଲି ବିଷୟବସ୍ତୁ ସୃଷ୍ଟିକାରୀ ଅନୁରାଗ ମହାନ୍ତି କହିଛନ୍ତି।



## 'ଚାଦୁଆ: କାନୋପିଜ୍ ଅଫ୍ ଲେବର୍' ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ) ପକ୍ଷରୁ ଓଡ଼ିଶା ରିସର୍ଚ୍ଚ ସେଣ୍ଟର୍ (ଓଆରସି) ଅଡିଟୋରିୟମ୍, ଭୁବନେଶ୍ୱର ଠାରେ ଓସିଓ ସିମ୍ପୋସିୟମ୍ ୨୦୨୬, ମ୍ୟାପିଂ ଟ୍ରାଞ୍ଜିସନସ୍: ଆର୍ଟ, କ୍ରାଫ୍ଟ, ଆଣ୍ଡ ଦି ଏଥନୋଗ୍ରାଫିକ୍ ଟର୍ଣ୍ଣର ସମାପନ ଅଧିବେଶନ କାଳରେ ଓଡ଼ିଶାର ଚାନ୍ଦୁଆ ପରମ୍ପରା ଏବଂ ତାହାକୁ ବଜାୟ ରଖିଥିବା ଗୋଷ୍ଠୀ, ଜ୍ଞାନ ଓ ଶ୍ରମ ସମ୍ପର୍କିତ ବିସ୍ତୃତ ତଥ୍ୟ ସ୍ଥାନ ପାଇଥିବା ଏକ ଦ୍ୱିଭାଷୀ ପ୍ରକାଶନ 'ଚାନ୍ଦୁଆ: କାନୋପିଜ୍ ଅଫ୍ ଲେବର୍' ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀ ବିଶାଲ୍ କୁମାର ଦେବ, ଆଇଏଏସ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ଏବଂ ଇ ଆଣ୍ଡ୍ ଆଇଟି ବିଭାଗ, ଓଡ଼ିଶା ସରକାର ଏବଂ ସମ୍ମାନନୀୟ ଅତିଥି ଶ୍ରୀ ରାଜୀବ ସେଠୀ, ଭାରତୀୟ ଡିଜାଇନର୍ ଓ ସିନୋଗ୍ରାଫର୍ ତଥା ପଦ୍ମ ଭୂଷଣ ସମ୍ମାନ ବିଜେତାଙ୍କ ଉପସ୍ଥିତିରେ ଏହି ପ୍ରକାଶନ ଉନ୍ମୋଚିତ ହୋଇଥିଲା । ଏହାର ଉନ୍ମୋଚନ ସହିତ ଏକ ଦିବସୀୟ ବ୍ୟାପୀ ବିଚାର ଆଲୋଚନାର ପରିସମାପ୍ତି ଘଟିଥିଲା, ଯେଉଁଥିରେ କଳାକାର, ଗବେଷକ, ଡିଜାଇନର୍, ସାଂସ୍କୃତିକ ପ୍ରଦର୍ଶନକାରୀ ଏବଂ ପ୍ରତିଷ୍ଠାନଗୁଡିକର ସ୍ୱର କଳା, କାରିଗରୀ ଓ ନୃତାତ୍ତ୍ୱିକ ଅଭ୍ୟାସ ମଧ୍ୟରେ ବିକାଶଶୀଳ ସମ୍ପର୍କ ବିଷୟରେ ପରୀକ୍ଷା ନିରୀକ୍ଷା କରିବାକୁ ଏକତ୍ରିତ ହୋଇଥିଲେ ।

# ଅନୁଭୂତିରେ ଶ୍ରୀସନ୍ଥ' ପୁସ୍ତକ ଉନ୍ମୋଚନ ପାଇଁ ପ୍ରସ୍ତୁତି ବୈଠକ

କଟକ, (ସ୍ୱ.ପ୍ର) : ରେକୀ ମିଶନର ପ୍ରତିଷ୍ଠାତା ତଥା ପୂଜ୍ୟ ବିଜ୍ଞାନୀଗୁରୁ ଶ୍ରୀସନ୍ଥଙ୍କ ଶିଷ୍ୟ ଭାରତ ଭୂଷଣ ରାୟଙ୍କ ଦୀର୍ଘ ୩୦ ବର୍ଷର ଗୁରୁସାନ୍ନିଧ୍ୟ, ଅନୁଭୂତି ଓ ଆଧ୍ୟାତ୍ମିକ ଘଟଣାବଳୀକୁ ନେଇ ରଚିତ ତ୍ରିଭାଷୀ ପୁସ୍ତକ ଅନୁଭୂତିରେ ଶ୍ରୀସନ୍ଥର ପ୍ରଥମ ଭାଗ ଉନ୍ମୋଚନ ନେଇ ସିଡିଏ ୬ନଂ ସ୍ଥିତ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୭ ତାରିଖ ଶନିବାର ଉତ୍କଳ ସାହିତ୍ୟ ସମାଜ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥି ଭାବେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ), ଶିକ୍ଷ ବିଭାଗ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ସମେତ ଡ. ଅଭୟ କୁମାର ନାୟକ, ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର), ରାଜୁ ସାମଲ ଓ ଡଃ ଶକୁନ୍ତଳା ବଳିୟାରସିଂହ ପ୍ରମୁଖ ବିଶିଷ୍ଟ ଅତିଥି ଓ ସାହିତ୍ୟିକ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିବେ। ପୁସ୍ତକଟି ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ତିନୋଟି ଭାଷାରେ ପ୍ରକାଶ ପାଇବାକୁ ଥିବାବେଳେ, ଏଥିରେ ଗୁରୁ-ଶିଷ୍ୟ ସମ୍ପର୍କର ଆଧ୍ୟାତ୍ମିକ ଅନୁଭୂତି ସହ ବିଭିନ୍ନ ଅଲୌକିକ ଘଟଣା ଓ ଲେଖକଙ୍କ ଦୀର୍ଘ ଗୁରୁସାନ୍ନିଧ୍ୟର ସ୍ମୃତି ସ୍ଥାନ ପାଇଛି। ସମାରୋହର ମଞ୍ଚ ପରିଚାଳନା ଦାୟିତ୍ୱ ଶରଣାରବିନ୍ଦଙ୍କୁ ପ୍ରଦାନ କରାଯାଇଛି।



# ଓଡ଼ିଶାର ସ୍ୱାର୍ଥ ସହିତ ସାଲିସ ହେବାକୁ ଦିଆଯିବ ନାହିଁ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ଦୁଇ ଦିନିଆ ଓଡିଶା ଗସ୍ତ ଅବସରରେ ମହାନଦୀ ଜଳ ବିବାଦ କୌଣସି ବିବାଦ ନୁହେଁ ବୋଲି ଦେଇଥିବା ମନ୍ତବ୍ୟ ଉପରେ ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ପ୍ରକାଶ କରିଛି । ଛତିଶଗଡ଼ ରାଜ୍ୟ ମହାନଦୀ ଜଳ ବିବାଦର ସୃଷ୍ଟିକର୍ତ୍ତା ହୋଇଥିବା ବେଳେ ଓ ଦୀର୍ଘ ଦିନ ଧରି ଏହି ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲରେ ଲଢେଇ ଜାରି ରହିଥିବା ବେଳେ, ଏହା କୌଣସି ବିବାଦ ନୁହେଁ ବୋଲି ଦେଇଥିବା ମନ୍ତବ୍ୟ, ସ୍ୱାଭାବିକ ଭାବେ ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି ।

ବିଜୁ ଜନତା ଦଳ ତରଫରୁ ଜାରି କରା ଯାଇଥିବା ଏକ ପ୍ରେସ ବିବୃତିରେ, ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ପ୍ରତାପ ଜେନା କହିଛନ୍ତି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେଓ ସାଏଙ୍କ ଓଡିଶା ଗସ୍ତ ଓ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ । କିନ୍ତୁ, ମହାନଦୀ ଜଳ ବିବାଦ କୌଣସି ବିବାଦ ନୁହେଁ ବୋଲି ସେ ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ । ବାସ୍ତବରେ, ମହାନଦୀ ଜଳ ବିବାଦର ସୃଷ୍ଟିକର୍ତ୍ତା ହେଉଛି ଛତିଶଗଡ଼ । ବେଆଇନ ଭାବେ ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ଦ୍ୱାରା ଅନେକ ବ୍ୟାରେଜ ନିର୍ମାଣ ଯୋଗୁ ଓଡ଼ିଶାର ମହାନଦୀରେ ଜଳ ସଙ୍କଟ ଦେଖା ଦେଇଛି । ଏହି ବିବାଦର ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଟ୍ରିବ୍ୟୁନାଲ ଗଠନ ହୋଇ ଏହାର ବିଚାର ଚାଲିଛି । ଛତିଶଗଡ଼ ଦ୍ୱାରା ନିର୍ମାଣ ହୋଇଥିବା ବ୍ୟାରେଜ ଗୁଡିକୁ ବେଆଇନ ଘୋଷଣା କରାଯାଉ ବୋଲି ଓଡିଶା ଦାବି କରି ଆସୁଛି । ଓଡିଶାକୁ ଆବଶ୍ୟକ ହେଉଥିବା ଜଳ ମିଳିବା ନେଇ ନିଶ୍ଚିତ ହେବା ଓ ଛତିଶଗଡ଼ ଦ୍ୱାରା ତିଆରି କରା ଯାଇଥିବା ବ୍ୟାରେଜ ଗୁଡିକୁ ବେଆଇନ ଘୋଷଣା ହେବା ପାଇଁ ବିଜେଡି ଦାବି କରି ଆସୁଥିଲା । ଓଡ଼ିଶାର ସ୍ୱାର୍ଥ ସହିତ ସାଲିସ ହେଲେ, ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି ।

## ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ ଯନ୍ତ୍ରୀ ଦିବସ

# ଦକ୍ଷ ଓ ଦାୟିତ୍ୱନିଷ୍ଠ ଇଞ୍ଜିନିୟର ରାଷ୍ଟ୍ରର ସମ୍ପତ୍ତି- ଜଷ୍ଟିସ ବି.ଆର୍ ଷଡଙ୍ଗୀ

ଭୁବନେଶ୍ୱର (ସବ୍ୟୁ): ପ୍ରତ୍ୟେକ ଇଂଜିନିୟର ଜଣେ ଜଣେ ସ୍ରଷ୍ଟା ଏବଂ ସେମାନଙ୍କ ଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ରାଷ୍ଟ୍ର ନିର୍ମାଣର ମୁଖ୍ୟ ଆଧାର ବୋଲି ଡଃ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ମତବ୍ୟକ୍ତ କରିଛନ୍ତି। କଟକଠାରେ ଓଡିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଓଡିଶାର ଜଣାଶୁଣା ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ ଜାତୀୟ ଯନ୍ତ୍ରୀ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ମାନବାଧିକାର କମିସନର ସଦସ୍ୟ ତଥା ଝାଡ଼ଖଣ୍ଡ ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଡଃ ଷଡଙ୍ଗୀ ଯୁବ ଇଞ୍ଜିନିୟରମାନଙ୍କୁ ଦେଶ ଗଠନରେ ସମର୍ପିତ ହେବାକୁ ପରାମର୍ଶ ଦେଇଛନ୍ତି। ଫାଉଣ୍ଡେସନର ସଂପାଦକ ଇଂଜିନିୟର ଆଲୋକ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ କଟକପ ବାରବାଟୀ ବିଧାୟିକା ଇଂଜିନିୟର ସୋଫିଆ ଫିର୍ଦ୍ଦୋସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଭାରତରତ୍ନ ଇଂଜିନିୟର ଏମ. ବିଶେଶ୍ୱରାୟଙ୍କ ଆଦର୍ଶରେ ଯୁବ ଇଂଜିନିୟର ମାନେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଭାରେ ପ୍ରାକ୍ତନ ପୂର୍ତ୍ତ ସଚିବ ଇଂଜିନିୟର ଗୋପାଳ କୃଷ୍ଣ ବେହେରା, ବରିଷ୍ଠ ସାମ୍ବାଦିକ କୃଷ୍ଣ ପ୍ରସାଦ ଦାସ ସମ୍ମାନିତ ଅତିଥି ଓ ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ କୁମାର ମହାନନ୍ଦ ମୁଖ୍ୟବକ୍ତା ଓ ଫାଉଣ୍ଡେସନର ସଭାପତି ଇଂ ପ୍ରମୋଦ କୁମାର ନାୟକ ପ୍ରମୁଖ ଯନ୍ତ୍ରୀ ଦିବସର ବିଶେଷତ୍ୱ ସମ୍ପର୍କରେ ଅବତାରଣା କରିଥିଲେ।

ଫାଉଣ୍ଡେସନ ପକ୍ଷରୁ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ରାଉତ, ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ହେମନ୍ତ ନାଏକ,ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସୁବ୍ରତ ସାହୁ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ବେହେରା,ଯୁବ ଆର୍ଚିଟେକ୍ଟ ଇଂ ପ୍ରଜ୍ଞା କର ପ୍ରମୁଖଙ୍କୁ 'ଆଦର୍ଶ ଯନ୍ତ୍ରୀ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଆଇନଜୀବୀ ଇଂ ଆକାଶ ଭୂୟାଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ମୀନତି ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନନ୍ତ କିଶୋର ଭୂୟାଁ,ଇଂ ଶିଖା ଦାଶ, ଇଂ ଆଶୁତୋଷ ଦାସ, ଜ୍ୟୋସ୍ନାମୟୀ ବସ୍ତିଆ, ବିପଦ ବାନ୍ଧବ ମହାନ୍ତି ଓ ଆଶୀର୍ବାଦ ଦାସ ମାନପତ୍ର ପାଠ କରିଥିଲେ। ଶୁଭଲକ୍ଷ୍ମୀ ନାୟକ ଓ ଜ୍ୟୋତିର୍ମୟୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଫାଉଣ୍ଡେସନର ଅନ୍ୟତମ ଉପଦେଷ୍ଟା ଇଂ ଦେବୀ ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଯୁବ ସମାଜସେବୀ ସୁକାନ୍ତ କୁମାର ମହାନ୍ତି, ଇଂ ସୁମିତ୍ ସୌରଭ ସାହୁ, ଇଂ ସୁବ୍ରତ ଘଡ଼େଇ, ଇଂ ନରେନ୍ଦ୍ର ନାଥ ଜେନା, ଇଂ ସୁଧାଂଶୁ ଭୂଷଣ ଜେନା, ଇଂ ପ୍ରସନ୍ନ କୁମାର ସେନାପତି, ଇଂ ପର୍ଶୁରାମ ସାହୁ ଓ ଜନ୍ମେଜୟ ପାତ୍ର ପ୍ରମୁଖ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।




## ଅରଡ଼ବଜାର:ଶାଳପତ୍ର କାରଖାନାରେ ଅଗ୍ନିକାଣ୍ଡ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସହରର ସହଦେବଖୁଂଟା ଥାନା ଅନ୍ତର୍ଗତ ଅଡ଼ରବଜାର ଟିଚର୍ସ କଲୋନୀରେ ଥିବା ଏକ ଶାଳପତ୍ର ଦାନା ଓ ଥାଳି ତିଆରି କାରଖାନାରେ ରବିବାର ସନ୍ଧ୍ୟାର ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ।ରବିବାର କାରଖାନା ବନ୍ଦ ଥିବା ବେଳେ ହଠାତ୍ ନିଆଁ ଲାଗିଯାଇ ଗୋଦାମ ଘରେ ଗଚ୍ଛିତ ଥିବା ପ୍ରସ୍ତୁତ ଥାଳି ଓ ଦୁନା ସହ ଶାଳପତ୍ର ବିଡ଼ା ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା । ଏଥିରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି ।ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ସେତେବେଳକୁ ଗୋଦାମରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ସାରିଥିଲା । ରବିବାର ଦିନ କାରଖାନାରେ କୌଣସି କର୍ମଚାରୀ ନଥିବାରୁ ଏହି ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ହୋଇନାହିଁ ।

# ପାନୀୟ ଜଳର ଗୁଣବତ୍ତା ନିରୀକ୍ଷଣ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, (ସବ୍ୟୁ): ଯାତ୍ରୀ ଓ ରେଳ କର୍ମଚାରୀମାନଙ୍କ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ରେଳ ଷ୍ଟେସନ ଓ ରେଳ କଲୋନୀଗୁଡ଼ିକରେ ପାନୀୟ ଜଳର ଗୁଣବତ୍ତା ଓ ସ୍ୱଚ୍ଛତା ତଦାରଖ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ୧୮ ଅଗଷ୍ଟରୁ ୩ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ୧୫ ଦିନିଆ ଅଭିଯାନ ପରେ ମଧ୍ୟ ନିରନ୍ତର ଭାବେ ଜଳର ଗୁଣବତ୍ତା ଯାଞ୍ଚ କରାଯାଉଛି। ଏହି ଅବଧି ମଧ୍ୟରେ ପୂର୍ବତଟ ରେଳପଥର ୧୭୫ଟି ରେଳ ଷ୍ଟେସନ ଓ ୧୭୦ଟି ରେଳ କଲୋନୀଗୁଡ଼ିକରେ ବ୍ୟାପକ ଜଳ ଗୁଣବତ୍ତା ଯାଞ୍ଚ କରାଯାଇଥିଲା। ମୋଟ ୧,୦୩୭ଟି ରେସିଡ୍ୟୁଆଲ୍ କ୍ଲୋରିନ୍ ପରୀକ୍ଷଣ ଏବଂ ୨୮୮ଟି ବ୍ୟାକ୍ଟେରିଓଲୋଜିକାଲ୍ (ଜୀବାଣୁ ସମ୍ବନ୍ଧୀୟ) ପରୀକ୍ଷଣ କରାଯାଇଥିଲା। ଏହି ଅଭିଯାନ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ରାୟଗଡ଼ା ତିନୋଟି ଯାକ ମଣ୍ଡଳରେ କାର୍ଯ୍ୟକାରୀ କରାଯାଇଥିଲା। ଅନୁଧ୍ୟାନ ସମୟରେ, ପ୍ରାରମ୍ଭିକ ଭାବେ ସାତୋଟି ବ୍ୟାକ୍ଟେରିଓଲୋଜିକାଲ୍ ନମୁନା ମାନଦଣ୍ଡ ଅନୁଯାୟୀ ନଥିବା ଜଣାପଡ଼ିଥିଲା। ତେବେ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ପୁନଃ ପରୀକ୍ଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ସାତଟିଯାକ ନମୁନା ନିର୍ଦ୍ଧାରିତ ମାନଦଣ୍ଡ ଓ ନିୟମାବଳୀ ଅନୁଯାୟୀ ଠିକ୍ ଥିବା ସ୍ପଷ୍ଟ ହୋଇଥିଲା । ପୂର୍ବତଟ ରେଳପଥ ନିୟମିତ ବ୍ୟବଧାନରେ ଏବଂ ଅଚାନକ ଜଳ ପରୀକ୍ଷଣ ସହିତ ପାଣି ଟାଙ୍କି, ୱାଟର କୁଲର ଏବଂ ଷ୍ଟେସନ୍ ସୁବିଧାଗୁଡ଼ିକର ନିୟମିତ ସଫେଇ କାର୍ଯ୍ୟ ଜାରି ରଖିଛି। ଏହା ବ୍ୟତୀତ, ନିୟମିତ ତତ୍ତ୍ୱାବଧାନରେ ଷ୍ଟେସନ୍ ପରିସର, ପ୍ରତୀକ୍ଷାଳୟ, ଶୌଚାଳୟ ଏବଂ ନାଳିଗୁଡ଼ିକର ସଫେଇ ପାଇଁ ଦୈନିକ ସ୍ୱଚ୍ଛତା ଅଭିଯାନ ମଧ୍ୟ ପରିଚାଳିତ ହେଉଛି।

# ଓଡ଼ିଶାସ୍କିଲ୍ସ ୨୦୨୬-୨୭: ମଙ୍ଗଳବାର ପଞ୍ଜୀକରଣର ଶେଷ ତାରିଖ

ଭୁବନେଶ୍ୱର, ସବ୍ୟୁ): ନିଜ ଦକ୍ଷତାକୁ ନୂଆ ପରିଚୟ ଦେବା ସହ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଯୁବପ୍ରତିଭାଙ୍କ ସୁବର୍ଣ୍ଣ ସୁଯୋଗ। ରାଜ୍ୟର ଯୁବପିଢ଼ିଙ୍କ ଦକ୍ଷତାକୁ ଏକ ବଡ଼ ମଞ୍ଚ ଦେବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶାସ୍କିଲ୍ସ ୨୦୨୬-୨୭' ପ୍ରତିଯୋଗିତାର ପଞ୍ଜୀକରଣ ଚାଲିଛି। ପଞ୍ଜୀକରଣର ଶେଷ ତାରିଖ ସେପ୍ଟେମ୍ବର ୨୨ ତାରିଖ ରହିଛି। ଆଇଟିଆଇ, ପଲିଟେକ୍ନିକ୍, ଡିପ୍ଲୋମା ଓ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଇଞ୍ଜିନିୟରିଂ ଓ ଡିଗ୍ରୀ କଲେଜର ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପାରମ୍ପରିକ ଓ ଶିଳ୍ପଭିତ୍ତିକ ଦକ୍ଷତା କ୍ଷେତ୍ରର ଯୋଗ୍ୟ ପ୍ରାର୍ଥୀମାନେ ଏଥିରେ ଭାଗ ନେଇପାରିବେ। ଏଥିପାଇଁ ବୟସ ସୀମା ୧୬ରୁ ୨୩ ବର୍ଷ ରହିଛି। ଚଳିତ ବର୍ଷ ଓଡ଼ିଶାସ୍କିଲ୍ସରେ ୬ଟି କ୍ଷେତ୍ରରେ ୬୩ଟି ଦକ୍ଷତା ସାମିଲ ହୋଇଛି। ଏଥିରେ ପାରମ୍ପରିକ ଦକ୍ଷତା ସହ ଆଧୁନିକ ଓ ଶିଳ୍ପରେ ଚାହିଦା ଥିବା ଦକ୍ଷତାଗୁଡ଼ିକ ମଧ୍ୟ ସାମିଲ କରାଯାଇଛି। ଚଳିତ ବର୍ଷ ଯୁବପିଢ଼ିଙ୍କ ପାଇଁ ୧୩ଟି ନୂଆ ଦକ୍ଷତା ଯୋଡ଼ାଯାଇଛି।

ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତାରେ ପାରମ୍ପରିକ ଦକ୍ଷତା ବିଷୟ ସହ ଡିଜିଟାଲ୍ ଇଣ୍ଟରଆକ୍ଟିଭ୍ ମିଡିଆ, ସ୍ମାର୍ଟ ସୁରକ୍ଷା ପ୍ରଯୁକ୍ତି, ସଫ୍ଟୱେର୍ ପରୀକ୍ଷଣ ଭଳି ଅତ୍ୟାଧୁନିକ ଦକ୍ଷତା ବିଷୟକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାସହ ବେକେରି, ଜ୍ୱଲେରି, ଫ୍ଲୋରିଷ୍ଟ୍ରି ଭଳି ବିଭିନ୍ନ ବିଷୟକୁ ମଧ୍ୟ ପ୍ରତିଯୋଗିତାରେ ସାମିଲ କରାଯାଇଛି। ଓଡ଼ିଶାସ୍କିଲ୍ସ ମାଧ୍ୟମରେ ପ୍ରତିଯୋଗୀମାନେ ପ୍ରଥମେ ରାଜ୍ୟସ୍ତରରେ ନିଜ ଦକ୍ଷତା ପ୍ରଦର୍ଶନ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଯୋଗ୍ୟ ପ୍ରତିଯୋଗୀମାନେ ଇଣ୍ଡିଆସ୍କିଲ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଜାତୀୟସ୍ତରରେ ଯୋଗ୍ୟତା ହାସଲ କରୁଥିବା ପ୍ରତିଯୋଗୀମାନେ ୨୦୨୮ରେ ଜାପାନର ଆଇଚିଠାରେ ହେବାକୁ ଥିବା ୱାର୍ଲ୍ଡସ୍କିଲ୍ସ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ଚୟନ ହେବାର ସୁଯୋଗ ପାଇପାରିବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ସହଭାଗିତାରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ରାଷ୍ଟ୍ରୀୟ ଦକ୍ଷତା ବିକାଶ ନିଗମ ଏଥିରେ ସହଯୋଗ କରୁଛି।



## ଉଜ୍ଜୀବନ ପକ୍ଷରୁ "ନଥିଙ୍ଗ ସ୍ମଲ ଏବାଉଟ ଅସ୍' କ୍ୟାମ୍ପେନ

ଭୁବନେଶ୍ୱର,(ସବ୍ୟୁ),: ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ୮୦୦ରୁ ଅଧିକ ବ୍ରାଞ୍ଚ ମାଧ୍ୟମରେ ୧ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ଉଜ୍ଜୀବନ ଏସଏଫବି) ଏହାର ନୂଆ ବ୍ରାଣ୍ଡ କ୍ୟାମ୍ପେନ "ନଥିଙ୍ଗ ସ୍ମଲ ଏବାଉଟ ଅସ୍'ର ଲଞ୍ଚଘୋଷଣା କରିଛି, ଯେଉଁଥିରେ ଲୋକପ୍ରିୟ ଅଭିନେତା ଏବଂ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଆର୍. ମାଧବନ ବ୍ୟାଙ୍କର ବ୍ରାଣ୍ଡ ଆମ୍ବାସାଡର ଭାବେ ସାମିଲ ହୋଇଛନ୍ତି । ଏହି କ୍ୟାମ୍ପେନ ସମ୍ପର୍କରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ବିପଣନ ଅଧିକାରୀ ଲକ୍ଷ୍ମଣ ଭେଲାୟୁଥମ୍ କହିଛନ୍ତି, ନଥିଙ୍ଗ ସ୍ମଲ ଏବାଉଟ ଅସ୍ ଏକ ଗ୍ରାହକ ଅନ୍ତର୍ଦୃଷ୍ଟିରୁ ଆସିଛି । ଆମେ ଜାଣିବାକୁ ପାଇଥିଲୁ ଯେ, "ସ୍ମଲ' ଶବ୍ଦ ଆମର ଉତ୍ପାଦ, ଟିକେଟ ସାଇଜ କିମ୍ବା ଆମର ପହଂଚ ସୀମିତ ଅଟେ ବୋଲି ଧାରଣା ସୃଷ୍ଟି କରିପାରେ । ଆଜିର ଉଜ୍ଜୀବନ ସେହି ଧାରଣାଠାରୁ ବହୁତ ଭିନ୍ନ ହୋଇଥିବା ବେଳେ ଏହା ଏକ ବିସ୍ତୃତ ବ୍ରାଂଚ ନେଟ୍‌ୱର୍କ ଏବଂ ବ୍ୟାଙ୍କ ଓ ଋଣ ସମାଧାନର ଏକ ବିସ୍ତୃତ ଶୃଙ୍ଖଳା ସହିତ ଗ୍ରାହକଙ୍କ ବିଭିନ୍ନ ଆବଶ୍ୟକତାକୁ ପୂରଣ କରୁଛି । ଏହି କ୍ୟାମ୍ପେନ ମାଧ୍ୟମରେ ଆମେ ଚାହୁଁଛୁ ପ୍ରତ୍ୟେକ ବ୍ୟକ୍ତି ଉଜ୍ଜୀବନକୁ ଏହାର ଆଜିର ସ୍ୱରୂପରେ ଦେଖନ୍ତୁ, ଏଭଳି ଏକ ବ୍ୟାଙ୍କ ଯାହା ପାଖରେ ବିବିଧ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ବ୍ୟାପକତା, ପହଂଚ ଏବଂ ଉତ୍ପାଦଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ରହିଛି । ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ସହଯୋଗିତା ସମ୍ପର୍କରେ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଆର୍. ମାଧବନ କହିଛନ୍ତି, ଉଜ୍ଜୀବନ ସହ ସହଭାଗିତା କରିବା ପୂର୍ବରୁ ମୁଁ ମୋର ନିଜସ୍ୱ ସ୍ତରରେ ଏହାର ଯାଞ୍ଚ କରିଥିଲି ।

# ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖାର ଜାତୀୟ ବୃନ୍ଦାବନ ପ୍ରତିଯୋଗିତା ଆୟୋଜନ

ଭୁବନେଶ୍ୱର: (ସବ୍ୟୁ): ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ " ଜାତୀୟ ବୃନ୍ଦ ଗାନ ପ୍ରତିଯୋଗିତା ସମାରୋହ ସହକାରେ ସ୍ଥାନୀୟ ଓ.ଡି.ଏମ୍ ସ୍କୁଲ ଅଡିଟୋରିୟମରେ ପାଳିତ ହୋଇଯାଇଛି। ଚନ୍ଦ୍ରଶେଖର ପୁର ଅଞ୍ଚଳର ପାଞ୍ଚ ଗୋଟି ସ୍କୁଲରୁ ଆସିଥିବା ଛାତ୍ର ଛାତ୍ରୀ ଓ ସଙ୍ଗୀତ ଶିକ୍ଷକ ମାନେ ଭାରତ ମାତା ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ହିନ୍ଦୀ, ସଂସ୍କୃତ ତଥା ଆଞ୍ଚଳିକ ଲୋକଗୀତ ରେ ଦେଶ ବନ୍ଦନା କରି ପରିବେଶକୁ ଏକ ନୂତନ ଶିହରଣରେ ଭରିଦେଇ ଥିଲେ। ପିଲାମାନଙ୍କର ଏଇ ଦେଶ ବନ୍ଦନା ପ୍ରତିଯୋଗିତାରେ ମାନନୀୟ ବିଚାରକ ଭାବରେ ଯୋଗ ଦେଇଥିଲେ ବିଶିଷ୍ଟ ସଙ୍ଗୀତଜ୍ଞ ଗୁରୁ ରଜନୀ କାନ୍ତ ମହାପାତ୍ର, ଗୁରୁ ଶ୍ରୀମତୀ ରେଣୁବାଳା ଦାସ ଓ ଗୁରୁ ଶ୍ରୀମତୀ ନିରୁପମା ମହାନ୍ତି। ଏହି ପ୍ରତିଯୋଗିତାରେ ଚନ୍ଦ୍ରଶେଖର ପୁର ଡି.ଏ.ଭି ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡିଏମ୍ ସ୍କୁଲ ଦ୍ୱିତୀୟ ଏବଂ କଳିଙ୍ଗ ନଗର ଡିଏଭି ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜ ସେବୀ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି। ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ପାଠ ପଢିବା ସଙ୍ଗେ ସଙ୍ଗେ ପିତା ମାତାଙ୍କ ସେବା କୁ ଈଶ୍ୱର ସେବା ବୋଲି ଭାବି ସମାଜର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ସମାଜରେ ଶ୍ରେଷ୍ଠ ଭାବେ ବାହାରିବାକୁ ପରାମର୍ଶ ଦେଇଥିଲେ ଏବଂ ବିଜୟୀ ପ୍ରତିଯୋଗୀ ଦଳକୁ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତା ରେ ଶ୍ରେଷ୍ଠ ବିବେଚିତ ଡିଏଭି ସ୍କୁଲ ଚମ୍ପିୟାନ ଟ୍ରଫି ଗ୍ରହଣ କରି ପ୍ରାନ୍ତ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

କାର୍ଯ୍ୟକ୍ରମରେ ପ୍ରାନ୍ତ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ଶ୍ରୀମତୀ ବାସନ୍ତୀ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିବା ସହ ଶାଖାର ଏଭଳି ସଫଳ ଆୟୋଜନ ରେ ଆନନ୍ଦ ପ୍ରକାଶ କରିଥିଲେ। ଶାଖା ଅଧକ୍ଷ ଦଶରଥ ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ମୁଖ୍ୟ କାର୍ଯ୍ୟକର୍ତ୍ତା ଥିଲେ ଶାଖା ସଚିବ ପୂର୍ଣ୍ଣ ଚନ୍ଦ୍ର ସାହୁ। ଶାଖା କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ ଙ୍କ ସମେତ ଅଶୋକ କୁମାର ବରାଳ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀ ରଘୁପତି ସାହୁ ଓ ସୁଶ୍ରୀ ସ୍ୱାଗତିକା ସାହୁଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଏହି କାର୍ଯ୍ୟକ୍ରମର ସଫଳତାର ସହଭାଗୀ ହୋଇଥିଲେ। ମୂରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ କାର୍ଯ୍ୟକ୍ରମ କୁ ସମ୍ପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ ସଦସ୍ୟା ଶ୍ରୀମତୀ ନିନାଦିନୀ ମହାନ୍ତି।



# ଏସ୍ଆଇଆରରେ ନିର୍ବାଚନ କମିଶନରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀଙ୍କୁ ନୋଟିସ୍

ନୂଆଦିଲ୍ଲୀ: ଦିଲ୍ଲୀରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍) ପ୍ରକ୍ରିୟାରେ ନିର୍ବାଚନ କମିଶନର ଡ. ଏସ୍.ଏସ୍. ସାନ୍ଧୁଙ୍କ ସମେତ ବହୁ ବର୍ତ୍ତମାନ ଓ ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ନୋଟିସ୍ ଜାରି ହେଉଛି। ଭୋଟର ତାଲିକାରେ ତଥ୍ୟଗତ ଅସଙ୍ଗତି, ନାମ ମେଳ ନହେବା ଏବଂ ପୂର୍ବତନ ଏସ୍ଆଇଆର୍ ସହ ମ୍ୟାପିଂ ନଥିବା ଭଳି କାରଣରେ ଏହି ନୋଟିସ୍ ଦିଆଯାଉଥିବା ଦି ଇଣ୍ଡିଆନ୍ ଏକ୍ସପ୍ରେସ୍ ରିପୋର୍ଟ କରିଛି। ନୋଟିସ୍ ପାଉଥିବା ଅଧିକାରୀଙ୍କ ମଧ୍ୟରେ ବିଦେଶ ସଚିବ ବିକ୍ରମ ମିସ୍ରି, ସେବି ଅଧ୍ୟକ୍ଷ ତୁହିନ୍ କାନ୍ତ ପାଣ୍ଡେ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ଅଜୟ କୁମାର ସୁଦ୍, ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା, ମତ୍ସ୍ୟ ବିଭାଗ ସଚିବ ଅଭିଲାଷ ଲିଖି, ସାର ବିଭାଗ ସଚିବ ରଜତ କୁମାର ମିଶ୍ର ଏବଂ ଭୂସମ୍ପଦ ବିଭାଗ ସଚିବ



ନରେନ୍ଦ୍ର ଭୂଷଣ ରହିଛନ୍ତି। ଏହି ଅଧିକାରୀମାନଙ୍କ ନାମ ପୂର୍ବତନ ଏସ୍ଆଇଆର୍ ସହ 'ଅନ୍ମ୍ୟାପ୍ଡ୍' ଭାବେ ଚିହ୍ନଟ ହୋଇଥିବାରୁ ନୋଟିସ୍ ଜାରି କରାଯାଉଛି। ଏକ୍ସପେଣ୍ଡିଚର୍ ସଚିବ ଭୁମଲୁନମାଙ୍ଗ ଭୁଆଲନାମଙ୍କୁ ନାମରେ ଅସଙ୍ଗତି ଥିବା ଦର୍ଶାଇ ନୋଟିସ୍ ଦିଆଯାଇଛି। ସେହିପରି, ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ କେ. ସଞ୍ଜୟ ମୂର୍ତ୍ତିଙ୍କୁ 'ପିତାମାତାଙ୍କ ନାମରେ ଅସଙ୍ଗତି' ଦର୍ଶାଇ ନୋଟିସ୍ ମିଳିଛି। ଅବସରପ୍ରାପ୍ତ ଅଧିକାରୀଙ୍କ ନାମ ମଧ୍ୟ ଏସ୍ଆଇଆର୍ ନୋଟିସ୍ ପାଉଥିବା ଅବସରପ୍ରାପ୍ତ ଅଧିକାରୀଙ୍କ ମଧ୍ୟରେ ପୂର୍ବତନ ନୀତି ଆୟୋଗ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ, ପୂର୍ବତନ ଜେଏନ୍ୟୁ ଉପକୁଳପତି ତଥା ୟୁଜିସି ଅଧ୍ୟକ୍ଷ ମମିଦାଲା ଜଗଦେଶ କୁମାର, ପୂର୍ବତନ ପଶୁପାଳନ ସଚିବ ଅଲକା ଉପାଧ୍ୟାୟ, ପୂର୍ବତନ ଉପଭୋକ୍ତା ବ୍ୟାପାର ସଚିବ ରୋହିତ କୁମାର ସିଂହ, ପୂର୍ବତନ ସିଆଇଏସ୍ଏଫ୍ ମହାନିର୍ଦ୍ଦେଶକ ନିନା ସିଂହ, ପୂର୍ବତନ ପ୍ରତିରକ୍ଷା ସଚିବ ଗିରିଧର ଅରମାଣେ ଏବଂ ପୂର୍ବତନ ପରିବେଶ ସଚିବ ଲୀନା ନନ୍ଦନ ରହିଛନ୍ତି। ଏହି ସମସ୍ତ ନାମ ଦିଲ୍ଲୀ କ୍ୟାଣ୍ଟ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ନ୍ୟୁ ମୋତି ବାଗ୍ ପୋଲିଂ ବୁଥ୍ ନୋଟିସ୍ ତାଲିକାରେ ରହିଛି। ଏଠାରେ ଅନେକ ବରିଷ୍ଠ ଅଧିକାରୀଙ୍କ ସରକାରୀ ବାସଭବନ ରହିଛି। ଏହି ବୁଥ୍ରେ ମୋଟ ୫୯୩ ଜଣଙ୍କୁ ବିଭିନ୍ନ କାରଣରୁ ନୋଟିସ୍ ଦିଆଯାଇଛି। ଏହାପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ନୂଆଦିଲ୍ଲୀ ସାଂସଦ ବାଂସୁରୀ ସ୍ୱରାଜ ଏବଂ ପୂର୍ବତନ ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସଚଦେବଙ୍କ ସମେତ ପ୍ରାୟ ୩୩ ଲକ୍ଷ ଭୋଟରଙ୍କୁ ଏସ୍ଆଇଆର୍ ପ୍ରକ୍ରିୟାରେ ନୋଟିସ୍ ଜାରି କରାଯାଇଥିବା ତାଲିକା ପ୍ରକାଶ ପାଇଥିଲା। ଦିଲ୍ଲୀର ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ଚାଲିଛି। ନୋଟିସ୍ ପାଇଥିବା ଭୋଟରଙ୍କ ନାମ ଓ ନୋଟିସର କାରଣ ସାର୍ବଜନୀନ କରିବା ସମ୍ପର୍କିତ ଏକ ଆବେଦନ ଉପରେ ସେପ୍ଟେମ୍ବର ୨୨ରେ ଶୁଣାଣି ହେବାକୁ ରହିଛି।

# ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକ ଡାକିଲା ଅର୍ଥ ମନ୍ତ୍ରଣାଳୟ

ନୂଆଦିଲ୍ଲୀ : ଚଳିତମାସ ୨୮ ତାରିଖରୁ ୩ ଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଏଭଳି ସ୍ଥିତିରେ ବ୍ୟାଙ୍କ ସେବାକୁ ଯଥା ସମ୍ଭବ ଜାରି ରଖିବା ଲାଗି କି ପ୍ରକାର ପଦକ୍ଷେପ ନିଆଯାଇଛି ସେ ସଂପର୍କରେ ଆଲୋଚନା ପାଇଁ ଅର୍ଥ ମନ୍ତ୍ରାଳୟ ବିଭିନ୍ନ ବ୍ୟାଙ୍କର ମୁଖ୍ୟମାନଙ୍କର ଏକ ବୈଠକ ଆସନ୍ତା ସୋମବାର ଡାକିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏସନ୍ (ଆଇବିଏ) ଓ ନାବାର୍ଡର ମୁଖ୍ୟମାନେ ଏଥିରେ ଯୋଗଦେବେ। ଆର୍ଥିକ ସେବା ବିଭାଗ ସଚିବ ଏହି ବୈଠକରେ ଅଧ୍ୟକ୍ଷତା କରିବେ। ଉଲ୍ଲେଖଯୋଗ୍ୟ, ବିଭିନ୍ନ ଦାବି ପୂରଣ ପାଇଁ ୟୁଏଫ୍‌ବିୟୁ ବ୍ୟାନରରେ ୭ଟି ବ୍ୟାଙ୍କ ସଂଘ ଧର୍ମଘଟକୁ ଓହ୍ଲାଇବା ନେଇ ଡାକରା ଦେଇଛନ୍ତି। ବିଶେଷକରି ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ସେମାନଙ୍କର ଏକ ପ୍ରମୁଖ ଦାବି। ଚଳିତମାସ ୧୧ ତାରିଖରେ ସେମାନେ ଦିନକିଆ ଦେଶବ୍ୟାପୀ ଧର୍ମଘଟ କରିଥିଲେ। ଏଥିରେ ବ୍ୟାଙ୍କିଂ ସେବା ପ୍ରଭାବିତ ହୋଇଥିଲା। ୩ ଦିନିଆ ଧର୍ମଘଟ ହେଲେ ୫ ଦିନ ପାଇଁ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେବ। କାରଣ ୨୬ ତାରିଖ ଚତୁର୍ଥ ଶନିବାର ଓ ୨୭ ତାରିଖ ରବିବାର ପାଇଁ ବ୍ୟାଙ୍କ ଛୁଟି ରହିବ।

# ୯/୧୧ର ୨୫ ବର୍ଷ ପରେ ଆମେରିକାରେ ମୁସଲିମ୍ ସମାବେଶର ନୂଆ ଚିତ୍ର

ନ୍ୟୁୟର୍କ: ୯/୧୧ ଆତଙ୍କବାଦୀ ଆକ୍ରମଣର ୨୫ ବର୍ଷ ପରେ ଆମେରିକାରେ ମୁସଲିମ୍ ସମ୍ପ୍ରଦାୟର ସ୍ଥିତିରେ ଦୁଇଟି ବିପରୀତ ଚିତ୍ର ଦେଖାଯାଉଛି। ଏକପଟେ ଇସ୍ଲାମୋଫୋବିଆ ଓ ବିଭେଦର ଅନୁଭବ ଏବେ ବି ରହିଛି, ଅନ୍ୟପଟେ ରାଜନୀତି ଓ ସାର୍ବଜନୀନ ଜୀବନରେ ମୁସଲିମ୍ମାନଙ୍କ ଉପସ୍ଥିତି ବଢ଼ିଛି। ୨୦୦୧ର ୯/୧୧ ଆକ୍ରମଣ ପରେ ପ୍ରାୟ ୩,୦୦୦ ଲୋକ ପ୍ରାଣ ହରାଇଥିଲେ। ଏହା ପରେ ମସଜିଦ ଓ ମୁସଲିମ୍ ସମୁଦାୟ ଉପରେ ଧମକ ଓ ଆକ୍ରମଣ ବଢ଼ିଥିଲା। ସେତେବେଳେ ଆମେରିକୀୟ କଂଗ୍ରେସରେ ଜଣେ ବି ମୁସଲିମ୍ ସଦସ୍ୟ ନଥିଲେ। ଏବେ ଆମେରିକୀୟ ରାଜନୀତିରେ ମୁସଲିମ୍ ପ୍ରତିନିଧିତ୍ୱ ବଢ଼ିଛି। ନ୍ୟୁୟର୍କର ମେୟର ଭାବେ ଜୋହରାନ୍ ମାମଦାନୀଙ୍କ ନିର୍ବାଚନ ଏହାର ଏକ ଉଦାହରଣ। ତେବେ ୯/୧୧ ପରେ ଆରମ୍ଭ ହୋଇଥିବା ବିଭେଦର ପ୍ରଭାବ ସମ୍ପୂର୍ଣ୍ଣ ଦୂର ହୋଇନାହିଁ।

# ସାମ୍ବାଦିକ ପାୟଲ ମେହେଟ୍ଟାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ବାଦିକା ପାୟଲ ମେହେଟ୍ଟାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ପାୟଲ ମେହେଟ୍ଟା ଜଣେ ପରିଶ୍ରମୀ ଓ ନିଷ୍ଠାପର ସାମ୍ବାଦିକା ଥିଲେ, ଯିଏ ଗ୍ରାଉଣ୍ଡ ଜିରୋ ବା ମାଟି ସହ ଯୋଡ଼ି ହୋଇ ରହୁଥିଲେ ଏବଂ ନିଜ ରିପୋର୍ଟିଂ ମାଧ୍ୟମରେ ଜାତୀୟ ପ୍ରସଙ୍ଗଗୁଡ଼ିକର ଗଭୀର ଆକଳନ ସାମ୍ନାକୁ ଆଣୁଥିଲେ। "ତାଙ୍କ ସ୍ନେହ, ଦୟାଳୁ ଭାବନା ଏବଂ ଆଖପାଖ ଲୋକଙ୍କ ସହ ତାଙ୍କର ଆତ୍ମୀୟତା ପାଇଁ ସେ ସଦା ସର୍ବଦା ସ୍ମରଣୀୟ ରହିବେ," ବୋଲି ଶ୍ରୀ ମୋଦୀ କହିଛନ୍ତି। ଶ୍ରୀ ମୋଦୀ 'ଏକ୍ସ'ରେ ପୋଷ୍ଟ କରିଛନ୍ତି: ପାୟଲ ମେହେଟ୍ଟା ଜଣେ ପରିଶ୍ରମୀ ସାମ୍ବାଦିକ ଥିଲେ, ଯିଏ ନିଜ ରିପୋର୍ଟିଂରେ ଜାତୀୟ ପ୍ରସଙ୍ଗକୁ ଗଭୀର ଭାବେ ବୁଝିବା ପାଇଁ ଦୃଢ଼ ଭାବେ ଜଡ଼ିତ ରହିଥିଲେ। ତାଙ୍କ କାର୍ଯ୍ୟ ବ୍ୟତୀତ, ସେ ଦୟା ଏବଂ କରୁଣା ପାଇଁ ସ୍ମରଣୀୟ ହୋଇ ରହିବେ ଯାହା ସହିତ ସେ ଅନେକ ଜୀବନକୁ ଛୁଇଁଥିଲେ । ତାଙ୍କର ହଠାତ୍ ଏବଂ ଅକାଳ ବିୟୋଗ



ଅତ୍ୟନ୍ତ ଦୁଃଖଦାୟକ। ତାଙ୍କ ପରିବାର, ବନ୍ଧୁ ଏବଂ ସହକର୍ମୀଙ୍କ ପ୍ରତି ମୋର ସମବେଦନା। ଏହି କଠିନ ସମୟରେ ସେମାନେ ଶକ୍ତି ପାଆନ୍ତୁ। ଓମ୍ ଶାନ୍ତି।

# ରାଜସ୍ଥାନ ଶିକ୍ଷାମନ୍ତ୍ରୀ ମଦନ ଦିଲାୱରଙ୍କୁ ନେଇ ବଢୁଛି ବିବାଦ

ଜୟପୁର: ରାଜସ୍ଥାନର ଶିକ୍ଷାମନ୍ତ୍ରୀ ମଦନ ଦିଲାୱରଙ୍କୁ ନେଇ ବିଭିନ୍ନ ସମୟରେ ଉଠିଥିବା ବିବାଦ ଏବେ ପୁଣି ଚର୍ଚ୍ଚାରେ। ସରକାରୀ ସ୍କୁଲର ଭିତ୍ତିଭୂମି, ମଧ୍ୟାହ୍ନ ଭୋଜନ, ଧାର୍ମିକ ପ୍ରସଙ୍ଗ ଏବଂ ନିଟ୍ ପରୀକ୍ଷା ପେପର୍ ଲିକ୍ ନେଇ ତାଙ୍କ ବିଭିନ୍ନ ମନ୍ତବ୍ୟକୁ ନେଇ ବିରୋଧୀ ଦଳ ଓ କିଛି ସଂଗଠନ ଆପତ୍ତି ଉଠାଇଛନ୍ତି। ସମ୍ପ୍ରତି 'ସ୍କୁଲ ଠିକ୍ କରୋ' ଅଭିଯାନ ଚଳାଉଥିବା କକ୍ରୋଚ୍ ଜନତା ପାର୍ଟି ମଧ୍ୟ ରାଜ୍ୟର ସରକାରୀ ସ୍କୁଲଗୁଡ଼ିକର ସ୍ଥିତି ନେଇ ପ୍ରଶ୍ନ ଉଠାଇଛି। ୨୦୨୫ ଜୁଲାଇରେ ଝାଲାୱାରର ଏକ ସରକାରୀ ସ୍କୁଲର ଛାତ ଭୁଶୁଡ଼ି ପଡ଼ିବା ଘଟଣାରେ ୭ ଜଣ ଛାତ୍ରଙ୍କ ମୃତ୍ୟୁ ଓ ୮ ଜଣ ଗୁରୁତର ଆହତ ହୋଇଥିଲେ। ଏହା ପରେ ରାଜ୍ୟର ସରକାରୀ ସ୍କୁଲଗୁଡ଼ିକର ଭିତ୍ତିଭୂମି ନେଇ ଅଡିଟ୍ କରାଯାଇଥିଲା। ରିପୋର୍ଟ ଅନୁସାରେ, ୬୩,୦୧୮ ସରକାରୀ ସ୍କୁଲ ମଧ୍ୟରୁ ୫,୬୬୭ଟିକୁ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ବୋଲି ଚିହ୍ନଟ କରାଯାଇଥିଲା। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ, ରାଜସ୍ଥାନର ୬୧୧ଟି ସରକାରୀ ସ୍କୁଲର ନିଜସ୍ୱ ଭବନ ନାହିଁ। ୨,୦୪୭ଟି ସ୍କୁଲରେ ଶୌଚାଳୟ ନଥିବା ବେଳେ ୧,୦୪୯ଟି ସ୍କୁଲରେ ପାନୀୟ ଜଳ ସୁବିଧା ନଥିବା



ସରକାରୀ ତଥ୍ୟରୁ ଜଣାପଡ଼ିଛି। ସରକାର ସ୍କୁଲ ମରାମତି ଓ ନିର୍ମାଣ ପାଇଁ ବଜେଟ୍ରେ ଅର୍ଥ ବ୍ୟବସ୍ଥା କରିଥିବା କହିଛି। ଦିଲାୱରଙ୍କ କିଛି ପୁରୁଣା ମନ୍ତବ୍ୟ ମଧ୍ୟ ବିବାଦ ସୃଷ୍ଟି କରିଛି। ୨୦୨୪ରେ ସ୍କୁଲଗୁଡ଼ିକରେ 'ସୂର୍ଯ୍ୟ ନମସ୍କାର' ଆୟୋଜନକୁ ନେଇ ମୁସଲିମ୍ ସଂଗଠନଗୁଡ଼ିକ ଆପତ୍ତି ଉଠାଇଥିଲେ। ସେହି ବର୍ଷ ତିନିଜଣ ମୁସଲିମ୍ ଶିକ୍ଷକଙ୍କୁ ଧାର୍ମିକ ପରିବର୍ତ୍ତନ ଓ 'ଲଭ୍ ଜିହାଦ୍' ସମ୍ପର୍କିତ ଅଭିଯୋଗରେ ନିଲମ୍ବନ କରାଯାଇଥିଲା। ପରେ ଇଣ୍ଡିଆନ୍ ଏକ୍ସପ୍ରେସ୍ର ରିପୋର୍ଟରେ ସ୍ଥାନୀୟ ଶିକ୍ଷା ଅଧିକାରୀ, ସ୍କୁଲ କର୍ମଚାରୀ ଓ ଗ୍ରାମବାସୀ ଏଭଳି ଅଭିଯୋଗକୁ ଖଣ୍ଡନ କରିଥିବା ଏବଂ ତଦନ୍ତରେ ମଧ୍ୟ ଏହାର ପ୍ରମାଣ ମିଳିନଥିବା ଉଲ୍ଲେଖ ହୋଇଥିଲା। ୨୦୨୬ ମେ'ରେ ନିଟ୍ ପେପର୍ ଲିକ୍ ପ୍ରସଙ୍ଗରେ ଦିଲାୱର କହିଥିଲେ ଯେ ଅନିୟମିତତା ମିଳିଲେ ତଦନ୍ତକାରୀ ସଂସ୍ଥା ପଦକ୍ଷେପ ନେବା ସ୍ୱାଭାବିକ ଏବଂ ଏଥିରେ ବଡ଼ କଥା କିଛି ନାହିଁ। ଏହି ମନ୍ତବ୍ୟକୁ ନେଇ ମଧ୍ୟ ରାଜନୈତିକ ପ୍ରତିକ୍ରିୟା ଆସିଥିଲା। ରିପୋର୍ଟ ଅନୁସାରେ, ପେପର୍ ଲିକ୍ ମାମଲାର ଅଭିଯୁକ୍ତ ଦୁଇଜଣଙ୍କ ସହ ଦିଲାୱରଙ୍କ ଫଟୋ ସାମ୍ନାକୁ ଆସିଥିଲା; ତେବେ ଏହା ତାଙ୍କ ବିରୋଧରେ ଅପରାଧର ପ୍ରମାଣ ବୋଲି ରିପୋର୍ଟ କହିନାହିଁ। ସମ୍ପ୍ରତି କୋଟାର ଏକ ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ୨୭ ଜଣ ଛାତ୍ର ଅସୁସ୍ଥ ହୋଇଥିଲେ ଏବଂ ୨୧ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଖାଦ୍ୟ ହିଁ ଅସୁସ୍ଥତାର ଏକମାତ୍ର କାରଣ ବୋଲି ଏବେଠାରୁ କହିବା ଠିକ୍ ନୁହେଁ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ। ଏହି ସମସ୍ତ ଘଟଣା ମଧ୍ୟରେ ରାଜସ୍ଥାନର ସରକାରୀ ସ୍କୁଲର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥା ନେଇ ଚର୍ଚ୍ଚା ଜାରି ରହିଛି। ସିଜେପି ପକ୍ଷରୁ ସ୍କୁଲ ପରିଦର୍ଶନ ଓ ଅଭିଯାନ ଜାରି ଥିବା ବେଳେ ରାଜ୍ୟ ସରକାର ଭିତ୍ତିଭୂମି ସୁଧାର ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିବା କହିଛନ୍ତି।

# ବିଏମଡବ୍ଲ୍ୟୁ ଦୁର୍ଘଟଣାରେ ୩ ଛାତ୍ର ମୃତ

ମୁମ୍ବାଇ: ମୁମ୍ବାଇର କୋଷ୍ଟାଲ ରୋଡ୍ରେ ରବିବାର ଭୋର ସମୟରେ ଏକ ଦ୍ରୁତଗାମୀ ବିଏମଡବ୍ଲ୍ୟୁ କାର୍ ଡିଭାଇଡର୍ରେ ଧକ୍କା ଖାଇ ପ୍ରାୟ ୭୫ ଫୁଟ୍ ତଳକୁ ଖସିପଡ଼ିବାରୁ ୩ ଜଣ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଛାତ୍ର ଗୁରୁତର ଆହତ ହୋଇ



ନାୟର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଅନୁସାରେ, ଦୁର୍ଘଟଣାଟି ରବିବାର ସକାଳ ପ୍ରାୟ ୫ଟା ସମୟରେ ଲୋଟସ୍ ଜେଟି ନିକଟରେ ଘଟିଥିଲା। ଚାରିଜଣ ଯୁବକ ମେରାଇନ୍ ଡ୍ରାଇଭରୁ ହାଜି ଅଲୀ ଦିଗକୁ ଯାଉଥିବା ବେଳେ କାର୍ଟି ନିୟନ୍ତ୍ରଣ ହରାଇ ପ୍ରଥମେ କୋଷ୍ଟାଲ ରୋଡ୍ର ବାହ୍ୟ ପାଚେରିରେ ଧକ୍କା ଦେଇଥିଲା। ପରେ ଏହା ପ୍ରାୟ ୭୫ ଫୁଟ୍ ତଳକୁ ଖସିପଡ଼ିଥିଲା। ମୃତକମାନେ ହେଲେ ୨୧ ବର୍ଷୀୟ ସନୟ ଗୁଜ୍ଜର, ୧୯ ବର୍ଷୀୟ ଆଦିତ୍ୟ ଜକାସାନିଆ ଏବଂ ୧୭ ବର୍ଷୀୟ ଧୈର୍ଯ୍ୟ ଶେଠ। ସନୟ କାର୍ ଚଳାଉଥିଲେ। ଆହତ ୨୩ ବର୍ଷୀୟ ଆଦିତ୍ୟ ଓସୱାଲଙ୍କ ଅବସ୍ଥା ଗୁରୁତର ରହିଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ, କାର୍ଟି ଅତ୍ୟଧିକ ବେଗରେ ଥିବାରୁ ଚାଳକ ନିୟନ୍ତ୍ରଣ ହରାଇଥିବା ସନ୍ଦେହ କରାଯାଉଛି। ମୃତ ଓସୱାଲ ଏବଂ ଶେଠଙ୍କ ସହ ସନୟ ଭିଲେ ପାର୍ଲେସ୍ଥିତ ଏକ ମ୍ୟାନେଜମେଣ୍ଟ କଲେଜର ବିବିଏ ଛାତ୍ର ଥିଲେ।

# କାନାଡାଠାରୁ ଅଲଗା ହେବାକୁ ଚାହୁଁଛି ଆଲବର୍ଟା

## ଟ୍ରମ୍ପଙ୍କ '୫୧ତମ ରାଜ୍ୟ' ମନ୍ତବ୍ୟକୁ ନେଇ ଚର୍ଚ୍ଚା

ଅଟାୱା: କାନାଡାର ତେଲ ସମୃଦ୍ଧ ପ୍ରଦେଶ ଆଲବର୍ଟା ଏବେ ଦେଶଠାରୁ ଅଲଗା ହେବା ପ୍ରସଙ୍ଗକୁ ନେଇ ଚର୍ଚ୍ଚାରେ। ଆସନ୍ତା ଅକ୍ଟୋବର ୧୯ରେ ପ୍ରଦେଶବାସୀଙ୍କ ମତାମତ ନିଆଯିବ। ତେବେ ଏହି ଭୋଟ୍ ଆଲବର୍ଟାକୁ ସ୍ୱାଧୀନ ଦେଶ କରିଦେବ ନାହିଁ। ଏହା କେବଳ ଭବିଷ୍ୟତରେ ଏକ ବାଧ୍ୟତାମୂଳକ ସ୍ୱାଧୀନତା ଜନମତ ସଂଗ୍ରହ ପାଇଁ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବା ନେଇ ନିଷ୍ପତ୍ତି ହେବ। ଆଲବର୍ଟାରେ ଦୀର୍ଘଦିନ ଧରି କେନ୍ଦ୍ର ସରକାର ଓ ଓଟାୱା ପ୍ରତି ଅସନ୍ତୋଷ ରହିଛି। ବିଶେଷକରି ତେଲ ଓ ଗ୍ୟାସ୍ ଶିଳ୍ପ ଉପରେ ପରିବେଶ ନିୟମ, କାର୍ବନ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ଶକ୍ତି ପ୍ରକଳ୍ପ ସମ୍ପର୍କିତ କେନ୍ଦ୍ରୀୟ ନୀତିକୁ ନେଇ ପ୍ରଦେଶରେ ଅସନ୍ତୋଷ ବଢ଼ିଛି। ଆଲବର୍ଟା ଦେଶର ସବୁଠାରୁ ବଡ଼ ତେଲ ଉତ୍ପାଦକ ପ୍ରଦେଶ ହୋଇଥିବାରୁ ଏହାର ଅର୍ଥନୀତିରେ ଶକ୍ତି କ୍ଷେତ୍ରର ଭୂମିକା ବହୁତ ବଡ଼। ସ୍ୱାଧୀନତା ସମର୍ଥକମାନଙ୍କ ଯୁକ୍ତି ହେଉଛି, ଆଲବର୍ଟା ନିଜର ପ୍ରାକୃତିକ ସମ୍ପଦରୁ ବିପୁଳ ଅର୍ଥନୈତିକ ଅବଦାନ ଦେଉଥିଲେ ମଧ୍ୟ ଏହାର ସମ୍ପଦ ସମ୍ପର୍କିତ ନୀତିରେ ଓଟାୱାର ଅଧିକ ନିୟନ୍ତ୍ରଣ ରହିଛି। ଏହା ସହିତ କେନ୍ଦ୍ରୀୟ ରାଜସ୍ୱ ଓ ପ୍ରଦେଶଗୁଡ଼ିକ ମଧ୍ୟରେ ଅର୍ଥ ବଣ୍ଟନକୁ ନେଇ ମଧ୍ୟ ଆଲବର୍ଟାରେ ଦୀର୍ଘଦିନର ଅଭିଯୋଗ ରହିଛି। ତେବେ ଏହି ଆର୍ଥିକ ହିସାବକୁ ନେଇ କାନାଡାରେ ମତଭେଦ ମଧ୍ୟ ରହିଛି। ଆଲବର୍ଟା ପ୍ରିମିୟର ଡାନିଏଲ୍ ସ୍ମିଥ୍ ପ୍ରଦେଶର ଅଧିକ ସ୍ୱାୟତ୍ତତା ପାଇଁ ସମର୍ଥନ କରୁଥିଲେ ମଧ୍ୟ ସେ କାନାଡାଠାରୁ ଅଲଗା ହେବାକୁ ସମର୍ଥନ କରିନାହାନ୍ତି। ସେ ନିଜେ ଆଲବର୍ଟା କାନାଡାର ଅଂଶ ହୋଇ ରହୁ ବୋଲି ଭୋଟ୍ ଦେବେ ବୋଲି କହିଛନ୍ତି।

ଏହି ପ୍ରସଙ୍ଗରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ମଧ୍ୟ ଚର୍ଚ୍ଚାକୁ ଅଧିକ ଜଟିଳ କରିଛି। ଟ୍ରମ୍ପ ବାରମ୍ବାର କାନାଡାକୁ ଆମେରିକାର '୫୧ତମ ରାଜ୍ୟ' ହେବା ନେଇ ମନ୍ତବ୍ୟ ଦେଇଛନ୍ତି। ଆଲବର୍ଟାର ବିପୁଳ ତେଲ ଓ ଗ୍ୟାସ୍ ସମ୍ପଦ ଯୋଗୁଁ ଆମେରିକାର ଶକ୍ତି ନୀତିରେ ମଧ୍ୟ ଏହି ପ୍ରଦେଶର ଗୁରୁତ୍ୱ ରହିଛି। ତେବେ ଆଲବର୍ଟା ସ୍ୱାଧୀନ ହେବା ଓ ଆମେରିକାରେ ମିଶିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ପ୍ରସ୍ତାବ। ସ୍ୱାଧୀନତା ହେଲେ ମଧ୍ୟ ଆଲବର୍ଟାକୁ ନିଜସ୍ୱ ମୁଦ୍ରା, ବାଣିଜ୍ୟ ଚୁକ୍ତି, ଋଣ ଓ ସମ୍ପତ୍ତି ବଣ୍ଟନ, ସୀମା, ପେନ୍ସନ୍ ଏବଂ ଆଦିବାସୀ ଅଧିକାର ଭଳି ଅନେକ ପ୍ରସଙ୍ଗରେ କାନାଡା ସହ ନୂଆ ଆଲୋଚନା କରିବାକୁ ପଡ଼ିବ। କାନାଡାର ସୁପ୍ରିମ୍ କୋର୍ଟ ମଧ୍ୟ କୌଣସି ପ୍ରଦେଶ ଏକତରଫା ଭାବେ କାନାଡାଠାରୁ ଅଲଗା ହୋଇପାରିବ ନାହିଁ ବୋଲି ପୂର୍ବରୁ ସ୍ପଷ୍ଟ କରିଛି। ସେପ୍ଟେମ୍ବର ୨୦୨୬ର ରିପୋର୍ଟ ଅନୁଯାୟୀ, ଜୁନର ଏକ ସର୍ଭେରେ ପ୍ରାୟ ୧୯ ପ୍ରତିଶତ ଆଲବର୍ଟାବାସୀ ସ୍ୱାଧୀନତା ପ୍ରକ୍ରିୟାକୁ ସମର୍ଥନ କରିଥିଲେ। ତେଣୁ ଓଟାୱା ପ୍ରତି ଅସନ୍ତୋଷ ଏବଂ କାନାଡାଠାରୁ ପ୍ରକୃତରେ ଅଲଗା ହେବାକୁ ସମର୍ଥନ—ଦୁଇଟିକୁ ଏକାଠି କରି ଦେଖିବା ଠିକ୍ ହେବ ନାହିଁ। ଅକ୍ଟୋବର ୧୯ର ଭୋଟ୍ ଫଳାଫଳ ଯାହା ହେଉନା କାହିଁକି, ସେହି ଦିନ ଆଲବର୍ଟା ସ୍ୱାଧୀନ ଦେଶରେ ପରିଣତ ହେବ ନାହିଁ। ଯଦି ଆଇନଗତ ପ୍ରକ୍ରିୟା ଆରମ୍ଭ ପାଇଁ ସମର୍ଥନ ମିଳେ, ତେବେ ତା'ପରେ ଆରମ୍ଭ ହେବ ଦୀର୍ଘ ସାମ୍ବିଧାନିକ ଓ ରାଜନୈତିକ ଆଲୋଚନା।

# ମେଣ୍ଟ ପାଇଁ ଓୱେସିଙ୍କ ଆହ୍ୱାନ: 'ଏକାକୀ ବିଜେପିକୁ ରୋକିବା ସମ୍ଭବ ନୁହେଁ

ନୂଆଦିଲ୍ଲୀ: ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ରାଜନୈତିକ ମାହୋଲ ଧୀରେଧୀରେ ସରଗରମ ହେଉଥିବା ବେଳେ ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସି ବିରୋଧୀ ଦଳଗୁଡ଼ିକୁ ମେଣ୍ଟ ପାଇଁ ଆହ୍ୱାନ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ବିଜେପିକୁ ଏକାକୀ କୌଣସି ଦଳ ରୋକିପାରିବ ନାହିଁ। ସମାନ ମତ ରଖୁଥିବା ଦଳଗୁଡ଼ିକ ଆଲୋଚନା ପାଇଁ ଆଗେଇ ଆସିଲେ ଏଆଇଏମ୍ଆଇଏମ୍ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ସାକ୍ଷାତକାରରେ ଓୱେସି କହିଛନ୍ତି, ଉତ୍ତରପ୍ରଦେଶରେ ବିଜେପି ସରକାର ପୁଣି ଗଠନ ନ ହେଉ ବୋଲି ଯେଉଁ ଦଳ ଚାହୁଁଛନ୍ତି, ସେମାନେ ଏଆଇଏମ୍ଆଇଏମ୍ ସହ ଆଲୋଚନା କରିପାରିବେ। ତେବେ ଏହା ଏକ ମେଣ୍ଟ ପ୍ରସ୍ତାବ ବୋଲି ସେ ସ୍ପଷ୍ଟ କରିଥିବା ବେଳେ, କୌଣସି ଦଳ ସହ ଚୂଡ଼ାନ୍ତ ଆସନ ବୁଝାମଣା



ହୋଇନଥିବା ଜଣାପଡ଼ିଛି। ଓୱେସି ବିହାର ନିର୍ବାଚନର ଉଦାହରଣ ମଧ୍ୟ ଦେଇଛନ୍ତି। ତାଙ୍କ ଦାବି ଅନୁଯାୟୀ, ବିହାର ନିର୍ବାଚନ ପୂର୍ବରୁ ଏଆଇଏମ୍ଆଇଏମ୍ ବିଭିନ୍ନ ବିରୋଧୀ ଦଳ ସହ ମେଣ୍ଟ ପାଇଁ ଆଲୋଚନା କରିଥିଲା ଏବଂ ୬ଟି ଆସନ ଚାହିଁଥିଲା। ତେବେ ଏହି ପ୍ରସ୍ତାବରେ ସହମତି ହୋଇନଥିଲା ବୋଲି ସେ କହିଛନ୍ତି। ଉତ୍ତରପ୍ରଦେଶରେ ଦଳର ସଂଗଠନ ମଜବୁତ ହୋଇଥିବା ମଧ୍ୟ ଓୱେସି ଦାବି କରିଛନ୍ତି। ଦଳର ନେତା ଓ କର୍ମୀମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ସକ୍ରିୟ ଥିବା ଏବଂ ତୃଣମୂଳସ୍ତରରେ ସଂଗଠନ ବଢ଼ାଇବା କାମ ଚାଲିଥିବା ସେ କହିଛନ୍ତି। ମେଣ୍ଟ ହେଉ କି ନହେଉ, ଏଆଇଏମ୍ଆଇଏମ୍ ନିଜର ସାଂଗଠନିକ କାର୍ଯ୍ୟ ଜାରି ରଖିବ ବୋଲି ସେ କହିଛନ୍ତି। ୨୦୨୭ର ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବ ନିର୍ବାଚନଗୁଡ଼ିକଠାରୁ ଭିନ୍ନ ହେବ ବୋଲି ମଧ୍ୟ ଓୱେସି କହିଛନ୍ତି। ଏହି ନିର୍ବାଚନକୁ ୨୦୧୪, ୨୦୧୭, ୨୦୧୯ କିମ୍ବା ୨୦୨୨ର ନିର୍ବାଚନ ସହ ତୁଳନା କରିବା ଠିକ୍ ନୁହେଁ ବୋଲି ସେ ମତ ଦେଇଛନ୍ତି। ଏହି ମଧ୍ୟରେ ଏଆଇଏମ୍ଆଇଏମ୍ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳରେ ସଭା ଓ ସାଂଗଠନିକ କାର୍ଯ୍ୟକ୍ରମ ଜାରି ରଖିଛି। ସେପ୍ଟେମ୍ବର ୨୦ରେ କାନପୁରରେ ଓୱେସିଙ୍କ କାର୍ଯ୍ୟକ୍ରମ ଥିବା ବେଳେ ଆଗକୁ ଶ୍ରାବସ୍ତୀ ଓ ଆଜମଗଡ଼ରେ ମଧ୍ୟ ସଭା ଆୟୋଜନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ରାହୁଲଙ୍କ ଇନ୍ଦୋର କାର୍ଯ୍ୟକ୍ରମରେ ମୋଦୀଙ୍କ ଅନୁକରଣକୁ ନେଇ ବିବାଦ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ଇନ୍ଦୋରରେ କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଛାତ୍ରଙ୍କ କଥା' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁକରଣକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ବାକ୍ଯୁଦ୍ଧ ଆରମ୍ଭ ହୋଇଛି। ଶନିବାର ଅନୁଷ୍ଠିତ ଏହି ଛାତ୍ରକେନ୍ଦ୍ରିକ କାର୍ଯ୍ୟକ୍ରମରେ ଷ୍ଟାଣ୍ଡଅପ୍ କମେଡିଆନ୍ ପୁଲକିତ ମଣି ମଞ୍ଚକୁ ଆସି ମୋଦୀଙ୍କ କଥାବାର୍ତ୍ତା ଓ ଭଙ୍ଗୀର ଅନୁକରଣ କରିଥିଲେ। କଂଗ୍ରେସ ପକ୍ଷରୁ ଏହାର ଭିଡିଓ ସୋସିଆଲ ମିଡିଆରେ ସେୟାର କରାଯାଇଥିଲା। ଏହି ଅଭିନୟ ସମୟରେ ପୁଲକିତ ମଣି ମୋଦୀଙ୍କ ବିଦେଶ ନୀତି ଓ ବିଦେଶୀ ନେତାମାନଙ୍କ ସହ ତାଙ୍କ କଥାବାର୍ତ୍ତା ଶୈଳୀକୁ ନେଇ ବ୍ୟଙ୍ଗ କରିଥିଲେ। ସେ ବାରମ୍ବାର 'ମାଇ ଫ୍ରେଣ୍ଡ' ବାକ୍ୟ ବ୍ୟବହାର କରିଥିଲେ। ଏହି ସମୟରେ ରାହୁଲ ଗାନ୍ଧୀ ମଧ୍ୟ ମଞ୍ଚରେ ତାଙ୍କ ସହ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ସମ୍ପର୍କିତ ଏକ ପ୍ରସଙ୍ଗ ମଧ୍ୟ ଅଭିନୟରେ ଉଠିଥିଲା। ଘଟଣାକୁ ନେଇ ବିଜେପି ନେତାମାନେ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏହାକୁ ନେଇ ଆପତ୍ତି ଉଠାଇଥିବା ବେଳେ କିରଣ ରିଜିଜୁ ମଧ୍ୟ କଂଗ୍ରେସ ଉପରେ ଟିପ୍ପଣୀ କରିଛନ୍ତି। ଅନ୍ୟ କିଛି ବିଜେପି ନେତା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ନେଇ ହୋଇଥିବା ଉଲ୍ଲେଖ ଉପରେ ଆପତ୍ତି ପ୍ରକାଶ କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ମଧ୍ୟ ଏହି ଘଟଣାକୁ ନେଇ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଧ୍ୟ ଏହାକୁ ନେଇ ଆପତ୍ତି ଜଣାଇଛନ୍ତି। ସେମାନଙ୍କ ମତରେ, ଛାତ୍ରମାନଙ୍କୁ ନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ



ଏଭଳି ଅଭିନୟ ଉପଯୁକ୍ତ ନୁହେଁ। ଅନ୍ୟପକ୍ଷରେ, ଏହି ଘଟଣା ସମୟରେ ରାହୁଲ ଗାନ୍ଧୀ ଛାତ୍ରମାନଙ୍କ ସମସ୍ୟା, ପେପର୍ ଲିକ୍ ଏବଂ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ନିଜ ମତ ରଖିଥିଲେ। ଛାତ୍ରମାନଙ୍କ ମନରେ ଶିକ୍ଷା ଓ ବ୍ୟବସ୍ଥା ପ୍ରତି ପୁଣି ଆଶା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଏହି ଘଟଣାକୁ ନେଇ ଦୁଇ ଦଳର ନେତାମାନେ ସୋସିଆଲ ମିଡିଆରେ ପରସ୍ପରକୁ ଆକ୍ଷେପ କରିଥିବା ବେଳେ, ଇନ୍ଦୋରର ଏହି କାର୍ଯ୍ୟକ୍ରମ ଏବେ ଆଉ ଏକ ରାଜନୈତିକ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି।

## ୟୁଏନ୍ ମହାସଭାରେ ଜୟଶଙ୍କର

# ରୁଷ୍ ଉପରେ ଆମେରିକାର କଟକଣା ନେଇ ଆଲୋଚନା ସମ୍ଭାବନା

ନୂଆଦିଲ୍ଲୀ: ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଆସନ୍ତା ସପ୍ତାହରେ ଆମେରିକା ଗସ୍ତ କରି ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ମହାସଭାର ୮୧ତମ ଅଧିବେଶନର ଉଚ୍ଚସ୍ତରୀୟ ସପ୍ତାହରେ ଯୋଗଦେବେ। ସେପ୍ଟେମ୍ବର ୨୬ରେ ସେ ମହାସଭାର ସାଧାରଣ ବିତର୍କରେ ଭାରତ ପକ୍ଷରୁ ଉଦ୍‌ବୋଧନ ଦେବେ। ଗସ୍ତ ସମୟରେ ବିଭିନ୍ନ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ବୈଠକରେ ମଧ୍ୟ ସେ ଯୋଗଦେବେ। ଜୟଶଙ୍କରଙ୍କ ଏହି ଗସ୍ତ ଏଭଳି ସମୟରେ ହେଉଛି, ଯେତେବେଳେ ଆମେରିକା ରୁଷ୍ ବିରୋଧୀ




ନୂଆ କଟକଣା ଆଇନକୁ ମଞ୍ଜୁର କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବିଲ୍ରେ ସ୍ୱାକ୍ଷର କରି ଏହାକୁ ଆଇନରେ ପରିଣତ କରିଛନ୍ତି। ଏହି ଆଇନ ରୁଷ୍ର ଶକ୍ତି ଓ ପ୍ରତିରକ୍ଷା କ୍ଷେତ୍ରକୁ ଲକ୍ଷ୍ୟ କରିବା ସହ ରୁଷ୍ ସହ ବାଣିଜ୍ୟ କରୁଥିବା ଦେଶଗୁଡ଼ିକ ଉପରେ ମଧ୍ୟ ଅତିରିକ୍ତ ଶୁଳ୍କ ଲଗାଇବାର କ୍ଷମତା ଆମେରିକା ରାଷ୍ଟ୍ରପତିଙ୍କୁ ଦେଇଛି। ଭାରତ ଏହି ପ୍ରସଙ୍ଗରେ ନିଜର ଶକ୍ତି ସୁରକ୍ଷାକୁ ଗୁରୁତ୍ୱ ଦେଇଛି। ବିଦେଶ ମନ୍ତ୍ରଣାଳୟ କହିଛି ଯେ ୧୪୦ କୋଟିରୁ ଅଧିକ ଭାରତୀୟଙ୍କ ଶକ୍ତି ଆବଶ୍ୟକତା ପୂରଣ ପାଇଁ ଦେଶ ନିଜର ଶକ୍ତି ସୁରକ୍ଷା ପ୍ରତି ପ୍ରତିବଦ୍ଧ। ଏହି ଆମେରିକୀୟ ପଦକ୍ଷେପ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ସମ୍ଭାବ୍ୟ ପ୍ରଭାବ ପକାଇପାରେ ବୋଲି ମଧ୍ୟ ଭାରତ ସତର୍କ କରିଛି। ବର୍ତ୍ତମାନ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ନେଇ ଆଲୋଚନା ଚାଲିଛି। ଏପରି ପରିସ୍ଥିତିରେ ଜୟଶଙ୍କରଙ୍କ ଆମେରିକା ଗସ୍ତ ସମୟରେ ଏହି ପ୍ରସଙ୍ଗ ନେଇ ଉଭୟ ପକ୍ଷ ମଧ୍ୟରେ ଆଲୋଚନାର ସୁଯୋଗ ରହିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜୟଶଙ୍କର ସେପ୍ଟେମ୍ବର ୨୬ରେ ଜାତିସଂଘ ମହାସଭାର ସାଧାରଣ ବିତର୍କରେ ଭାରତର ମତ ରଖିବେ। ଏହି ଅଧିବେଶନରେ ବିଶ୍ୱର ୧୯୩ଟି ସଦସ୍ୟ ଦେଶର ନେତା ଓ ପ୍ରତିନିଧିମାନେ ବିଭିନ୍ନ ଆନ୍ତର୍ଜାତିକ ପ୍ରସଙ୍ଗରେ ନିଜ ମତ ରଖିବେ।

# ଏସିଆନ୍ ଗେମ୍ସ
# ରୌପ୍ୟରୁ ଖାତା ଖୋଲିଲା ଭାରତ

## ମହିଳା ସୁଟର ଦେଲେ ପଦକ ସଫଳତା

ନାଗୋୟା, ୨୦।୯ (ଏଜେନ୍ସି) : ଏସିଆନ୍ ଗେମ୍ସର ପ୍ରଥମ ଦିନରେ ଭାରତ ଚମତ୍କାର ଆରମ୍ଭ କରିଛି । ସୁଟିଂରେ ଦୁଇଟି ରୌପ୍ୟ ପଦକ ଜିତି ଭାରତ ନିଜ ପଦକ ଖାତା ଖୋଲିଥିବା ବେଳେ ମହିଳା ଏମ୍ଏମ୍ଏରେ ସୁଚିକା ତାରିୟାଲଙ୍କ ପଦକ ମଧ୍ୟ ନିଶ୍ଚିତ ହୋଇଛି । ଏହା ସହ ମହିଳା କ୍ରିକେଟ୍ ଦଳ ଫାଇନାଲରେ ପ୍ରବେଶ କରିଛି । ହକିରେ ମଧ୍ୟ ଭାରତୀୟ ମହିଳା ଓ ପୁରୁଷ ଦଳ ବଡ଼ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି ।



### ଶୁଟିଂରେ ଡବଲ୍ ରୌପ୍ୟ

ଭାରତର ପ୍ରଥମ ପଦକ ଆସିଛି ମହିଳା ୧୦ ମିଟର ଏୟାର ରାଇଫଲରୁ । ଏଲାଭେନିଲ୍ ଭାଲାରିଭାନ୍, ସୋନମ୍ ଉତ୍ତମ ମାସ୍କର ଓ ଭିଦର୍ଷା ବିନୋଦଙ୍କ ଯୋଡି ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି । ଭାରତୀୟ ଦଳ ୧୮ ୯୮.୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା । ଚୀନ୍ ସ୍ୱର୍ଣ୍ଣ ଓ ଜାପାନ ବ୍ରୋଞ୍ଜ ପଦକ ଜିତିଛି । ଏହା ପରେ ଏଲାଭେନିଲ୍ ବ୍ୟକ୍ତିଗତ ଇଭେଣ୍ଟରେ ମଧ୍ୟ ରୌପ୍ୟ ପଦକ ଜିତି ଏସିଆଡ ସ୍ମୃତିକୁ ଆହୁରି ସ୍ମରଣୀୟ କରିଛନ୍ତି । ସେ ଫାଇନାଲରେ ୨୫୨.୪ ପଏଣ୍ଟ ସ୍କୋର କରିଥିଲେ । ଜାପାନର ହିନାତା ତାଇଚି ୨୫୩.୦ ପଏଣ୍ଟ ସହ ସ୍ୱର୍ଣ୍ଣ ଜିତିଥିଲେ ଏବଂ ଏସିଆନ୍ ଗେମ୍ସ ରେକର୍ଡ କରିଥିଲେ । ଦକ୍ଷିଣ କୋରିଆର ବାନ୍ ହ୍ୟୋଜିନ୍ ବ୍ରୋଞ୍ଜ ପଦକ ଜିତିଥିଲେ । ଏଲାଭେନିଲ୍ ଦିନରେ ଦୁଇଟି ରୌପ୍ୟ ଜିତି ଭାରତର ଅଗ୍ରଣୀ ପ୍ରଦର୍ଶନକାରୀ ହୋଇଛନ୍ତି ।



### ସୁଚିକାଙ୍କ ଏମ୍ଏମ୍ଏରେ ପଦକ ପକ୍କା

ଏସିଆନ୍ ଗେମ୍ସରେ ପ୍ରଥମଥର ସାମିଲ ହୋଇଥିବା ଏମ୍ଏମ୍ଏରେ ଭାରତ ପାଇଁ ସୁଚିକା ତରିୟାଲ ପଦକ ନିଶ୍ଚିତ କରିଛନ୍ତି । ମହିଳା ଟ୍ରାଡିସନାଲ୍ ୬୦ କେଜି କ୍ୱାର୍ଟରଫାଇନାଲରେ ସେ ମଙ୍ଗୋଲିଆର ଆଲ୍ଟାନଚିମେଗ ବାଇଗାଲମାଙ୍କୁ ୨-୦ରେ ପରାସ୍ତ କରି ସେମିଫାଇନାଲକୁ ଉଠିଛନ୍ତି । ଫଳରେ ଭାରତର ଅତିକମରେ ବ୍ରୋଞ୍ଜ ପଦକ ନିଶ୍ଚିତ ହୋଇଛି । ୩୬ ବର୍ଷୀୟା ସୁଚିକା ପୂର୍ବରୁ ଜୁଡୋରେ ଅଂଶଗ୍ରହଣ କରିଥିଲେ । ୨୦୨୪ରେ ସେ ଏମ୍ଏମ୍ଏକୁ ଆସିଥିଲେ ଏବଂ ପ୍ରଥମ ଦୁଇଟି ଏମ୍ଏମ୍ଏ-ଏସ୍ଏଫ୍ଆଇ ଜାତୀୟ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଜିତିଥିଲେ ।

### ବ୍ୟାଡମିଣ୍ଟନରେ ବିଜୟ ଅଭିଯାନ

ମହିଳା ଟିମ୍ ବ୍ୟାଡମିଣ୍ଟନରେ ଭାରତ କାଜାଖସ୍ତାନକୁ ୩-୦ରେ ପରାସ୍ତ କରିଛି । ପିଭି ସିନ୍ଧୁ, ଉନ୍ନତି ହୁଡ୍ଡା ଓ ତନ୍ୱୀ ଶର୍ମା ନିଜ ନିଜ ସିଙ୍ଗଲ୍ସ ମ୍ୟାଚ୍ ଜିତିଥିଲେ । ଭାରତୀୟ ଦଳ ଗୋଟିଏ ମଧ୍ୟ ଗେମ୍ ହାରିନଥିବା ବେଳେ କ୍ୱାର୍ଟରଫାଇନାଲରେ ଆୟୋଜକ ଜାପାନକୁ ଭେଟିବ । ଟେବୁଲ୍ ଟେନିସରେ ଭାରତୀୟ ମହିଳା ଦଳ ଇଣ୍ଡୋନେସିଆକୁ ୩-୦ରେ ହରାଇବା ପରେ ସିଙ୍ଗାପୁର ବିପକ୍ଷରେ ୧-୨ରୁ ପ୍ରତ୍ୟାବର୍ତ୍ତନ କରି ୩-୨ରେ ଜିତିଥିଲା । ପୁରୁଷ ଦଳ ତେବେ ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ଇରାନଠାରୁ ୦-୩ରେ ହାରିଛି । ପ୍ରଥମ ଦିନ ଶେଷ ସୁଦ୍ଧା ଭାରତର ଖାତାରେ ଦୁଇଟି ରୌପ୍ୟ ପଦକ ରହିଥିବା ବେଳେ ଏମ୍ଏମ୍ଏରେ ଆଉ ଏକ ପଦକ ନିଶ୍ଚିତ ହୋଇଛି । କ୍ରିକେଟରେ ଫାଇନାଲ୍ ଟିକେଟ୍ ଏବଂ ହକି, ବ୍ୟାଡମିଣ୍ଟନ୍ ଓ ଟେବୁଲ୍ ଟେନିସରେ ଭଲ ଆରମ୍ଭ ସହ ଆଇଚି-ନାଗୋୟାରେ ଭାରତର ପଦକ ଅଭିଯାନ ଆଗକୁ ବଢ଼ିଛି ।

### ଟେବୁଲ୍ ଟେନିସରେ ମିଶ୍ର ଫଳ

ମହିଳା ଟେବୁଲ୍ ଟେନିସ୍ ଦଳ ଇଣ୍ଡୋନେସିଆକୁ ୩-୦ରେ ହରାଇବା ପରେ ସିଙ୍ଗାପୁରକୁ ୩-୨ରେ ପରାସ୍ତ କରିଛି । ପୁରୁଷ ଦଳ ମଧ୍ୟ ଇଣ୍ଡୋନେସିଆ ବିପକ୍ଷରେ ୩-୦ରେ ବିଜୟୀ ହୋଇଥିଲା । ତେବେ ପରବର୍ତ୍ତୀ ମ୍ୟାଚରେ ଇରାନଠାରୁ ୦-୩ରେ ପରାଜିତ ହୋଇଛି ।

### ସନ୍ତରଣ ଓ ଉଶୁରେ ଭାରତ

ପୁରୁଷ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଫାଇନାଲରେ ଭାରତର ରିଷଭ ଦାସ ୫୪.୭୭ ସେକେଣ୍ଡ ସମୟ ସହ ଷଷ୍ଠ ସ୍ଥାନରେ ରହିଛନ୍ତି । ଉତ୍କର୍ଷ ପାଟିଲ୍ ହିଟ୍ସରେ ଦ୍ୱାଦଶ ସ୍ଥାନରେ ରହିଥିଲେ । ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍ ହିଟ୍ସରେ ବେନେଡିକ୍ସନ୍ ବେନିଷ୍ଟନ୍ ଦ୍ୱାଦଶ ଏବଂ ଆକାଶ ମଣି ୨୩ତମ ସ୍ଥାନରେ ରହିଥିଲେ । ଉଶୁରେ ସୁରଜ ସିଂହ ମାୟାଙ୍ଗଲାମ୍ବମ୍ ପୁରୁଷ ଚାଙ୍ଗକ୍ୱାନ୍ ଫାଇନାଲରେ ୧୧ତମ ସ୍ଥାନ ହାସଲ କରିଛନ୍ତି । ମହିଳା ୫୨ କେଜିରେ ଅପର୍ଣ୍ଣା ଏବଂ ପୁରୁଷ ୭୫ କେଜିରେ ବିକ୍ରାନ୍ତ ବାଲିୟାନ୍ ରାଉଣ୍ଡ ଅଫ୍ ୧୬ରେ ପରାଜିତ ହୋଇଛନ୍ତି ।

### ୧୦୦ ମିଟର ବ୍ୟାକଷ୍ଟ୍ରୋକ୍ : ରିଷଭ ଷଷ୍ଠ

ଭାରତୀୟ ପୁରୁଷ ସନ୍ତରଣକାରୀ ରିଷଭ ଦାସ ଚଳିତ ଏସିଆଡରେ ପୁରୁଷ ୧୦୦ ମିଟର ବ୍ୟାକଷ୍ଟ୍ରୋକ୍ ଫାଇନାଲରେ ପ୍ରବେଶ କରି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି । କର୍ଣ୍ଣାଟକରୁ ପ୍ରତିଦ୍ୱନ୍ଦିତା କରୁଥିବା ଓଡ଼ିଆ ପୁଅ ରିଷଭ ଷଷ୍ଠ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି । ୮ ଜଣିଆ ଫାଇନାଲରେ ୧୯ ବର୍ଷୀୟ ରିଷଭ ୫୪.୭୭ ସେକେଣ୍ଡରେ ୧୦୦ ମିଟର ଦୂରତ୍ୱ ଅତିକ୍ରମ କରିଥିଲେ । ଏସୀୟ ରେକର୍ଡଧାରୀ ଚୀନର ଜୁ ଜିଆୟୁ ୫୧.୯୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ଜାପାନର ହିଦେକାଜୁ ତାକେହାରା ରୌପ୍ୟ ଏବଂ ଦ. କୋରିଆର ଜୁହୋ ଲି ବ୍ରୋଞ୍ଜ ପଦକ ଜିତିଛନ୍ତି । ରିଷଭ ୧୦୦ ମିଟର ବର୍ଗରେ ଫିନିସିଂ ଲାଇନକୁ ୫୪.୮୫ ସେକେଣ୍ଡରେ ଅତିକ୍ରମ କରି ପଞ୍ଚମ ସ୍ଥାନ ସହ ଫାଇନାଲରେ ପ୍ରବେଶ କରିଥିଲେ । ଆଉ ଜଣେ ଭାରତୀୟ ସନ୍ତରଣକାରୀ ଉତ୍କର୍ଷ ପାଟିଲ ୫୬.୧୯ ସେକେଣ୍ଡ ସହ ୧୨ତମ ସ୍ଥାନରେ ରହି ଫାଇନାଲରେ ପହଞ୍ଚି ପାରିନଥିଲେ । ପୁରୁଷ ୧୦୦ ମିଟର ଫ୍ରି ଷ୍ଟାଇଲରେ ବେନେଡିକସନ ୫୦.୨୫ ମିନିଟ୍ ସହ ଦ୍ୱାଦଶ ଏବଂ ଆକାଶ ମଣି ୫୦.୮୫ ସେକେଣ୍ଡ ସହ ୨୩ତମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ ।

# ଉଜବେକିସ୍ତାନକୁ ୧୯-୦ରେ ହରାଇଲା ଭାରତ




କାକାମିଗାହାରା, ୨୦।୯ (ଏଜେନ୍ସି) : ଏସୀୟ କ୍ରୀଡ଼ା ୨୦୨୬ରେ ଭାରତୀୟ ମହିଳା ହକି ଦଳ ଜବରଦସ୍ତ ବିଜୟରୁ ଅଭିଯାନ ଆରମ୍ଭ କରିଛି । ପୁଲ୍ 'ବି'ର ପ୍ରଥମ ମ୍ୟାଚରେ ଭାରତ ଉଜବେକିସ୍ତାନକୁ ୧୯-୦ ଗୋଲରେ ପରାସ୍ତ କରିଛି । ଭାରତର ଏହି ବଡ଼ ବିଜୟର ମୁଖ୍ୟ ନାୟିକା ଥିଲେ ଦୀପିକା । ପେନାଲ୍ଟି କର୍ଣ୍ଣର ବିଶେଷଜ୍ଞ ଦୀପିକା ଏକାକୀ ୮ଟି ଗୋଲ୍ ସ୍କୋର କରିଥିବା ବେଳେ ଇଶିକା ହ୍ୟାଟ୍ରିକ୍ ହାସଲ କରିଛନ୍ତି । ମ୍ୟାଚର ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ହକି ଖେଳିଥିଲା । ସପ୍ତମ ମିନିଟରେ ଲାଲରେମସିଆମି ଫିଲ୍ଡ ଗୋଲ୍ ଦେଇ ଭାରତର ଖାତା ଖୋଲିଥିଲେ । ଏହାର ଠିକ୍ ଗୋଟିଏ ମିନିଟ୍ ପରେ ଦୀପିକା ଦ୍ୱିତୀୟ ଗୋଲ୍ କରିଥିଲେ । ୧୧ତମ ମିନିଟରେ ଇଶିକା ଏବଂ ୧୨ତମ ମିନିଟରେ ବଲଜିତ କୌର ଗୋଲ୍ କରି ଭାରତକୁ ୪-୦ରେ ଆଗୁଆ କରିଥିଲେ । ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତର ଆକ୍ରମଣ ଜାରି ରହିଥିଲା । ୧୮ତମ ମିନିଟରେ ନେହା ଗୋଲ୍ କରିଥିଲେ । ୨୨ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଦୀପିକା ଗୋଲରେ ପରିଣତ କରିଥିଲେ । ୨୩ତମ ମିନିଟ୍ରେ ନଭନୀତ କୌର ଏବଂ ୨୫ତମ ମିନିଟରେ ଦୀପିକା ପୁଣି ଗୋଲ୍ କରିବାରୁ ପ୍ରଥମାର୍ଦ୍ଧ ଶେଷରେ ଭାରତ ୮-୦ ରେ ଆଗୁଆ ରହିଥିଲା । ତୃତୀୟ କ୍ୱାର୍ଟରରେ ଦୀପିକା ଆହୁରି ଭୟଙ୍କର ରୂପ ଧାରଣ କରିଥିଲେ । ୩୩ରୁ ୪୧ତମ ମିନିଟ୍ ମଧ୍ୟରେ ସେ ଲଗାତାର ୪ଟି ପେନାଲ୍ଟି କର୍ଣ୍ଣର ଗୋଲ୍ କରି ନିଜ ଗୋଲ୍ ସଂଖ୍ୟା ୭ରେ ପହଞ୍ଚାଇଥିଲେ । ୪୨ତମ ମିନିଟରେ ଇଶିକା ଦ୍ୱିତୀୟ ଗୋଲ୍ କରିଥିଲେ । ପରେ ଲାଲଥାନଲୁଆଙ୍ଗି ଓ ସାକ୍ଷୀ ରାଣା ଗୋଲ୍ କରିଥିଲେ । କ୍ୱାର୍ଟର ଶେଷ ହେବା ପୂର୍ବରୁ ନଭନୀତ ନିଜର ଦ୍ୱିତୀୟ ଗୋଲ୍ କରି ଭାରତର ସ୍କୋର ୧୬-୦ କରିଥିଲେ । ଶେଷ କ୍ୱାର୍ଟରରେ ମଧ୍ୟ ଭାରତର ଗୋଲ୍ ବର୍ଷା ଜାରି ରହିଥିଲା । ୫୧ତମ ମିନିଟରେ ଲାଲଥାନଲୁଆଙ୍ଗି ପେନାଲ୍ଟି ଷ୍ଟ୍ରୋକରୁ ଗୋଲ୍ କରିଥିଲେ । ୫୪ତମ ମିନିଟରେ ଇଶିକା ହ୍ୟାଟ୍ରିକ୍ ପୂରଣ କରିଥିବା ବେଳେ ସେହି ମିନିଟରେ ଦୀପିକା ଫିଲ୍ଡ ଗୋଲ୍ କରି ନିଜର ଅଷ୍ଟମ ଗୋଲ୍ ପୂରଣ କରିଥିଲେ । ଏହା ସହ ଭାରତ ୧୯-୦ର ବଡ଼ ବିଜୟ ହାସଲ କରିଥିଲା । ଏହି ମ୍ୟାଚ୍ ଭାରତୀୟ ଗୋଲ୍କିପର ସବିତାଙ୍କ ପାଇଁ ମଧ୍ୟ ସ୍ମରଣୀୟ ହୋଇଛି । ସେ ୩୨୦ଟି ସିନିୟର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଭାରତୀୟ ମହିଳା ହକିରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଭନ୍ଦନା କଟାରିଆଙ୍କ ସହ ସମକକ୍ଷ ହୋଇଛନ୍ତି । ଭାରତ ଏବେ ପୁଲ୍ 'ବି'ର ଦ୍ୱିତୀୟ ମ୍ୟାଚରେ ରବିବାର ଇଣ୍ଡୋନେସିଆକୁ ଭେଟିବ ।

## ୮ ଗୋଲ୍ ଦେଇ ଚମକିଲେ ଦୀପିକା

# ଶେଫାଳୀଙ୍କ କୀର୍ତ୍ତିମାନ
## ସ୍ୱର୍ଣ୍ଣ ଲଢେଇରେ ଭାରତ



ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି) : ଏସିଆନ ଗେମ୍ସରେ ଭାରତୀୟ ମହିଳା କ୍ରିକେଟର ସେଫାଳି ବର୍ମା ଇତିହାସ ରଚିଛନ୍ତି । ସେ ବିଶ୍ୱର ପ୍ରଥମ ମହିଳା କ୍ରିକେଟର ଭାବେ ଏସିଆନ ଗେମ୍ସରେ ୪୯ ବଲରୁ ଶତକ ହାସଲ କରିଛନ୍ତି । ବାଂଲାଦେଶ ବିପକ୍ଷ ସେମିଫାଇନାଲରେ ଶେଫାଳୀ ଏହି କୀର୍ତ୍ତିମାନ ହାସଲ କରିଛନ୍ତି । ଟି -୨୦ କ୍ୟାରିୟରେ ଏହା ଶେଫାଳୀଙ୍କ ପ୍ରଥମ ଶତକ । ସେ ଚତୁର୍ଥ କ୍ରିକେଟର ଭାବେ ଏସିଆନ ଗେମ୍ସରେ ଶତକ ମାରିଛନ୍ତି । ତାଙ୍କ ପୂର୍ବରୁ ୨୦୧୦ ରେ ପାକିସ୍ତାନର ଖଲିଦ ଲତିଫ ୧୦୩, ୨୦୧୩ରେ ନେପାଳର କୁଶଳ ମାଲା ଅପରାଜିତ ୧୩୭ ରନ, ମାଲେସିଆର ସୟିଦ ଅଜିଜ୍ ୧୨୬ ରନ ଓ ଭାରତର ଯଶସ୍ୱୀ ଜୟସ୍ୱାଲ ୪୯ ବଲରେ ୧୦୦ ରନ କରିଥିଲେ । ଶେଫାଳୀ ପ୍ରଥମ ମହିଳା ତଥା ଦ୍ୱିତୀୟ ଭାରତୀୟ ଭାବେ ଏସିଆନ ଗେମ୍ସରେ ଶତକ ହାସଲ କରିଛନ୍ତି । ଶେଫାଳୀଙ୍କ ଶତକ ଯୋଗୁଁ ଭାରତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ କରିଥିଲା । ଜବାବରେ ବାଂଲାଦେଶ କେବଳ ୮୧ ରନ କରିବାକୁ ସକ୍ଷମ ହୋଇଥିଲା । ବିଜୟ ସହ ଭାରତ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଛି । ଶେଫାଳୀ ନିଜର ଶତକ ଇନିଂରେ ୯ ଟି ଚୌକା ଓ ୩ ଟି ଛକା ମାରିଥିଲେ । ଶେଫାଳୀ ଭାରତର ପ୍ରଥମ ମହିଳା କ୍ରିକେଟର ଭାବେ ଟି -୨୦ ଅନ୍ତର୍ଜାତୀୟରେ ୧୦୦ ଛକା ମାରିବାର କୀର୍ତ୍ତିମାନ ହାସଲ କରିଛନ୍ତି । ଶେଫାଳୀଙ୍କ ଛକା ସଂଖ୍ୟା ୧୦୪ ରେ ପହଞ୍ଚିଛି ।

## ● ଶିଳାନନ୍ଦଙ୍କ ଡବଲ ଗୋଲ
# ଇଣ୍ଡୋନେସିଆକୁ ଧରାଶାୟୀ କଲା ଭାରତ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି) : ଜାପାର ଆଇଚି ନାଗୋଆରେ ଜାରି ରହିଥିବା ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଦଳ ଦମଦାର ପ୍ରଦର୍ଶନ ଦେଖାଇଛି । ପୂର୍ବରୁ ଭାରତୀୟ ମହିଳା ଦଳ ଉଜବେକିସ୍ତାନକୁ ୧୯-୦ ଗୋଲରେ ପରାସ୍ତ କରିଥିଲା । ଏବେ ଇଣ୍ଡୋନେସିଆ ବିପକ୍ଷ ମ୍ୟାଚରେ ପୁରୁଷ ହକି ଦଳ ଦମଦାର ପ୍ରଦର୍ଶନ ଦେଖାଇ ୧୩-୧ ଗୋଲରେ ଇଣ୍ଡୋନେସିଆକୁ ପରାସ୍ତ କରିଛି । ୮ ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭାରତ ୨୦୨୩ ଏସିଆନ ଗେମ୍ସରେ ଜାପାନକୁ ୫-୧ ଗୋଲରେ ହରାଇ ସ୍ୱର୍ଣ୍ଣ ଜିତିଥିଲା । ଯଦି ଭାରତ ଏଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିବ ତାହାହେଲେ ସିଧାସଳଖ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିବ । ଇଣ୍ଡୋନେସିଆ ବିପକ୍ଷ ମ୍ୟାଚରେ ଭାରତର ଦିଲପ୍ରୀତ ଏକାକି ୪ ଟି ଗୋଲ କରିଥିଲେ । ଓଡିଆ ପୁଅ ଶିଳାନନ୍ଦ ଲାକ୍ରା ମଧ୍ୟ ଦୁଇଟି ଗୋଲ କରିଥିଲେ । ମ୍ୟାଚ ଆରମ୍ଭରୁ ହିଁ ଭାରତୀୟ ଦଳ ଚାପ ସୃଷ୍ଟି କରିଥିଲା । ପଞ୍ଚମ ମିନିଟରେ ଶିଳାନନ୍ଦ ଲାକ୍ରା ପ୍ରଥମ ଗୋଲ କରିଥିଲେ । ଏହା ପରେ ଭାରତର ଗୋଲ ବର୍ଷା ଆରମ୍ଭ ହୋଇଥିଲା । ଅଭିଶେକ ଓ ଦିଲପ୍ରୀତ ଗୋଲ କରିଥିଲେ । ମ୍ୟାଚର ୧୨ତମ, ୧୮ତମ ଓ ୧୯ତମ ମିନିଟରେ ଗୋଲ ହୋଇଥିଲା । ରଜିନ୍ଦର ସିଂ, ମନଦୀପ ସିଂ ଓ ହରମନପ୍ରୀତ ସିଂ ଆଉ ତିନୋଟି ଗୋଲ ଦେବାରୁ ପ୍ରଥମାର୍ଦ୍ଧ ବିରତୀ ବେଳକୁ ଭାରତ ୭-୦ରେ ଆଗୁଆ ରହିଥିଲା । ପୁଣି ୩୫ ତମ ମିନିଟରେ ଶିଳାନନ୍ଦ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ । ଦିଲପ୍ରୀତ ୩୭ ତମ ମିନିଟରେ ଗୋଲ କରି ହ୍ୟାଟ୍ରିକ ପୂରଣ କରିଥିଲେ । ପୁଣି ୩୮ତମ ମିନିଟରେ ଜରମନପ୍ରୀତ ଗୋଲ ଦେବାରୁ ବ୍ୟବଧାନ ୧୦-୧ କୁ ବୃଦ୍ଧି ପାଇଥିଲା । ସୁଖଜିତ ଓ ଦିଲପ୍ରୀତ ପର୍ଯ୍ୟାୟକ୍ରମେ ଗୋଲ କରି ଭାରତକୁ ୧୩-୧ ବ୍ୟବଧାନରେ ବିଜୟୀ କରିଥିଲେ । ମଙ୍ଗଳବାର ଭାରତୀୟ ଦଳ ଶ୍ରୀଲଙ୍କାକୁ ଭେଟିବ । ୨୦୦୬ ଦୋହା ସଂସ୍କରଣକୁ ଛାଡିଦେଲେ ଭାରତ ସବୁ ଥର ଏସିଆନ ଗେମ୍ସରେ ପୋଡିୟମ ଫିନିସ କରିଛି । ଏପର୍ଯ୍ୟନ୍ତ ଭାରତୀୟ ଦଳ ୪ ଟି ସ୍ୱର୍ଣ୍ଣ, ୯ ଟି ରୌପ୍ୟ ଓ ୩ ଟି ବ୍ରୋଞ୍ଜ୍ ପଦକ ଜିତିଛି ।

# ବ୍ୟାଡମିଣ୍ଟନରେ ଏସିଆଡ୍ ସ୍ୱର୍ଣ୍ଣ କାହିଁକି ଚୀନ୍-ଇଣ୍ଡୋନେସିଆ ପାଇଁ ବଡ଼?

ନାଗୋୟା, ୨୦।୯ (ଏଜେନ୍ସି) : ବ୍ୟାଡମିଣ୍ଟନରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକର ଗୁରୁତ୍ୱ ଏସିଆର ଅନେକ ଦେଶ ପାଇଁ ଅଲଗା । ଚୀନ୍, ଇଣ୍ଡୋନେସିଆ, ଜାପାନ, କୋରିଆ, ଥାଇଲାଣ୍ଡ ଓ ମାଲେସିଆ ଭଳି ଦେଶଗୁଡ଼ିକ ଏସିଆଡ୍କୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଥାନ୍ତି । ଏପରିକି ବିଶ୍ୱ ଚାମ୍ପିଅନସିପକୁ ମଧ୍ୟ ଏସିଆନ୍ ଗେମ୍ସ ପୂର୍ବରୁ ପ୍ରସ୍ତୁତିର ଏକ ପର୍ଯ୍ୟାୟ ଭାବେ ଦେଖାଯାଉଥିବା ଦୃଷ୍ଟାନ୍ତ ରହିଛି । ପୁରୁଷ ସିଙ୍ଗଲ୍ସରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ଜିତିଥିବା ଦେଶ ମାତ୍ର ତିନୋଟି—ଚୀନ୍, ଇଣ୍ଡୋନେସିଆ ଓ ମାଲେସିଆ । ଚୀନ୍ ଏପର୍ଯ୍ୟନ୍ତ ୮ ଥର ଏବଂ ଇଣ୍ଡୋନେସିଆ ୭ ଥର ଏହି ସ୍ୱର୍ଣ୍ଣ ଜିତିଛି । ମାଲେସିଆର ଖାତାରେ ୧୯୭୦ର ଗୋଟିଏ ସ୍ୱର୍ଣ୍ଣ ରହିଛି । ଏହି ଇତିହାସ ବ୍ୟାଡମିଣ୍ଟନରେ ଏସିଆନ୍ ଗେମ୍ସର ଗୁରୁତ୍ୱକୁ ସ୍ପଷ୍ଟ କରେ ।



### ଇଣ୍ଡୋନେସିଆ ପାଇଁ ଏସିଆଡର ଅଲଗା ମହତ୍ତ୍ୱ

ଇଣ୍ଡୋନେସିଆର ବ୍ୟାଡମିଣ୍ଟନ୍ ଇତିହାସରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣର ମୂଲ୍ୟ ବହୁତ ଅଧିକ । ୨୦୧୮ ରେ ପୁରୁଷ ସିଙ୍ଗଲ୍ସ ସ୍ୱର୍ଣ୍ଣ ଜିତିଥିବା ଜୋନାଟାନ୍ କ୍ରିଷ୍ଟି ଦେଶର ବଡ଼ ଖେଳାଳି ଭାବେ ନିଜ ସ୍ଥାନ ମଜବୁତ କରିଥିଲେ । ତା' ପୂର୍ବରୁ ତୌଫିକ୍ ହିଦାୟତ୍ ୨୦୦୨ରେ ନିଜ ଆଗମନର ସଙ୍କେତ ଦେଇଥିବା ବେଳେ ୨୦୦୬ରେ ସ୍ୱର୍ଣ୍ଣ ଜିତିଥିଲେ । ଇଣ୍ଡୋନେସିଆ ଏସିଆନ୍ ଗେମ୍ସକୁ ଅଲିମ୍ପିକ୍ ଭଳି ଗୁରୁତ୍ୱ ଦେଉଛି । ଏଥର ଯୁବ ଖେଳାଳି ଅଲ୍ ଫାରହାନ୍ଙ୍କ ଉପରେ ମଧ୍ୟ ନଜର ରହିଛି । ତେବେ ନାଗୋୟାର କୋର୍ଟ ପରିସ୍ଥିତି ଇଣ୍ଡୋନେସିଆ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ୍ ହୋଇପାରେ ।

### ଚୀନର ଲକ୍ଷ୍ୟ ମଧ୍ୟ ଏସିଆଡ୍ ସ୍ୱର୍ଣ୍ଣ

ପୁରୁଷ ସିଙ୍ଗଲ୍ସରେ ଚୀନର ସାମ୍ପ୍ରତିକ ପ୍ରଦର୍ଶନ ଆଶାନୁରୂପ ନ ଥିଲେ ମଧ୍ୟ ଏସିଆନ୍ ଗେମ୍ସରେ ଦଳ ଶକ୍ତିଶାଳୀ ଭାବେ ଫେରିବାକୁ ଚାହୁଁଛି । ଲିନ୍ ଡାନ୍ ୨୦୧୦ ଓ ୨୦୧୪ରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଲି ଶିଫେଙ୍ଗ ମଧ୍ୟ ଏସିଆଡରେ ଚୀନର ପ୍ରଭାବ ଜାରି ରଖିଥିଲେ । ଗତ ଚାରିଟି ଏସିଆନ୍ ଗେମ୍ସ ସଂସ୍କରଣରେ ଚୀନ୍ର ତିନୋଟି ପୁରୁଷ ସିଙ୍ଗଲ୍ସ ସ୍ୱର୍ଣ୍ଣ ରହିଛି । ବିଶ୍ୱ ଚାମ୍ପିଅନସିପରେ ଆୟୁଷ ଶେଟ୍ଟୀଙ୍କ ବିପକ୍ଷରେ ଶି ୟୁକିଙ୍କ ପରାଜୟ ମଧ୍ୟ ଚର୍ଚ୍ଚାରେ ରହିଛି । ତଥାପି ଏସିଆନ୍ ଗେମ୍ସ ପାଇଁ ଚୀନର ପ୍ରସ୍ତୁତି ଓ ଲକ୍ଷ୍ୟ ଏହି ପ୍ରତିଯୋଗିତାକୁ ଅଲଗା ମହତ୍ତ୍ୱ ଦେଉଛି ।

### ଭାରତର ଦୁଇ ଭରସା—ଲକ୍ଷ୍ୟ ଓ ଆୟୁଷ

ଏଥର ପୁରୁଷ ସିଙ୍ଗଲ୍ସରେ ଭାରତର ଆଶା ଲକ୍ଷ୍ୟ ସେନ୍ ଓ ଆୟୁଷ ଶେଟ୍ଟୀଙ୍କ ଉପରେ ରହିଛି । ଲକ୍ଷ୍ୟଙ୍କ ପାଇଁ ଏହା ଏକ ବଡ଼ ମଞ୍ଚ । ହାଙ୍ଗଝୌ ଏସିଆନ୍ ଗେମ୍ସର ଟିମ୍ ସ୍ୱର୍ଣ୍ଣ ପଦକ ମ୍ୟାଚରେ ସେ ଶି ୟୁକିଙ୍କ ବିପକ୍ଷରେ ଖେଳି ନଥିଲେ ମଧ୍ୟ ତାଙ୍କ ବଡ଼ ମ୍ୟାଚରେ ନିଜ ସ୍ତର ବଢ଼ାଇବାର କ୍ଷମତାକୁ ଉଲ୍ଲେଖ କରାଯାଇଛି । ଆୟୁଷ ଶେଟ୍ଟୀଙ୍କ ପାଇଁ ଏହା ପ୍ରଥମ 'ଗେମ୍ସ' । ଥୋମାସ୍ କପରେ ସେ ୫ଟି ମ୍ୟାଚରୁ ୫ଟିରେ ବିଜୟୀ ହୋଇଥିଲେ ଏବଂ ଏସିଆନ୍ ଚାମ୍ପିଅନସିପର ଫାଇନାଲରେ ମଧ୍ୟ ପହଞ୍ଚିଥିଲେ । ଦିଲ୍ଲୀରେ ଆୟୋଜିତ ବିଶ୍ୱ ଚାମ୍ପିଅନସିପରେ ଶି ୟୁକିଙ୍କୁ ହରାଇବା ତାଙ୍କୁ ବ୍ୟାଡମିଣ୍ଟନ ପ୍ରେମୀଙ୍କ ନଜରକୁ ଆଣିଥିଲା । ଏହି କାରଣରୁ ଚୀନ୍ କିମ୍ବା ଇଣ୍ଡୋନେସିଆର ଶୀର୍ଷ ଖେଳାଳିଙ୍କ ବିପକ୍ଷରେ ଆୟୁଷଙ୍କ ପ୍ରତ୍ୟେକ ମ୍ୟାଚକୁ ରୋଚକ ମୁକାବିଲା ଭାବେ ଦେଖାଯାଉଛି । ଲକ୍ଷ୍ୟ ଓ ଆୟୁଷଙ୍କ ସାମ୍ନାରେ ଜାପାନର କୋଡାଇ ନାରାଓକା, ୟୁଶି ତାନାକା, ଚାଇନିଜ୍ ତାଇପେଇର ଚୋଉ ତିଏନ୍-ଚେନ୍ ଓ ସିଙ୍ଗାପୁରର ଲୋହ କିନ୍ ୟୁଙ୍କ ଭଳି ଖେଳାଳିମାନେ ମଧ୍ୟ ଚ୍ୟାଲେଞ୍ଜ୍ ଦେଇପାରନ୍ତି ।

# ଓଡ଼ିଶା ଟି-୨୦ ଲିଗ୍ : ବାରବାଟୀ ଷ୍ଟାଡିଅମରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୯ (ସବ୍ୟ) : ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି ।କଟକର ଐତିହାସିକ ବାରବାଟୀ ଷ୍ଟାଡିଅମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬ର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଟ୍ରଫିରେ ଫୁଟବଲ, ଖୋ-ଖୋ, କବାଡ଼ି ଓ ଭଲିବଲ ପରେ ଏବେ କ୍ରିକେଟ୍ ପଞ୍ଚମ କ୍ରୀଡ଼ା ଭାବେ ସାମିଲ ହୋଇଛି, ଯାହା ଆମ ୩୦ଟି ଜିଲ୍ଲାରେ ଥିବା ଗ୍ରାମୀଣ କ୍ରିକେଟ୍ ପ୍ରତିଭାଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନର ଏକ ନୂଆ ଓ ବଡ଼ ମଞ୍ଚ ପ୍ରଦାନ କରିବ," ବୋଲି ଆଜି କଟକର ଐତିହାସିକ ବାରବାଟୀ ଷ୍ଟାଡିଅମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖେଳ ଏବେ କେବଳ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ସୀମିତ ନରହି ଏକ ସଫଳ କ୍ୟାରିୟରର ମାଧ୍ୟମ ପାଲଟିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଭାରତର କ୍ରୀଡ଼ା ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଯାଇଛି । ସେ ଆହୁରି କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ସମସ୍ତ ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରୁଛନ୍ତି । ଏହା ସହିତ ଭୁବନେଶ୍ୱରର ଗୋଠପାଟଣାରେ ଏକ ହାଇ-ଟେକ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ । ବାରବାଟୀ ଷ୍ଟାଡିୟମର ସମ୍ପୂର୍ଣ୍ଣ ନବୀକରଣ କରାଯାଇ ଏହାକୁ ଦେଶର ଶ୍ରେଷ୍ଠ କ୍ରୀଡ଼ା ଭେନ୍ୟୁରେ ପରିଣତ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ । ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ର ୧୪ ବର୍ଷରୁ କମ୍ କ୍ରିକେଟ୍ ଏକାଡେମୀ ପ୍ରତିଷ୍ଠା ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଲିଗ୍ରେ ଭାଗ ନେଇଥିବା ସମସ୍ତ ୬ଟି ଦଳ, ଅଧିନାୟକ, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା କହିଛନ୍ତି ଯେ, ସେ ଶେଷ ଥର ପାଇଁ କଟକର ବାରବାଟୀ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ଅବସରରେ ଓଡ଼ିଶା ଆସିଥିଲେ । ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ପ୍ରକୃତରେ ପ୍ରଶଂସନୀୟ । ଏହା ନିଶ୍ଚିତ ଭାବରେ ଖେଳାଳିମାନଙ୍କୁ କ୍ରିକେଟ ଖେଳ ପ୍ରତି ସେମାନଙ୍କର ଭଲପାଇବା ପ୍ରକାଶ କରିବା ଏବଂ କ୍ରୀଡ଼ାକୁ ଆପଣାଇବା ପାଇଁ ଉତ୍ସାହିତ କରିବ । ଏହି ଉଦ୍ଘାଟନୀ ସମାରୋହରେ ଶାସକ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ୍, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଅନୁଗୁଳ ବିଧାୟକ ତଥା ଓସିଏ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଓଡ଼ିଶା ଫୁଟବଲ ଆସୋସିଏସନର ସମ୍ପାଦକ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏସନର ଅଧ୍ୟକ୍ଷ ଡକ୍ଟର ଆଶୀର୍ବାଦ ବେହେରା, ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ର ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପ-ସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଓସିଏର ଅନ୍ୟାନ୍ୟ ସଦସ୍ୟ, ପ୍ରଶିକ୍ଷକ, ଖେଳାଳି ଓ ବିଶିଷ୍ଟ ଅତିଥିବୃନ୍ଦ ଉପସ୍ଥିତ ଥିଲେ ।




ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି